# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ସୋମବାର, ମେ ୪/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, May 4/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 158 | ମୂଲ୍ୟ ₹୭/-




## ପୁଣି ପ୍ରେମରେ ତାରା

ଡେଟିଂ, ବ୍ରେକ୍‌ଅପ୍ ପରେ ଆଦିତ୍ୟ ରୟ୍ କପୁରଙ୍କ ପ୍ରେମରେ ପଡ଼ିଛନ୍ତି ଅଭିନେତ୍ରୀ ତାରା ସୁତାରିଆ। ୦୨

୧୪

## ପୂର୍ଣ୍ଣିମାଙ୍କୁ ସ୍ୱର୍ଣ୍ଣ ପଦକ

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ ଓପନ ଇନ୍‌ଡୋର ଆଥଲେଟିକ୍ସ ପ୍ରତିଯୋଗିତାର ମହିଳା ପେଣ୍ଟାଥଲନ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ।







ଭୁବନେଶ୍ୱର ସତ୍‌ସଙ୍ଗ ବିହାର ସମ୍ମୁଖ ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଆମ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ପରେ ହଂସପାଳରୁ ବାଣୀବିହାର ପର୍ଯ୍ୟନ୍ତ ଗାଡିମୋଟର ଜାମ୍‌ରେ ଫସି ରହିଛି। (ଫଟୋ- ବିକାଶ ନାୟକ)

# ବଢ଼ିଲା ଓମ୍‌ଫେଡ୍ କ୍ଷୀର ଦାମ୍

## ଲିଟର ପ୍ରତି ୪ ଟଙ୍କା

ଭୁବନେଶ୍ୱର,୩।୫(ଅନୁରାଧା ମହାରଣା)

ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ (ଓମ୍‌ଫେଡ୍) ପକ୍ଷରୁ କ୍ଷୀର ମୂଲ୍ୟ ବୃଦ୍ଧି ଘୋଷଣା କରାଯାଇଛି। ବିଭିନ୍ନ ପ୍ରକାରର ଓମ୍‌ଫେଡ୍ କ୍ଷୀରର ଖୁଚୁରା ମୂଲ୍ୟ ଉପରେ ଲିଟର ପିଛା ୪ ଟଙ୍କା ବଢ଼ାଯାଇଛି। ରବିବାରଠାରୁ ଏହି ବର୍ଦ୍ଧିତ ଦର ଲାଗୁ ହୋଇଛି। ପୂର୍ବରୁ ଲିଟର ପ୍ରତି ୫୦ ଟଙ୍କାରେ ବିକ୍ରି ହେଉଥିବା ଟୋନ୍‌ଡ କ୍ଷୀର ପାଉଚ୍ (୫୦୦ ମିଲି) ଦର ୫୪ ଟଙ୍କା ହୋଇଛି। ଅର୍ଥାତ୍ ୨୫.୮୫ ଟଙ୍କାରେ ମିଳୁଥିବା ଟୋନ୍‌ଡ୍ କ୍ଷୀର ପାଉଚ୍ ପାଇଁ ଏବେ ୨୭ ଟଙ୍କା ଦେବାକୁ ପଡ଼ିବ। ପୂର୍ବରୁ ଲିଟର ପ୍ରତି ୫୪ ଟଙ୍କାରେ ବିକ୍ରି ହେଉଥିବା ପ୍ରିମିୟମ୍ କ୍ଷୀର ଦାମ୍ ୫୮ ଟଙ୍କାକୁ ବୃଦ୍ଧି ପାଇଛି। ଅର୍ଥାତ୍ ୨୭.୧୦ ଟଙ୍କାରେ ମିଳୁଥିବା ଏହି ବର୍ଗର କ୍ଷୀର ପାଉଚ୍‌ର ବର୍ଦ୍ଧିତ ମୂଲ୍ୟ ୨୯ ଟଙ୍କା ହୋଇଛି। ସେହିପରି ପୂର୍ବରୁ ଲିଟର ପ୍ରତି ୫୬ ଟଙ୍କାରେ ମିଳୁଥିବା ଗୋଲ୍ଡ ପ୍ରିମିୟମ୍ କ୍ଷୀର ଲିଟର ୬୦ ଟଙ୍କାରେ ପହଞ୍ଚିଛି। ବଜାରରେ ଉପଲବ୍ଧ ଏହି ଗୋଲ୍ଡ ପ୍ରିମିୟମ୍ କ୍ଷୀର ପାଉଚ୍ ୨୭.୯୫ ଟଙ୍କାରୁ ବଢ଼ି ୩୦ ଟଙ୍କା ହୋଇଛି। ଅନ୍ୟପକ୍ଷରେ ପୂର୍ବରୁ ଲିଟର ପ୍ରତି ୬୦ଟଙ୍କାରେ ମିଳୁଥିବା ଗୋଲ୍ଡ ପ୍ରିମିୟମ୍ ପ୍ଲସ୍ କ୍ଷୀର ଲିଟର ୬୪ ଟଙ୍କାକୁ ବୃଦ୍ଧି ପାଇଛି। ପୂର୍ବରୁ ୨୯.୫୦ ଟଙ୍କାରେ ମିଳୁଥିବା ଏହି କ୍ଷୀର ପାଉଚ୍ ପାଇଁ ଏଣିକି ଗ୍ରାହକଙ୍କୁ ୩୨ ଟଙ୍କା ଦେବାକୁ ପଡ଼ିବ।

ଗତବର୍ଷ ଜୁନ୍ ୨୧ରେ ପ୍ରିମିୟମ ଓ ଟୋନ୍‌ଡ କ୍ଷୀର ଲିଟର ପିଛା ୨ ଟଙ୍କା ବଢ଼ିଥିଲା। ଏବେ ପୁଣି କ୍ଷୀର ମୂଲ୍ୟ ବୃଦ୍ଧି ଯୋଗୁ ପରିବାରର ଦୈନନ୍ଦିନ ଖର୍ଚ୍ଚ ଉପରେ ଅତିରିକ୍ତ ଚାପ ସୃଷ୍ଟି କରିବ। ଏହାସହିତ ଚା' ସମେତ ଦୁଗ୍ଧଜାତ ଜିନିଷପତ୍ରର ମୂଲ୍ୟ ମଧ୍ୟ କ୍ରମଶଃ ବୃଦ୍ଧି ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ଓମ୍‌ଫେଡ୍ ଏହି ମୂଲ୍ୟ ବୃଦ୍ଧିର ଠିକ୍ ☞ପୃଷ୍ଠା-୪

# ରାସ୍ତାରେ ଯୁବକଙ୍କୁ ହାଣି ବାଇକ୍ ଚଢ଼ାଇଦେଲେ





କଣାସ ଗୋଲାବଜାରରେ ଶନିବାର ଜଣେ ଯୁବକଙ୍କୁ ହାଣିବା ସହ ବାଇକ୍ ଚଢ଼ାଉଥିବା ବେଳର ଦୃଶ୍ୟ।

କଣାସ,୩।୫ (ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ଗୋଲାବଜାରରେ ଶନିବାର ଏକ ବୀଭତ୍ସ କାଣ୍ଡ ଘଟିଛି। ନିକଟସ୍ଥ ଦୋକନ୍ଦା ଗ୍ରାମର ମୃତ୍ୟୁଞ୍ଜୟ ଭାରିମଲ(୨୯) ନାମକ ଜଣେ ଯୁବକଙ୍କୁ ଦିନରେ ଚଳଚଞ୍ଚଳ ରାସ୍ତା ଉପରେ ୭ ଯୁବକ ସଂଘବଦ୍ଧ ଭାବେ ମାଛକଟା ପନିକିରେ ହାଣିବା ପରେ ତାଙ୍କ ଛାତି ଉପରେ ବାଇକ୍ ଚଢ଼ାଇଦେଇଛନ୍ତି। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଥାନା ଠାରୁ ମାତ୍ର ୫୦୦ ମିଟର ଦୂରରେ ଏହି ଘଟଣା ଘଟିଥିବାବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଆକ୍ରମଣକାରୀ ଯୁବକମାନଙ୍କ ଏଭଳି ହିଂସାକୁ ଦେଖି ଉପସ୍ଥିତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ୩ ବର୍ଷ ପରେ ମଣିପୁର

# ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ସ୍ମାର୍ଟସିଟି ଯୋଜନା

## ପ୍ରଥମ ପର୍ଯ୍ୟାୟରେ ୨୦ ସହରରେ କାର୍ଯ୍ୟାନ୍ୱୟନ ଲକ୍ଷ୍ୟ

**ରାଜ୍ୟର ପ୍ରମୁଖ ସହରଗୁଡ଼ିକୁ ସ୍ମାର୍ଟସିଟିରେ ପରିଗଣିତ କରାଯିବ। ଏଥିପାଇଁ ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକବର୍ଷ ବଜେଟରେ ମୁଖ୍ୟମନ୍ତ୍ରୀ ସ୍ମାର୍ଟସିଟି ଯୋଜନା (ଏମ୍‌ଏସ୍‌ସିୱାଇ) ନୂଆ କରି ଯୋଡ଼ିଥିବାବେଳେ ଏ ବାବଦରେ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାରଙ୍କ ସ୍ମାର୍ଟ ସିଟି ମିଶନର ଅବଧି ଶେଷ ହେବା ପରେ ରାଜ୍ୟ ସରକାର ଏହି ନୂଆ ଯୋଜନା ଆରମ୍ଭ କରିଛନ୍ତି। ଏହାର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଶାର ବଡ଼ ସହରଗୁଡ଼ିକୁ 'ଫ୍ୟୁଚର୍-ରେଡି' ବା ଭବିଷ୍ୟତର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରିବା। ଏଥିରେ ଅତ୍ୟାଧୁନିକ ଭିତ୍ତିଭୂମି, ଡିଜିଟାଲ ସେବା ଏବଂ ସ୍ଥାୟୀ ସହରୀ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୨୦ ସହରକୁ ସ୍ମାର୍ଟ ସିଟିରେ ପରିଣତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏ ସଂକ୍ରାନ୍ତରେ ନିକଟରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭାଗୀୟ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।**

ଭୁବନେଶ୍ୱର,୩।୫
(ରବିନାରାୟଣ ଜେନା)

ଏମ୍‌ଏସ୍‌ସିୱାଇରେ ପ୍ରଥମ ପର୍ଯ୍ୟାୟରେ ୧୫ଟି ମ୍ୟୁନିସିପାଲିଟି ଏବଂ ୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦର ବିକାଶ କରାଯିବ ବୋଲି ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ଏହି ଯୋଜନା ମାଧ୍ୟମରେ ସହରକୁ ସମ୍ପୂର୍ଣ୍ଣ ଭାବେ ନବୀକରଣ କରାଯିବ। ସହରର ଗମନାଗମନ, ବିଦ୍ୟୁତୀକରଣ, ପାନୀୟଜଳ ଯୋଗାଣଠାରୁ ଆରମ୍ଭ କରି ସହର ଜୀବନଶୈଳୀକୁ ନେଇ ପାର୍କ ଓ ଅନ୍ୟାନ୍ୟ ସୁବିଧା ରହିବ। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଅଧିବେଶନରେ ଘୋଷଣା କରିଥିଲେ। ଚଳିତ ଆର୍ଥିକବର୍ଷ ପାଇଁ ଏହି ଯୋଜନାରେ ୧୦୦କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ଯୋଜନାର ରୂପରେଖ ପ୍ରସ୍ତୁତ କରାଯାଉଛି। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଏହି ଯୋଜନାକୁ ଉଦ୍‌ଘାଟନ କରିବେ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି।

ସୂଚନା ଅନୁଯାୟୀ, ସହରାଞ୍ଚଳରେ ପରିବେଶର ଭାରସାମ୍ୟ ରଖିବା ଲାଗି ବନୀକରଣକୁ ଗୁରୁତ୍ୱ ଦିଆଯିବ। ଏହାସହିତ ଯେଉଁଠାରେ ବର୍ଷାଜଳ ନିଷ୍କାସନରେ ସମସ୍ୟା ଉପୁଜୁଛି, ସେଠାରେ ଡ୍ରେନେଜ ବ୍ୟବସ୍ଥା କରାଯିବ। ଏହାସହିତ ସୌନ୍ଦର୍ଯ୍ୟକରଣକୁ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯିବ। ଏଥିପାଇଁ ସହରର ବିଭିନ୍ନ ଛକସ୍ଥାନରେ ସ୍ୱତନ୍ତ୍ର ଭାବେ ବିଭିନ୍ନ ବରପୁତ୍ରମାନଙ୍କ ମୂର୍ତ୍ତି ରଖାଯିବା ସହିତ ଲାଇଟ୍ ଡେକୋରେଶନ କରାଯିବ। ସହରାଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇବା ପାଇଁ ପାର୍କରେ ବିଭିନ୍ନ ପ୍ରକାର ଖେଳ ସରଞ୍ଜାମର ବ୍ୟବସ୍ଥା ହେବ। ବିଶେଷକରି ସହରକୁ ସ୍ମାର୍ଟସିଟିରେ ପରିଣତ କରିବା ପାଇଁ ବିଭିନ୍ନ ପ୍ରକାର ଭିତ୍ତିଭୂମି ସୁଦୃଢ଼ କରାଯିବା ସହିତ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ କରାଯିବ। ତେବେ କେଉଁ ୧୫ଟି ମ୍ୟୁନିସିପାଲିଟି ଏବଂ ୫ ଏନ୍‌ଏସିକୁ ପ୍ରଥମ ପର୍ଯ୍ୟାୟରେ ସାମିଲ କରାଯିବ ସେନେଇ ସରକାରଙ୍କ ନିଷ୍ପତ୍ତି ଅପେକ୍ଷାରେ ରହିଛି ବୋଲି ବରିଷ୍ଠ ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

# ପୋଖରୀରେ ବୁଡ଼ି ଗଲେ ୨ ଭଉଣୀ

ନୀଳଗିରି/ରେମୁଣା,୩।୫(ପ୍ରଶାନ୍ତ କୁମାର ବିଶ୍ୱାଳ/ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା ବ୍ଲକ୍ ନୂଆଗାଁ ପଞ୍ଚାୟତ ଭୂଇଁପଡ଼ା ଗାଁ ପୋଖରୀରେ ବୁଡ଼ି ରବିବାର ୨ ନାବାଳିକା ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଗ୍ରାମର ଅନ୍ନପୂର୍ଣ୍ଣା ମଲ୍ଲିକ(୧୦) ଓ ଅନ୍ୟାସି ମଲ୍ଲିକ(୧୦)। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ୨ ସମ୍ପର୍କୀୟ ଭଉଣୀ ପୂର୍ବାହ୍ନ ୧୦ଟା ୩୦ ସମୟରେ ଗାଁ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଅସାବଧାନତା ଯୋଗୁ ଗଭୀର ଜଳରେ ବୁଡ଼ିଯାଇଥିଲେ। ୨ ନାବାଳିକା ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ପୋଖରୀରେ ଖୋଜି ଉଭୟଙ୍କୁ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦୁହିଙ୍କୁ ମୃତ ଘୋଷଣା କରିଥିଲେ। ନୀଳଗିରି ମେଡିକାଲରେ ଉଭୟଙ୍କ ମା' ଓ ପରିବାର ଲୋକଙ୍କ କାନ୍ଦବୋବାଳି ଦୃଶ୍ୟ ହୃଦୟ ବିଦାରକ ଥିଲା। ଖବର ପାଇ ଖନ୍ତାପଡ଼ା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# କେନ୍ଦ୍ରବିନ୍ଦୁ ପଶ୍ଚିମବଙ୍ଗ

## ଆଜି ୪ ରାଜ୍ୟ ସହ ପଣ୍ଡିଚେରୀରେ ଭୋଟଗଣତି

ନୂଆଦିଲ୍ଲୀ,୩।୫

ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳମ୍ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀ ବିଧାନସଭା ନିର୍ବାଚନର ଭୋଟଗଣତି ସୋମବାର ହେବ। କିନ୍ତୁ ସାରା ଦେଶର ନଜର ପଶ୍ଚିମବଙ୍ଗ ଫଳାଫଳ ଉପରେ ରହିଛି। ଏହା ଏବେ ରାଜନୈତିକ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ପୁଣି କ୍ଷମତାକୁ ଫେରୁଛି କି ଭାଜପା ନେତୃତ୍ୱରେ ସେଠାରେ ନୂଆ ସରକାର ଗଢ଼ାହେବାକୁ ଯାଉଛି, ତାହାକୁ ନେଇ ସମସ୍ତଙ୍କର ଉତ୍କଣ୍ଠା ବଢ଼ିଛି। ଯଦି ମମତା ତାଙ୍କର ସ୍ଥିତି ରକ୍ଷା କରିପାରନ୍ତି ତେବେ ତାହା ଅଣଭାଜପା ରାଜନୀତିକୁ ପୁନର୍ବାର ଶକ୍ତିଶାଳୀ କରିବ। ଅନ୍ୟପଟେ ପଶ୍ଚିମବଙ୍ଗରେ ଭାଜପାର ଜିତାପଟ ହେଲେ ମୋଦିଙ୍କ ଭାବମୂର୍ତ୍ତିକୁ ଅଧିକ ଶକ୍ତିଶାଳୀ କରିବା ସହିତ ଭାରତର ଅନ୍ତର୍ଜାତୀୟ ସମ୍ପର୍କରେ ବିଫଳତାକୁ କିଛି ସମୟ ପାଇଁ ଘୋଡ଼ାଇ ଦେବ।

ପଶ୍ଚିମବଙ୍ଗରେ ୭୭ଟି ଗଣନା କେନ୍ଦ୍ରରେ ଭୋଟ ଗଣତି ହେବାକୁ ଯାଉଥିବାବେଳେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଲାଗି ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପଶ୍ଚିମବଙ୍ଗରେ ଏପ୍ରିଲ ୨୩ ଓ ୨୯ ଦୁଇ ପର୍ଯ୍ୟାୟରେ ଭୋଟ ହୋଇଥିବାବେଳେ ମତଦାନ ହାର ୯୨ ପ୍ରତିଶତରୁ ଅଧିକ ରହିଥିଲା। ସେହିପରି କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆସାମର ସମସ୍ତ ୧୨୬ ଆସନ ଲାଗି ୩୫ ଜିଲାର ୪୦ଟି ଗଣନା କେନ୍ଦ୍ରରେ ଭୋଟଗଣତି କରାଯିବ। ୫୯ ମହିଳାଙ୍କ ସମେତ ୭୨୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିବାବେଳେ ସୋମବାର ସେମାନଙ୍କ ଭାଗ୍ୟ ନିର୍ଣ୍ଣୟ ହେବ। ଗତ ମାସ ୯ ତାରିଖରେ ଆସାମରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ମତଦାନ ହାର ୮୫.୯୬ ପ୍ରତିଶତ ଥିଲା।

ତାମିଲନାଡୁର ୬୨ଟି କେନ୍ଦ୍ରରେ ଭୋଟଗଣତି କାର୍ଯ୍ୟରେ ୧୦,୫୪୫ କର୍ମଚାରୀଙ୍କୁ ନିୟୋଜିତ କରାଯିବ ଓ ସେମାନଙ୍କୁ ୪,୬୧୪ ଜଣ ମାଇକ୍ରୋ ଅବ୍‌ଜରଭର ସହାୟତା କରିବେ। ପ୍ରତି ନିର୍ବାଚନ ମଣ୍ଡଳୀ ପାଇଁ ଜଣେ ଲେଖାଏ ମୋଟ ୨୩୪ ଜଣ କାଉଣ୍ଟିଂ ଅବ୍‌ଜରଭର ରହିବେ। ସେହିପରି କେରଳମ୍ ଏବଂ ପଣ୍ଡିଚେରୀରେ ଭୋଟଗଣତି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ☞ପୃଷ୍ଠା-୪

# ଆରାମ ପାଇଁ ବଢୁଛି ବୈଶ୍ୱିକ ଉତ୍ତାପ

## ଭାରତରେ 'ଏସି'ର ବହୁଳ ବ୍ୟବହାର ବଢ଼ାଉଛି ସମସ୍ୟା

ନୂଆଦିଲ୍ଲୀ, ୩।୫

ଚଳିତ ବର୍ଷର ଗ୍ରୀଷ୍ମଋତୁ ଆରମ୍ଭ ମାତ୍ର। ହେଲେ ଏବେଠାରୁ ଦେଶର ପ୍ରାୟ ପ୍ରତ୍ୟେକ ଭାଗରେ ଯେଉଁଳି ଗରମ ଅନୁଭୂତ ହେଉଛି ତାହା ସବୁ ବର୍ଷର ରେକର୍ଡକୁ ଟପିଯିବା ଭଳି ମନେ ହେଉଛି। ଏପ୍ରିଲ ମଧ୍ୟଭାଗ ସୁଦ୍ଧା ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା ଏବଂ ଛତିଶଗଡ଼ ଆଦି ରାଜ୍ୟରେ ତାପମାତ୍ରା ୪୩ରୁ ୪୫ ଡିଗ୍ରୀ ଛୁଇଁଛି। ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ସତର୍କତା ଅନୁସାରେ ଦେଶର ପୂର୍ବ,କେନ୍ଦ୍ର ଏବଂ ଉତ୍ତର ପଶ୍ଚିମ ଭାଗରେ ଚଳିତ ବର୍ଷ ସ୍ୱାଭାବିକଠାରୁ ଅଧିକ ଗ୍ରୀଷ୍ମ ପ୍ରବାହ ହେବ। ଏହାଛଡ଼ା ଚଳିତ ବର୍ଷ ଏଲ୍-ନିନୋ ପ୍ରଭାବରେ ମୌସୁମୀ ବର୍ଷା କମ୍ ହେବାର ଆଶଙ୍କା ରହିଥିବାରୁ ଗରମ ଏବଂ ଗୁଳୁଗୁଳି ଅସହ୍ୟ ହୋଇପଡ଼ିବ ବୋଲି ଆକଳନ କରାଯାଉଛି। ବିଶେଷକରି ସହରାଞ୍ଚଳ ସ୍ଥିତି ଗ୍ରାମାଞ୍ଚଳ ତୁଳନାରେ ଅଧିକ କଠିନ ହୋଇପଡ଼ିବାର ଆଶଙ୍କା ବଢାଇଛି। କାରଣ ସହରାଞ୍ଚଳ ଦେଶର



ଅନ୍ୟାନ୍ୟ ଭାଗ ତୁଳନାରେ ୨ ଗୁଣ ଅଧିକ ଉତ୍ତପ୍ତ ହୋଇପଡୁଛି ବୋଲି ଏ ସମ୍ପର୍କରେ କରାଯାଇଥିବା ଏକ ସ୍ୱତନ୍ତ୍ର ଅନୁଧ୍ୟାନରୁ ଜଣାପଡ଼ିଛି। ସହରାଞ୍ଚଳରେ ଗଛବୃକ୍ଷ ନଷ୍ଟ ସହ କୋଠାବାଡ଼ି ସଂଖ୍ୟା ବଢି କଂକ୍ରିଟ୍ ଜଙ୍ଗଲ ବୃଦ୍ଧି ହେବା ଦ୍ୱାରା ଅଧିକ ସୂର୍ଯ୍ୟ ଉତ୍ତାପ ବାୟୁମଣ୍ଡଳ ସମେତ ଭୂପୃଷ୍ଠ ଉତ୍ତାପ ବଢାଇ 'ଅର୍ବାନ ହିଟ୍ ଆଇଲାଣ୍ଡ'(ୟୁଏଚ୍‌ଆଇ) ପ୍ରଭାବ ସୃଷ୍ଟି କରିବା ଦିନ ଓ ରାତିରେ ଉତ୍ତାପ ବୃଦ୍ଧି କରିବାର ମୁଖ୍ୟ କାରଣ ପାଲଟିଛି। ଏହିକ୍ରମରେ ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ ଭଳି ବଡ଼ ବଡ଼ ସହର ସମେତ ମଧ୍ୟମ ସହରଗୁଡିକ ଅଧିକ ଉତ୍ତପ୍ତ ହେବାରେ ଲାଗିଛି। ସହରାଞ୍ଚଳରେ ଅସହ୍ୟ ଗରମରୁ ରକ୍ଷା ପାଇବା ଲାଗି ଲୋକମାନେ ଏୟାର କଣ୍ଡିଶନର(ଏସି)ର ବ୍ୟବହାର ବଢାଇ ଚାଲିଛନ୍ତି। ଗରମରୁ ରକ୍ଷା ପାଇବା ଲାଗି ଏସିର ବ୍ୟବହାର ସାରା ବିଶ୍ୱରେ ଭାରତରେ ସବୁଠୁ ଅଧିକ। ୨୦୨୪ରେ ଭାରତୀୟ ବଜାରରେ ୪୦ ନିୟୁତ ଏସି ବିକ୍ରି ହେବା ଘଟଣା ନୂଆ ରେକର୍ଡ ସୃଷ୍ଟି କରିଥିଲାବେଳେ ଏହାମଧ୍ୟରେ ଏହି ସଂଖ୍ୟା ଆହୁରି ଅଧିକ ସ୍ତରରେ ପହଞ୍ଚିଥିବା କଞ୍ଜ୍ୟୁମର୍ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଆପ୍ଲିଆନ୍ସ ମାନୁଫାକ୍‌ଚରର ଆସୋସିଏଶନ ପକ୍ଷରୁ କୁହାଯାଇଛି। କିନ୍ତୁ ଭାରତରେ ଏତେ ସଂଖ୍ୟାରେ ଏସି ବ୍ୟବହାର ପରୋକ୍ଷରେ ପରିବେଶ ପାଇଁ ଉତ୍କଟ ସ୍ଥିତି ସୃଷ୍ଟି କରୁଥିବା କୁହାଯାଇଛି। ଏସି ଗରମରୁ ରକ୍ଷା ଦେଉଥିଲେ ହେଁ ଏହାର ପ୍ରଭାବ ବାୟୁମଣ୍ଡଳ ଏବଂ ପୃଥିବୀକୁ ଉତ୍ତପ୍ତ କରିବାରେ ଲାଗିଛି ବୋଲି ଗବେଷକମାନେ କହିଛନ୍ତି।

ପ୍ରଥମତଃ ଖରାଦିନେ ବିପୁଳ ସଂଖ୍ୟାରେ ଏସି ଚାଲୁଥିବାରୁ ଏଥିପାଇଁ ଅନ୍ୟ ଋତୁ ତୁଳନାରେ ☞ପୃଷ୍ଠା-୪


ନିଶାଦ୍ରବ୍ୟର କ୍ଷତିକାରକ ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଜମ୍ମୁ-କଶ୍ମୀରର ଶ୍ରୀନଗରରେ ରବିବାର ଆୟୋଜିତ 'ନିଶାମୁକ୍ତ ଅଭିଯାନ'ରେ ଲୋକ କଳାକାରମାନେ ସାମିଲ ହୋଇଛନ୍ତି।

# ସୀମା ଉପରେ ନଜର ରଖିବ 'ଦୃଷ୍ଟି'

## ସାଟେଲାଇଟ୍ ଲଞ୍ଚ୍ ହେଲା



**ବେଙ୍ଗାଲୁରୁ,୩।୫**

ବେଙ୍ଗାଲୁରୁର ସ୍ପେସ୍ ଷ୍ଟାର୍ଟଅପ୍ ଗାଲାକ୍ସଆଇ ରବିବାର ଏହାର ପ୍ରଥମ ବ୍ୟବସାୟିକ ସାଟେଲାଇଟ୍ 'ଦୃଷ୍ଟି'କୁ କାଲିଫର୍ନିଆର ଭଣ୍ଡେନ୍‌ବର୍ଗରୁ ସ୍ପେସ୍‌ଏକ୍ସର ଫାଲ୍‌କନ-୯ ରକେଟ ସହାୟତାରେ କକ୍ଷପଥରେ ସ୍ଥାପନ କରିଛି। ଏହା ବିଶ୍ୱର ପ୍ରଥମ ଅପ୍ଟୋସାର୍ ସାଟେଲାଇଟ୍ ବୋଲି କମ୍ପାନୀ କହିଥିବାବେଳେ ଏହି ଉତ୍କ୍ଷେପଣ ଭୂପର୍ଯ୍ୟବେକ୍ଷଣ ପ୍ରଯୁକ୍ତିର ବିକାଶରେ ଏକ ବଡ଼ ସଫଳତା ଓ ମହାକାଶ କ୍ଷେତ୍ରରେ ଭାରତର ବଢ଼ୁଥିବା ସାମର୍ଥ୍ୟକୁ ସୁଦୃଢ଼ କରିଥିବା କହିଛି।

୧୯୦ କେ.ଜି. ଓଜନ ବିଶିଷ୍ଟ ମିଶନ ଦୃଷ୍ଟି ଭାରତରେ ଘରୋଇ ଭାବେ ବିକଶିତ ସର୍ବବୃହତ୍ ଭୂପର୍ଯ୍ୟବେକ୍ଷଣ ସାଟେଲାଇଟ୍। ଏହା ବିଶ୍ୱରେ ପ୍ରଥମ ସାଟେଲାଇଟ୍, ଯାହା ସିନ୍ଥେଟିକ୍ ଆପାରଚର ରାଡାର (ଏସ୍‌ଏଆର୍) ସେନ୍‌ସରଗୁଡ଼ିକୁ ଏକକ କାର୍ଯ୍ୟକ୍ଷମ ପ୍ଲାଟ୍‌ଫର୍ମରେ ସଂଯୋଗ କରିଛି। ସବୁ ଋତୁରେ ଏବଂ ଦିନରାତି ଚିତ୍ର ଉତ୍ତୋଳନ କରିବା ସାମର୍ଥ୍ୟ ଏହି ସାଟେଲାଇଟ୍‌ର ରହିଥିବା କମ୍ପାନୀ କହିଛି। ଦୃଷ୍ଟି ବାଦଲ ଭିତରୁ, ଅନ୍ଧକାରରେ ଏବଂ ଖରାପ ପାଗରେ ମଧ୍ୟ ପୃଥିବୀର ସ୍ପଷ୍ଟ ଚିତ୍ର ଉତ୍ତୋଳନ କରିପାରିବ। ଏହି ସାଟେଲାଇଟ୍ ଦେଶର ସୀମା ସୁରକ୍ଷା ଓ ଶତ୍ରୁପକ୍ଷ ଉପରେ ନଜର ରଖିବା ସହ ବିପର୍ଯ୍ୟୟ ପରିଚାଳନା, କୃଷି, ଭିତ୍ତିଭୂମି ଯୋଜନା ଏବଂ ବୀମା ଆକଳନରେ ସହାୟକ ହେବ ବୋଲି ଆଶା କରାଯାଉଛି। ଉଦାହରଣ ସ୍ୱରୂପ ବନ୍ୟା, ବାତ୍ୟା କିମ୍ବା ଭୂସ୍ଖଳନ ସମୟରେ ମେଘୁଆ ଆକାଶ ଯୋଗୁ ଅପ୍‌ଟିକାଲ ସାଟେଲାଇଟ୍ ଚିତ୍ର ଉତ୍ତୋଳନ କରିପାରୁ ନ ଥିବାବେଳେ ଏହି ରାଡାର ଇମେଜିଂ କାର୍ଯ୍ୟ ଜାରି ରଖିବ। ଏନ୍‌ଭିଡିଆର ଜେଟ୍‌ସନ ଓରିନ୍ କମ୍ପ୍ୟୁଟିଂ ପ୍ଲାଟ୍‌ଫର୍ମ ପରିଚାଳିତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରକ୍ରିୟାକରଣ କରିଥିବା ଗାଲାକ୍ସଆଇ ସହପ୍ରତିଷ୍ଠାତା ତଥା ସିଇଓ ସୁୟାଶ ସିଂ କହିଛନ୍ତି। ଏହାଦ୍ୱାରା ଅଧିକ ପରିମାଣରେ ଫଟୋ ଭୂପୃଷ୍ଠକୁ ପଠାଇବା ପରିବର୍ତ୍ତେ ମହାକାଶରେ ହିଁ ସେଗୁଡ଼ିକର ବିଶ୍ଳେଷଣ କରାଯିବ। ଏହାଦ୍ୱାରା ସାଟେଲାଇଟ୍ ଫଟୋଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ ସୂଚନାରେ ପରିବର୍ତ୍ତନ କରାଯାଇ ସମୟ ବଞ୍ଚାଯାଇପାରିବ ବୋଲି ସିଂ କହିଛନ୍ତି।

# ଯୁଦ୍ଧ ବନ୍ଦ ପାଇଁ ଇରାନର ଚାପ

**ଦୁବାଇ/ୱାଶିଂଟନ,୩।୫**

## ଅବାଧ ହେଲେ ପୁଣି ଆକ୍ରମଣ ହୋଇପାରେ: ଟ୍ରମ୍ପ୍

ଆମେରିକା ଏବଂ ଇରାନ୍ ମଧ୍ୟରେ ଶାନ୍ତି ଆଲୋଚନା ଅଟକି ରହିଥିବାବେଳେ ତେହରାନ୍ ୱାଶିଂଟନ ନିକଟକୁ ସାନି ପ୍ରସ୍ତାବ ପଠାଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅସ୍ତ୍ରବିରତି ସମୟସୀମା ନ ବଢ଼ାଇ ଯୁଦ୍ଧ ବନ୍ଦ ପାଇଁ ୨ ଦେଶ ମଧ୍ୟରେ ରହିଥିବା ସମସ୍ୟାର ସମାଧାନ ୩୦ ଦିନ ମଧ୍ୟରେ କରିବାକୁ ତେହରାନ୍ ସଦ୍ୟତମ ପ୍ରସ୍ତାବରେ ଆମେରିକାକୁ ଆହ୍ୱାନ ଦେଇଛି। ଯୁଦ୍ଧ ବନ୍ଦ ଲାଗି ଇରାନ ୧୪ ସୂତ୍ରୀ ପ୍ରସ୍ତାବ ଦେଇଥିବାବେଳେ ଏହା ଆମେରିକାର ୯ସୂତ୍ରୀ ଯୋଜନା ବିରୋଧୀ। ଆମେରିକା ଲଗାଇଥିବା ନୌସେନା ଅବରୋଧ ହଟାଇବା, ଉକ୍ତ ଅଞ୍ଚଳରୁ ସେନା ପ୍ରତ୍ୟାହାର କରିନେବା ଏବଂ ଲେବାନନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ ସମେତ ସମସ୍ତ ଯୁଦ୍ଧ ବନ୍ଦ କରିବାକୁ ଇରାନ ମଧ୍ୟସ୍ଥ ପାକିସ୍ତାନ ଜରିଆରେ ପ୍ରସ୍ତାବ ଦେଇଛି।


ଡୋନାଲ୍ଡ ଟ୍ରମ୍ପ୍

ତେବେ ପଶ୍ଚିମ ଏସିଆ ଯୁଦ୍ଧ ବନ୍ଦ ଲାଗି ଇରାନର ନୂଆ ପ୍ରସ୍ତାବରେ ସନ୍ତୁଷ୍ଟ ନୁହନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଯୁଦ୍ଧ ବନ୍ଦ ଲାଗି ଇରାନ ପଠାଇଥିବା ନୂଆ ପ୍ରସ୍ତାବର ସମୀକ୍ଷା କରାଯାଇଛି। ଡିଲ୍‌କୁ ନେଇ ସେ ସନ୍ଦେହ ପ୍ରକାଶ କରିଛନ୍ତି। ତେହରାନ୍ ଯଦି ଅବାଧ ହୁଏ ଏବଂ କିଛି ଭୁଲ୍ କରେ, ତେବେ ପୁନର୍ବାର ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ଟ୍ରମ୍ପ୍ ସୂଚନା ଦେଇଛନ୍ତି। ଇରାନର ନୂଆ ପ୍ରସ୍ତାବକୁ ଟ୍ରମ୍ପ୍ ସୋସିଆଲ ମିଡିଆର ପୋଷ୍ଟ କରି କହିଛନ୍ତି, ଏହା ଗ୍ରହଣୀୟ ହେବା ନେଇ ସେ ଚିନ୍ତା କରିପାରୁ ନାହାନ୍ତି। ଗତ ୪୭ ବର୍ଷ ମଧ୍ୟରେ ମାନବୀୟତା ଏବଂ ବିଶ୍ୱ ପ୍ରତି ସେମାନେ ଯାହା କରିଛନ୍ତି, ଏଥିପାଇଁ ବଡ଼ ମୂଲ୍ୟ ଦେଇନାହାନ୍ତି ବୋଲି ଟ୍ରମ୍ପ୍ କହିଛନ୍ତି।

ଅନ୍ୟପକ୍ଷରେ ତେହରାନ୍ କହିଛି, ପରବର୍ତ୍ତୀ ନିଷ୍ପତ୍ତି ୱାଶିଂଟନ ଉପରେ ନିର୍ଭର କରୁଛି। ବଲ୍ ଏବେ ଆମେରିକା କୋର୍ଟରେ ବୋଲି ଇରାନ ଉପବହିର୍ବ୍ୟାପାର ମନ୍ତ୍ରୀ କାଜେମ୍ ଘରିବାବାଦି ତେହରାନ୍‌ଠାରେ କୂଟନୀତିଜ୍ଞମାନଙ୍କୁ କହିଛନ୍ତି। ସେମାନେ କୂଟନୈତିକ ମାର୍ଗରେ ଯିବେ କିମ୍ବା ଯୁଦ୍ଧ କରିବେ, ସେ ନିଷ୍ପତ୍ତି ସେମାନଙ୍କର। ଇରାନ ଉଭୟ ମାର୍ଗ ପାଇଁ ପ୍ରସ୍ତୁତ ରହିଛି।

# ଅନ୍ୟକୁ ଟାର୍ଗେଟ କରିବାକୁ ମୋ କାନ୍ଧ ବ୍ୟବହାର କରନାହିଁ

**ମୁମ୍ବାଇ,୩।୫**

## ଟ୍ରାଫିକ୍ ଜାମ୍‌କୁ ନେଇ ମନ୍ତ୍ରୀଙ୍କ ସହ ମୁହାଁମୁହିଁ ହୋଇଥିବା ମହିଳାଙ୍କ ନିବେଦନ

ଗତ ମାସରେ ଭାଜପା ରାଲି ଯୋଗୁ ଟ୍ରାଫିକ୍ ଜାମ୍‌କୁ ନେଇ ମହାରାଷ୍ଟ୍ର ଜଳସମ୍ପଦ ମନ୍ତ୍ରୀ ଗିରୀଶ ମହାଜନ ଏବଂ ସ୍ଥାନୀୟ ପୋଲିସ ସହ ମୁହାଁମୁହିଁ ହୋଇ ଚର୍ଚ୍ଚାକୁ ଆସିଥିବା ମୁମ୍ବାଇ ମହିଳା ଶନିବାର ଏକ ବିବୃତି ଜାରି କରି ରାଜନୈତିକ ଦଳଗୁଡ଼ିକ ଅନ୍ୟକୁ ଟାର୍ଗେଟ କରିବା ପାଇଁ ତାଙ୍କ କାନ୍ଧ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି। ଗତ ମାସ ୨୧ରେ ଟିନା ଚୌଧରୀ ନାମ୍ନୀ ମହିଳା ତାଙ୍କ ଝିଅକୁ ସ୍କୁଲ୍‌ରୁ ଆଣିବାକୁ ଯାଉଥିବାବେଳେ ଟ୍ରାଫିକ୍ ଜାମ୍ ଯୋଗୁ ୨୫ ମିନିଟ୍ ରାସ୍ତାରେ ଫସିରହିଥିଲେ। ଏଥିପାଇଁ ସେ ଭାଜପା ରାଲିକୁ ଦୋଷାରୋପ କରିବା ସହ ମନ୍ତ୍ରୀ ମହାଜନଙ୍କ ସହ ଯୁକ୍ତି କରିଥିଲେ। ସେହି ଭିଡିଓ ଭାଇରାଲ ପରେ ଭିନ୍ନ ଭିନ୍ନ ମତ ଆସୁଛି। ତେବେ କାହାକୁ ଟାର୍ଗେଟ କରିବା ପାଇଁ ତାଙ୍କୁ କାନ୍ଧ ଭାବେ ବ୍ୟବହାର ନ କରିବାକୁ ଚୌଧରୀ ତାଙ୍କ ଭିଡିଓ ବାର୍ତ୍ତାରେ ରାଜନୈତିକ ଦଳଗୁଡ଼ିକୁ ନିବେଦନ କରିଛନ୍ତି।

# ପାଣିଟାଙ୍କି ପାହାଚ ଭୁଶୁଡ଼ି ଜଣେ ମୃତ, ୨ ଆହତ

**ସିଦ୍ଧାର୍ଥନଗର(ୟୁପି),୩।୫**

## ରିଲ୍ ନିଶା କାଳ ହେଲା

## ସେନା ହେଲିକପ୍ଟରରେ ୨ ବାଳକ ଉଦ୍ଧାର

ସୋସିଆଲ ମିଡିଆରେ ରିଲ୍ ପ୍ରସ୍ତୁତ ଉଦ୍ୟମ କରି ଉତ୍ତରପ୍ରଦେଶ ସିଦ୍ଧାର୍ଥ ନଗରର ୫ ଜଣ ପିଲା ଏକ ପରିତ୍ୟକ୍ତ ପାଣିଟାଙ୍କି ଉପରେ ଚଢ଼ିଥିଲେ। ଓହ୍ଲାଇଲା ବେଳେ ପାଣିଟାଙ୍କି ପାହାଚ ଭୁଶୁଡ଼ି ପଡ଼ିବାରୁ ଜଣେ ପିଲା ପ୍ରାଣ ହରାଇବା ସହ ୨ ଜଣ ଗୁରୁତର ହୋଇଛନ୍ତି। ଅନ୍ୟ ୨ ପିଲା ରାତିସାରା ପାଣିଟାଙ୍କି ଉପରେ ଫସିରହିବା ପରେ ରବିବାର ସକାଳେ ସେନା ହେଲିକପ୍ଟର ସହାୟତାରେ ସେମାନଙ୍କୁ ତଳକୁ ଅଣାଯାଇଛି।

ପାଣିଟାଙ୍କି ପାହାଚ ହଠାତ ଭୁଶୁଡ଼ି ପଡ଼ିବାରୁ ସିଦ୍ଧାର୍ଥ (୧୩), ଗୋଲୁ(୧୪) ଓ ସନି(୧୧) ପ୍ରାୟ ୫୦ ଫୁଟ୍ ଉଚ୍ଚରୁ ତଳକୁ ଖସିପଡ଼ିଥିଲେ। ସେମାନଙ୍କ ପଛରେ ଥିବା ଅନ୍ୟ ୨ ଜଣ ଓହ୍ଲାଇ ନ ପାରି ଟାଙ୍କି ଉପରେ ରହିଥିଲେ। ଆହତ ୩ ଜଣଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ଡାକ୍ତର ସିଦ୍ଧାର୍ଥଙ୍କୁ ମୃତ ଘୋଷଣା କରିଥିଲେ। ପାଣିଟାଙ୍କି ପାଣିଘେରରେ ଥିବାରୁ ଉପରେ ଥିବା ପିଲାଙ୍କ ପାଖରେ ତୁରନ୍ତ ପହଞ୍ଚିବା ସମ୍ଭବ ହୋଇ ନ ଥିଲା। ଡ୍ରୋନ୍ ସହାୟତାରେ ପିଲାଙ୍କ ପାଖରେ ଖାଦ୍ୟ, ପାଣି ପହଞ୍ଚାଯାଇଥିଲା। ରାତିସାରା ଉଦ୍ଧାର ଉଦ୍ୟମ ବିଫଳ ହେବାରୁ ଅଗ୍ନିଶମ ଟିମ୍ ଡକାଯିବା ସହ ହାଇଡ୍ରୋଲିକ୍ ଲ୍ୟାଡର ଅଣାଯାଇଥିଲା। ଏହା ସତ୍ତ୍ୱେ ପିଲାଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଉଦ୍ୟମ ବିଫଳ ହୋଇଥିଲା। ସକାଳେ ବାୟୁସେନା ହେଲିକପ୍ଟର ସହାୟତାରେ ପଵନ (୧୭) ଏବଂ କାଲୁ(୧୬)ଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

# ୨ ପଳାତକ ଅପରାଧୀ ୟୁଏଇରୁ ପ୍ରତ୍ୟର୍ପିତ

**ଚଣ୍ଡିଗଡ଼,୩।୫**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରୁ ୨ ମୋଷ୍ଟୱାଣ୍ଟେଡ୍ ପଳାତକ ଅପରାଧୀଙ୍କୁ ଭାରତ ଆଣିବାରେ ସଫଳ ହୋଇଛି। ଆଲୋକ କୁମାର ଓରଫ୍ ଯଶପାଲ ସିଂ ଏକ ସୁସଂଗଠିତ ପାସ୍‌ପୋର୍ଟ ର୍ୟାକେଟ୍‌ରେ ସମ୍ପୃକ୍ତ। ଜାଲ୍ ଦସ୍ତାବିଜ ଏବଂ ପରିଚୟରେ ବଳରେ ଲୋକଙ୍କୁ ଭାରତୀୟ ପାସ୍‌ପୋର୍ଟ ଯୋଗାଇଦେବାରେ ଏହି ର୍ୟାକେଟ୍ କାମ କରୁଥିଲା। ଉକ୍ତ ପାସ୍‌ପୋର୍ଟ ବଳରେ ବହୁ ଅପରାଧୀ ଦେଶ ବାହାରକୁ ଯିବା ସୁଯୋଗ ପାଉଥିଲେ। ଯଶପାଲଙ୍କ ନାମରେ ଜାଲିଆତି, ଠକେଇ, ଆପରାଧିକ ଷଡ଼ଯନ୍ତ୍ର ସମେତ ଅନେକ ମାମଲା ରହିଛି। ରେଡ୍ କର୍ନର ନୋଟିସ ଜାରି ପରେ ଯଶପାଲଙ୍କୁ ୟୁଏଇରୁ ଗିରଫ କରାଯାଇଥିଲା। ଯଶପାଲଙ୍କ ପ୍ରତ୍ୟର୍ପଣ ପାଇଁ ୟୁଏଇ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯାଇଥିଲା। ମୁମ୍ବାଇରେ ପହଞ୍ଚିବା ପରେ ତାଙ୍କୁ ହରିୟାଣା ପୋଲିସ ଗିରଫ କରି ହାଜତକୁ ନେଇଛି।


କମଲେଶ ପରେଖ

ପ୍ରତ୍ୟର୍ପିତ ହୋଇଥିବା ଅନ୍ୟତମ ଅଭିଯୁକ୍ତ କମଲେଶ ପରେଖ ବହୁକୋଟି ଟଙ୍କାର ବ୍ୟାଙ୍କ ଜାଲିଆତିରେ ସମ୍ପୃକ୍ତ। ଉକ୍ତ ଜାଲିଆତି ପାଇଁ ବ୍ୟାଙ୍କସମୂହକୁ ୨,୬୭୨ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା। ୨୫ଟି ବ୍ୟାଙ୍କକୁ ଠକିଥିବା ଅଭିଯୋଗରେ ପରେଖଙ୍କ ନାମରେ ସିବିଆଇ ୨୦୧୬ରେ ମାମଲା ରୁଜୁ କରିଥିଲା। ସେ ଶୁକ୍ରବାର ଦିଲ୍ଲୀରେ ପହଞ୍ଚିବା ପରେ ସିବିଆଇ ତାଙ୍କୁ ହାଜତକୁ ନେଇଛି।





ତାରା ସୁତାରିଆ

# ପୁଣି ପ୍ରେମରେ ତାରା

**ମୁମ୍ବାଇ:** ଡେଟିଂ, ବ୍ରେକ୍‌ଅପ୍ ତା ପରେ ପୁଣି ପ୍ରେମ। ଏବେ ବଲିଉଡର ନୂଆ 'ପାୱାର କପଲ'ଙ୍କୁ ନେଇ ସାରା ବି-ଟାଉନରେ ଚର୍ଚ୍ଚା ଜୋର ଧରିଛି। କୁଆଡେ ଆଦିତ୍ୟ ରୟ କପୁର ଏବଂ ଗ୍ଲାମରସ ଅଭିନେତ୍ରୀ ତାରା ସୂତାରିଆ ପ୍ରେମରେ ପଡ଼ିଛନ୍ତି। ଦୀର୍ଘଦିନରୁ ଏନେଇ ଗୁଜବ ଚାଲିଥିଲା। ବିଭିନ୍ନ ଇଭେଣ୍ଟରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳୁଥିଲା। ହେଲେ ଏବେ ଚର୍ଚ୍ଚାରେ ଏକପ୍ରକାର ମୋହର ବାଜିଛି। ପ୍ରସିଦ୍ଧ ମ୍ୟାଗାଜିନ 'ଫିଲ୍ମଫେୟାର' ନିଜ ଇନଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ଏହା ସ୍ପଷ୍ଟ କରିଛି। ତେବେ ଖାଲି ବାସ୍ତବ ଜୀବନରେ ନୁହେଁ, ବରଂ ରୁପେଲି ପରଦାରେ ମଧ୍ୟ ଏହି ଯୋଡ଼ି ଧମାଲ କରିବାକୁ ପ୍ରସ୍ତୁତ। ଉଭୟ ଆଗାମୀ ଫିଲ୍ମ 'ଓମ୍'ରେ ନଜର ଆସିବେ। ଏହି ଆକ୍ସନ-ରୋମାନ୍ସ ଡ୍ରାମାରେ ଉଭୟଙ୍କ କେମିଷ୍ଟ୍ରି ଦେଖିବା ପାଇଁ ପ୍ରଶଂସକ ବହୁତ ଉତ୍ସାହିତ ଅଛନ୍ତି। ଏହା ସହିତ ତାରା ସୁତାରିଆ ସୁପରଷ୍ଟାର ଯଶଙ୍କ ଅଭିନୀତ ଫିଲ୍ମ 'ଟକ୍ସିକ୍'ରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ ବୋଲି ସୂଚନା ମିଳିଛି।

ଅପରପକ୍ଷେ ଏହି ନୂଆ ସମ୍ପର୍କକୁ ନେଇ ସୋସିଆଲ ମିଡିଆରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। କାରଣ ଚଳିତ ବର୍ଷ ଜାନୁଆରୀ ୨୦୨୬ରେ ତାରା ଏବଂ ବୀର ପାହାଡ଼ିଆଙ୍କ ବ୍ରେକଅପ୍ ହୋଇଥିଲା। ଏହା ପୂର୍ବରୁ ସେ ଆଦର ଜୈନଙ୍କୁ ମଧ୍ୟ ଡେଟ୍ କରୁଥିଲେ। ସେମିତିରେ ବି ଆଦିତ୍ୟଙ୍କ ନାମ ଦୀର୍ଘ ସମୟ ଧରି ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ସହ ଯୋଡ଼ା ଯାଉଥିଲା, କିନ୍ତୁ କିଛି ମାସ ପୂର୍ବରୁ ସେମାନଙ୍କ ସମ୍ପର୍କରେ ମଧ୍ୟ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ତେବେ ଏହି ନୂଆ ବଲିଉଡ ଯୋଡ଼ି କେବେ ସାର୍ବଜନୀନ ଭାବେ ନିଜ ପ୍ରେମକୁ ସ୍ୱୀକାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମେ ୪/୨୦୨୬ | Bhubaneswar, Monday, May 4/2026






ଡାକ୍ତରୀ ପଢ଼ିବା ପାଇଁ ରବିବାର ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟର ଡିଡିସିଇ କେନ୍ଦ୍ରରେ ପରୀକ୍ଷା ଦେଇ ଛାତ୍ରୀଛାତ୍ରମାନେ ବାହାରୁଛନ୍ତି।

# ବିଲ୍ଡିଂରେ ନିଆଁ ଲାଗି ୯ ମୃତ

ନୂଆଦିଲ୍ଲୀ,୩ା୫(ପି.ଟି.)

## ଏସି ବିସ୍ଫୋରଣ ହୋଇଥିବା ସନ୍ଦେହ



ପୂର୍ବ ଦିଲ୍ଲୀର ବିବେକ ବିହାର ଅଞ୍ଚଳରେ ରବିବାର ଭୋର ସମୟରେ ଏକ ଆବାସିକ ବିଲ୍ଡିଂରେ ନିଆଁ ଲାଗି ଜଣେ ବର୍ଷକର ଶିଶୁ ସମେତ ୨ ପରିବାରର ୯ ଜଣଙ୍କ ମୃତ୍ୟୁ ଘଟିଛି। ବିବେକ ବିହାର ଫେଜ୍-୧ରେ ଥିବା ଏକ ୪ ମହଲା ବିଲ୍ଡିଂରେ ଭୋର ୩ଟା ୪୮ ମିନିଟ୍ ସମୟରେ ନିଆଁ ଲାଗିଥିଲା। ଘଟଣାସ୍ଥଳରେ ପୋଲିସ, ଅଗ୍ନିଶମ ଏବଂ ବିପର୍ଯ୍ୟୟ ପରିଚାଳନା ଟିମ୍ ପହଞ୍ଚି ନିଆଁ ଲିଭା ଓ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ବିଲ୍ଡିଂର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମହଲାରେ ଥିବା ଫ୍ଲାଟଗୁଡ଼ିକୁ ନିଆଁ ବ୍ୟାପିଯାଇଥିଲା। ଛାତ କବାଟ ଲକ୍ ଥିବାରୁ ବିଲ୍ଡିଂରୁ ଲୋକମାନେ ବାହାରିବା କଷ୍ଟକର ହୋଇପଡ଼ିଥିଲା। ଏଥିସହିତ ଲୁହା ଗ୍ରୀଲ୍, ସ୍ମାର୍ଟ ଡୋର୍ ଲକ୍ ଏବଂ ସଂକୀର୍ଣ୍ଣ ଲେଆଉଟ୍ ବିଲ୍ଡିଂକୁ ଏକ ମୃତ୍ୟୁଯନ୍ତାରେ ପରିଣତ କରିଥିଲା। ଫଳରେ ନିଆଁ ଲାଗିବା ପରେ ତୁରନ୍ତ ବାହାରି ନ ପାରିବାରୁ ୯ ଜଣଙ୍କ ଜୀବନ ଯାଇଛି। ନିଆଁ ଲିଭା କାର୍ଯ୍ୟରେ ୧୨ଟି ଦମକଳ ନିୟୋଜିତ ହୋଇଥିବାବେଳେ ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଡିଡିଏମ୍ଏ) ଟିମ୍, ଟ୍ରାଫିକ୍ ପୋଲିସ ଓ ସ୍ଥାନୀୟ ପୋଲିସ ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିଲାବେଳେ ଏସି ବିସ୍ଫୋରଣରୁ ନିଆଁ ଲାଗିଥାଇପାରେ ବୋଲି ସନ୍ଦେହ କରାଯାଉଛି।

ଦିଲ୍ଲୀ ଅଗ୍ନିଶମ ବିଭାଗ ସୂଚନା ଅନୁଯାୟୀ, ବିଲ୍ଡିଂର ପ୍ରଥମ ମହଲାରୁ ଜଣେ, ଦ୍ୱିତୀୟ ମହଲାରୁ ୫ ଏବଂ ଶିଡ଼ି ପାହାଚରୁ ୩ ଜଣଙ୍କ ମୃତଦେହ ମିଳିଛି। ଦ୍ୱିତୀୟ ମହଲାରେ ରହୁଥିବା ଅରବିନ୍ଦ ଜୈନ (୬୦), ସ୍ତ୍ରୀ ଅନିତା ଜୈନ (୫୮), ସେମାନଙ୍କ ପୁଅବୋହୂ ଓ ନାତି ପ୍ରାଣ ହରାଇଥିବାବେଳେ ତୃତୀୟ ମହଲାରେ ରହୁଥିବା ନୀତିନ ଜୈନ(୫୦), ସ୍ତ୍ରୀ ଶୈଳୀ ଜୈନ ଓ ତାଙ୍କ

☞ପୃଷ୍ଠା-୧୧

# ୧୦୦ କୋଟିର ଗଞ୍ଜେଇ ତେଲ, ଅନ୍ୟ ସାମଗ୍ରୀ ଜବତ

- ହାସିସ ଅଏଲ ପ୍ରକ୍ରିୟାକରଣ ୟୁନିଟ୍ ଠାବକଲା ଜିଲା ପୋଲିସ
- ଚିତ୍ରକୋଣ୍ଡା ଅଞ୍ଚଳରେ କାର୍ଯ୍ୟକ୍ଷମ କରିବାକୁ ଚାଲିଥିଲା ପ୍ରୟାସ

ମାଲକାନଗିରି,୩ା୫(ଦୁର୍ଯ୍ୟୋଧନ ପାତ୍ର/ଗୌରିଶଙ୍କର ପଣ୍ଡା)

ମାଲକାନଗିରି ଜିଲା ପୋଲିସ ପକ୍ଷରୁ ଏକ ବଡ଼ଧରଣର ର୍‍ୟାକେଟ୍‌କୁ ଠାବ କରାଯାଇଛି। ଚିତ୍ରକୋଣ୍ଡା ଅଞ୍ଚଳରେ ଚାଲିଥିବା ଏକ ବେଆଇନ ହାସିସ୍ ଅଏଲ୍ ପ୍ରସ୍ତୁତି ୟୁନିଟ୍ ତଥା ଗଞ୍ଜେଇ ତେଲ ପ୍ରସ୍ତୁତି କାରଖାନାକୁ ରବିବାର ଜବତ କରାଯାଇଛି। ଜିଲା ପୋଲିସ ପକ୍ଷରୁ ଗଞ୍ଜେଇ ତେଲ ଉତ୍ପାଦନ ୟୁନିଟ୍‌କୁ ଠାବ କରି ବିଭିନ୍ନ ଉପକରଣ ସମେତ ୨ କେଜି ଗଞ୍ଜେଇ ତେଲ, ୫୦ କେଜି ଗଞ୍ଜେଇ ଜବତ କରାଯାଇଛି। ବଜାରରେ ଏହାର କେଜି ପ୍ରତି ମୂଲ୍ୟ ପ୍ରାୟ ୧୨.୫ ଲକ୍ଷ ଟଙ୍କା ଥିବା ଜଣାପଡ଼ିଛି। ସମସ୍ତ ତେଲ ଓ ରାସାୟନିକ ପଦାର୍ଥର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୦୦ କୋଟି ଟଙ୍କା ହେବ ବୋଲି ଜିଲା ପୋଲିସ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ଏସ୍‌ପି ବିନୋଦ ପାଟିଲ ଏଚ୍ ସୂଚନା ଦେଇଛନ୍ତି। ମାଲକାନଗିରି ଜିଲା ଗଞ୍ଜେଇର ଗଡ଼ ସାଜିଥିବା ବେଳେ ଚାଲାଣକାରୀ ବର୍ତ୍ତମାନ ଗଞ୍ଜେଇ ବଦଳରେ ଜିଲାରୁ ହାସିସ୍ ତେଲ ନେବା ଆରମ୍ଭ କରିଛନ୍ତି। ଏହି ଗଞ୍ଜେଇ ତେଲର ମୂଲ୍ୟ ଢେର ଗୁଣା ଅଧିକ ଥିବା ଓ ଏହାର ପରିବହନ ଅତ୍ୟନ୍ତ ସହଜ ହେଉଥିବାରୁ ତେଲର ଚୋରା କାରବାର ଦିନକୁ ଦିନ ଜିଲାରେ ବଢ଼ିବାରେ ଲାଗିଛି।

ସୂଚନାନୁଯାୟୀ, ଚିତ୍ରକୋଣ୍ଡା ଅଞ୍ଚଳରେ ଏକ ହାସିସ ଅଏଲ ମାନୁଫ୍ୟାକଚରିଂ ୟୁନିଟ୍ ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା। ପୋଲିସର କଡ଼ା ନଜର ଓ ଚଢ଼ାଉ ଭୟରେ ଅଭିଯୁକ୍ତମାନେ ଏହି କାରଖାନାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଚେଷ୍ଟା କରୁଥିବା ବେଳେ ମାଲକାନଗିରି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଚିତ୍ରକୋଣ୍ଡା ପୋଲିସ ଚଢ଼ାଉ କରିଥିଲା। ରବିବାର ସକାଳୁ ଚିତ୍ରକୋଣ୍ଡା ଏସ୍‌ଡିପିଓ ପ୍ରଦୋଷ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଏସ୍‌ଆର ଛକ ନିକଟରେ ଚଢ଼ାଉ କରାଯାଇଥିଲା। ହାସିସ ତେଲ ଉତ୍ପାଦନ

☞ପୃଷ୍ଠା-୧୧


# କର୍ପୋରେଟ୍ ଜଗତର ରଣନୀତିଜ୍ଞ
# କମ୍ପାନୀ ସେକ୍ରେଟାରୀ

ଆଜିର ଦ୍ରୁତ ଗତିଶୀଳ ଏବଂ ନିୟନ୍ତ୍ରିତ କର୍ପୋରେଟ୍ ଦୁନିଆଁରେ, କମ୍ପାନୀ ସେକ୍ରେଟାରୀ (ସିଏସ୍), ଏକ ପ୍ରଭାବଶାଳୀ କର୍ପୋରେଟ କାର୍ଯ୍ୟଧାରାର ଏକ ସଶକ୍ତ ମୂଳଦୁଆ ରୂପେ ଦଣ୍ଡାୟମାନ । ଡିଜିଟାଲ ରୂପାନ୍ତରଣ ଏବଂ ଅନ୍ତର୍ଜାତୀୟ ଐକୀକରଣର ସମୟରେ, କର୍ପୋରେଟମାନେ କୁଶଳ ବୃତ୍ତିଧାରୀ ଆବଶ୍ୟକ କରନ୍ତି, ଯେଉଁମାନେ ଆଇନର ଅନୁପାଳନକୁ ସୁନିଶ୍ଚିତ କରିବା ସହ କର୍ପୋରେଟ୍‌ର ରଣନୀତିକ ଅଭିବୃଦ୍ଧିରେ ମଧ୍ୟ ସହଯୋଗ କରନ୍ତି । କମ୍ପାନୀ ସେକ୍ରେଟାରୀ ବୃତ୍ତି ଏହିପରି ଏକ ସଠିକ ମିଶ୍ରଣ ପ୍ରଦାନ କରେ, ଯାହା ଅଧିକ ସ୍ୱଚ୍ଛ ଏବଂ ଉତ୍ତରଦାୟୀ କରିବାରେ ସହଯୋଗ କରିଥାଏ ।

ଆଇନ, କର୍ପୋରେଟ୍ ଶାସନ, ଅନୁପାଳନ ଏବଂ ରଣନୀତିକ ପରିଚାଳନା କ୍ଷେତ୍ରରେ ଏକ ବିଶେଷଜ୍ଞ ହିସାବରେ, କମ୍ପାନୀ ସେକ୍ରେଟାରୀ କର୍ପୋରେଟ୍ ମାନଙ୍କରେ ନୈତିକତା, ଉତ୍ତମ ଶାସନ ଅଭ୍ୟାସ ଏବଂ ହିତାଧିକାରୀଙ୍କ ମଧ୍ୟରେ ବିଶ୍ୱାସକୁ ବୃଦ୍ଧି କରିବା ସହ କର୍ପୋରେଟ ମାନଙ୍କ ବୋର୍ଡକୁ ସଠିକ ମାର୍ଗଦର୍ଶନ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସେହିପରି ଦୀର୍ଘସ୍ଥାୟିତା ଏବଂ ଜଳବାୟୁ ସମ୍ବନ୍ଧୀୟ ବିପଦ ଉପରେ ବୋର୍ଡକୁ ସଠିକ ମାର୍ଗଦର୍ଶନ ଦେବା ସହ ତତ୍‌ସମ୍ବନ୍ଧୀୟ ନୀତି ଏବଂ ରଣନୀତି ପ୍ରସ୍ତୁତ କରିବା ତଥା ସେସବୁର ଉପଯୁକ୍ତ ପ୍ରକାଶନ ଏବଂ ଅନୁପାଳନ ମାଧ୍ୟମରେ ରେ ଏହାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରିବା ନିମନ୍ତେ, କମ୍ପାନୀ ସେକ୍ରେଟାରୀ ମାନଙ୍କ ନିକଟରେ ଯଥେଷ୍ଟ ଦକ୍ଷତା ରହିଥାଏ । ସେହିପରି କର୍ପୋରେଟ ମାନଙ୍କର ଅଣ ଆର୍ଥିକ ରିପୋର୍ଟିଂରୁ ଆରମ୍ଭ କରି ବୋର୍ଡର ଉତ୍ତରଦାୟିତ୍ୱ ବୃଦ୍ଧି ପର୍ଯ୍ୟନ୍ତ, ଏବଂ ଭବିଷ୍ୟତର ପଥପ୍ରଦର୍ଶକ ଭାବେ ବିଶ୍ୱାସ, ନୂତନ ସମ୍ଭାବନା, ଦୀର୍ଘସ୍ଥାୟୀ ପ୍ରଭାବ ଆଦିର ଏକ ଦୃଢ଼ ସମର୍ଥକ ହୋଇଥାନ୍ତି ।

ଯେଉଁମାନେ କର୍ପୋରେଟ୍‌ମାନଙ୍କ ନୀତିଗତ ନିଷ୍ପତ୍ତି, ଶାସନ ପ୍ରଣାଳୀ , ଆଇନ୍‌ର ଅନୁପାଳନ, ଏବଂ ବ୍ୟବସାୟିକ ନେତୃତ୍ୱ ଆଦି କ୍ଷେତ୍ରରେ ଏକ ରଣନୀତିକ ଭୂମିକା ଗ୍ରହଣ କରିବାକୁ ଇଚ୍ଛା କରନ୍ତି, ସେମାନଙ୍କ ପାଇଁ କମ୍ପାନୀ ସେକ୍ରେଟାରୀ ବୃତ୍ତି ଏକ ବିବିଧ ସୁଯୋଗ ହୋଇ ପାରିବ । ଏହି ବୃତ୍ତିର ଚାହିଦା ବ୍ୟାଙ୍କିଙ୍ଗ୍, ଅର୍ଥ, ଉତ୍ପାଦନ, ପୁଞ୍ଜିବଜାର, ଆଇଟି ଏବଂ ବହୁରାଷ୍ଟ୍ରୀୟ ନିଗମ ପରିକ୍ଷେତ୍ରରେ ରହିଛି । ଯେଉଁମାନେ ସ୍ୱାଧୀନ ଭାବେ ପ୍ରାକ୍ଟିସ୍ ଏବଂ ଉଦ୍ୟୋଗପତି ଭାବେ କାର୍ଯ୍ୟ କରିବାକୁ ଆଗ୍ରହୀ, ସେମାନେ ଅଭ୍ୟାସ ପ୍ରମାଣପତ୍ର ହାସଲ କରି, ପ୍ରାକ୍ଟିସିଂ କମ୍ପାନୀ ସେକ୍ରେଟାରୀ ଭାବେ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରିବେ ।

**କମ୍ପାନୀ ସେକ୍ରେଟାରୀ ପାଠ୍ୟକ୍ରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ (ଆଇସିଏସ୍ଆଇ)** ଦ୍ୱାରା ପ୍ରଦାନ କରାଯାଏ, ଯାହା ସଂସଦର ଏକ ଅଧିନିୟମ, ଅର୍ଥାତ୍ **କମ୍ପାନୀ ସେକ୍ରେଟାରୀ ଅଧିନିୟମ, ୧୯୮୦** ଅନୁଯାୟୀ ସ୍ଥାପିତ ଏକ ପ୍ରମୁଖ ଜାତୀୟ ବୃତ୍ତିଗତ ସଂସ୍ଥା ଅଟେ । ଏହା ଭାରତରେ କମ୍ପାନୀ ସେକ୍ରେଟାରୀଙ୍କ ବୃତ୍ତିକୁ ନିୟନ୍ତ୍ରିତ ଏବଂ ବିକାଶ କରିବା ପାଇଁ ଉଦ୍ଦିଷ୍ଟ । **କମ୍ପାନୀ ସେକ୍ରେଟାରୀ** ଯୋଗ୍ୟତା ବିବିଧ ଏବଂ ଲାଭଦାୟକ କ୍ୟାରିୟର ସୁଯୋଗର ଏକ ପ୍ରବେଶ ପଥ ।

**କମ୍ପାନୀ ଅଧିନିୟମ, ୨୦୧୩** ଦ୍ୱାରା ସ୍ୱୀକୃତିପ୍ରାପ୍ତ, କମ୍ପାନୀ ସେକ୍ରେଟାରୀମାନେ ଏମ୍.ଡି., ସି.ଇ.ଓ., ମ୍ୟାନେଜର, ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଏବଂ ସି.ଏଫ୍.ଓ. ସହିତ **ପ୍ରମୁଖ ପରିଚାଳନା କର୍ମଚାରୀଙ୍କ** ସମକକ୍ଷ ଭାବେ ପରିଗଣିତ ହୋଇଥାନ୍ତି । କମ୍ପାନୀ ଅଧିନିୟମ, ୨୦୧୩ ପ୍ରାକ୍ଟିସିଂ କମ୍ପାନୀ ସେକ୍ରେଟାରୀଙ୍କ ଦ୍ୱାରା ସେକ୍ରେଟାରିଆଲ୍ ଅଡିଟକୁ ବାଧ୍ୟତାମୂଳକ କରିଛି, ଯାହା ବୃତ୍ତିର ପରିସର ଏବଂ ବୃତ୍ତିର ଦାୟିତ୍ୱକୁ ଯଥେଷ୍ଟ ବିସ୍ତାରିତ କରିଥାଏ ।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) କମ୍ପାନୀ ସେକ୍ରେଟାରୀ ଯୋଗ୍ୟତାକୁ ସ୍ନାତକୋତ୍ତର ଡିଗ୍ରୀ ସହିତ ସମତୁଲ୍ୟ ଭାବରେ ସ୍ୱୀକୃତି ଦେଇଛି, ଯାହା ସିଏସ୍ ସଦସ୍ୟମାନଙ୍କ ପାଇଁ ବୃତ୍ତିଗତ ଏବଂ ଏକାଡେମିକ୍ ସୁଯୋଗକୁ ବିସ୍ତାରିତ କରିଛି।

ୟୁକେ ଇଏନ୍ଆଇସିରୁ ପ୍ରାପ୍ତ ଅନ୍ୟ ଏକ ମାନଦଣ୍ଡ, ସିଏସ୍ ଏକ୍‌ଜିକ୍ୟୁଟିଭ୍ ଏବଂ ସିଏସ୍ ପ୍ରଫେସନାଲ୍ ପ୍ରୋଗ୍ରାମକୁ ବ୍ରିଟେନ ଏବଂ ୟୁଏଇରେ ସ୍ନାତକ ଏବଂ ସ୍ନାତକୋତ୍ତର ସହିତ ସମତୁଲ୍ୟ କରିଥାଏ, ଯାହା ଅନ୍ତର୍ଜାତୀୟ ସ୍ତରରେ କମ୍ପାନୀ ସେକ୍ରେଟାରୀମାନଙ୍କ ପାଇଁ ସ୍ୱୀକୃତିକୁ ବିସ୍ତାର କରିଥାଏ ।

ବିବର୍ତ୍ତନଶୀଳ ବ୍ୟବସାୟ ଦୃଶ୍ୟପଟ ଏବଂ ବିଶ୍ୱବ୍ୟାପୀ ଆଇନ୍‌ର କଠୋର ଅନୁପାଳନର ଆବଶ୍ୟକତା ଦୃଷ୍ଟିରୁ, କମ୍ପାନୀ ସେକ୍ରେଟାରୀ ପ୍ରଫେସନାଲଙ୍କ ଚାହିଦା ଯଥେଷ୍ଟ ବୃଦ୍ଧି ପାଇଛି, ଯାହା ଏହାକୁ ଏକ ବିବିଧ ଏବଂ ଲାଭଜନକ କ୍ୟାରିୟର ପାଇଁ ଏକ ଆଦର୍ଶ ପ୍ରବେଶ ଦ୍ୱାରରେ ପରିଣତ କରିଛି ।

ସମସ୍ତ ଶିକ୍ଷାଗତ ଶୃଙ୍ଖଳାର ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ମୁକ୍ତ କମ୍ପାନୀ ସେକ୍ରେଟାରୀ ପାଠ୍ୟକ୍ରମ ଭାରତର ସବୁଠାରୁ ବ୍ୟାପକ, ସମାବେଶୀ ଏବଂ ସୁଲଭ ବୃତ୍ତିଗତ ମାର୍ଗ ମଧ୍ୟରୁ ଅନ୍ୟତମ । **କମ୍ପାନୀ ସେକ୍ରେଟାରୀ ଏକ୍‌ଜିକ୍ୟୁଟିଭ୍ ପ୍ରବେଶିକା ପରୀକ୍ଷା (ସିଏସ୍ଇଇଟି)** ଉତ୍ତୀର୍ଣ୍ଣ କରି, ଛାତ୍ରଛାତ୍ରୀମାନେ ଏକ୍‌ଜିକ୍ୟୁଟିଭ୍ ପ୍ରୋଗ୍ରାମ ସ୍ତରରେ କମ୍ପାନୀ ସେକ୍ରେଟାରୀ ପାଠ୍ୟକ୍ରମ ଏବଂ ତା'ପରେ ସିଏସ୍ ପ୍ରଫେସନାଲ୍ ପ୍ରୋଗ୍ରାମ୍‌ରେ ନାମ ଲେଖାଇପାରିବେ । ସମ୍ପୂର୍ଣ୍ଣ ପଞ୍ଜୀକରଣ ପ୍ରକ୍ରିୟା ଅନ୍‌ଲାଇନ ହୋଇଥାଏ, ଯାହାଦ୍ୱାରା ଆଶାୟୀଙ୍କ ପାଇଁ ସ୍ୱଚ୍ଛତା ଏବଂ ସହଜତା ସୁନିଶ୍ଚିତ ହୁଏ ।

**ହେଲେ, ସ୍ନାତକ, ସ୍ନାତକୋତ୍ତର, ଯେକୌଣସି ମାନ୍ୟତାପ୍ରାପ୍ତ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମର ଷଷ୍ଠ ସେମିଷ୍ଟରରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ (ପାଞ୍ଚ ବର୍ଷର ଅବଧି), ଆଇସିଏମ୍ଏଆଇର ଫାଇନାଲ ପାସ୍ ଛାତ୍ରଛାତ୍ରୀ ଏବଂ ଆଇସିଏଆଇର ଇଣ୍ଟରମିଡିଏଟ୍ ପାସ୍ ଛାତ୍ରଛାତ୍ରୀଙ୍କ ପାଇଁ ସିଏସ୍ଇଇଟିକୁ ଛାଡ଼ କରାଯାଇଛି ।**

**ସିଏସଇଇଟି** ବର୍ଷକୁ ତିନିଥର ଫେବୃଆରୀ, ଜୁନ୍ ଏବଂ ଅକ୍ଟୋବରରେ ଅନୁଷ୍ଠିତ ହେଉଥିବାବେଳେ **ସିଏସ୍ ଏକ୍‌ଜିକ୍ୟୁଟିଭ୍ ପରୀକ୍ଷା** ଏବଂ **ସିଏସ୍ ପ୍ରଫେସନାଲ୍ ପରୀକ୍ଷା** ବର୍ଷକୁ ଦୁଇଥର ଜୁନ୍ ଏବଂ ଡିସେମ୍ବରରେ ଭାରତର ପ୍ରାୟ ୨୦୦ ପରୀକ୍ଷା କେନ୍ଦ୍ର ଏବଂ ଦୁବାଇସ୍ଥିତ ଏକ ବୈଦେଶିକ କେନ୍ଦ୍ରରେ ଅନୁଷ୍ଠିତ ହୋଇଥାଏ ।

ଛାତ୍ରମାନଙ୍କୁ ଦକ୍ଷ ଗଭର୍ନାନ୍ସ ପ୍ରଫେସନାଲ ଭାବରେ ପ୍ରସ୍ତୁତ କରିବା ପାଇଁ, ଆଇସିଏସ୍ଆଇ ବିସ୍ତୃତ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରିଥାଏ ଏବଂ ଏହା ବିଭିନ୍ନ ପ୍ରଶିକ୍ଷଣ, ୧ ମାସର ଏକ୍‌ଜିକ୍ୟୁଟିଭ୍ ବିକାଶ କାର୍ଯ୍ୟକ୍ରମ, ୧ ମାସର କର୍ପୋରେଟ୍ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଏବଂ ଜଣେ ପ୍ରାକ୍ଟିସିଂ କମ୍ପାନୀ ସେକ୍ରେଟାରୀଙ୍କ ସହିତ କିମ୍ବା ଏକ କର୍ପୋରେଟ୍ ହାଉସ୍‌ରେ ୨୧ ମାସର ବ୍ୟବହାରିକ ତାଲିମକୁ ବାଧ୍ୟତାମୂଳକ କରିଛି ।

ଭାରତୀୟ ସଶସ୍ତ୍ର ବାହିନୀ ଏବଂ ଅର୍ଦ୍ଧସାମରିକ ବାହିନୀର ଶହୀଦଙ୍କ ସନ୍ତାନ ଓ ବିଧବାମାନଙ୍କୁ ସିଏସ୍ ଏକ୍‌ଜିକ୍ୟୁଟିଭ୍ କାର୍ଯ୍ୟକ୍ରମରେ ପଞ୍ଜୀକୃତ ହେବା ପାଇଁ ଆଇସିଏସ୍ଆଇ ଦ୍ୱାରା ୧୦୦% ଶୁଳ୍କ ରିହାତି ପ୍ରଦାନ କରାଯାଇଥାଏ । ଏହା ବ୍ୟତୀତ ଜମ୍ମୁ ଓ କଶ୍ମୀର ଏବଂ ଲଦାଖରୁ ପଞ୍ଜୀକୃତ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ୧୦୦% ଶୁଳ୍କ ରିହାତି ଉପଲବ୍ଧ । ଉତ୍ତର ପୂର୍ବାଞ୍ଚଳ ରାଜ୍ୟ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଲାକ୍ଷାଦ୍ୱୀପ ଏବଂ ହିମାଚଳ ପ୍ରଦେଶର ଛାତ୍ରଛାତ୍ରୀଙ୍କ ପାଇଁ ୫୦% ଶୁଳ୍କ ରିହାତି ଏବଂ ଏସ୍‌ସି/ଏସ୍‌ଟି ଏବଂ ଶାରୀରିକ ଭିନ୍ନକ୍ଷମ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ଏହି ସୁବିଧା ଉପଲବ୍ଧ । ମେଧାବୀ ଏବଂ ଆର୍ଥିକ ଦୁର୍ବଳ ଛାତ୍ରମାନଙ୍କୁ ସୁବିଧା ଯୋଗାଇବା ପାଇଁ ଆଇସିଏସ୍ଆଇ ଦ୍ୱାରା ଏକ ଛାତ୍ର ଶିକ୍ଷା ପାଣ୍ଠି ଟ୍ରଷ୍ଟ ମଧ୍ୟ ଗଠନ କରାଯାଇଛି ।

ସ୍ୱତନ୍ତ୍ର ବୈଧାନିକ ସ୍ୱୀକୃତି ବ୍ୟତୀତ, ଆଇସିଏସ୍ଆଇ ଏହାର ସଦସ୍ୟମାନଙ୍କୁ ଦେଶର କୋଣଅନୁକୋଣରେ ଏହାର ୪ଟି ଆଞ୍ଚଳିକ, ୭୬ଟି ଚାପ୍ଟର କାର୍ଯ୍ୟାଳୟ ଏବଂ ୪ଟି କର୍ପୋରେଟ୍ ଗଭର୍ନାନ୍ସ, ଗବେଷଣା ଏବଂ ତାଲିମ କେନ୍ଦ୍ର (ସିସିଜିଆର୍‌ଟି) ମାଧ୍ୟମରେ ଆୟୋଜିତ ବିଭିନ୍ନ ଦକ୍ଷତା ବିକାଶ ଏବଂ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ସଶକ୍ତ କରିଥାଏ ।

ଭାରତରେ ଏକ ସମୃଦ୍ଧ ପରମ୍ପରା ଏବଂ ବିଶ୍ୱସ୍ତରରେ ବୃଦ୍ଧି ପାଉଥିବା ସ୍ୱୀକୃତି ସହିତ, ସମସ୍ତ କାର୍ଯ୍ୟକ୍ଷମ ଡୋମେନରେ ବିଭିନ୍ନ ପ୍ରକାର ଦାୟିତ୍ୱର ତଦାରଖ କରିବା ପାଇଁ ବିଶ୍ୱସ୍ତ ବୋର୍ଡ ପରାମର୍ଶଦାତା ଏବଂ ଇଣ୍ଟିଗ୍ରେଟେଡ୍ କର୍ପୋରେଟ୍ ମ୍ୟାନେଜର ଭାବରେ ନିଜର ଦକ୍ଷତା ପ୍ରଦର୍ଶନ କରିବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କ ପାଇଁ କମ୍ପାନୀ ସେକ୍ରେଟାରୀ ବୃତ୍ତି ଏକ ପସନ୍ଦଯୋଗ୍ୟ କ୍ୟାରିୟର ବିକଳ୍ପ ପାଲଟିଛି ।




**କମ୍ପାନୀ ସେକ୍ରେଟାରୀମାନେ କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ମାର୍ଗଦର୍ଶନ ଯୋଗାଇବା ଏବଂ ବୈଶ୍ୱିକ ଗଭର୍ନାନ୍ସକୁ ରୂପରେଖ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି**

**ପଞ୍ଜୀକରଣ ଉପରେ ଅଧିକ ସୂଚନା ଏବଂ ପାଠ୍ୟକ୍ରମର ବିବରଣୀ ପାଇଁ ପରିଦର୍ଶନ କରନ୍ତୁ:**
**www.icsi.edu**





# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଦ୍ୟା ଭାରତୀ ଶିକ୍ଷା ବିଭାଗ ସମିତି ପକ୍ଷରୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳାଫଳ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୦ଟା।
- ନାରଦ ଜୟନ୍ତୀ ଓ ନାରଦ ସମ୍ମାନ ସମାରୋହ ୨୦୨୬, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଜିଲାସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ସିଏମ୍ ଟ୍ରଫି ଫୁଟ୍‌ବଲ ପ୍ରତିଯୋଗିତା, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ସକାଳ ୮ଟା।

## ବାଲେଶ୍ୱର

- ସମର କ୍ୟାମ୍ପ, ସ୍ଥାନ: ଚାରୁ ଓ କାରୁକଳା ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୭ଟା।
- ଏଫ୍‌ଏମ୍‌ୟୁରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ରେମୁଣା ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଡିଆ ଟ୍ରେଡ୍ ଏକ୍ସପୋ-୨୦୨୬, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା।
- ୬ଷ୍ଠ ବାର୍ଷିକ ବୈଶାଖୀ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଦୁଧହଂସା ମନ୍ଦିର ପରିସର, ବସ୍ତା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ସକାଳ ୭ଟା।
- କୋଚିଲା-ବୈତରଣୀ ଘେରିବନ୍ଧର ଭୂମି ପୂଜନ, ସ୍ଥାନ: ଅସ୍ତକ, ଧୂଷୁରୀ, ସମୟ: ସକାଳ ୯ଟା।
- ଶଙ୍ଖାଳିଗୌରୀ ମେଧାବୃତ୍ତି ସମ୍ମାନ ସମାରୋହ, ସ୍ଥାନ: ପଳାସଗଡ଼ିଆ ଆଦର୍ଶ ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବୈଶାଖୀ ମେଳାର ୯ମ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ଆମେ-୮୦ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ୍ ବାରିପଦା, ପୂର୍ବାହ୍ନ ୧୦ଟା।
- ବାରିପଦା ଏକ୍ସପୋ ମେଳା,ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗଜପତିନଗର ୭ମ ଲାଇନ,ସମୟ: ସକାଳ ୬ଟା।

## ଗଞ୍ଜାମ

- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ବାଲିଛାଇ ଗ୍ରାମ ପଞ୍ଚାୟତ ଆସିକା, ସମୟ: ସକାଳ ୮ ଟା।
- ଗ୍ରାମପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା

- ଜିଲା ପ୍ରଶାସନିକ ଅଧିକାରୀଙ୍କ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ସକାଳ ୭ଟା।

## ଯାଜପୁର

- ଶ୍ରୀଜଗନ୍ନାଥ ମନ୍ଦିର ପୁନଃନିର୍ମାଣ ଭିତ୍ତିପ୍ରସ୍ତର ସ୍ଥାପନ ଓ ଶ୍ରୀଦାରୁ ଛେଦନ ଉତ୍ସବ, ସ୍ଥାନ: ଢୁବୁରୀ କପିଳେଶ୍ୱର ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ କ୍ରୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ଶୁଳିଆ ଠାକୁରାଣୀଙ୍କ ବାର୍ଷିକଉତ୍ସବର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଗୋପୀନାଥପୁର ଶୁଳିଆ ଠାକୁରାଣୀଙ୍କ ପୀଠ, ସମୟ:ସକାଳ ୮ଟା ।
- ଚନ୍ଦନ ଯାତ୍ରାର ପଞ୍ଚଦଶ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡ୍ଡୁବାବାଙ୍କ ମନ୍ଦିର ;ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦।
- ଚନ୍ଦନ ଯାତ୍ରା ପଞ୍ଚଦଶ ଦିବସ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା ।
- ଚନ୍ଦନ ଯାତ୍ରା ପଞ୍ଚଦଶ ଦିବସ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା ।
- ଗୋଡିପଡା ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ:ଗୋଡିପଡା ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ:ଅପରାହ୍ନ ୫ଟା ।

## ରାୟଗଡ଼ା

- ଫ୍ରଣ୍ଟିୟର୍ ପ୍ରଯୁକ୍ତି ବିଦ୍ୟାରେ ଉତ୍କର୍ଷ କେନ୍ଦ୍ରର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୯ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ପୌର ସଂସ୍ଥା କାର୍ଯ୍ୟାଳୟ, ସମୟ: ସକାଳ ୭ ଟା ୩୦।

## କୋରାପୁଟ

- ଜିଲାସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଜୟପୁର, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନତା ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ କୁନ୍ଦୁଲି, ସେମିଳିଗୁଡ଼ା ବ୍ଲକ, ସମୟ: ସକାଳ ୭ଟା ୩୦।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ବାଲଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ, ସମୟ: ସକାଳ ୮ଟା।
- ଅଗ୍ନିଗଙ୍ଗା ମା'ଙ୍କ ଘଟଯାତ୍ରା ଆରମ୍ଭ, ସ୍ଥାନ: ମନ୍ଦିର ପରିସର, ସେମିଳିଗୁଡ଼ା, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ସାଓଲିନ କୁଂଫୁ ଉସୁ ଆସୋସିଏଶନ ପକ୍ଷରୁ ନିଃଶୁଳ୍କ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିନାଖଣ୍ଡିସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ପରିସରସ୍ଥ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଧନକଉଡା ବ୍ଲକ ସଭାକକ୍ଷ, ସମୟ: ସକାଳ ୭ଟା।

## ରାଉରକେଲା

- ରାଷ୍ଟ୍ରୀୟ ଚିନ୍ତା ପ୍ରତିମା ବହୁଭାଷୀ ନାଟକ ମହୋତ୍ସବ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୧୫, ସମୟ: ଅପରାହ୍ନ ୫ଟା ୩୦।
- ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଭଟଲି, ସମୟ:ସକାଳ ୭ଟା।
- ବରଗଡ଼ ଜିଲା ପ୍ରିମିୟର ଲିଗ,ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ:ଅପରାହ୍ନ ୪ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ତୁର୍କେଲ ବ୍ରିଜ ନିର୍ମାଣ ଦାବିରେ ଜିଲାପାଳଙ୍କ ଅଫିସ ଆଗରେ କଂଗ୍ରେସର ଗଣ ଧାରଣା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜଣ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ସକାଳ ୭ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ : ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ : ସକାଳ ୮ ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ : ଦେବଗଡ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୋନପୁର ବ୍ଲକ ମଲ୍ଲିକମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଦିଗଶିରା ଗ୍ରାମପଞ୍ଚାୟତ ପରିସର, ଡୁଙ୍ଗୁରିପାଲି, ସମୟ: ସକାଳ ୭ଟା।
- ପ୍ରଥମ ଲୁତୁରପଙ୍କ ପ୍ରିମିଅର ଲିଗ କ୍ରିକେଟର ଚତୁର୍ଥ ଦିବସ, ସ୍ଥାନ: ଲୁତୁରପଙ୍କ ହାଇସ୍କୁଲ ପଡିଆ, ବୀରମହାରାଜପୁର, ସମୟ: ସକାଳ ୮ ଟା।
- ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ସୁନ୍ଦରକାଣ୍ଡ ପାରାୟଣ, ସ୍ଥାନ: ବୀରମହାରାଜପୁର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ ଟା।
- ନଗର ଉନ୍ନୟନ ମନ୍ତ୍ରୀଙ୍କ ଜିଲାର ପୌରାଞ୍ଚଳଗୁଡିକର କାର୍ଯ୍ୟର ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ବୀରମହାରାଜପୁର ଗସ୍ତ, ସ୍ଥାନ: ବୀରମହାରାଜପୁର, ସମୟ ସନ୍ଧ୍ୟା ୭ ଟା।

## ନୂଆପଡ଼ା

- ଶ୍ରୀଶ୍ରୀ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ସିଆଲଟି ପଞ୍ଚାୟତ କରଙ୍ଗାଭଟା ଗାଁ, ସମୟ: ପ୍ରାତଃ ୪ଟା ୩୫।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ ନୂଆପଡ଼ା, ସମୟ: ସକାଳ ୭ଟା।
- ଶ୍ରୀ ପିପଲେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା,ପ୍ରାଣପ୍ରତିଷ୍ଠା ଓ ଶୋଭାଯାତ୍ରା,ସ୍ଥାନ: ନୂଆପଡା ସଦର ବ୍ଲକ ଗୋତମା ବସ୍ତି ପୋଖରୀ ହୁଡା (ଖରିଆର ରୋଡ) ସମୟ: ସକାଳ ୮ଟା।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ଗାଁ, ସମୟ: ସକାଳ ୮ଟା ୪୫।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ନୂଆପଡ଼ା ସଦର ବ୍ଲକ ଭାନପୁର ପଞ୍ଚାୟତ ମସାନକୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଆମସେନା ପଞ୍ଚାୟତ ଗୋତମା, ସମୟ: ସନ୍ଧ୍ୟା ୬ଟା।
- ନବ ନିର୍ମାଣ କୃଷକ ସଂଘ ନୂଆପଡା ଶାଖା ସାଧାରଣ ବୈଠକ, ସ୍ଥାନ: ନୂଆପଡ଼ା ଏକତା ଛକ, ସମୟ: ସନ୍ଧ୍ୟା ୬ଟା।
- ଚନ୍ଦନ ଯାତ୍ରା ଉପଲକ୍ଷେ ନାଟକ ଗୁପ୍ତ ବନବାସ, ସ୍ଥାନ: କୋମନା ବ୍ଲକ କୋନାବିରା ପଞ୍ଚାୟତ ଡୁମେରବାହାଲ, ସମୟ: ରାତ୍ର ୯ଟା ୩୦।

## ଝାରସୁଗୁଡ଼ା

- ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ:ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ, ଝାରସୁଗୁଡ଼ା, ସମୟ:ସକାଳ ୭ଟା।
- ସୁଭଦ୍ରା ଶକ୍ତି ମେଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ:ବିଟିଏମ୍ ପଡ଼ିଆ, ଝାରସୁଗୁଡ଼ା, ସମୟ:ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଅଷ୍ଟମଚନ୍ଦ୍ର ପ୍ରଭାବରେ ଯାତ୍ରା, ବିବାଦ ପ୍ରଭୃତିରୁ ଦୂରେଇ ରହିବା ଭଲ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ପରୋକ୍ଷ ଶତ୍ରୁତା କରୁଥିବା ଲୋକ ଅସୁବିଧାରେ ପକାଇବାର ଯୋଜନା କରିବେ। ବାଣିଜ୍ୟ ଭଲ ରହିବା ସହ ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବେ।

**ବୃଷ** ସହକର୍ମୀଙ୍କ ଗହଣରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହେବେ। ସଭାସମିତି, କଳା, କ୍ରୀଡା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ଆର୍ଥିକ ସମସ୍ୟା ପାରିବାରିକ ଆବଶ୍ୟକତାକୁ ଅଟକାଇଦେଇପାରେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍‌ଶିପ୍, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତି କରିବେ।

**ମିଥୁନ** ରାଶ୍ୟାଧିପତିଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ଜନିତ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିପାରନ୍ତି, ଯାହାକି ନୂତନ ସମସ୍ୟାକୁ ଜନ୍ମ ଦେବ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସାଙ୍ଗକୁ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ଈର୍ଷାପରାୟଣ ବ୍ୟକ୍ତି ପରିବାରରେ ସମସ୍ୟା ସୃଷ୍ଟି କରିପାରନ୍ତି।

**କର୍କଟ** ସନ୍ଦେହ ଓ ଭୁଲବୁଝାମଣା ହେତୁ ସାଧାରଣ କଥାରେ କଳହ ଲାଗିବାର ଆଶଙ୍କା ରହିଛି । କର୍ମକ୍ଷେତ୍ରରେ ଧୈର୍ଯ୍ୟ ଓ ସହନଶୀଳତା ସହ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଯାତ୍ରାକାଳୀନ ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟଜନିତ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ସିଂହ** ପାରିବାରିକ କ୍ଷେତ୍ରରେ ମନକଥା ମନରେ ଗୋପନ ରଖି କାମ ହାସଲ କରିବେ। ବିଶେଷ ଭ୍ରମଣ କିମ୍ବା କଠିନ ଶ୍ରମଜନିତ ପୁରାତନ ରୋଗ ପୀଡା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି। ସଭାସମିତିରେ ଆଲୋଚନାର ଶେଷ ସମୟରେ ନିଷ୍ପତ୍ତି ବଦଳାଇ ସମାଲୋଚିତ ହୋଇପାରନ୍ତି।

**କନ୍ୟା** ସହଜାତ ଗୁଣାନୁକ୍ରମେ ଅସୁବିଧାରେ ପଡିଥିବା ଲୋକଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ଅଧ୍ୟାପନା, ଲେଖାପଢା କ୍ଷେତ୍ରରୁ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ। ଘରର ଆବଶ୍ୟକତାକୁ ନେଇ ଆଜି ଗୃହୋପକରଣ କ୍ରୟ କରିବେ। ଗୃହସୀମାକୁ କେନ୍ଦ୍ରକରି ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା** ବନ୍ଧୁଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, ଯାହାକି ଅନର୍ଥର କାରଣ ହେବ। ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ ଏବଂ ବିଭିନ୍ନ ସୂତ୍ରରୁ ଅର୍ଥ ପାଇପାରିବେ । ପରିସ୍ଥିତିବଶତଃ ଇଚ୍ଛାକରି ମଧ୍ୟ ବନ୍ଧୁଙ୍କ ମୁହଁ ସାମ୍ନାରେ ସମସ୍ୟାଟିକୁ ପ୍ରକାଶ କରିପାରିବେ ନାହିଁ।

**ବିଛା** ପ୍ରତ୍ୟେକ କାମ ସକାଶେ ଦୀର୍ଘ ସମୟର ପ୍ରତୀକ୍ଷା ମାନସିକ ଅଶାନ୍ତିର ମୂଳ କାରଣ ହେବ। ଭୁଲ୍ ବୁଝାମଣା ହେତୁ ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ ସହ ବୈରିତା ସୃଷ୍ଟି ହେବ। ଅର୍ଥ ସମ୍ପର୍କିତ ଆଲୋଚନାରେ ଯୁକ୍ତିତର୍କ ପରେ ଯାଇ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ।

**ଧନୁ** ସହକର୍ମୀଙ୍କ ମାଧ୍ୟମରେ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ସାମାନ୍ୟ ବିଳମ୍ବ ଘଟିବ। ମାନସିକ ଚାପଗ୍ରସ୍ତ କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ଶତ୍ରୁ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିପାରନ୍ତି। କଳ୍ପନା କରି ନ ଥିବା ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ମକର** କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବାକୁ ପଡିପାରେ । ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ନିର୍ମାଣାଧୀନ କାମ ଶେଷ ହେବାରେ ଅନ୍ୟମାନେ ଜାଣିଶୁଣି ସମସ୍ୟା ସୃଷ୍ଟି କରିପାରନ୍ତି। ଅର୍ଥ ସଙ୍କଟ, ମାଲିମକଦ୍ଦମା, ପରୋକ୍ଷ ଶତ୍ରୁତା ଆଜିର ଚିନ୍ତାର କାରଣ ହେବ।

**କୁମ୍ଭ** ଅତି ନିକଟରେ ରହି ସ୍ୱାର୍ଥହାସଲ ଅଭାବରୁ ନିଜ ଲୋକଟି ହଠାତ୍ ଶତ୍ରୁତା କରିବାକୁ ପଛାଇବ ନାହିଁ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ମୀନ** ଦୃଢ ଇଚ୍ଛାଶକ୍ତି ବଳରେ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ଆର୍ଥିକ ସ୍ଥିତି, ସାମାଜିକ ପ୍ରଗତି,ପୂର୍ବପରି ଅକ୍ଷୁଣ୍ଣ ରହିବ। ମାଲି ମକଦ୍ଦମାରେ ସଫଳତା ହାସଲ କରିବେ ଓ ଏକପ୍ରକାର ଆଶ୍ୱସ୍ତି ଲାଭ କରିପାରନ୍ତି। ଆଲୋଚନା ପ୍ରସଙ୍ଗରେ ସ୍ତ୍ରୀଙ୍କ ଅଭିଯୋଗ ଅମୂଳକ ନୁହେଁ ଏବଂ ଏହାକୁ ଗୁରୁତର ସହ ବିଚାର କରିବା ଭଲ ହେବ।

ଆଜି ମେ' ୪ ତାରିଖ, ଜ୍ୟେଷ୍ଠ କୃଷ୍ଣ ତୃତୀୟା ସୋମବାର, ରାଶିନକ୍ଷତ୍ର-ଦିବା ଘ.୦୯।୫୮ ମି. ଗତେ, ଜ୍ୟେଷ୍ଠା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହପ୍ରବେଶ, ଦେବତା ଗଠନ ଓ ପ୍ରତିଷ୍ଠା ପାଇଁ ଶୁଭଦିନ, ସକାଳ ଘ.୦୫।୧୯ ଗତେ, ଘ.୦୬।୫୫ ମଧ୍ୟେ, ଘ.୧୦।୨୬ ଗତେ, ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୬।୫୫ ଗତେ, ଘ.୦୮।୩୧ ମଧ୍ୟେ ରାହୁକାଳ।

# ଆଜି ଦ୍ୱିତୀୟ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ

### ଜୟପୁର ଗସ୍ତରେ ବାଚସ୍ପତି

ଭୁବନେଶ୍ୱର,୩।୫(ରବିନାରାୟଣ ଜେନା)

ବିଧାନସଭାଗୁଡ଼ିକର କମିଟି ସମ୍ପର୍କିତ ଦ୍ୱିତୀୟ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ରାଜସ୍ଥାନର ଜୟପୁରଠାରେ ମେ' ୫ରେ ଅନୁଷ୍ଠିତ ହେବ। ମଧ୍ୟପ୍ରଦେଶର ବାଚସ୍ପତି ନରେନ୍ଦ୍ରସିଂହ ତୋମାରଙ୍କ ଅଧ୍ୟକ୍ଷତାରେ ରାଜସ୍ଥାନ ବିଧାନସଭା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ୬ ରାଜ୍ୟର ବାଚସ୍ପତି ଯୋଗଦେବେ। ଏଥିରେ ଯୋଗଦେବା ପାଇଁ ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ ଜୟପୁର ଗସ୍ତ କରିଛନ୍ତି ବୋଲି ବିଧାନସଭା ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ଏହି ସମ୍ମିଳନୀରେ ବିଧାନସଭା ଗୁଡ଼ିକର କମିଟି ବ୍ୟବସ୍ଥା ଓ ଆଗାମୀ ଦିନରେ କିପରି ଏହାକୁ ଅଧିକ ପ୍ରଭାବଶାଳୀ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହେବ । ଏଥିରେ ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ହିମାଚଳ ପ୍ରଦେଶ, ସିକ୍କିମ ଓ ଓଡ଼ିଶା ବାଚସ୍ପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୬ଟି ବିଧାନସଭାର ସଚିବଙ୍କ ସମେତ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଆୟୋଜିତ ସମ୍ମିଳନୀରେ ଯୋଗଦେବେ ବୋଲି ବିଧାନସଭା ପକ୍ଷରୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚହଟ ମଲ୍ଲୀ !**
**ଗାଁ ଚାରିପାଖ ବୁଲି ଅଇଲି,**
**କେହି ନ କହିଲେ ବସ ବୋଲି ।**

ଯେଉଁଠି ଆଦର ଅଭ୍ୟର୍ଥନା ନ ଥାଏ ସେଠି ସମ୍ପର୍କ ପାଣିଚିଆ ବା ମୂଲ୍ୟହୀନ ଲାଗିଥାଏ। ସମ୍ପର୍କର ରଙ୍ଗ ଯେତେବେଳେ ଫିକା ହୋଇଯାଏ ସେତେବେଳେ ମନର ସରାଗ ଆପେ ଆପେ ମଉଳିଯାଏ। ଆନ୍ତରିକତାବିହୀନ ସମ୍ପର୍କକୁ ନେଇ ମନରେ ସୃଷ୍ଟି ହେଉଥିବା ହାତଶଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚିତା ଦେଖୁଛି,**
**ଧର୍ମ ପଚାରୁଛି।**

ବ୍ରାହ୍ମଣମାନେ ସାଧାରଣତଃ ଚିତା ଚୈତନ୍ୟ କାଟିଥାନ୍ତି। କୌଳିକ ବୃତ୍ତି ଭାବେ ଠାକୁରଙ୍କ ପୂଜାର୍ଚ୍ଚନା କରିଥାନ୍ତି। ଏପରିସ୍ଥଳେ ବାହାର ଚିହ୍ନ ଦେଖି ସୁଦ୍ଧା କାହାର ଧର୍ମ ବା ବର୍ଣ୍ଣ ନେଇ ପ୍ରଶ୍ନ କରିବା ନିଜର ବୋକାମି ହୋଇଥାଏ। ସବୁ ଜାଣି ଦେଖି ପୁଣି ପ୍ରଶ୍ନ କରୁଥିବା ଓଲା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଓମ୍‌ଫେଡ୍ ଦୁଗ୍ଧରେ ବୃଦ୍ଧି ୪ଟଙ୍କା ଚାଷୀଙ୍କୁ ଦିଆଯାଉ: ବିଜେଡି

ଭୁବନେଶ୍ୱର,୩।୫ (ରବିନାରାୟଣ ଜେନା)

ରାଜ୍ୟରେ ଦରଦାମ୍ ବୃଦ୍ଧିକୁ ସରକାର ରୋକ୍ ଲଗାଇବା ସହିତ ଓମ୍‌ଫେଡ୍ ଦୁଗ୍ଧରେ ବୃଦ୍ଧି ୪ଟଙ୍କା ଯାକ ଚାଷୀଙ୍କୁ ଦିଆଯାଉ ବୋଲି ବିଜେଡି ଦାବି କରିଛି। ଶଙ୍ଖ ଭବନରେ ରବିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଓମ୍‌ଫେଡ୍ ଦୁଗ୍ଧ ପ୍ରତି ଲିଟର ପିଛା ୪ ଟଙ୍କା ବୃଦ୍ଧି କରାଯାଇଛି ; ଯେଉଁଥିରେ ଚାଷୀ ମାତ୍ର ୧ଟଙ୍କା ପାଉଥିବାବେଳେ ୩ ଟଙ୍କା ସରକାର ଚାଲାଖି କରି ନିଜ ତହବିଲକୁ ନେଉଛନ୍ତି। ସରକାର ୨ଦିନ ତଳେ ଦୁଗ୍ଧ ଚାଷୀମାନଙ୍କୁ ଲିଟର ପିଛା ୧ ଟଙ୍କା ଦେବା ପାଇଁ ଖବରକାଗଜରେ ବିଜ୍ଞାପନ ପ୍ରକାଶ କରିଥିଲେ। କିନ୍ତୁ ରବିବାର ସରକାରଙ୍କ ଅସଲ ଉଦ୍ଦେଶ୍ୟ ସର୍ବସମ୍ମୁଖକୁ ଆସିଛି। ୧ ଟଙ୍କା ଚାଷୀଙ୍କୁ ଦେବା ବାହାନାରେ ୪ ଟଙ୍କା ବଢ଼ାଇ ସାଧାରଣ ଖାଉଟିଙ୍କୁ ଲୁଟିବାକୁ ଚେଷ୍ଟା କରିଛନ୍ତି। ସରକାର ବୃଦ୍ଧି କରିଥିବା ସମସ୍ତ ୪ ଟଙ୍କା ଦୁଗ୍ଧଚାଷୀଙ୍କୁ ଦିଅନ୍ତୁ ବୋଲି ବିଜେଡି ଦାବି କରିଛି। ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଈପ୍ସିତା ସାହୁ କହିଥିଲେ, ଓମ୍‌ଫେଡ୍ ଦର ବୃଦ୍ଧି ଓ ଗ୍ୟାସ୍ ଦର ବୃଦ୍ଧି ଯୋଗୁ ସାଧାରଣ ଛାତ୍ରଟିଏ ଚା' କପ୍‌ଟିଏ ୫ ଟଙ୍କାରେ ପିଉଥିଲା ବେଳେ ୨୦ ଟଙ୍କାରେ ଜଳଖିଆ ଖାଉଥିଲା। କିନ୍ତୁ ସରକାରଙ୍କ ଏହି ଦର ବୃଦ୍ଧି ଯୋଗୁ ସାଧାରଣ ଛାତ୍ରଟିଏ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛି। ସରକାର ଦରବୃଦ୍ଧିକୁ ତୁରନ୍ତ ନିୟନ୍ତ୍ରଣକୁ ଆଣନ୍ତୁ, ନଚେତ୍ ଆଗାମୀ ଦିନରେ ବିଜୁ ଛାତ୍ର ଜନତା ଦଳ ଏହାର ଦୃଢ଼ ବିରୋଧ କରିବ ବୋଲି ସେ କହିଛନ୍ତି।

# ଛାତ୍ରୀଙ୍କ ନାମରେ ଫେକ୍ ଆଇଡି କରି ଫଟୋ ଭାଇରାଲ

ନୟାଗଡ଼,୩।୫(ଲୋକନାଥ ମିଶ୍ର)

ଫଟୋ ଏଡିଟ୍ କରି ଜଣେ ଆଇନ ଛାତ୍ରୀଙ୍କ ନାମରେ ଫେକ୍ ଆଇଡି ମାଧ୍ୟମରେ ଚରିତ୍ର ସଂହାର କରାଯାଇ ସାମାଜିକ ଗଣମାଧ୍ୟମରେ ଭାଇରାଲ କରାଯାଇଥିବା ଅଭିଯୋଗ ହୋଇଛି। ଗତ ୧ ତାରିଖରେ ଅଭିଯୋଗ ପରେ ଖଣ୍ଡପଡା ପୋଲିସ ନଂ.୧୧୪/୨୬ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ମାନବ ଅଧିକାର କମିଶନ ଏବଂ ମହିଳା କମିଶନଙ୍କ ନିକଟରେ ଅନୁରୂପ ଅଭିଯୋଗ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ସେହିପରି ଅଭିଯୁକ୍ତଙ୍କୁ ଅବିଳମ୍ବେ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଏସ୍‌ପିଙ୍କୁ ଭେଟି ଛାତ୍ରୀ ମଧ୍ୟ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଅଞ୍ଚଳର ଜଣେ ଆଇନ ଛାତ୍ରୀ ଭୁବନେଶରରେ ପାଠ ପଢିବା ସହିତ ଏକ ଗଣମାଧ୍ୟମ ସଂସ୍ଥାରେ ସହ-ସମ୍ପାଦକ କାମ କରନ୍ତି। ତେବେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପୃଷ୍ଟପୋଷକତା ଲାଭ କରିଥିବା ଜଣେ ବ୍ୟକ୍ତି ତାଙ୍କ ଫଟୋକୁ ଅନ୍ୟ ଜଣେ ପରୁଷଙ୍କ ସହିତ (ଯୋଡି)ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ବାର୍ତ୍ତା ସହିତ ଭାଇରାଲ କରିବା ନେଇ ସେ ଦେଖିବାକୁ ପାଇଥିଲେ।

## ଅବଶିଷ୍ଟାଂଶ

### ଆରାମ ପାଇଁ ବଢୁଛି ...

ଅଧିକ ବିଦ୍ୟୁତ୍‌ଶକ୍ତି ଉପଯୋଗ ହୋଇଥାଏ। ଭାରତରେ ମୁଖ୍ୟତଃ କୋଇଲା ଏବଂ ଡିଜେଲ ଭଳି ଜୀବାଶ୍ମ ଇନ୍ଧନରୁ ବିଦ୍ୟୁତ୍ ଉତ୍ପନ୍ନ ହେଉଥିବାରୁ ଏହାର ପ୍ରଭାବ ମଧ୍ୟ ବାୟୁମଣ୍ଡଳ ଉପରେ ଅନୁଭୂତ ହୋଇଥାଏ। ୨୦୧୯-୨୦ ଆର୍ଥିକ ବର୍ଷରେ ଦେଶରେ ପିକ୍ ଆୱାର ବିଦ୍ୟୁତ୍ ଚାହିଦା ୧୮୨.୫ ଗିଗାୱାଟ୍ ରହିଥିଲାବେଳେ ୨୦୨୪ରେ ଏହା ୨୫୦ ଗିଗାୱାଟକୁ ବୃଦ୍ଧି ପାଇଥିଲା। ଚଳିତ ବର୍ଷ ଏହା ୨୭୦ ଗିଗାୱାଟ୍‌ରେ ପହଞ୍ଚିବ ବୋଲି ଅନୁମାନ ଲଗାଇ ସରକାର ଏଥିପାଇଁ ପ୍ରସ୍ତୁତି ନେଇଛନ୍ତି। ୨୦୨୩ରେ ଗ୍ରୀଷ୍ମକାଳୀନ ବିଦ୍ୟୁତ୍ ଚାହିଦାକୁ ନେଇ ଜୀବାଶ୍ମ ଇନ୍ଧନରୁ ଉତ୍ପନ୍ନ ଶକ୍ତି ୨୮୫୩ ୟୁନିଟ୍‌କୁ ବୃଦ୍ଧି ପାଇଥିଲା। କିନ୍ତୁ ଏହାଦ୍ୱାରା ବାୟୁମଣ୍ଡଳରେ ୨ ନିୟୁତ ଟନ୍ ଅଧିକ ଅଙ୍ଗାରକାମ୍ଳ ଗ୍ୟାସ୍ ପ୍ରବେଶ କରିଥିଲା। ଦ୍ୱିତୀୟରେ 'ସ୍ପ୍ଲିଟ୍ ଏସି'ରେ ବ୍ୟବହାର ହେଉଥିବା ରାସାୟନିକ ରେଫ୍ରିଜେରାଣ୍ଟ ମଧ୍ୟ ପରିବେଶ ପାଇଁ ଅଧିକ କ୍ଷତିକାରକ ସାବ୍ୟସ୍ତ ହେବାରେ ଲାଗିଛି। ଏହି ରେଫ୍ରିଜେରାଣ୍ଟ ମୁଖ୍ୟତଃ 'ହାଇଡ୍ରୋଫ୍ଲୋରୋକାର୍ବନ(ଏଚ୍‌ଏଫ୍‌ସି) ଏବଂ 'ଆର୍-୪୧୦ଏ' ଶ୍ରେଣୀର ହୋଇଥିବାରୁ ଏହା ଅଙ୍ଗାରକାମ୍ଳ ଗ୍ୟାସ୍ ତୁଳନାରେ ୨୦୦୦ ଗୁଣ ଅଧିକ ଗ୍ଲୋବାଲ ୱାର୍ମିଂର କାରଣ ହେଉଛି। ୨୦୫୦ ସୁଦ୍ଧା ସାରା ବିଶ୍ୱରେ ଯେତିକି ପରିମାଣର ଗ୍ରୀନ୍ ହାଉସ୍ ଉଦ୍‌ଗିରଣ ହେବ ବୋଲି ଆକଳନ କରାଯାଇଛି ତାହାର ୧୨ ପ୍ରତିଶତରୁ ଅଧିକ କେବଳ ଏହି ଏସି ରେଫ୍ରିଜେରାଣ୍ଟ ଦ୍ୱାରା ହେବ ବୋଲି ଜାତିସଂଘ ପର୍ଯ୍ୟାବରଣ କାର୍ଯ୍ୟକ୍ରମ ଦ୍ୱାରା ଆକଳନ କରାଯାଇଛି। ତେଣୁ ଗରମରୁ ରକ୍ଷା ପାଇବା ଲାଗି ଦିନକୁ ଦିନ ଏସିର ବ୍ୟବହାର ସଂଖ୍ୟା ବଢୁଥିଲାବେଳେ ଏହା ବୈଶ୍ୱିକ ପରିବେଶକୁ ଆହୁରି ଉତ୍ତପ୍ତ କରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

### ରାସ୍ତାରେ ଯୁବକଙ୍କୁ ...

ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ଫଳରେ କେହିମଧ୍ୟ ମୃତ୍ୟୁଞ୍ଜୟଙ୍କୁ ଉଦ୍ଧାର କରିବାକୁ ସାହସ ଜୁଟାଇପାରି ନ ଥିଲେ। ପ୍ରାୟ ଅଧଘଣ୍ଟା ପରେ ପୋଲିସ ଗୁରୁତର ମୃତ୍ୟୁଞ୍ଜୟଙ୍କୁ ଉଦ୍ଧାର କରି ଏମ୍‌ସ ମେଡିକାଲ୍‌କୁ ପଠାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପୂର୍ବଶତ୍ରୁତାରୁ ଯୁବକମାନେ ମରଣାନ୍ତକ ଆକ୍ରମଣ କରିଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ମୃତ୍ୟୁଞ୍ଜୟ ଶନିବାର ସକାଳ ୮ଟା ୩୫ରେ ଗୋଲାବଜାରକୁ ମାଛ ଆଣିବା ପାଇଁ ଯାଇଥିଲେ। ସେହି ସମୟରେ ୭ଜଣ ଯୁବକ ଆସି ତାଙ୍କ ସହ ଯୁକ୍ତିତର୍କ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ମୃତ୍ୟୁଞ୍ଜୟ ତଳେ ପଡ଼ିଯିବା ପରେ ଛାତି ଉପରେ ବୁଲେଟ୍ ଚଢ଼ାଇ ଦେଇଥିଲେ। ଏନେଇ ମୃତ୍ୟୁଞ୍ଜୟଙ୍କ ବଡ଼ଭାଇ ସୌମ୍ୟରଞ୍ଜନ କଣାସ ଥାନାରେ ଅଭିଯୋଗ କରିଛନ୍ତି। ସୌମ୍ୟରଞ୍ଜନ ଏତଲାରେ ଦର୍ଶାଇଛନ୍ତି ଯେ, ତାଙ୍କ ଭାଇ ମାଛ କିଣିବା ପାଇଁ ଠିଆ ହୋଇଥିଲେ। ଏହି ସମୟରେ ଧର୍ମେନ୍ଦ୍ର ବଡ଼ଜେନା, ସୁଧାଂଶୁ ମହାପାତ୍ର, ଅକ୍ଷୟ ରାଉତ, ଚନ୍ଦ୍ରକାନ୍ତ ଜେନା, ପିଣ୍ଟୁ ଗଜେନ୍ଦ୍ର ଏବଂ ସୋନୁ ପହଞ୍ଚି ମାଛ ବ୍ୟବସାୟୀ ରଶ୍ମିରଞ୍ଜନ ବେହେରାଙ୍କଠାରୁ ପନିକି ଛଡ଼ାଇ ଆଣି ମୃତ୍ୟୁଞ୍ଜୟଙ୍କ ଡାହାଣ ହାତ ଓ ଗୋଡ଼କୁ ହାଣି ପକାଇଥିଲେ। ମୃତ୍ୟୁଞ୍ଜୟ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଥିବା ବେଳେ ୩ଜଣ ବୁଲେଟ୍‌ରେ ବସି ତାଙ୍କ ଉପରେ ଚଢ଼ାଇ ଦେଇଥିଲେ। ଏନେଇ କଣାସ ଥାନାରେ ଅଭିଯୋଗ ପରେ ପୋଲିସ ୧୦୬/୨୬ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଖବରପାଇ ପିପିଲି ଏସ୍‌ଡିପିଓ ଓ ପୁରୀ ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଛନ୍ତି। ବର୍ତ୍ତମାନ ସୁଦ୍ଧା କାହାରିକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି।

### ବଢ଼ିଲା ଓମ୍‌ଫେଡ୍ ...

କାରଣ ସ୍ପଷ୍ଟ କରି ନ ଥିବା ବେଳେ ଏ ସମ୍ପର୍କରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, ଦୁଗ୍ଧଚାଷୀଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ପାଇଁ ଓମ୍‌ଫେଡ୍ ପକ୍ଷରୁ ପ୍ରୟାସ ଜାରି ରହିଛି। ରାଜ୍ୟ ସରକାର ମଧ୍ୟ ଏହା ଉପରେ ଗୁରୁତ୍ୱାରୋପ କରିଆସୁଛନ୍ତି। ସଂପ୍ରତି ଏଲ୍‌ପିଜି ଗ୍ୟାସ୍, ଫର୍ନେଶ ଅଏଲ, ପଲି ରୋଲ୍, ଲାଇଟ୍ ଡିଜେଲ୍ ଅଏଲ, ପ୍ଲାଷ୍ଟିକ୍ ଆଦି ବିଭିନ୍ନ ସାମଗ୍ରୀର ଅହେତୁକ ଦରବୃଦ୍ଧି ଯୋଗୁ ଦୁଗ୍ଧ ପ୍ୟାକେଜିଂ ଓ ପ୍ରୋସେସିଂ ମୂଲ୍ୟ ବହୁତ ବଢିଯାଇଛି। ଓମ୍‌ଫେଡ୍ ତା'ର ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦର ଗୁଣାତ୍ମକ ମାନରେ କୌଣସି ପରିବର୍ତ୍ତନ କରିବାକୁ ମଧ୍ୟ ଚାହୁଁନାହିଁ। ତେଣୁ ଓମ୍‌ଫେଡ୍ ସବୁପ୍ରକାର ଦୁଗ୍ଧ ପ୍ୟାକେଟ୍ ପିଛା ୨ ଟଙ୍କା ଲେଖାଏ ବୃଦ୍ଧି କରିଛି। ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ଅନ୍ୟାନ୍ୟ ଘରୋଇ କମ୍ପାନୀର ଦୁଗ୍ଧ ପ୍ୟାକେଟ ଦରଠାରୁ ଏହା ଅଧିକ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି।

### କେନ୍ଦ୍ରବିନ୍ଦୁ ପଶ୍ଚିମବଙ୍ଗ....

ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। କେରଳମ୍‌ର ୪୩ଟି ଗଣତି କେନ୍ଦ୍ରରେ ସକାଳ ୮ଟାରୁ ଭୋଟଗଣତି ଆରମ୍ଭ ହେବ। ଏଥିପାଇଁ ୧୫,୪୬୫ ଜଣ ଗଣନାକାରୀ ଏବଂ ୩୨,୩୦୧ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନ ଅନୁଯାୟୀ ପ୍ରଥମେ ପୋଷ୍ଟାଲ ବାଲଟ୍ ଗଣନା କରାଯିବ। ଏହାର ୩୦ ମିନିଟ୍ ପରେ ଇଭିଏମ୍ ଭୋଟ ଗଣନା କରାଯିବ। ପ୍ରତି ପର୍ଯ୍ୟାୟର ଗଣନା ପରେ ତଥ୍ୟ ନିର୍ବାଚନ କମିଶନଙ୍କ ମୋବାଇଲ୍ ଆପ୍ଲିକେଶନ ଏବଂ ସରକାରୀ ପୋର୍ଟାଲ result.eci.gov.inରେ ଅପ୍‌ଲୋଡ୍ ହେବ।



ଭୁବନେଶ୍ୱର ରସୁଲଗଡ଼ସ୍ଥିତ ମଳୟ ବିହାର ଅଞ୍ଚଳରେ ବିଏମ୍‌ସି ପକ୍ଷରୁ ରବିବାର ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ ଇଞ୍ଜେକ୍‌ଶନ ଦିଆଯାଉଛି। (ଫଟୋ: ମନୋରଞ୍ଜନ ମିଶ୍ର)

# ନାବାଳିକାଙ୍କୁ ବିବାହ କରିଥିଲେ ଅଙ୍ଗନୱାଡି ସହାୟିକାଙ୍କ ପୁଅ

**ନୟାଗଡ଼,୩।୫(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାରେ ନାବାଳିକା ବିବାହ ରୋକ ଲାଗିବାର ନାଁ ଧରୁନି। ଯେଉଁ ଅଙ୍ଗନୱାଡି କର୍ମୀ ଓ ସହାୟିକା ନାବାଳିକା ବିବାହ ବିରୋଧରେ ସଚେତନତା ସୃଷ୍ଟି କରୁଛନ୍ତି, ସେହି ସହାୟିକାମାନେ ନିଜ ପୁଅଙ୍କୁ ନାବାଳିକାଙ୍କ ସହ ବିବାହ କଲେ ସଚେତନତା କିଭଳି ହେଉଥିବ ଅନୁମେୟ।

ନୟାଗଡ଼ ବ୍ଲକ ଇଟାମାଟି ଥାନା ଡେଙ୍ଗେରାଗୋଡ଼ି ଅଙ୍ଗନୱାଡି କେନ୍ଦ୍ର ଘଟଣା ଚିନ୍ତାର କାରଣ ହୋଇଛି। ଏଠାରେ ଅଙ୍ଗନୱାଡି ସହାୟିକା ନାବାଳିକା ବିବାହ ବନ୍ଦ ନେଇ ସଚେତନତା କରୁ କରୁ ନିଜ ପୁଅଙ୍କୁ ନାବାଳିକାଙ୍କ ସହ ବିବାହ କରିଦେଲେ। ହେଲେ ଚତୁର୍ଥୀ ପୂର୍ବରୁ ନାବାଳିକାଙ୍କୁ ବରଘରୁ ଚାଇଲ୍ଡ ଲାଇନ୍ ଓ ପୋଲିସ ଉଠାଇ ଆଣିବା ପରେ ଅଙ୍ଗନୱାଡି ସହାୟିକାଙ୍କୁ ନିନ୍ଦିତ ହେବାକୁ ପଡ଼ିବା ସହ ଚାକିରି ହରାଇବା ଭୟ ଦେଖାଗଲାଣି। ଚତୁର୍ଥୀ ପୂର୍ବରୁ ନାବାଳିକା ନବବଧୂଙ୍କୁ ପୋଲିସ ଉଠାଇ ନେବା ଘଟଣା ଭିନ୍ନ ମୋଡ଼ ନେବାକୁ ବସିଛି।

ଡେଙ୍ଗେରାଗୋଡ଼ି ଗାଁର ଦିଲ୍ଲୀପ କୁମାର ପରିଡ଼ା (୨୭) ଭାପୁର ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ଗୁରୁବାର ବିବାହ କରିଥିଲେ। ନାବାଳିକା ବୋହୂ ହୋଇ ଶାଶୁଘରେ ଆସି ରହିଥିଲେ। ରବିବାର ବିବାହ ଭୋଜିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ଖବର ପାଇ ଚାଇଲ୍ଡ ଲାଇନ୍ ଟିମ୍ ପୋଲିସ ସହଯୋଗରେ ଗତ ଶୁକ୍ରବାର ଚଢ଼ାଉ କରି ନାବାଳିକା ବୋହୂଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତି ନିର୍ଦ୍ଦେଶରେ ସଖୀ କେନ୍ଦ୍ରରେ ନେଇ ରଖିଛି। ସେପଟେ ଦିଲ୍ଲୀପ ପୋଲିସକୁ ଦେଖି ଚକ୍‌ମା ଦେଇ ଫେରାର ହୋଇ ଯାଇଛନ୍ତି। ଦିଲ୍ଲୀପଙ୍କ ମା’ ମଞ୍ଜୁଲତା ପରିଡ଼ା ଡେଙ୍ଗେରାଗୋଡ଼ି ଅଙ୍ଗନୱାଡି କେନ୍ଦ୍ରର ସହାୟିକା ଭାବେ କାର୍ଯ୍ୟ କରୁଛନ୍ତି। ନୟାଗଡ଼ ସିଡିପିଓ ସୌଦାମିନୀ ପଣ୍ଡା ଉକ୍ତ ଘଟଣାର ତଦନ୍ତ କରିଛନ୍ତି। ରିପୋର୍ଟ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଦେବା ପରେ ସହାୟିକାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

# ରାଗିଂ ପାଇଁ ବି.ଟେକ ଛାତ୍ରଙ୍କ ଜୀବନ ଗଲା

**ଭୁବନେଶ୍ୱର/ବାଲିକୁଦା ୩।୫ (ପ୍ରସନଜିତ୍ ସାହୁ/ତାପସ ସାଇଁ)**

- **ସିନିଅର ଛାତ୍ର ନିର୍ଯାତନା ଦେଉଥିବା ଅଭିଯୋଗ**
- **ହଷ୍ଟେଲରେ ନ ଖାଇ ଛତୁଆ ଖାଇ ରହୁଥିଲେ**



ବିଶ୍ୱାସ ସ୍ୱାଇଁ

ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ ବିଶ୍ୱାସ ସ୍ୱାଇଁ। ସେ ବି.ଟେକ୍ ପ୍ରଥମ ବର୍ଷର ଛାତ୍ର ଥିଲେ। ତାଙ୍କ ଘର ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଅନନ୍ତପୁର ପଞ୍ଚାୟତର ପଦ୍ମଲାଭପୁରରେ। ସେ ଆତ୍ମହତ୍ୟା କରିଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହୁଥିବାବେଳେ ଶିକ୍ଷାନୁଷ୍ଠାନର ଅବହେଳା ଓ ସିନିୟର ଛାତ୍ରଙ୍କ ରାଗିଂ ପାଇଁ ତାଙ୍କ ଏକମାତ୍ର ପୁଅର ଜୀବନ ଯାଇଥିବା ବାପା ବସନ୍ତ ସ୍ୱାଇଁ କହିଛନ୍ତି। ଏହି ଘଟଣାକୁ ନେଇ ଶନିବାର ରାତିରୁ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍ତେଜନା ଲାଗି ରହିଥିଲା। ବିଶ୍ୱାସଙ୍କ ସହପାଠୀମାନେ ହଷ୍ଟେଲ ପରିସରରେ ହୋହଲ୍ଲା କରିବା ସହିତ ଭଙ୍ଗାରୁଜା କରିଥିଲେ। ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ଅନ୍ୟପକ୍ଷରେ ରବିବାର ଡିସିପି ଜଗମୋହନ ମୀନାଙ୍କ ସହ ଅନ୍ୟ ଅଧିକାରୀମାନେ ପହଞ୍ଚି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରିଥିଲେ। ଏନେଇ ଇନ୍‌ଫୋସିଟି ଥାନାରେ ମାମଲା ନଂ.୩୪୮/୨୬ ରୁଜୁ ହୋଇଥିବାବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଅଭିଯୋଗ ଅନୁସାରେ, ଶନିବାର ରାତି ପ୍ରାୟ ୧୦ଟାରୁ ୧୧ ଭିତରେ ଏହି ଘଟଣା ଘଟିଥିଲା। ଏହା ପୂର୍ବରୁ ରାତି ୯ଟା ୫୮ରୁ ୧୦ଟା ୧ ପର୍ଯ୍ୟନ୍ତ ବିଶ୍ୱାସ ତାଙ୍କ ଘର ଲୋକଙ୍କ ସହିତ ମାତ୍ର ୩ ମିନିଟ୍ କଥା ହୋଇଥିଲେ। ରାତି ପ୍ରାୟ ୧୧ଟା ବେଳକୁ ବିଶ୍ୱାସଙ୍କ ବାପାଙ୍କ ନିକଟକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଫୋନ୍ କରି ପୁଅ ଆତ୍ମହତ୍ୟା ଉଦ୍ୟମ କରିଥିବା କହିଥିଲେ। ବାପା ବସନ୍ତ ଭୁବନେଶ୍ୱରରେ ପହଞ୍ଚିଲା ବେଳକୁ ଏକ ଘରୋଇ ହସ୍ପିଟାଲରେ ତାଙ୍କ ପୁଅର ମୃତ୍ୟୁ ହୋଇସାରିଥିବା ଜାଣିବାକୁ ପାଇଥିଲେ। ବିଶ୍ୱାସ ଏକ ଗାମୁଛାରେ ଫ୍ୟାନ୍‌ରେ ଝୁଲି ପଡିଥିବା କର୍ତ୍ତୃପକ୍ଷ କହୁଥିବାବେଳେ ବାପା ବସନ୍ତ କିନ୍ତୁ ପ୍ରଶ୍ନ ଉଠାଇଛନ୍ତି। ବେଡ୍ ଉପରେ ଚୌକି ଥିଲା। ଫ୍ୟାନ୍‌ରେ ଏକ ଗାମୁଛା ଝୁଲିଥିଲା, ଯାହାକୁ ନେଇ ସେ ସନ୍ଦେହ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବିଶ୍ୱାସଙ୍କ ମୃତ୍ୟୁ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ମ୍ୟାନେଜମେଣ୍ଟ ସମ୍ପୂର୍ଣ୍ଣ ଦାୟୀ। ସିନିୟର ପିଲାମାନେ ବାରମ୍ବାର ତାଙ୍କ ପୁଅକୁ ରାଗିଂ କରୁଥିବା ନେଇ ପୁଅ ଘରେ ଜଣାଇଥିଲେ। ଏ ସମ୍ପର୍କରେ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ମ୍ୟାନେଜମେଣ୍ଟକୁ ଜଣାଇଥିଲେ। କିନ୍ତୁ ସେମାନେ ଏନେଇ କୌଣସି ପଦକ୍ଷେପ ନେଇ ନ ଥିଲେ। ଚାରିପାଞ୍ଚ ଦିନ ପୂର୍ବରୁ ମଧ୍ୟ ସିନିୟରମାନେ ପୁଅକୁ ରାଗିଂ କରିଥିଲେ। ଶନିବାର ସନ୍ଧ୍ୟାରେ ମଧ୍ୟ ପୁଣି ନିର୍ଯାତନା ଦେଇଥିଲେ। ରାତି ୧୦ଟା ବେଳେ ପୁଅ ତା’ ମା’ ସହ କଥା ହୋଇ ଜଣାଇଥିଲା। ଆଉ ରାତି ୧୧ଟାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଫୋନ କରି ପୁଅ ଆତ୍ମହତ୍ୟା ଉଦ୍ୟମ କରିଥିବା କହିଥିଲେ। ପୁଅର ମୃତ୍ୟୁ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ମ୍ୟାନେଜମେଣ୍ଟର ଅବହେଳା ଓ ସିନିୟରଙ୍କ ରାଗିଂ ଦାୟୀ ବୋଲି ବାପାଙ୍କ ସହ ବିଶ୍ୱାସଙ୍କ ମଉସା କାଳନ୍ଦୀ ମହାନ୍ତି କହିଛନ୍ତି। ବିଶ୍ୱାସଙ୍କ ମା’ ବନାନୀ କହିଛନ୍ତି, ସିନିୟରମାନେ ମୋ ପୁଅକୁ ମାନସିକ ନିର୍ଯାତନା ଦେଉଥିଲେ। ଫଳରେ ଭୟରେ ସେ କ୍ୟାଣ୍ଟିନ ନ ଯାଇ ରୁମ୍‌ରେ ଛତୁଆ ଖାଇ ଶୋଉଥିଲେ। ବାହାରୁ ଖାଦ୍ୟ ମଗାଇ ଖାଉଥିଲେ। ତା’ ମାମୁ ଯାଇ କଲେଜ କର୍ତ୍ତୃପକ୍ଷଙ୍କ ସହ କଥା ହୋଇ ଆସିବା ପରେ ପୁଅ ହଷ୍ଟେଲ ଯାଇ ଖାଉଥିଲେ ମଧ୍ୟ ସିନିୟରଙ୍କ ନିର୍ଯାତନା ବନ୍ଦ ହୋଇ ନ ଥିଲା। ଶେଷରେ ମୋ ପୁଅର ଜୀବନ ଚାଲିଗଲା। ଅଭିଯୁକ୍ତ ସିନିୟର ଓ କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପୋଲିସକୁ ନିବେଦନ କରିଛନ୍ତି।

ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି, ପୋଲିସ ଘଟଣାର ତଦନ୍ତ କରୁଛି। ଏବେ କିଛି କହି ହେବନାହିଁ। ୱାର୍ଡେନ ତାଙ୍କ କର୍ତ୍ତବ୍ୟ କରିଛନ୍ତି। ତଦନ୍ତ ପରେ ସତ ସାମନାକୁ ଆସିବ। ଡିସିପି ଜଗମୋହନ ମୀନା କହିଛନ୍ତି, ଅଭିଯୋଗ ଆଧାରରେ ଇନ୍‌ଫୋସିଟି ଥାନା ପୋଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ଘଟଣା ଘଟିବା ପରେ ମୁଁ କଲେଜ ପରିସରକୁ ଯାଇଥିଲି। ଛାତ୍ରଙ୍କ ହଷ୍ଟେଲ ସାଥୀ ଓ ଅନ୍ୟ ସହଯୋଗୀଙ୍କୁ ପଚରାଉଚରା କରିଥିଲି। ଏଯାବତ ରାଗିଂ ନେଇ କୌଣସି ପ୍ରମାଣ ମିଳିନାହିଁ।

# ୩ଦିନ ବର୍ଷା, ପବନ, କୁଆପଥର ମାଡ଼

**ଭୁବନେଶ୍ୱର,୩।୫(ବନ୍ଦନା ସେଠୀ)**

- **ଆଜି ୧୩ ଜିଲାକୁ ଅରେଞ୍ଜ ୱାର୍ନିଂ**

ରାଜ୍ୟରେ କାଳବୈଶାଖୀ ପ୍ରଭାବ ଜାରି ରହିଛି। କିଛିଦିନ ହେବ ବର୍ଷା ହେଉଥିବାବେଳେ ରବିବାର ମେଘୁଆ ପାଗ ଯୋଗୁ ତାତିରୁ ଆଶ୍ୱସ୍ତି ମିଳିଛି। ତେବେ ଆଗାମୀ ୩ଦିନ ଯାଏ ପ୍ରବଳ ବର୍ଷା ଓ ପବନର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ସତର୍କ କରିଛି। ସୋମବାର ରାଜ୍ୟର ପ୍ରାୟ ସବୁ ଜିଲାରେ ବର୍ଷା ହେବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି ଏବଂ ରାୟଗଡ଼ା ଜିଲାକୁ ଘଡ଼ଘଡ଼ି ବିଜୁଳି ସହିତ ପ୍ରବଳ ବର୍ଷା ପବନ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୫୦ ରୁ ୬୦ କି.ମି. ପର୍ଯ୍ୟନ୍ତ ରହିବା ନେଇ ସୂଚନା ଦିଆଯାଇଛି। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ରାୟଗଡ଼ା ଜିଲାର କିଛି ସ୍ଥାନରେ କୁଆପଥର ମାଡ଼ ହେବା ନେଇ ପୂର୍ବାନୁମାନ କରାଯାଇଛି। ଏଥିସହ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର ଓ ମାଲକାନଗିରି ଜିଲାରେ ବର୍ଷା ପବନ ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। ମଙ୍ଗଳବାର ମଧ୍ୟ ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଝାରସୁଗୁଡା ଜିଲାକୁ ଘଡ଼ଘଡ଼ି ବିଜୁଳି ସହିତ ପ୍ରବଳ ବର୍ଷା ପବନ ଓ କୁଆପଥର ମାଡ଼ ନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାକୁ ଥିବାବେଳେ ୩ ଦିନ ପର୍ଯ୍ୟନ୍ତ ବର୍ଷାର ପରିମାଣ ଅଧିକ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ରବିବାର ୪ଟି ଜିଲାର ଦିନ ତାପମାତ୍ରା ୪୦ ଡିଗ୍ରୀ ଓ ତା’ଠାରୁ ଅଧିକ ରହିଥିଲା। ବୌଦ୍ଧରେ ସର୍ବାଧିକ ୪୧.୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବାବେଳେ ଝାରସୁଗୁଡା ଓ ବଲାଙ୍ଗୀରରେ ୪୦.୨ ଡିଗ୍ରୀ ଏବଂ ତାଳଚେରରେ ୪୦ ଡିଗ୍ରୀ ରହିଥିଲା। ଉତ୍ତର ଉପକୂଳ ଏବଂ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ତାପମାତ୍ରା ୪ ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଥିବାବେଳେ ରାଜ୍ୟର କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୨ରୁ ୩ ଡିଗ୍ରୀ କମ୍ ଓ ଅଧିକ ରହିଥିବା ରସୂଚନା ଦିଆଯାଇଛି।

# ମିକ୍ସର ମେଶିନ ଓଲଟି ଶ୍ରମିକ ମୃତ



**ଭଞ୍ଜନଗର,୩।୫(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ଭଞ୍ଜନଗର-ଦଶପଲ୍ଲା ମୁଖ୍ୟ ରାସ୍ତାର ଟିଲିସିଙ୍ଗି ନିକଟରେ ବ୍ରିଜ୍ କାମ ଚାଲିଥିବାବେଳେ ରବିବାର ଏକ ଅଘଟଣ ଘଟିଛି। ଉକ୍ତ ରାସ୍ତା କାମରେ ନିୟୋଜିତ ମିକ୍ସର ମେଶିନ ଓଲଟି ପଡିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଶ୍ରମିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ ଝାଡ଼ଖଣ୍ଡର ମଦନ ସିଂ। ଟାରସିଂ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ପ୍ରକାଶ ଯେ, ପୂର୍ତ୍ତ ବିଭାଗର ରାସ୍ତା କାମ ଏକ ଠିକାଦାର କମ୍ପାନୀ କାମ ନେଇଛି। ଉକ୍ତ ରାସ୍ତାର ଟିଲିସିଙ୍ଗି ନିକଟରେ ବ୍ରିଜ୍ କାମ ଚାଲିଥିଲା। ମଦନ ସିମେଣ୍ଟ ମିକ୍ସର ମେଶିନରେ କାମ କରୁଥିବା ବେଳେ ହଠାତ୍ ଗାଡ଼ିଟି ଓଲଟି ପଡ଼ିଥିଲା। ଫଳରେ ମଦନ ଗାଡ଼ିତଳେ ଚାପି ହୋଇଯାଇଥିଲେ। ଅନ୍ୟ ୨ ଜଣ ଶ୍ରମିକ ସେଠାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ମଦନଙ୍କୁ ମିକ୍ସର ମେଶିନ୍ ତଳୁ କାଢ଼ିବା ସମ୍ଭବ ହୋଇ ନ ଥିଲା। ଖବରପାଇ ଭଞ୍ଜନଗର ଦମକଳ ବାହିନି ଏବଂ ପୋଲିସ ସେଠାରେ ପହଞ୍ଚି ବହୁ କଷ୍ଟରେ ମଦନଙ୍କ ମାଟିଖୋଳି ବାହାର କରିଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟି ସାରିଥିଲା।

# ବଜ୍ରପାତରେ ୧୯ ଛେଳିମେଣ୍ଢା ମୃତ

**ହିଞ୍ଜିଳିକାଟୁ,୩।୫(ଦ୍ୱିତୀକୃଷ୍ଣ ପଣ୍ଡା)**



ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ଭାବନ୍ଧ ପଞ୍ଚାୟତ ଶିଖରପୁର ଗ୍ରାମରେ ରବିବାର କାଳବୈଶାଖୀ ପ୍ରଭାବରେ ହୋଇଥିବା ବଜ୍ରପାତରେ ୧୯ ଛେଳିମେଣ୍ଢାଙ୍କ ମୃତ୍ୟୁ ଘଟିଛି। ଶିଖରପୁର ଗ୍ରାମର ଗୋବିନ୍ଦ ଗୌଡ଼ ଓ ସାପୁଆ ଗୌଡ଼ ଛେଳି ଚରାଇବାକୁ ପାଟପୁର ଓ ବେଲଗାଁ ମଧ୍ୟରେ ଏକ ଖୋଲାସ୍ଥାନକୁ ନେଇଥିଲେ। ଅପରାହ୍ନରେ ବଜ୍ରାଘାତ ହେବାରୁ ସେମାନଙ୍କ ୧୪ଟି ଛେଳି ଓ ୫ଟି ମେଣ୍ଢାଙ୍କ ମୃତ୍ୟୁ ହୋଇଥିଲା। ବଜ୍ରପାତରେ ଗୋବିନ୍ଦ ଆହତ ହୋଇଥିବାରୁ ତାଙ୍କୁ ସ୍ଥାନୀୟ ଲୋକେ ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହିଞ୍ଜିଳିକାଟୁ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ବେଲଗାଁ ରାଜସ୍ୱ ନିରୀକ୍ଷକ ଜିତେନ୍ଦ୍ର ପାତ୍ର ଓ ନନ୍ଦିକ ରାଜସ୍ୱ ନିରୀକ୍ଷକ ସଞ୍ଜୟ କୁମାର ବିଷୋୟୀ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି।

# ଭାଜପାର ନୂତନ ଅନୁସୂଚିତ ଜନଜାତି ମୋର୍ଚ୍ଚା ଜିଲା ସଭାପତି

**ଭୁବନେଶ୍ୱର,୩।୫(ରବିନାରାୟଣ ଜେନା)**

ରାଜ୍ୟ ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନଙ୍କ ଅନୁମୋଦନକ୍ରମେ ୨୭ ଜିଲାର ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତିଙ୍କ ନାମତାଲିକା ଘୋଷଣା କରାଯାଇଛି। ସେଥିମଧ୍ୟରେ ବାଲେଶ୍ୱର ଜିଲାର ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ଭାବେ ସମୟ ଟୁଡୁ ନିଯୁକ୍ତ ହୋଇଥିବାବେଳେ ବାଲେଶ୍ୱର ଉତ୍ତର ପାଇଁ ଗଣେଶ ସୋରେନ, ବରଗଡ଼ ପାଇଁ ନିରାକାର ବରିହା, ବଲାଙ୍ଗୀର ପାଇଁ ଚିତ୍ରସେନ ଭୋଇ, ଭଦ୍ରକ ପାଇଁ ଉନ୍ନତିବାଳା ଦାସ, ବୌଦ୍ଧ ପାଇଁ ସମ୍ଭୁପ୍ରସାଦ ମୁଣ୍ଡା, କଟକ ପାଇଁ ପଞ୍ଚାନନ ଶିଙ୍କୁଙ୍କୁ ନିଯୁକ୍ତ କରାଯାଇଛି।

ସେହିପରି ଦେବଗଡ଼ ଜିଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ଭାବେ ଟିକେଶ୍ୱର ପ୍ରଧାନ ନିଯୁକ୍ତ ହୋଇଥିବାବେଳେ ଢେଙ୍କାନାଳ ପାଇଁ ପ୍ରେମାନନ୍ଦ ନାଏକ, ଗଜପତି ପାଇଁ ବୀରଭାସ୍କର ପାଇକ, ଗଞ୍ଜାମ-ଘୁମୁସର ପାଇଁ ବାଳକୃଷ୍ଣ ମଲ୍ଲିକ, ଯାଜପୁର ପାଇଁ ସୁନାରାମ ମାରାଣ୍ଡି, ଝାରସୁଗୁଡା ପାଇଁ ରୁକ୍ମଣି ଧରୁଆ, କଳାହାଣ୍ଡି ପାଇଁ ତ୍ରିନାଥ ଶବର, କେନ୍ଦ୍ରାପଡ଼ା ଲାଗି ଛୋଟରାୟ ମାଝୀ, କେନ୍ଦୁଝର ପାଇଁ ପ୍ରବୀର ରଞ୍ଜନ ନାଏକ, କୋରାପୁଟ ଲାଗି ଲଳିତ ପୂଜାରୀ, ମାଲକାନଗିରି ଲାଗି ଦେବ ମାଡକାମୀ, ମୟୂରଭଞ୍ଜ ବାରିପଦା ପାଇଁ ସୁକୁଲ ମୁର୍ମୁ, ରାଇରଙ୍ଗପୁର ଲାଗି କୁତୁଲ ହାଁସଦା, ନବରଙ୍ଗପୁର- ବୀରେନ୍ଦ୍ର ପୂଜାରୀ, ପୁରୀ- ରସାନନ୍ଦ ପାତ୍ର, ରାୟଗଡା- ଟିନା କୋଣ୍ଡାଗରି, ରାଉରକେଲା-ସାକରୀ ଓରାମ, ସମ୍ବଲପୁର- ବେଣୁଧର ପଧାନ, ସୁବର୍ଣ୍ଣପୁର- ବୈଶାଖୁ ମିର୍ଦ୍ଧା ଏବଂ ସୁନ୍ଦରଗଡ଼ ଜିଲା ପାଇଁ ସନ୍ତୋଷ ତିର୍କୀ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି।

# ବୁଧବାର ଶୁଦ୍ଧି ହେବେ ଜିତୁ ମୁଣ୍ଡା

**ପାଟଣା,୩।୫(ବୀର କିଶୋର ଦାଶ)**

**ଭଉଣୀ କଙ୍କାଳ ବୋହି ବ୍ୟାଙ୍କକୁ ନେବା ଘଟଣା**



ଜିତୁ ମୁଣ୍ଡାଙ୍କ ଘର ଆଗରେ ଜାତିଭାଇ ବସିଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡିଆନାଳି ଚତୁରିସାହିର ଜିତୁ ମୁଣ୍ଡା ଭଉଣୀ କାଲାରା ମୁଣ୍ଡାଙ୍କ କଙ୍କଳା ନେଇ ମଲ୍ଲିପୋଷି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କୁ ନେବା ଘଟଣା ପରେ ଚର୍ଚ୍ଚା ଥମିବାରେ ନାଁ ଧରୁନି। କଙ୍କାଳ ଖୋଳି ନେବା ଘଟଣାରେ ଜାତିଭାଇ ଜିତୁ ମୁଣ୍ଡାଙ୍କୁ ପୁଣି ଶୁଦ୍ଧି ହେବାକୁ କହିଛନ୍ତି। ଏହି କ୍ରମରେ ଜିତୁ ଆସନ୍ତା ବୁଧବାର ଶୁଦ୍ଧି ହେବେ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ଭଉଣୀ କାଲାରାଙ୍କ ୩ ମାସ ପୂର୍ବେ ମୃତ୍ୟୁ ପରେ ଜିତୁ ଶୁଦ୍ଧି ହୋଇଥିଲେ। ମାତ୍ର ପୁନର୍ବାର ମଶାଣିରୁ କଙ୍କାଳ ଖୋଳିଥିବାରୁ ଗାଁର ହୋ ସମାଜର ଲୋକମାନେ ତାଙ୍କୁ ଏକଘରିକିଆ ଭଳି ରଖିଛନ୍ତି। ଶୁଦ୍ଧି ନ ହେଲେ ତାଙ୍କୁ ଜାତିଭାଇ ବାସନ୍ଦ କରିବା ସହ ସାଧାରଣ ଚଳଣିରେ ଅଂଶଗ୍ରହଣ କରାଇବେ ନାହିଁ। କଙ୍କାଳ ଖୋଳି ବୋହିଥିବାରୁ ତାଙ୍କୁ ପ୍ରାୟଶ୍ଚିତ ଓ ଜାତି ହେବାକୁ ହୋ ସମାଜ ନିର୍ଦ୍ଦେଶ ଜାରି କରିଛି। ରବିବାର ବିନା କୁକୁଡ଼ା ଓ ଛେଳି ଯୋଗାଡ଼ରେ ସ୍ୱଳ୍ପ ଜାତିଭାଇଙ୍କୁ ନେଇ ଜିତୁ ଶୁଦ୍ଧିକ୍ରିୟା ଆୟୋଜନ କରୁଥିବା ବେଳେ ଜାତିଭାଇମାନେ ଅଡିବସି ଏହାକୁ ବନ୍ଦ କରିଥିଲେ। ତାଙ୍କ ଘର ସମ୍ମୁଖରେ ୨ ନମ୍ବର, ୩ ନମ୍ବର୍ ୱାର୍ଡରେ ହୋ ସମାଜର ମୁରବି କାଣ୍ଡେ ମୁଣ୍ଡା, ଶୁକ୍ରା ମୁଣ୍ଡା, ମୁନିଆ ମୁଣ୍ଡା, ମକୁରୁ ମୁଣ୍ଡାଙ୍କ ସହ ଗ୍ରାମର ୨୫ଜଣ ମୁରବିବସି ନିଶାପ କରିଥିଲେ। ବୁଧବାର ପରିବାର ଲୋକେ ମୁଣ୍ଡନ ହୋଇ ପ୍ରାୟଶ୍ଚିତ ହେବେ, ନୂଆଲୁଗା ପିନ୍ଧିବେ, ଗୁଣିଆ ହାଣ୍ଡିଆରେ କୁକୁଡ଼ା ରକ୍ତ ପକାଇ ପୂଜା କରିଥିବା ହାଣ୍ଡିକୁ ଅଶୌଚ ଥିବା ପରିବାରକୁ ପିଆଇବେ। ପରେ ଗାଁ, ଆତ୍ମୀୟସ୍ୱଜନଙ୍କୁ ମାଂସ, ଭାତ ଓ ହାଣ୍ଡିଆ ଦେଇ ଜିତୁ ଆପ୍ୟାୟିତ କରି ଜାତିରେ ମିଶିବେ ବୋଲି ନିଷ୍ପତ୍ତି ହୋଇଛି। ଜିତୁ ପ୍ରାୟ ୩ଶହ ଲୋକଙ୍କୁ ଖାସି, କୁକୁଡ଼ା, ଭାତ ଓ ହାଣ୍ଡିଆ ଖାଇବାକୁ ଦେବେ ବୋଲି କହିଛନ୍ତି। ଏଥିପାଇଁ ଜିତୁଙ୍କ ପରିବାର ତରଫରୁ ଛେଳି, କୁକୁଡ଼ା ଯୋଗାଡ଼ ଆରମ୍ଭ ହୋଇଛି।

# ବାଲି ମାଫିଆଙ୍କ ଆତଙ୍କରାଜ ବନ୍ଦ ହେଉ: ବିଜେଡି

**ଭୁବନେଶ୍ୱର,୩।୫(ରବିନାରାୟଣ ଜେନା)**

ରାଜ୍ୟରେ ଦିନକୁ ଦିନ ବାଲି ଚୋରା ଚାଲାଣ ବଢ଼ିବାରେ ଲାଗିଛି। କେଉଁଠି ତହସିଲଦାରଙ୍କୁ ଆକ୍ରମଣ ହେଲାଣି ତ ଆଉ କେଉଁଠି କର୍ତ୍ତବ୍ୟରତ ପୋଲିସ ଅଫିସରଙ୍କୁ ଗାଡି ଚଢାଇ ଜୀବନରୁ ମାରିଦେବା ପର୍ଯ୍ୟନ୍ତ କଥା ଗଲାଣି ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନଠାରେ ଏନେଇ ରବିବାର ବିଜେଡି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିବା ସହିତ ତୁରନ୍ତ ବାଲି ମାଫିଆଙ୍କ ଆତଙ୍କରାଜ ବନ୍ଦ କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି, ଗତ ଦୁଇ ତାରିଖରେ ସାକ୍ଷୀଗୋପାଳ ନିର୍ବାଚନମଣ୍ଡଳୀ କଣାସ ଥାନା ଅନ୍ତର୍ଗତ ଗୋଲବଜାରରେ ସକାଳ ୮ଟା ବେଳେ ବାଲି ମାଫିଆମାନେ ସର୍ବସମ୍ମୁଖରେ ଜଣେ ବ୍ୟକ୍ତିଙ୍କୁ ପନିକିରେ ହାଣି ମଟରସାଇକେଲ ଚଢାଇ ହତ୍ୟା ଉଦ୍ୟମ କରିଥିଲେ। ଯେଉଁଥିରେ ସାଧାରଣ ଲୋକ ଅତ୍ୟନ୍ତ ଭୟଭୀତ ହେବା ସହ ରାଜ୍ୟ ସରକାରଙ୍କ ପୋଲିସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟରେ ବାଲି ମାଫିଆମାନେ ବିଗତ ଦିନରେ କଟକରେ ପୋଲିସ କର୍ମଚାରୀଙ୍କୁ ଗାଡି ଚଢାଇ ହତ୍ୟା କରିଥିଲେ। ସେହିପରି ବ୍ୟାସନଗର ଅତିରିକ୍ତ ତହସିଲଦାରଙ୍କୁ ଗାଡି ଚଢାଇ ହତ୍ୟା ଉଦ୍ୟମ କରିବା, ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲା କେନ୍ଦୁଝର ଆନନ୍ଦପୁର ତହସିଲ କର୍ମଚାରୀଙ୍କୁ ଟ୍ରାକ୍ଟର ଚଢାଇ ହତ୍ୟା ଉଦ୍ୟମ କରିବା ଘଟଣା ଦୁର୍ଭାଗ୍ୟଜନକ। ଭାଜପା ଶାସିତ ଉତ୍ତର ପ୍ରଦେଶ ଓ ବିହାରରେ ଯେଉଁଭଳି ଭାବେ ଅପରାଧୀମାନେ ଆଇନ ବ୍ୟବସ୍ଥାକୁ ‘ଫୁ’ କରି ଅପରାଧମାନ ସଂଗଠିତ କରୁଛନ୍ତି, ଠିକ୍ ସେହିଭଳି ଓଡିଶାରେ ବାଲି ମାଫିଆମାନେ ଅନୁରୂପ ଆତଙ୍କରାଜ ଚଳାଉଛନ୍ତି। ସରକାର ବେଆଇନ ବାଲି ଖାଦାନଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ବନ୍ଦ କରିବା ସହିତ ବାଲି ମାଫିଆମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାସବର୍ମା ଦାବି କରିଛନ୍ତି।



ଭଗବାନଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ ଆଶ୍ରୟ, ସାହାଯ୍ୟ ବା ନିରାପତ୍ତା ଆଶା କରିବାର ମନୋଭାବ କଦାପି ପୋଷଣ କରନାହିଁ। ...ମନ୍ଦିରର ଖୁବ୍ ଗଭୀରକୁ ଚାଲିଯାଅ। ସେଠାରେ ହିଁ ମୋତେ ଦେଖିପାରିବ। –ଶ୍ରୀମା



# ୩ ବର୍ଷ ପରେ ମଣିପୁର

ମଣିପୁରରେ ୨୦୨୩ ମେ' ୩ରେ ଘଟିଥିବା ଜାତିଆଣ ହିଂସାକୁ ଏବେ ୩ ବର୍ଷ ପୂରିଛି। ଏହି ସମୟ ମଧ୍ୟରେ ନିର୍ବାଚିତ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ପଦବୀରୁ ହଟିବା ପରେ ରାଷ୍ଟ୍ରପତି ଶାସନ ଜାରି ଓ ପରବର୍ତ୍ତୀ ସମୟରେ ନୂଆ ମୁଖ୍ୟମନ୍ତ୍ରୀ ୟୁମ୍ନାମ ଖେମ୍ଚାନ୍ଦ ଶାସନ ଚଳାଇଥିଲେ ମଧ୍ୟ ସ୍ଥିତିରେ ଉନ୍ନତି ଘଟିପାରୁ ନାହିଁ। ନିକଟରେ ୨୪ ଏପ୍ରିଲ ୨୦୨୬ରେ ରାଜ୍ୟର ପୃଥକ୍ ସ୍ଥାନରେ ହିଂସା ଘଟି ୩ ଜଣଙ୍କ ପ୍ରାଣହାନି ଘଟିଛି। ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ, ଅଦ୍ୟାବଧି ହିଂସାଜନିତ ମୃତ୍ୟୁସଂଖ୍ୟା ୨୧୭ ହୋଇଥିବା ବେଳେ ପ୍ରାୟ ୬୫ ହଜାର ଲୋକ ରିଲିଫ୍ ଶିବିରରେ ରହୁଛନ୍ତି। କିନ୍ତୁ ବେସରକାରୀ ତଥ୍ୟ ଏସବୁଠାରୁ କାହିଁ କେତେ ଅଧିକ ହେବ ବୋଲି କୁହାଯାଉଛି।

ମଣିପୁରରେ ତିନୋଟି ପ୍ରମୁଖ ସମ୍ପ୍ରଦାୟ ମେଇତି, ନାଗା ଓ କୁକି ବାସ କରନ୍ତି। ମେଇତିମାନେ ସ୍ୱଚ୍ଛଳ ବର୍ଗର ହୋଇଥିବା ବେଳେ ସେମାନେ ଉପତ୍ୟକାରେ ରହିଆଆନ୍ତି। ଅନ୍ୟପକ୍ଷରେ କୁକି, ନାଗା ଓ ଆଦିବାସୀମାନେ ମୁଖ୍ୟତଃ ପାହାଡ଼ିଆ ଇଲାକାରେ ବାସ କରିଥାଆନ୍ତି। ମଣିପୁର ସମସ୍ୟାର ରଞ୍ଜକରେ ନିଆଁ ଲଗାଇବା ପାଇଁ ମଣିପୁର ହାଇକୋର୍ଟର ଏକ ରାୟ ଦାୟୀ। ୨୦୨୩ରେ ମଣିପୁର ହାଇକୋର୍ଟ ସେତେବେଳେ ମେଇତି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ୪ ସପ୍ତାହ ମଧ୍ୟରେ ଏ ସଂକ୍ରାନ୍ତରେ କେନ୍ଦ୍ରକୁ ସୁପାରିସ କରାଯାଉ। ନ୍ୟାୟାଳୟଙ୍କ ରାୟ ପରେ ବିବାଦ ଉପୁଜିଥିଲା। ୩ ମେ' ୨୦୨୩ରେ ଅଲ୍ ଟ୍ରାଇବାଲ ଷ୍ଟୁଡେଣ୍ଟ୍ସ ୟୁନିୟନ ଏଭଳି ଆଦେଶକୁ ବିରୋଧ କରି ଶୋଭାଯାତ୍ରା କରିବା ପରେ ହିଂସାକାଣ୍ଡ ଘଟିଥିଲା। ସେବେଠାରୁ ମଣିପୁରରେ ଜାତିଆଣ ନିଆଁ ଥମିବାର ନାଁ ଧରୁନାହିଁ। ଏନ୍. ବୀରେନ୍ ସିଂ ମେଇତି ସମ୍ପ୍ରଦାୟର ହୋଇଥିବାରୁ ପ୍ରଥମରୁ ଏହି ଘଟଣାକୁ ଅଣଦେଖା କରିଚାଲିଥିଲେ। ସ୍ଥିତି ଅସମ୍ଭାଳ ହେବା ପରେ ତାଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ନିଜ ଶାସନ ସମୟରେ ଏକ ସମସ୍ୟାର ସମାଧାନ ଆଣିପାରି ନ ଥିବା ସିଂଙ୍କ ଭବିଷ୍ୟତର ରାଜନୈତିକ ଆକାଂକ୍ଷା ବିଷୟରେ ଶୁଣିଲେ ବ୍ୟବସ୍ଥା ପ୍ରତି ଉପହାସ ଲାଗେ। ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି, ୨୦୨୭ରେ ମଣିପୁରରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ସମୁଦାୟ ୬୦ ଆସନ ମଧ୍ୟରୁ ଭାଜପା ୪୦ ଆସନ ପାଇବ। ଏଥିରୁ ବୁଝିବାକୁ ହେବ ଯେ, ରୋମ୍ ଜଳୁଥିବା ବେଳେ ସମ୍ରାଟ ନିରୋ ବଂଶୀବାଦନ କଲା ଭଳି ମଣିପୁର ଅଶାନ୍ତ ସ୍ଥିତି ଦେଇ ଗତି କରୁଥିଲେ ମଧ୍ୟ ନେତାମାନେ ଭୋଟ ଚିନ୍ତାରେ ବ୍ୟସ୍ତ।

> ସମ୍ଭବତଃ ଏହି ଘୃଣାଭାବ ଯୋଗୁ ବିଗତ ୩ ବର୍ଷ ଧରି ଲାଗିରହିଥିବା ନିଆଁ ପ୍ରତି କୌଣସି ରାଜନୈତିକ କିମ୍ବା ସାମାଜିକ ଦୃଷ୍ଟି ପଡୁନାହିଁ। ଆମେ ସମସ୍ତେ ଭାବୁଛେ ମଣିପୁର ସହିତ ଆମର କ'ଣ ବା ଯାଏଆସେ। ଏହା ହେଉଛି ଦେଶ ବିଭାଜନର ନିଆଁ ପଡୁଥିବାର ଲକ୍ଷଣ।

ଏବେ ଯଦି ମଣିପୁରସ୍ଥିତ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ କଥାକୁ ଶୁଣାଯାଏ, ତେବେ ଏକ ବିଚିତ୍ର ସତ୍ୟ ପ୍ରକାଶ ପାଉଛି। ବିଚିତ୍ର ଏଇଥିପାଇଁ କି, କାରଣ ଅଧିକାଂଶ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ନିଜର ମନ୍ତବ୍ୟ ରଖିଲାବେଳକୁ ଉଲ୍ଲେଖ କରୁଛନ୍ତି ଯେ, ସମସ୍ୟାଟି କେବଳ ମଣିପୁରରେ ସୀମିତ ନୁହେଁ, ଏହା ସମଗ୍ର ଦେଶର ଭବିଷ୍ୟତର ଚିନ୍ତା। ଏଭଳି ମନ୍ତବ୍ୟ ଦେବା ପଛରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅର୍ଥ ବୁଝାପଡ଼େ। ମଣିପୁରର ଯୁବପିଢ଼ି, ସମ୍ଭବତଃ ହୃଦ୍‌ବୋଧ କରୁଛନ୍ତି ଯେ, ଦେଶର ଅନ୍ୟ ଅଞ୍ଚଳରେ ଜନସାଧାରଣ ସେମାନଙ୍କର ପୀଡ଼ାକୁ ବୁଝିବା ପାଇଁ ଆଗ୍ରହ ଦେଖାଉନାହାନ୍ତି। କାରଣ ହୋଇପାରେ ଯେ, ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ସାଧାରଣ ଲୋକ ଏହାକୁ ଏକ ଉପାନ୍ତ ଅଞ୍ଚଳର ସମସ୍ୟା ଏବଂ ତାହାର ପ୍ରଭାବ ଆମ ଜୀବନ ଉପରେ ପଡ଼ିବ ନାହିଁ ବୋଲି ଭାବୁଛନ୍ତି। କିଛିବର୍ଷ ପୂର୍ବେ ରାଜନୀତି ସହିତ ସମ୍ପୃକ୍ତ ଅନେକ ଭାରତୀୟ ଭାବୁଥିଲେ ଯେ, ଯୁଦ୍ଧ ଆରମ୍ଭ କରି ପାକିସ୍ତାନର ନାକକୁ ମାଟିରେ ରଗଡ଼ି ଦେବା ଭାରତ ପାଇଁ ଅତ୍ୟନ୍ତ ସହଜ। ଏହି ଧାରଣାକୁ ସରକାରୀ ସ୍ତରରେ ଅନେକ ପ୍ରୋତ୍ସାହନ ଦିଆଯାଇ ଆସୁଥିଲା। ବେଲୁନରେ କଣ୍ଟା ପଶିଲା ଭଳି ଯୁଦ୍ଧ ସମ୍ପର୍କିତ ଭାରତୀୟମାନଙ୍କର ଥିବା ଭ୍ରାନ୍ତ ଧାରଣାକୁ ପ୍ରଥମେ ଅଭିନନ୍ଦନ ବର୍ତ୍ତମାନ ଭାଙ୍ଗି ଦେଇଥିଲେ। ସମସ୍ତଙ୍କ ମନରେ ବିଶ୍ୱାସ ପଶିଲା ଯେ, ଯୁଦ୍ଧ ଲଢ଼ିବା ପାଇଁ ଭାରତ ଆଦୌ ପ୍ରସ୍ତୁତ ନୁହେଁ। ସେହି ତଥାକଥିତ ଜାତୀୟତାବାଦୀ ଚିନ୍ତାଧାରାକୁ ପୁନର୍ବାର 'ଅପରେଶନ ସିନ୍ଦୂର' ବେଳେ ଦ୍ୱିତୀୟ ଝଟକା ଲାଗିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ବାରମ୍ବାର ଘୋଷଣା କରାଗଲା ଯେ, ଭାରତର ଅନେକ ନୂଆ କରି କିଣାଯାଇଥିବା ରାଫାଲ ଯୁଦ୍ଧ ବିମାନ ଖସିପଡ଼ିଛି। ଏହାକୁ ଖଣ୍ଡନ କରିବା ପାଇଁ ଭାରତ ସରକାର କୌଣସି ଭାବେ ଇଚ୍ଛୁକ ବୋଲି ସାଧାରଣରେ ଜଣାପଡ଼ିଲା ନାହିଁ। ଏହିଭଳି କେତୋଟି ଘଟଣା ଘଟିଗଲା ପରେ ଯୁଦ୍ଧ ସମ୍ପର୍କରେ ବାରମ୍ବାର ମତପ୍ରକାଶ କରୁଥିବା ବ୍ୟକ୍ତିବିଶେଷ ନୀରବ ପାଲଟିଯାଇଥିବା ଦେଖାଯାଉଛି।

କହିଲାବେଳକୁ କୁହାଯାଏ 'କଶ୍ମୀରରୁ କନ୍ୟାକୁମାରୀ ଭାରତ ଏକ'। ବାସ୍ତବରେ ଦେଖିବାକୁ ଗଲେ, ଭାରତର ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟ କରୁଥିବା ଉତ୍ତର-ପୂର୍ବାଞ୍ଚଳ ଯୁବତୀଯୁବକଙ୍କୁ ଅତ୍ୟଧିକ ମାତ୍ରାର ଜାତିଭେଦ ଓ ଘୃଣାର ଶିକାର ହେବାକୁ ପଡ଼ିଥାଏ। ଏପରିକି ଦକ୍ଷିଣ ଭାରତର ଲୋକଙ୍କୁ ଓଡ଼ିଶାଠାରୁ ଆରମ୍ଭ କରି ଉତ୍ତର ଭାରତର ହିନ୍ଦୀଭାଷୀ ନାଗରିକମାନେ ଘୃଣାଦୃଷ୍ଟିରେ ଦେଖନ୍ତି। ସମ୍ଭବତଃ ଏହି ଘୃଣାଭାବ ଯୋଗୁ ବିଗତ ୩ ବର୍ଷ ଧରି ଲାଗିରହିଥିବା ନିଆଁ ପ୍ରତି କୌଣସି ରାଜନୈତିକ କିମ୍ବା ସାମାଜିକ ଦୃଷ୍ଟି ପଡୁନାହିଁ। ଆମେ ସମସ୍ତେ ଭାବୁଛେ ମଣିପୁର ସହିତ ଆମର କ'ଣ ବା ଯାଏଆସେ। ଏହା ହେଉଛି ଦେଶ ବିଭାଜନର ନିଆଁ ପଡୁଥିବାର ଲକ୍ଷଣ।

# ପରା ଓ ଅପରା ବିଦ୍ୟା



ଡ. ନିରଞ୍ଜନ ସାହୁ

'ସା ବିଦ୍ୟା ଯା ବିମୁକ୍ତୟେ' ଏମନ୍ତ ଆପ୍ତ ବାକ୍ୟ ସହିତ ସମସ୍ତେ ଊଣା ଅଧିକେ ଅବଗତ। ବିଷ୍ଣୁ ପୁରାଣରେ ଉଲ୍ଲିଖିତ ଏହି କଥାଟି ଏକ ଅବିସମ୍ବାଦିତ ସତ୍ୟ ଭାବରେ ସମସ୍ତେ ଧରି ନେଇଥାନ୍ତି। ବିଷ୍ଣୁ ପୁରାଣ କେବେ ଲେଖା ହୋଇଥିଲା, ତା' ବିଷୟରେ ଐତିହାସିକଙ୍କ ଭିତରେ ମତୈକ୍ୟ ନଥାଏ। କେତେକଙ୍କ ମତରେ ଏହା ପ୍ରାୟ ଅଢ଼େଇ ହଜାରରୁ ତିନି ହଜାର ବର୍ଷ ତଳେ ରଚିତ ହୋଇଥିବା ବେଳେ ଅନ୍ୟମାନେ ଏହା ପ୍ରାୟ ପାଞ୍ଚ ହଜାର ବର୍ଷର ପୁରାତନ ବୋଲି ଦାବି କରନ୍ତି। ଦୀର୍ଘଦିନ ଧରି ଏହି କଥାଟି ଭାରତୀୟ ଜନଜୀବନରେ ଆଲୋଚିତ ହେବା ଫଳରେ ସମସ୍ତେ ଧରି ନେଇଥାନ୍ତି ତାହା ଏକ ଅବଧାରିତ ସତ୍ୟ। ସଂକ୍ଷେପରେ କହିଲେ- 'ବିଦ୍ୟା ହିଁ ତାହା, ଯାହା ମୁକ୍ତିର ମାର୍ଗ ଦେଖାଏ।' ମୋଟାମୋଟି ଭାବରେ କହିଲେ ବିଦ୍ୟା ଆମକୁ ଅଜ୍ଞାନରୁ ମୁକ୍ତିଦିଏ, କେହି କହିବେ ଅନ୍ଧବିଶ୍ୱାସରୁ ମୁକ୍ତି ଦିଏ, ପୁଣି ଆଉ କେହି କହିବେ ଆମର ଅବଚେତନରେ ଥିବା ବହୁ ଆବିଳତା ଓ ଦୁର୍ବଳତାରୁ ଏହା ମୁକ୍ତି ଦେଇଥାଏ। ୟେ ସବୁ ଯେ ଆପାତତଃ ଭାବରେ ସତ୍ୟ, ତା'ର କେହି ବିରୋଧ କରିବେ ନାହିଁ।

ଯଦି ପ୍ରଶ୍ନ ଉଠିବ ବିଦ୍ୟା କ'ଣ ? ସେତେବେଳେ ଆମେ ଆଗରୁ ଯାହାସବୁ ଆଲୋଚନା କଲେ ତାହା ଉପରେ ପ୍ରଶ୍ନଚିହ୍ନ ଲାଗିଯିବ। ପ୍ରଶ୍ନଟି ହେଲା ବିଦ୍ୟା କହିଲେ ଗୋଟିଏ କଥାକୁ ବୁଝାଏ ନାହିଁ। ବସ୍ତୁତଃ ବିଦ୍ୟା ହେଉଛି ଦୁଇ ପ୍ରକାର। ଗୋଟିଏ ହେଲା ପରା ବିଦ୍ୟା ଏବଂ ଆରଟି ହେଲା ଅପରା ବିଦ୍ୟା। ପରା ବିଦ୍ୟା କହିଲେ ବୁଝାଯାଏ ଉଚ୍ଚତର ବିଦ୍ୟା ବା ଜ୍ଞାନ, ଯାହା ଆତ୍ମଜ୍ଞାନ ସମ୍ପର୍କିତ ଏବଂ ଜୀବନର ଉଚ୍ଚତମ ଅଭିଳାଷ ପୂରଣ କରିବାରେ ତାହା ସମକକ୍ଷ । ଜୀବନର ଉଚ୍ଚତମ ଅଭିଳାଷ ହେଲା ମୋକ୍ଷ ପ୍ରାପ୍ତି। ଅତଏବ ପରା ବିଦ୍ୟା ହେଉଛି ବ୍ରହ୍ମ ବିଦ୍ୟା, ଯାହାର ଜିଜ୍ଞାସା ମଣିଷକୁ ଦର୍ଶନର ଏକ ତାତ୍ତ୍ୱିକସ୍ତରକୁ ନେଇ ଆତ୍ମବୋଧ ଚେତନାରେ ପହଞ୍ଚାଏ ଏବଂ ଶେଷରେ ମୋକ୍ଷପ୍ରାପ୍ତି ଦ୍ୱାର ଉନ୍ମୁକ୍ତ କରାଏ। ଅପରା ବିଦ୍ୟା କହିଲେ ବୁଝାଯାଏ ନୀଚ ବିଦ୍ୟା, ଯାହା ଦକ୍ଷତା ବୃଦ୍ଧିକରେ, ମଣିଷକୁ କୁଶଳୀ କରେ, ଜୀବନ ଧାରଣ ମାନ ବୃଦ୍ଧି କରେ ଏବଂ ମଣିଷର ପ୍ରତିଷ୍ଠା କଥା ସମ୍ମାନ ଅର୍ଜନରେ ସହାୟକ ହୁଏ।

ଏହି ଦୁଇ ପ୍ରକାର ବିଦ୍ୟା ବିଷୟରେ ସୂଚନା ପାଇବା ପରେ ଆପଣଙ୍କ ଭିତରୁ ଧାରଣା ହୋଇପାରେ ମୋକ୍ଷର କ'ଣ ବା ଆବଶ୍ୟକତା। ଯଦି କେହି ବିଶ୍ୱକବି ରବୀନ୍ଦ୍ରନାଥଙ୍କର ପଦେ ଅଧେ କବିତା ମନେରଖିଥାନ୍ତି, ତା'ହେଲେ ତାକୁ ଆବୃତ୍ତି କରିବାକୁ ପଛେଇବେ ନାହିଁ। ଯେମିତି 'ମରିତେ ଚାଇନୋ ଆମି ସୁନ୍ଦର ଭୁବନେ, ମାନବର ମାଝେ ଆମି ବଞ୍ଚିବାର ଚାହୀ' ମୋକ୍ଷ ପ୍ରାପ୍ତି ହୁଏତ କେଉଁ ସାଧକ ବା ସନ୍ନ୍ୟାସୀଙ୍କ ଜୀବନର ଲକ୍ଷ୍ୟ ହୋଇଥାଇପାରେ, ମାତ୍ର ଜଣେ ସଂସାରୀ



ଲୋକ ପାଇଁ ବେଶି ଗୁରୁତ୍ୱପୂର୍ଣ୍ଣ ହେଲା ଜୀବନର ବଞ୍ଚିବାର କଳା ଶିଖିବା। ହୁଏତ ଗୋଟିଏ ସମୟରେ ଜୀବନର ଲକ୍ଷ୍ୟ କହିଲେ ଯାହା ବୁଝାଯାଉଥିଲା, ବିଦ୍ୟାର ବ୍ୟବସାୟୀକରଣ ହେଲା ପରେ ଜୀବନର ସଂଜ୍ଞା ଓ ଲକ୍ଷ୍ୟ ବଦଳିଯାଇଛି ପୂରା ମାତ୍ରାରେ।

ମନେପଡ଼େ କାହାଣୀଟିଏ। ଗୋଟିଏ ସ୍ଥାନରେ ରାମ ଚରିତ ମାନସ ପାରାୟଣ ହେଉଥାଏ। ସଭା ସରି ସରି ଆସୁଥାଏ। କଥାବାଚକ କହିଲେ, ଆଜିର ଦର୍ଶକଙ୍କ ପାଇଁ ଆୟୋଜକମାନେ ଦୁଇ ରକମର ପୁରସ୍କାର ରଖିଛନ୍ତି ଏବଂ ପ୍ରତି ଦର୍ଶକଙ୍କ ପାଇଁ ପୁରସ୍କାର ରହିଛି। ଏକା ଭଳି ଦିଶୁଥିବା ମୂର୍ତ୍ତି ରହିଛି ପ୍ରସ୍ଥାନ ପଥରେ, ଗୋଟିଏ ରାମଙ୍କର ଓ ଆରଟି ହେଉଛି ରାବଣଙ୍କର। ଆପଣ କାହାର ମୂର୍ତ୍ତି ନେଇ ଫେରିବେ, କ'ଣ ରାମଚନ୍ଦ୍ରଙ୍କର ? ଶତପ୍ରତିଶତ ହାତ ଉପରକୁ ଉଠିଗଲା। କଥାବାଚକ କହିଲେ, ଏବେ ଯାହା କରିବେ ସାହସ ରଖି କରିବେ, ମିଛ କହିବେ ନାହିଁ। ପ୍ରକୃତରେ ରାମଚନ୍ଦ୍ରଙ୍କ ମୂର୍ତ୍ତି ମାଟିରେ ଆଉ ରାବଣଙ୍କ ମୂର୍ତ୍ତି ସୁନାରେ ତିଆରି। ଏଥର କୁଣ୍ଠିତ କେତୋଟି ହାତ ଉପରକୁ ଉଠିଲା। ଏଇ ହେଉଛି ଆମ ସମାଜର ଆଜିର ପରିଚୟ। ଭାଷଣ ଶୁଣିବା ବେଳେ ଆମର ଗୋଟିଏ ରୂପ, ମାତ୍ର ତାକୁ ଆହରଣ କଲାବେଳେ ଆମେ ଆଉ ଗୋଟିଏ ଗୋଟିଏ ଚରିତ୍ର।

ଆମେ ଯଦି ଏଇ ଧାରାକୁ ଆପଣେଇ ନେଇଛନ୍ତି, ତା'ହେଲେ ସତରେ ବିଦ୍ୟା କ'ଣ ଆମ ପାଇଁ ମୋକ୍ଷ ପ୍ରଦାୟିନୀ ହେଉ ତାହା ଆମେ ଛାତିରେ ହାତରଖି କହିପାରିବା ? ଆମ ପାଇଁ ଏବର ସ୍ଲୋଗାନ୍ ପାଲଟିଛି 'ସା ବିଦ୍ୟା ଯା ନିଯୁକ୍ତୟେ' ଅର୍ଥାତ୍ ଯେଉଁ ବିଦ୍ୟା ଆମକୁ ଚାକିରି ଦେଇପାରିବ, ଆମକୁ ପ୍ରତିପୋଷଣ କରିପାରିବ। ଆମର ନିୟୋଜନର ମାର୍ଗ ଦେଖେଇପାରିବ, ଆମେ ସେଇ ବିଦ୍ୟା ଆଡ଼କୁ ଆକର୍ଷିତ ହେଉଛନ୍ତି। ଆଜିକାଲି ଇଞ୍ଜିନିୟରିଂ କଲେଜଗୁଡ଼ିକରେ ଦେଖୁଛନ୍ତି ସିଭିଲ ଇଞ୍ଜିନିୟରିଂ ବା ମେକାନିକାଲ ବିଭାଗ ବନ୍ଦ ହେବାକୁ ବସିଲାଣି, ଖାଲି ଚାକିରି ମିଳୁଛି ବୋଲି ହଜାର ହଜାର ସିଟ୍ ଖୋଲିଦିଆ ହୋଇଛି କମ୍ପ୍ୟୁଟର ସାଇନ୍ସ ନାଁରେ। ଏହା କ'ଣ ନିଯୁକ୍ତିର ପ୍ରାଥମିକତା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ ? ମଣିଷ ତା'ହେଲେ ପାଠ ପଢ଼ୁଛି ଚାକିରି କରିବା ପାଇଁ। ଯାହାର ପାଠ ଯେତେ ଗୁରୁତ୍ୱପୂର୍ଣ୍ଣ ତା'ର ଚାକିରିରେ ସେତେ ଅଧିକ ପାଉଣା। ମାତ୍ର ଆମେ ଶୁଣୁଛନ୍ତି ଯେ ଚାକିରି ପାଉଛନ୍ତି ଖୁବ୍ କମ୍ ଲୋକ। ଲକ୍ଷ ଲକ୍ଷ ଚାକିରି ଆଶାୟୀଙ୍କର ଭିଡ଼ ସରକାରୀ ନିୟୋଜନ ପାଇଁ, ଯେଉଁ ଚାକିରି ପାଇଁ ସର୍ବନିମ୍ନ ଯୋଗ୍ୟତା ମାଟ୍ରିକ୍ ସେଠାରେ ଏମ୍.ଏ., ଏମ୍.ଏସ୍‌ସି, ପିଏଚ୍.ଡି.ଙ୍କର ଭିଡ଼।

ମାତ୍ର ଅପରା ବିଦ୍ୟାରେ ଆମେ ମଜ୍ଜିଯାଇଥିବାରୁ ଆମକୁ ଲାଗୁଛି ଆମେ ପ୍ରତାରିତ ହେଉଛନ୍ତି। ଆମେ ନ୍ୟାୟ ପାଉନାହାନ୍ତି। ସାରା ଦୁନିଆରେ ରାଜସିକ ପ୍ରଭାବ ଏତେ ବଢ଼ିଯାଇଛି ଯେ ପ୍ରଗତି ନାଁରେ ଯାହା ଚାଲିଛି, ତାହା ଯେମିତି ଗୋଟାଏ ଗୋଟାଏ ଭେଳିକି। ସମସ୍ତେ ସମସ୍ତଙ୍କୁ ପ୍ରତିଯୋଗିତା କରୁଛନ୍ତି ବୁଦ୍ଧିରେ ଅତିକ୍ରମ କରିବା ପାଇଁ, ଯୁକ୍ତିରେ ଅତିକ୍ରମ କରିବା ପାଇଁ, କ୍ଷମତା ଓ ପରାକ୍ରମରେ ପରାହତ କରିବା ପାଇଁ। ସୁଭାଷିତାନିରେ ମାଧ୍ୟମିକ ଶ୍ରେଣୀରେ ଅଧ୍ୟୟନ କରିଥିଲେ- ସାଧୁଲୋକଙ୍କ ପାଖରେ ବିଦ୍ୟା ଜ୍ଞାନ ଅର୍ଜନ ଓ ବିତରଣରେ ବ୍ୟବହୃତ ହୁଏ । ସେ ବିଦ୍ୟା ଖଳ ଲୋକକୁ ପ୍ରାପ୍ତ ହେଲେ ତାହାକୁ ସେ ଯୁକ୍ତି ବଳରେ ଅନ୍ୟକୁ ପରାଭୂତ କରିବାକୁ ଚେଷ୍ଟା କରେ, ବିଦ୍ୟାର ଅହଂକାର ତାକୁ ବିବାଦୀୟ କରେ। ଅନୁରୂପ ଭାବରେ ସାଧୁଶ୍ରେଣୀୟ ବ୍ୟକ୍ତି ନିକଟରେ ଧନ ଆସିଲେ ତାକୁ ସେ ସତ୍‌ପାତ୍ରରେ ଦାନ କରିଥିବା ବେଳେ ଖଳ ବ୍ୟକ୍ତି ତାକୁ ମଦ୍ୟପାନ ବା ତଜ୍ଜନିତ କୁକର୍ମରେ ଅପବ୍ୟୟ କରିଥାନ୍ତି। ସାଧୁଲୋକ ଶକ୍ତିର ଅଧିକାରୀ ହେଲେ ତାହାକୁ ସେ ଦୁର୍ବଳକୁ ସୁରକ୍ଷା ପ୍ରଦାନ କରନ୍ତି, ମାତ୍ର ଖଳଲୋକ ସେଇ ଶକ୍ତିର ଅପଚୟ କରି ଦୁର୍ବଳ ଉପରେ ଅତ୍ୟାଚାର କରନ୍ତି । ଅର୍ଥାତ୍ ସେଇ ବିଦ୍ୟା ବାହାରକୁ ଗୋଟିଏ ଜଣାଯାଉଥିଲେ ମଧ୍ୟ ଅପରା ବିଦ୍ୟା ତା'ର ଅମୂଲ୍ୟ ରୂପ ଦେଖାଉଛି ଆମ ଭିତରେ। ଆମର ଦକ୍ଷତା କରାଉଛି। ଆମ ଭିତରେ ଶିଳ୍ପ ନିପୁଣତା ବଢ଼ାଉଛି, ମାତ୍ର ଆମଠାରୁ କୌଶଳରେ ମଣିଷପଣିଆ ଅପହରଣ କରିନେଉଛି କୌଶଳରେ । ଅର୍ଥାତ୍ ପରାବିଦ୍ୟା ହିଁ ଆମକୁ ସାଧୁ ବାଟରେ ନେଇଯିବ। ଆମେ ଅପରାବିଦ୍ୟା ଅଧ୍ୟୟନ କରିବାର ଯେଉଁ ପ୍ରଭାବ, ତାହା ଆଉ କାହାରିକୁ ଅଜଣା ନାହିଁ। ଆମ ଆଖି ଆଗରେ କେତେ ବଡ଼ ବଡ଼ ସ୍କୁଲ କଲେଜରେ କୋଠାଘର, ହେଲେ ସେଇଠି ପାଠ ନାହିଁ। ବହୁ ଆଡ଼ମ୍ବର ଡାକ୍ତରଖାନା, ମାତ୍ର ସେବାନାହିଁ। ବହୁ ଦାମୀ ଖଟ ପଲଙ୍କ ଆମ ଘରମାନଙ୍କରେ, ମାତ୍ର ନିଦ ହେଉନି। ବହୁତ ପଇସା ଆମେ ରୋଜଗାର କରୁଛନ୍ତି, ମାତ୍ର ସତ୍‌କର୍ମରେ ତାକୁ ବିନିଯୋଗ କରିବାକୁ ପଛାଉଛନ୍ତି । ୟେ ସବୁର ମୂଳରେ ରହିଛି ପରାବିଦ୍ୟା ପ୍ରତି ଆମର ବିମୁଖତା ପରାଙ୍ମୁଖତା । ଆମେ କେବେ ବି ଭାବିବା କଥା ନୁହେଁ ନୀତିଶିକ୍ଷାରେ ଯେଉଁ ବିଦ୍ୟା ଆମକୁ ଶିଖାଉଥିଲା, ଯାହା ଆମର ଚେତନା ଉଦ୍ରେକ କରାଉଥିଲା କେବେ ବି ତାହା ଅନାବଶ୍ୟକ ହୋଇଯିବ ନାହିଁ। ତେଣୁ ଅପରାବିଦ୍ୟା ଅଧ୍ୟୟନ ହେଉଥାଉ, ମନାନାହିଁ। ମାତ୍ର ପରାବିଦ୍ୟାକୁ ସତରେ ଛାଡ଼ିବା ଅନୁଚିତ। ଏଇ ଦୁଇ ବିଦ୍ୟା ଭିତରେ ସମନ୍ୱୟର ଅଭାବରେ ଆଜିର ପୃଥିବୀ ପାତିତ ଓ ଜର୍ଜରିତ – ତାକୁ ହେଜିବାର ସମୟ ଆସିଛି।

ମୋ: ୯୪୩୮୪୮୨୯୧୧
(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ)

# ଶେଷ ଧାଡ଼ିର ସ୍ୱର



ଗଣେଶ୍ୱର ନାୟକ

ଜଣେ ସରଳ, ଆଦିବାସୀ ମଣିଷର ବ୍ୟାଙ୍କକୁ 'ଗୁହାରି' ସାରା ବିଶ୍ୱକୁ ଚକିତ କଲା। ନିଜ ମୃତ ଭଉଣୀର ଖାତାରେ ଥିବା ଟଙ୍କା ଉଠାଣ ପାଇଁ କେତେଥର ବ୍ୟାଙ୍କକୁ ଆସିଛି। ବ୍ୟାଙ୍କ ଅଧିକାରୀଙ୍କ ପ୍ରକ୍ରିୟାକୁ ସେ ବୁଝିପାରିନି ବା ବୁଝିବାର କ୍ଷମତା ରଖିନି। କାଗଜପତ୍ର ଆଣିଲେ ନଚେତ୍ ଲୋକ ନିଜେ ଆସିଲେ ହିଁ ଟଙ୍କା ଉଠିପାରିବ ଜାଣି, ଅନ୍ୟ ଉପାୟ ନ ପାଇ ତିନି ମାସ ତଳେ ମରିଥିବା ଭଉଣୀର ପୋତା ଶବକୁ ମାଟିରୁ ଖୋଳି ନେଇ ବ୍ୟାଙ୍କରେ ପହଞ୍ଚିଥିଲା। ବ୍ୟାଙ୍କର ଯଦିଓ ଦୋଷ ନ ଥାଇପାରେ କିନ୍ତୁ ବ୍ୟାଙ୍କ ସହିତ ସାଧାରଣ ମଣିଷର ଭାଗୀଦାରିର ପ୍ରକ୍ରିୟା ଏତେ ସରଳ ନୁହେଁ ସୂଚାଉଥିଲା। ଆଉ ଆମ ବ୍ୟବସ୍ଥାରେ କ'ଣ ଅଭାବ ରହିଛି ଯେ ଯାହାଦ୍ୱାରା ଜଣେ ମଣିଷ ଏପରି କାର୍ଯ୍ୟ କରିବାକୁ ବାଧ୍ୟ ହେଲା ? ସାରା ବିଶ୍ୱର ଗଣମାଧ୍ୟମରେ ଏହାକୁ ନେଇ ଅନେକ ଚର୍ଚ୍ଚା।

ଦେଶର ଅର୍ଥନୈତିକ କାରବାରରେ ବ୍ୟାଙ୍କର ବହୁତ ବଡ଼ ଭୂମିକା ରହିଛି। ସମସ୍ତଙ୍କୁ ଦେଶର ଅର୍ଥନୀତିରେ ଅନ୍ତର୍ଭୁକ୍ତୀକରଣ ପାଇଁ ସରକାର ଜନଧନ ଯୋଜନା ପ୍ରଚଳନ କରିଥିଲେ ଜଣେ ନାଗରିକର ବ୍ୟାଙ୍କ ଖାତାଟିଏ ରହିବା ଜରୁରୀ ବୋଲି। ଏହି ଘଟଣାଟି ତୃଣମୂଳ ସ୍ତରର ଚିତ୍ରକୁ ପ୍ରତିପାଦିତ କରୁଥିଲା। ଅବଶ୍ୟ ସରକାର ଏହାର ଗୁରୁତ୍ୱକୁ ଉପଲବ୍ଧିକରି ତା'ର ଦୁଆର ମୁହଁରେ ସେବା ତତ୍କ୍ଷଣାତ୍ ପହଞ୍ଚାଇଛନ୍ତି। ବ୍ୟାଙ୍କ ମଧ୍ୟ ତାହାର ଦୁଆର ମୁହଁରେ ପହଞ୍ଚି ସେବା ଯୋଗାଇଛି। ଆମର ଅନେକ ଦିନର ଚେଷ୍ଟା ଚାଲିଛି ସବୁ ମଣିଷ ତା' ଦୁଆର ମୁହଁରେ ସବୁ ସେବା ପାଉ। ଯାହାକୁ ଆମେ ସୁଶାସନ କହୁ। କିନ୍ତୁ ତାହା ଏଯାବତ୍ ଫଳବତୀ ହୋଇନାହିଁ। ସ୍ୱାଧୀନତାର ଏତେ ବର୍ଷ ପରେ ବି କୌଣସି ନାଗରିକଟିଏ ମଧ୍ୟରେ ସଚେତନତା ନ ରହିବା ଅନେକ ଦିଗର ବିଫଳତାକୁ ସୂଚାଉଛି ନିଶ୍ଚୟ। ଏହି ଘଟଣା ଲୋକଲୋଚନକୁ ଆସିଲା ବୋଲି ଅନେକ ଚର୍ଚ୍ଚା। କିନ୍ତୁ ଅନେକ ବିଭାଗରେ, ଅନେକ ସେବା ପାଇବାରୁ ଏବେ ବି ଅନେକ ବଞ୍ଚିତ। ସେବା ପାଇବାକୁ ଟେବୁଲ ପାଖରେ ଅନେକ ସମୟ ଧରି ଗୋଡ଼ ଭାଙ୍ଗି ଠିଆହେବାକୁ ପଡୁଛି, ଏହାକୁ କେହି ଅସ୍ୱୀକାର କରିବେ ନାହିଁ। ଏବେ ବି ଅନେକ ଲାଞ୍ଚ କାରବାରର ଅଭିଯୋଗ ହୁଏ।

କେତେ ବର୍ଷ ତଳେ ଜଣେ ନିରକ୍ଷର ମଣିଷ ତା'ର ରୋଗାକ୍ରାନ୍ତ ସ୍ତ୍ରୀର ଶବକୁ ଡାକ୍ତରଖାନାରୁ ଘରକୁ କାନ୍ଧରେ ବୋହି ଆଣିବା, ଅନେକ ମଣିଷର ହୃଦୟକୁ ଦୋହଲାଇ ଦେଇଥିଲା। ବିଶେଷଜ୍ଞଙ୍କ ସେତେବେଳର ମତ ଥିଲା, ଡାକ୍ତରଖାନାରୁ ଘରକୁ ଶବ ଆସିବା ମଧ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରାୟ ଚାଳିଶଟି ଯୋଜନାର ବିଫଳତାକୁ ବଖାଣୁଥିଲା। ଆମେ ଅନେକ ସମୟରେ ଦେଖୁ ରାସ୍ତା ନ ଥିବାରୁ ରୋଗୀକୁ ଆମ୍ବୁଲାନ୍ସ ତା' ଦୁଆର ମୁହଁରୁ ଠିକ୍ ସମୟରେ ଡାକ୍ତରଖାନାକୁ ଆଣି ନ ପାରିବାରୁ ରୋଗୀର ମୃତ୍ୟୁ ହୁଏ।



ଅନ୍ୟ ଏକ ଘଟଣାରୁ ସମାଜର ଶେଷ ଧାଡ଼ିର ମଣିଷଙ୍କ ଦୟନୀୟ ଚିତ୍ର ପାଇବା। ଜନଗଣନା ଅବ୍ୟବହିତ ପୂର୍ବରୁ ଗୃହଗଣନା ହେଉଛି। ଏଥିରେ ସାମିଲ ନବାଗତ ଶିକ୍ଷକ, ଶିକ୍ଷୟିତ୍ରୀ ମୋବାଇଲ ମାଧ୍ୟମରେ ସେମାନଙ୍କ ଗୃହଗଣନା ଚଳମାନ ଚିତ୍ର ସବୁ ଆଗ୍ରହରେ ପ୍ରକାଶ କରୁଛନ୍ତି। ସେମାନେ ସମାଜର ଚିତ୍ର ଦେଖି ଆଶ୍ଚର୍ଯ୍ୟ ହେଉଛନ୍ତି। ବିଦ୍ୟାଳୟର ଚାରିକାନ୍ଥ ମଧ୍ୟରେ ପିଲାଙ୍କୁ ମଣିଷ କରିବାର ଦାୟିତ୍ୱ ନେଉଥିବା ମଣିଷ, ବାହାରର ଦୁନିଆ ଆଉ ଏକରକମ ଦେଖି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଅନେକ ବାସ୍ତବ କଥା ହୃଦୟଙ୍ଗମ କରୁଛନ୍ତି। କେଉଁଠି ମଣିଷ ଜରିପାଲ ମାରି ରହୁଛି ତ କେଉଁଠି ଗୋଟିଏ ବଖରାରେ ଅନେକ ମଣିଷ ରହୁଛନ୍ତି। ଦାରିଦ୍ର୍ୟ ଚରମ ସୀମାରେ। ଦାରିଦ୍ର୍ୟ, ନିରକ୍ଷରତା, ଅନ୍ଧବିଶ୍ୱାସ, କୁସଂସ୍କାର ଯୋଗୁ ଜନଗଣନା କାର୍ଯ୍ୟକ୍ରମକୁ ବୁଝିବାରେ ଅନେକ ଅକ୍ଷମ ମଧ୍ୟ।

କେହି କେହି କହିପାରନ୍ତି ବ୍ୟାଙ୍କ କିପରି ଜଣକ ପଇସା ଅନ୍ୟ ଜଣକୁ ଦେବ ବିନା କାଗଜପତ୍ରରେ। ଏହା ଶହେ ଶତକଡ଼ା ଠିକ୍। ବ୍ୟାଙ୍କ କାହିଁକି ପଇସା ଦେଲା ନାହିଁ, ଏହା ବିଚାରର ବିଷୟ ନୁହେଁ। ବିଚାରର ବିଷୟ ଏକ ବ୍ୟବସ୍ଥାର ପରାଜୟ ହେଉଛି। ଗଣତାନ୍ତ୍ରିକ ପ୍ରକ୍ରିୟାରେ କେଉଁ ଦଳ ବି ସରକାରରେ ରହିପାରେ, ଏହା ବଡ଼ କଥା ନୁହେଁ। ଆମ ପରି ସାଧାରଣ ମଣିଷ ପାଇଁ ବ୍ୟାଙ୍କ ବିନା ପ୍ରମାଣରେ ଟଙ୍କା ନ ଦେବା ଠିକ୍ ହୋଇପାରେ। କିନ୍ତୁ ବ୍ୟବସ୍ଥାଗତ ତ୍ରୁଟି ରହିଲେ ଏହା ସମାଜର ଅନେକ କ୍ଷତି ଘଟାଇଥାଏ। ଆମ ବ୍ୟବସ୍ଥା ସେତିକି ତାହାର ନାଗରିକଙ୍କୁ ମାନସିକ ଚେତନାରେ, ଆର୍ଥିକ ସ୍ଥିତିରେ ସ୍ୱାବଲମ୍ବୀ କରିନାହିଁ ତାହା ବିଚାରର ବିଷୟ। 'ବ୍ୟବସ୍ଥା'ର ତ୍ରୁଟି ସୁଧାରିବା ଜରୁରୀ। ସ୍ୱାଧୀନତା ପରର ଭାରତବର୍ଷ ତାହାର ନାଗରିକଙ୍କୁ ନିରକ୍ଷରରେ ରଖିବ ନାହିଁ, ଭୋକରେ ରଖିବ ନାହିଁ, ଅନେକ ମହାପୁରୁଷଙ୍କ ଲକ୍ଷ୍ୟ ଥିଲା। ଏହାସହ ଲକ୍ଷ୍ୟ ଥିଲା ଆମରି ନାଆର ଆମେ ନାଉରି ହୋଇ ସୁସ୍ଥ ସମାଜ ଗଢ଼ିବା।

ଫକୀର ମୋହନ ସେନାପତି ନଅଙ୍କ ଦୁର୍ଭିକ୍ଷ କଥା ବର୍ଣ୍ଣନା କରିବାକୁ ଯାଇ ସୂଚାଇଛନ୍ତି, କଙ୍କାଳସାର ମଣିଷଗୁଡ଼ାକ ଟିକେ ଦୂରରୁ ଦେଖି ଜାଣି ହେଉ ନ ଥିଲା, କିଏ ପୁରୁଷ ଆଉ କିଏ ନାରୀ ? ଅଭାବରେ ମଣିଷ କ'ଣ କ'ଣ ଖାଉଥିଲା, ତାହାର ନିଅତା ନାହିଁ। ଆମେ କ'ଣ ସେହି ସମୟକୁ ଯିବା ? ଏବେ ବି କ'ଣ ପୁଷ୍ଟିହୀନତା ସମାଜରେ ଦେଖାଦେଉଥିବ ? ବିଚାରରେ କ'ଣ ଏମିତି ଅବିଚାର ସମାଜରେ ଲାଗି ରହିଥିବ ? ସବୁ ମଣିଷ ମଧ୍ୟରେ କାହିଁକି ଜାଗ୍ରତ ହେଉନାହିଁ ଗୋଦାବରୀଶ ମହାପାତ୍ରଙ୍କ ସେହି ଉକ୍ତି- ଉଠ କଙ୍କାଳ, ଜାଗ ଦୁର୍ବଳ, ଛିନ୍ଡ଼ ଶୃଙ୍ଖଳ।

ମହାତ୍ମା ଗାନ୍ଧୀଙ୍କ ବାଣୀ, ନିଜକୁ ଜଣେ ସର୍ବଦା ପଚାରିବା ଉଚିତ, ମୁଁ ଯେଉଁ କାର୍ଯ୍ୟ କରୁଛି ସେଥିରେ ସମାଜର ଶେଷ ଧାଡ଼ିରେ ଥିବା ମଣିଷର କେତେ ଉନ୍ନତି ହେଉଛି ? ଆମେ ବି ନିଜେ କେତେ ସକ୍ଷମ ହୋଇଛେ ସତେ, ନିଜକୁ ପଚାରିବା ପାଇଁ ? ସମାଜ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାରେ କେତେ ସକ୍ଷମ ହୋଇଛି, ତାହା ବିଚାରର ବିଷୟ। ଶେଷ ଧାଡ଼ିରେ ଥିବା ମଣିଷଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବାକୁ ହେବ। ମନେରଖିବା ଉଚିତ, ସମାଜର ଶେଷ ଧାଡ଼ିରେ ଥିବା ମଣିଷଙ୍କ ସଂଖ୍ୟା ଅନେକ ବେଶି। ଗୋଟିଏ ଘଟଣା ଘଟିଲେ, ତାହା ଆମ ବିଧି ବ୍ୟବସ୍ଥା ଆଡ଼କୁ କେତେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି, ତାହାକୁ ବିଚାର କରିପାରିଲେ ଆଉ ତ୍ରୁଟି ସଂଶୋଧନ କରିପାରିଲେ ସମାଜ ନିଶ୍ଚୟ ଆଗକୁ ଯିବ।

ଗୋଗଳ, କାଏମା, ଯାଜପୁର।
ମୋ:୯୭୭୭୭୪୯୭୨୭

## ଏଇ ଭାରତରେ

ଜଳବାୟୁ ପରିବର୍ତ୍ତନ ସଙ୍କଟ ଗମ୍ଭୀର ହେବାରେ ଲାଗିଛି। ପ୍ରାକୃତିକ ବିପର୍ଯ୍ୟୟର ତୀବ୍ରତା ବୃଦ୍ଧି ପାଉଥିବାବେଳେ କୃଷି ଓ ଜୀବନ ଜୀବିକା ପ୍ରଭାବିତ ହେଉଛି। ଏହାକୁ ନେଇ ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ସଚେତନତା କାର୍ଯ୍ୟକ୍ରମ ଚାଲୁଥିବାବେଳେ ବ୍ୟକ୍ତିଗତ ସ୍ତରରେ ଯେଉଁ କେତେଜଣ ଆଗକୁ ଆସିଛନ୍ତି ସେମାନଙ୍କ ମଧ୍ୟରେ ଚଞ୍ଚଳ କନଓ୍ୱର ସିଂ ଅନ୍ୟତମ। ସେ ଏକାକୀ ଭାରତରେ ୨୦,୩୯୭ କି.ମି. ସାଇକେଲରେ ଯାଇ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଲୋକଙ୍କୁ ସଚେତନ କରୁଛନ୍ତି। ସେ ୬ ମାସ ଧରି ପ୍ରାୟ ସବୁ ରାଜ୍ୟକୁ ଯାଇଛନ୍ତି। ସେ ତାଙ୍କ ଯାତ୍ରା ୨୮ ଅଗଷ୍ଟ ୨୦୨୨ରେ ଆରମ୍ଭ କରି ଚଳିତବର୍ଷ ଫେବୃଆରୀରେ ଶେଷ କରିଛନ୍ତି। ଏହି ଯାତ୍ରା ସମୟରେ ସେ ସର୍ବନିମ୍ନ ଆବଶ୍ୟକତାକୁ ଆଧାର କରି ଜୀବନ ବିତାଇଛନ୍ତି। ଚଞ୍ଚଳଙ୍କ ବୟସ ୩୯। ଏହି ସାଇକେଲ ଯାତ୍ରା ସମୟରେ ସେ ସ୍କୁଲ ଓ କଲେଜଗୁଡ଼ିକୁ ଯାଇ ସଚେତନତା ବାର୍ତ୍ତା ଦେଇଛନ୍ତି। ଏହାସହ ପରିବେଶ କାର୍ଯ୍ୟକ୍ରମ ସହ ଜଡ଼ିତ ସବୁ ରାଜ୍ୟର କର୍ମଚାରୀଏବଂ ପରିବେଶବିତ୍‌ଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ମେ ୧୯୭୭

- 'ଖୋପୋଡ଼ି' ନାମକ ଏକ ଦେଶୀ ମଦ ପିଇ ବମ୍ବେର ଉତ୍ତର ପୂର୍ବାଞ୍ଚଳସ୍ଥିତ ଘଟକପୁରରେ ୧୫ ଜଣଙ୍କ ମୃତ୍ୟୁ।
- ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ରୂପେ ନରସିଂହ ଅବସ୍ଥାପିତ ହୋଇଛନ୍ତି।
- ସୁପ୍ରିମ୍ କୋର୍ଟରେ ୪୨ତମ ସମ୍ବିଧାନ ସଂଶୋଧନ ଅନ୍ତର୍ଭୁକ୍ତ କେତେକ ବିଷୟର ବୈଧତା ପ୍ରଶ୍ନ କରି ଏକ ରିଟ୍ ଆବେଦନ ଦାଖଲ।

## ଚିରନ୍ତନୀ

ଫଟାଇ ସେ ଧରଣୀର ବୁକୁ
ଡାକି ଉଠେ ପୁଣି ତୁଆ ତୁଆ
ପଞ୍ଚମୀ ଜୋଛନାକୁ ଠେଲି
ସେ ବାଣୀ ଗଗନେ ଯାଏ ମେଲି
କ୍ରନ୍ଦନ କୁଆଁ କୁଆଁ କୁଆଁ
ଡାକି ଉଠେ ପୁଣି ତୁଆ ତୁଆ ।
–(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 5 | 8 | | 4 | 2 | | |
| | 9 | | | | | | | |
| 4 | 2 | | 5 | | | | | 9 |
| | | 7 | | 6 | | | | |
| | | | | | | | 1 | 3 |
| 2 | 1 | | 3 | | | | | |
| | | | | 8 | | | 9 | 6 |
| 6 | | | | | | 1 | 4 | |
| 1 | | | 4 | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 6 | 8 | 5 | 2 | 7 | 1 | 9 |
| 8 | 2 | 9 | 3 | 7 | 1 | 6 | 4 | 5 |
| 1 | 5 | 7 | 4 | 6 | 9 | 8 | 3 | 2 |
| 6 | 8 | 5 | 7 | 9 | 3 | 1 | 2 | 4 |
| 7 | 3 | 2 | 5 | 1 | 4 | 9 | 6 | 8 |
| 9 | 1 | 4 | 2 | 8 | 6 | 3 | 5 | 7 |
| 2 | 6 | 3 | 9 | 4 | 8 | 5 | 7 | 1 |
| 4 | 7 | 8 | 1 | 3 | 5 | 2 | 9 | 6 |
| 5 | 9 | 1 | 6 | 2 | 7 | 4 | 8 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ଦ୍ଦେଶକୁ ଅବମାନନା

ମହାଶୟ,

ସରକାର ଗୁଟ୍‌ଖା ବିକ୍ରିକୁ ନିଷେଧ କରିବା ପରେ କିଛିଦିନ ଧରି ସମଗ୍ର ପୁରୀ ଜିଲାରେ ଧରପଗଡ଼ ହେଲା। ବେଆଇନ ଗୁଟ୍‌ଖା କାରଖାନା ଉପରେ ଚଢ଼ାଉ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ବି ନିଆଗଲା। ହେଲେ ସ୍ୱାସ୍ଥ୍ୟ ବିଭାଗର ସ୍ଥାଣୁତା ଯୋଗୁ ଛକବଜାର ଓ ଗ୍ରାମାଞ୍ଚଳରେ ଅବାଧରେ ଗୁଟ୍‌ଖା ବିକ୍ରି ହେଉଛି। ପର୍ଯ୍ୟଟନ କ୍ଷେତ୍ର ସତ୍ୟବାଦୀ (ସାକ୍ଷୀଗୋପାଳ) ସିଂହଦ୍ୱାରା ସମ୍ମୁଖରେ ପାନ ଦୋକାନ ଆଗରେ ମାଳ ମାଳ ଗୁଟ୍‌ଖା ଟଙ୍ଗା ଯାଇଥିବା ଦେଖିବାକୁ ମିଳୁଛି। ସରକାରଙ୍କ ନିର୍ଦ୍ଦେଶକୁ ବ୍ୟବସାୟୀମାନେ ମାନୁନାହାନ୍ତି। ଓଡ଼ିଶା ସରକାରଙ୍କ କୌଣସି ଏକ ନିୟମ କିଛିଦିନ ଧରି କାର୍ଯ୍ୟକାରୀ ହେବାପରେ ପୁଣି ସ୍ଥାଣୁ ପାଲଟି ଯାଉଛି। ଏହାର କାରଣ ଖୋଜିବା ଦରକାର। ନଚେତ୍ ପଲିଥିନ ଓ ଗୁଟ୍‌ଖା ବିକ୍ରି ନିଷେଧ ପରି ସରକାରଙ୍କ ସବୁ ନିର୍ଦ୍ଦେଶ ପାଣିଚିଆ ହୋଇଯିବ।

–ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

# ଗୋରୁ ଚାଲାଣ ବେଳେ ଗାଡ଼ି ଜାଳିଦେଲେ

ଭଦ୍ରକ,୩।୫
(ସନାତନ ରାଉତ)

ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ଥାନା ଅଧୀନ ଭଟଁତିରା ରେଲ୍‌ୱେ ଷ୍ଟେଶନ ଲେଭଲ କ୍ରସିଂ ନିକଟରେ ରବିବାର ଭୋର ସମୟରେ ବେଆଇନ ଗୋରୁ ବୋଝେଇ କରି ନେଉଥିବା ଏକ ଟାଟା ଓମିନି ଗାଡ଼ିକୁ ଲୋକେ ଜାଳି ଦେଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଗାଡ଼ିଟି ୭ ଗୋରୁଙ୍କୁ ବୋଝେଇ କରି ସାବରଙ୍ଗରୁ ଭଦ୍ରକ ମିର୍ଜାପୁରକୁ ଯାଉଥିଲା। ସ୍ଥାନୀୟ ଲୋକଙ୍କ କହିବା ମୁତାବକ କେତେଜଣ ଲୋକ ଗାଡ଼ିକୁ ପିଛା କରି ଉକ୍ତ ସ୍ଥାନରେ ଅଟକାଇବାରୁ ଡ୍ରାଇଭର ଖସି ପଳାଇଥିଲେ। ଗାଡ଼ି ଭିତରୁ ଗୋରୁଙ୍କୁ ବାହାର କରି ଲୋକେ ନିଆଁ ଲଗାଇ ଦେଇଥିଲେ। ଗାଡ଼ି ଜଳୁଥିବା ଖବର ପାଇ ସାବରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଦମକଳ ବାହିନୀକୁ ଡକାଇ ନିଆଁ ଲିଭାଇବା ପରେ ଜଳିଯାଇଥିବା ଗାଡ଼ିକୁ ପୋଲିସ ଥାନାକୁ ନେଇଛି। ଏନେଇ ପୋଲିସ ନିଜଆଡ଼ୁ ଏକ ମାମଲା (ନଂ.୧୪୧/୨୬) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ଶାନ୍ତନୁ ଜେନା କହିଛନ୍ତି।



ଜଳିଯାଇଥିବା ଗାଡ଼ି।

# ୧୧ ବାଇକ୍ ଜବତ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୩।୫(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବୈଦ୍ୟନାଥପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କେ.ନୂଆଗାଁ ଥାନା ଅନ୍ତର୍ଗତ ଗଡ଼ ସାମନ୍ତରାପୁର ଗ୍ରାମର ବି.ସନ୍ତୋଷ ପାତ୍ର(୨୨)। ସନ୍ତୋଷ ସହରର ବିଭିନ୍ନ ସ୍ଥାନରୁ ଚୋରିକରି ନିଜ ଗ୍ରାମରେ ବିକ୍ରି କରିଥିବା ୧୧ଟି ବାଇକ୍‌କୁ ପୋଲିସ ଜବତ କରିଛି। ବୈଦ୍ୟନାଥପୁର, ବଡ଼ବଜାର ଓ ଦିଗପହଣ୍ଡି ଥାନା ଅଞ୍ଚଳରୁ ଏସବୁ ବାଇକ୍ ଚୋରି ହୋଇଥିଲା। ସନ୍ତୋଷଙ୍କ ନିକଟରୁ ୨ଟି ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି। ସନ୍ତୋଷ ଗାଡ଼ି ଚୋରିକରି ଲୋକମାନଙ୍କଠାରୁ ୫/୭ ହଜାର ଟଙ୍କା ନେଇ ତାହା ବନ୍ଧକ ସୂତ୍ରରେ ଦେଇଥିବା ଜେରା ବେଳେ ଜଣାପଡ଼ିଛି। ମାମଲା ନଂ.୨୦୮/୨୬ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ବୈଦ୍ୟନାଥପୁର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି। ଚୋରା ଗାଡ଼ିଗୁଡ଼ିକ ରଖିଥିବା ଲୋକମାନଙ୍କୁ ପୋଲିସ ପକ୍ଷରୁ ନୋଟିସ ଯାଇଛି। ନିମଖଣ୍ଡି ଥାନା ଅନ୍ତର୍ଗତ ବାପୁଜୀନଗର ୬ଷ୍ଠ ସାରଣୀରେ ରହୁଥିବା ରଞ୍ଜିତା ପାତ୍ର ଶିବସାଇ ହସ୍ପିଟାଲରେ ଷ୍ଟାଫ ନର୍ସ ଭାବେ କାମ କରନ୍ତି। ସେ ଗତ ୧ ତାରିଖରେ ଡ୍ୟୁଟିକୁ ଯାଇଥବା ବେଳେ ବାହାରେ ନିଜ ସ୍କୁଟିକୁ ପାର୍କିଂ କରିଥିଲେ। ସନ୍ଧ୍ୟାରେ ଫେରିବା ବେଳକୁ ଗାଡ଼ି ସେଠାରେ ନ ଥିଲା। ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ତାଙ୍କୁ କାବୁ କରି ଜେରାବେଳେ ସେ ଚୋରି ଗାଡ଼ିଗୁଡ଼ିକ ବିକ୍ରି କରିଦେଉଥିବା କହିଥିଲେ। ପୋଲିସ ଗାଡ଼ିଗୁଡ଼ିକ ଜବତ କରିଥିଲା। ଜବତ ଗାଡି ମଧ୍ୟରୁ କମାପଲି ଭେଣ୍ଡିଂ ଜୋନରୁ ଚୋରି ହୋଇଥିବା ଏକ ଗାଡିର ମାଲିକ ଥାନାରେ କୌଣସି ଅଭିଯୋଗ କରି ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସନ୍ତୋଷଙ୍କୁ ଗତବର୍ଷ ଏପ୍ରିଲରେ ବାଇକ୍ ଚୋରି ମାମଲା(ନଂ.୨୦୦/୨୫)ରେ ବୈଦ୍ୟନାଥପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।



ବି.ସନ୍ତୋଷ ପାତ୍ର

# ଯୁବକଙ୍କୁ ଅପହରଣବେଳେ ଗୋଡ଼ାଇ ଧରିଲା ପୋଲିସ, ୩ ଗିରଫ

ଭଦ୍ରକ,୩।୫
(ସନାତନ ରାଉତ)

ବ୍ୟବସାୟିକ ବିବାଦ ଓ ଟଙ୍କା ନେଣଦେଣକୁ ନେଇ ସ୍ୱଷ୍ଟ ଦିବାଲୋକରେ ରାସ୍ତାରୁ ଜଣେ ଯୁବକଙ୍କୁ ଫିଲ୍ମ ଷ୍ଟାଇଲରେ କେତେଜଣ ଯୁବକ ଅପହରଣ କରି ଏକ ଗାଡ଼ିରେ ନେଉଥିଲେ। ଘଟଣାସ୍ଥଳରେ ଯୁବକଙ୍କ ଜୋତା ଓ ପନିପରିବା ପଡ଼ି ରହିଥିଲା। ଖବରପାଇ ଭଦ୍ରକ ଟାଉନ ପୋଲିସ ପିଛା କରି ଉକ୍ତ ଗାଡ଼ିକୁ ଧରିବା ସହ ଅପହରଣକାରୀଙ୍କୁ କାବୁ କରିଛି। ରବିବାର ପୂର୍ବାହ୍ନରେ ଭଦ୍ରକ ସହରରେ ଏଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି। ଅପହରଣ କରାଯାଇଥିବା ଯୁବକ ହେଲେ କଟକ ଅଞ୍ଚଳର ପ୍ରସନ୍ନ ପ୍ରଧାନ(୩୨)। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳର ଚନ୍ଦନ ସାହୁ, ଦେବାଶିଷ ଆଚାର୍ଯ୍ୟ ଓ ରାଜେଶ କୁମାର ସାହୁ।

ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟାରେ ଭଦ୍ରକ ସହରର ପୋଷ୍ଟଅଫିସ ଛକ ନିକଟରେ ୩/୪ଜଣ ଯୁବକ ଏକ ସ୍କର୍ପିଓରେ ଆସି ପ୍ରସନ୍ନଙ୍କୁ ଜୋରଜବରଦସ୍ତ ଅପହରଣ କରି ନେଇଥିଲେ। ସେମାନଙ୍କ ସହ ତାଙ୍କର କିଛି ସମୟ ଧସ୍ତାଧସ୍ତି ହୋଇଥିଲା। ଏହି ଘଟଣା ବିଷୟରେ ଜଣେ ବ୍ୟକ୍ତି ଥାନାଧିକାରୀଙ୍କୁ ଫୋନ୍ ମାଧ୍ୟମରେ ଜଣାଇଥିଲେ। ପରେ ଉକ୍ତ ଗାଡ଼ିକୁ ଧରିବା ପାଇଁ ଗୋଟିଏ ପୋଲିସ ଟିମ୍ ବାଲେଶ୍ୱର ଓ ଆଇଆଇସିଙ୍କ ନେତୃତ୍ୱରେ ଆଉ ଗୋଟିଏ ଟିମ୍ କଟକ ଅଭିମୁଖେ ବାହାରିଥିଲା। ଭଦ୍ରକ ସହରଠାରୁ ପ୍ରାୟ ୮ କି.ମି. ଦୂର ଭଦ୍ରକ-କଟକ ୧୬ ନଂ. ଜାତୀୟ ରାଜପଥର ବାରିକପୁର ନିକଟରେ ଉକ୍ତ ଗାଡ଼ିକୁ ପୋଲିସ ଧରିଥିଲା। ଅପହରଣକାରୀ ୩ ଯୁବକଙ୍କ ସହ ଅପହରଣ କରାଯାଇଥିବା ପ୍ରସନ୍ନଙ୍କୁ ମଧ୍ୟ ଗାଡ଼ି ସହ ପୋଲିସ ଥାନାକୁ ନେଇଥିଲା। ପ୍ରସନ୍ନ ଭଦ୍ରକ ପୌରାଞ୍ଚଳ କୁଆଁସଠାରେ ଘରଭଡ଼ା ନେଇ ରହନ୍ତି। ଏହି ଘଟଣା ନେଇ ଥାନାରେ ଏକ ମାମଲା (ନଂ.୨୮୮/୨୬) ରୁଜୁ ହୋଇଛି। ଗିରଫ ୩ ଯୁବକଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ମିଶ୍ର କହିଛନ୍ତି।

# ଦିବ୍ୟାଙ୍ଗ ଝିଅାରୀଙ୍କୁ ବଳାତ୍କାର,ସମ୍ପର୍କୀୟ ଦାଦା ଅଟକ

ବିଞ୍ଝାରପୁର,୩।୫ (ରାମକୃଷ୍ଣ ଦାସ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ଯୁବତୀ(୨୭)ଙ୍କୁ ରବିବାର ଅପରାହ୍ନରେ ତାଙ୍କ ସମ୍ପର୍କୀୟ ଦାଦା ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଯୁବତୀଙ୍କ ପରିବାର ଲୋକେ ଏକ ବିବାହ କାର୍ଯ୍ୟକ୍ରମରେ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଯୁବତୀଙ୍କୁ ବଳତ୍କାର କରିଥିଲେ ବୋଲି ଯୁବତୀଙ୍କ ବାପା ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ନଂ.୨୦୪/୨୫ ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଏଥିସହିତ ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ଏହି ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି।

# ୩ ମାସ ପରେ ଶ୍ୱଶୁର, ଦିଅର ଜେଲ ଗଲେ

ଦିଗପହଣ୍ଡି,୩।୫(ଅଶେଷ ନାଥ ମିଶ୍ର)

**ଯୌତୁକଜନିତ ବଧୂହତ୍ୟା ଘଟଣା**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଜକରାପଲ୍ଲୀ ଗ୍ରାମର ଅଜିତ ବିଷୋୟୀଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀଙ୍କୁ ଗତ ଫେବୃଆରୀ ୪ ତାରିଖରେ ଅଧିକା ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ସନ୍ଧ୍ୟାଙ୍କ ଶ୍ୱଶୁର ନିରଞ୍ଜନ ବିଷୋୟୀ ଓରଫ ନୀର (୫୯) ଏବଂ ଦିଅର ବିଜୟ ବିଷୋୟୀ ଓରଫ ବିଜୁ(୨୬)ଙ୍କୁ ତଦନ୍ତକାରୀ ଅଧିକାରୀ ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ମାମଲା ନଂ.୩୯/୨୬ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି।

୨୦୨୧ ଡିସେମ୍ବର ୧୧ ତାରିଖରେ ବ୍ରହ୍ମପୁର ସଦର ଥାନା ଲାଠି ଗ୍ରାମର କାଳିଆ ସ୍ୱାଇଁଙ୍କ ଝିଅ ସନ୍ଧ୍ୟା ଜକରାପଲ୍ଲୀ ଗ୍ରାମର ନିରଞ୍ଜନଙ୍କ ପୁଅ ଅଜିତଙ୍କୁ ବିବାହ କରିଥିଲେ। ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ଦାବି ପ୍ରକାରେ ଟଙ୍କା ସୁନା ଓ ସମସ୍ତ ପ୍ରକାର ଆସବାବପତ୍ର ଯୌତୁକ ଦିଆଯାଇଥିଲା। ବିବାହର କିଛି ଦିନ ସୁଖରେ କଟିବା ପରେ ଅଧିକ ଯୌତୁକ ଦାବି ନେଇ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ସନ୍ଧ୍ୟାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏଥିପାଇଁ ସନ୍ଧ୍ୟାଙ୍କୁ ପ୍ରାୟତଃ ବାପଘରେ ରହିବାକୁ ପଡୁଥିଲା। ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଇଥିବା ଅଜିତ କିଛିଦିନ ପୂର୍ବେ ନିଜ ଗାଁକୁ ଫେରିବା ପରେ ସନ୍ଧ୍ୟାଙ୍କୁ ଆଣି ତାଙ୍କ ଘରେ ଛାଡ଼ିବାକୁ ଶ୍ୱଶୁର ଘର ଲୋକଙ୍କୁ ଅନୁରୋଧ କରିଥିଲେ। ଗତ ଫେବୃଆରୀ ୧ ତାରିଖରେ ବାପ ଘର ଲୋକେ ସନ୍ଧ୍ୟାଙ୍କୁ ଜକରାପଲ୍ଲୀ ଗାଁ ଶ୍ୱଶୁର ଘରେ ଛାଡ଼ି ଫେରିଥିଲେ। ତେବେ ପୁଣି ଥରେ ତାଙ୍କୁ ଶାରୀରିକ ନିର୍ଯ୍ୟାତନା ଦିଆଯାଇଥିଲା। ଫେବୃଆରୀ ୪ରେ ସନ୍ଧ୍ୟା ଗୁରୁତର ହୋଇପଡିବାରୁ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଝିଅକୁ ବିଷ ପିଆଇ ହତ୍ୟା କରାଯାଇଥିବା ନେଇ ସନ୍ଧ୍ୟାଙ୍କ ମା' ସବିତା ସ୍ୱାଇଁ ଥାନାରେ ଏତଲା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଏହି ଘଟଣାରେ ସନ୍ଧ୍ୟାଙ୍କ ସ୍ୱାମୀ ଅଜିତ ଙ୍କୁ ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ଗିରଫ କରି କୋର୍ଟ ଚାଲାଣ କରିଥିଲେ। ବ୍ରହ୍ମପୁର ଏସ.ପି ଡ଼.ସର୍ବଣା ବିବେକ. ଏମ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ଙ୍କୁ ହଟାଇ ଚିକିଟି ଏସଡିପିଓ ଙ୍କୁ ତଦନ୍ତକାରୀ ଅଧିକାରୀ ଭାବେ ଗତ ମାର୍ଚ୍ଚ ୨୪ ତାରିଖରେ ଦାୟିତ୍ୱ ନ୍ୟସ୍ତ କରିଥିଲେ। ଘଟଣା ପରଠାରୁ ଅଭିଯୁକ୍ତ ମାନେ ଫେରାର ଥିଲେ।

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. 9001/31/2627: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଆସନ୍ତା ସୋମବାର, **ତା୦୪।୦୫।୨୦୨୬ରିଖ** ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-9001/9001/1/26-27/0015

# କଫ ସିରପ୍ ଜବତ, ୩ କୋର୍ଟ ଚାଲାଣ

ନୂଆପଡ଼ା,୩।୫
(ମକାରୁ ବେମାଲ)

ନୂଆପଡ଼ା ଜିଲା ସଦର ଥାନା ପୋଲିସ ୧୪୩ ବୋତଲ କଫ ସିରପ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ରବିବାର ସଦର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପଖଣ୍ଡ ପୋଲିସ ଅଧିକାରୀ ଖିଲେଶ୍ୱର ସାହୁ ସୂଚନା ଦେଇଛନ୍ତି। ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ.୧୨ ସିରତୋଲ ପୋଖରୀ ପାଖରେ କୋରେକ୍ସ (କଫ୍ ସିରପ) ଅବାଧରେ ବିକ୍ରୟ ହେଉଛି ବୋଲି ନୂଆପଡ଼ା ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ସଦର ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ଏକ ଟିମ୍ ସିରତୋଲ ପୋଖରୀ ଚତୁଃପାର୍ଶ୍ୱରେ ଘେରି ଯାଇ ୩ ଯୁବକଙ୍କୁ କାବୁ କରିଥିଲେ। ସେଠାରୁ କୋରେକ୍ସ ଥିବା ୨ଟି ବ୍ୟାଗକୁ ଜବତ କରିଥିଲେ। ଅଭିଯୁକ୍ତମାନେ ହେଲେ ନୂଆପଡ଼ା ଅଞ୍ଚଳର ରଞ୍ଜନ ଓରଫ ଟିଟୁ ଦାସ(୪୧), ଅରବିନ୍ଦ ନାଏକ (୨୦) ଓ ଡଲୁ ଓରଫ ସୁଧୀର ନାଗ (୨୬)।

ସିରତୋଲ ପୋଖରୀ ସମ୍ମୁଖରେ ପ୍ରତିଦିନ ବାହାର ଲୋକ କୋରେକ୍ସ ବା କଫ୍ ସିରପ ଆଣି ସ୍ଥାନୀୟ ବେପାରୀଙ୍କୁ ଯୋଗାଇଥାନ୍ତି ବୋଲି ଅଭିଯୋଗ ହୋଇଥିଲା। ଏହା ଉପରେ ସଦର ଥାନା ପୋଲିସ ନଜର ରଖି ଶନିବାର କୌଣସି ସୂତ୍ରରୁ ଖବର ପାଇ କଫ ସିରପ୍ ଆଣି ଯୋଗାଣ କରୁଥିବା ସମୟରେ ମାଡ଼ି ବସିଥିଲା। ଅଭିଯୁକ୍ତମାନେ ଧରିଥିବା ୨ଟି ବ୍ୟାଗକୁ ଯାଞ୍ଚ କରିବାରୁ ୧୪୩ଟି କଫ ସିରପ୍ ବାହାରିଥିଲା। କଫ ସିରପ୍ ସହ ଗୋଟିଏ ମୋବାଇଲ ଓ ନଗଦ ୧ ହଜାର ୫୦ ଟଙ୍କା ଜବତ କରାଯାଇଛି। ଏନେଇ ନୂଆପଡ଼ା ସଦର ଥାନାରେ ଏକ ମାମଲା (ନଂ.୯୩/୨୦୨୬) ରୁଜୁ ହୋଇଛି।




ପୋଲିସ ଗହଣରେ ଅଭିଯୁକ୍ତ।

No. 18001/19/2627

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୬
### ୦୯।୦୫।୨୦୨୬ (ଦ୍ୱିତୀୟ ଶନିବାର)
**ବିଶେଷ ସୂଚନା**

୧) ଅଦାଲତରେ ଆପଣଙ୍କର ଯଦି କୌଣସି ମକଦ୍ଦମା ବିଚାରାଧୀନ ରହିଛି କି ବା ଆପଣଙ୍କର କାହା ସହିତ କୌଣସି ଆଇନଗତ ବିବାଦ ରହିଛି ତାହାର ପରିସମାପ୍ତି ରାଷ୍ଟ୍ରୀୟ ଲୋକ ଅଦାଲତ ମାଧ୍ୟମରେ ହୋଇପାରିବ।
୨) ୦୯।୦୫।୨୦୨୬ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଅଦାଲତ ଏବଂ ତାଲୁକ୍‌ସ୍ତରୀୟ ଅଦାଲତ ଓ ଅନ୍ୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୩) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ସ୍ୱୀକାରମୂଳକ ବୁଝାମଣା (ପ୍ଲି-ବାରଗେନିଂ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ସାଲିସ୍‌ଯୋଗ୍ୟ ଟ୍ରାଫିକ ଚାଲାଣ, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା/ଖାଉଟି ବିବାଦ/ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେଓ୍ୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ।
୪) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନ ଥିବା ମାମଲା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୫) ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଡିକ୍ରିଜାରି ଯୋଗ୍ୟ।
୬) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୭) ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ।
୮) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ:
ମୋ: ୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ-ମେଲ୍: oslsa2020@gmail.com

OIPR-18001/18008/2/26-27/0007

## ସମାଧାନ ସମାରୋହ ୨୦୨୬
### ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ ବିଶେଷ ଲୋକ ଅଦାଲତ

No. 18001/20/2627: ଭାରତର ଜନସାଧାରଣ ସରଳ ଏବଂ ସୁବିଧାରେ ନ୍ୟାୟ ପାଇବା ନିମନ୍ତେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ଅଭିଯାନ ଆରମ୍ଭ କରିଛନ୍ତି ଯାହାକି "ସମାଧାନ ସମାରୋହ ୨୦୨୬" ନାମରେ ନାମିତ ହୋଇଛି। ଏହି ଅଭିଯାନର କାର୍ଯ୍ୟକ୍ରମ ଅନୁଯାୟୀ ଏକ ବିଶେଷ ଲୋକ ଅଦାଲତ ୨୦୨୬ ମସିହା ଅଗଷ୍ଟ ମାସ ୨୧, ୨୨ ଓ ୨୩ ତାରିଖରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବିଶେଷ ଲୋକ ଅଦାଲତରେ ଉଭୟ ପକ୍ଷଙ୍କ ସହମତିରେ ଏବଂ ଆପୋଷ ବୁଝାମଣା ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟଙ୍କଠାରେ ବିଚାରାଧୀନ ମାମଲାଗୁଡ଼ିକର ପରିସମାପ୍ତି କରାଯିବ।

ଏହି ବିଶେଷ ଲୋକ ଅଦାଲତରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟଠାରେ ବିଚାରାଧୀନ ଥିବା ପାରିବାରିକ ବିବାଦ, ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଧନାଦେଶ ଅଗ୍ରାହ୍ୟ (ଚେକ୍ ବାଉନ୍ସ) ମାମଲା, ଭୂ-ଅଧିଗ୍ରହଣ ଜନିତ ମାମଲା, ରଫାଯୋଗ୍ୟ ଫୌଜଦାରୀ ମାମଲା, ଶ୍ରମ ବିବାଦ ଓ ଅନ୍ୟାନ୍ୟ ଉପଯୁକ୍ତ ମାମଲା ଯେଉଁଥିରେ ଆପୋଷ ବୁଝାମଣା ହେବା ସମ୍ଭବ ଆଦି ଗ୍ରହଣ କରାଯାଇପାରିବ।

ବିଶେଷ ଲୋକ ଅଦାଲତ ଅନୁଷ୍ଠିତ ହେବା ପୂର୍ବରୁ ଏକ ପ୍ରାକ୍-ଲୋକ ଅଦାଲତ ବୈଠକରେ ପକ୍ଷମାନେ ଏବଂ ସେମାନଙ୍କ ଅଧିବକ୍ତାମାନେ ଯୋଗଦେଇ ସେମାନଙ୍କ ମାମଲା ବିଷୟରେ ଆଲୋଚନା କରି ଏହାର ସମାଧାନ ପାଇଁ ସର୍ତ୍ତାବଳୀ ନିର୍ଦ୍ଧାରଣ କରିବାକୁ ସୁଯୋଗ ପାଇବେ। ଏଥି ନିମନ୍ତେ ସ୍ଥିରୀକୃତ ମାମଲାଗୁଡ଼ିକରେ ପକ୍ଷମାନଙ୍କୁ ସୂଚନା (ନୋଟିସ୍) ଦିଆଯିବ। ଉଭୟପକ୍ଷ ସ୍ୱେଚ୍ଛାକୃତଭାବେ ଏହି ବୈଠକରେ ବ୍ୟକ୍ତିଗତ କିମ୍ବା ଆଭାସୀ ମାଧ୍ୟମରେ ଯୋଗଦାନ କରିପାରିବେ। ମାମଲାର ପରିସମାପ୍ତି ପାଇଁ ସର୍ତ୍ତାବଳୀ ନିର୍ଦ୍ଧାରଣ କରିବା ନିମନ୍ତେ ଉଭୟ ପକ୍ଷଙ୍କ ମଧ୍ୟରେ ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଓ ତାଲୁକ୍ ସ୍ତରରେ ଥିବା ମଧ୍ୟସ୍ଥତା କେନ୍ଦ୍ରରେ ଏହି ବୈଠକଗୁଡ଼ିକର ଆୟୋଜନ କରାଯିବ। ଏହି ପ୍ରାକ୍-ଲୋକ ଅଦାଲତ ବୈଠକରେ ତାଲିମ୍‌ପ୍ରାପ୍ତ ମଧ୍ୟସ୍ଥ ଓ ଆଇନ ସେବା ସଂସ୍ଥାର ଅଧିକାରୀମାନେ ପକ୍ଷମାନଙ୍କୁ ସହାୟତା ପ୍ରଦାନ କରିବେ। ଉଭୟ ପକ୍ଷଙ୍କ ସହମତିକ୍ରମେ ମାମଲାଗୁଡ଼ିକୁ ବିଶେଷ ଲୋକ ଅଦାଲତରେ ସ୍ଥାନିତ କରାଯାଇ ଫଇସଲା କରାଯିବ। ସର୍ବୋଚ୍ଚ ନ୍ୟାୟାଳୟରେ ମାମଲାଲିପ୍ତ ଆଗ୍ରହୀ ପକ୍ଷମାନେ **https://www.sci.gov.in**ରେ ନିଜ ତରଫରୁ ଏହି ବିଶେଷ ଲୋକ ଅଦାଲତରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ।

ଏହାର ସୁଯୋଗ ନେଇ ମାମଲାଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ପଦକ୍ଷେପ ନେବାପାଇଁ ମାମଲାରେ ଜଡ଼ିତ ଉଭୟ ପକ୍ଷମାନଙ୍କୁ ଅନୁରୋଧ କରାଯାଉଛି। ଏହି ସମ୍ବନ୍ଧରେ ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦେୟମୁକ୍ତ ନମ୍ବର ୧୫୧୦୦ କିମ୍ବା ନିକଟସ୍ଥ ଆଇନ ସେବା ସଂସ୍ଥା ସହ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
OIPR-18001/18008/2/26-27/0008 oslsa1997@gmail.com, ୯୪୩୮୫୭୮୫୮୬

**Summon for settlement of issues**
**(Order 5, Rule 20 CPC)**
**In the Court of Civil Judge Senior Division, Rourkela**
**C. S. No. 195 of 2020**

**State Bank of India SME** .............. **Plaintiff**
**Versus**
**Manoranjan Mohanty** ............. **Defendants**

To,
**Manoranjan Mohanty** aged about 37 years son of Sri Nrusinha Mohanty @ Nrusinha Charan Mohanty, resident of house No. C-433, Koelnagar, Rourkela -769014, PS- Jhirpani District- Sundargarh, Odisha.

Whereas, **State Bank of India**, SME now RASMEC At-Sector-17, Rourkela-3, has instituted a suit against you for recovery of **Rs. 79,217.00** (rupees seventy-nine thousand two hundred seventeen) only with interest and cost. You are hereby summoned to appear in this court in person, or by pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **14th day of May 2026 at 7.00 AM** O'clock in the morning to answer the claims and further you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement.

Take notice that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the court, this **06th day of March of 2026**

**Sd./- Civil Judge Senior Division, Rourkela**

**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C. S. No 14 of 2016**

**State Bank of India** .............**Plaintiff**
**Versus**
**Nausad Alam** ................... **Defendants**

To.
1. **MD NAUSAD ALAM**, son of Late Kudrat Ali, resident of Village- Baidyanathpur, At/PO/PS- Hatibari, District- Sundargarh-770046
2. MD Sirajuddin, son of MD Kamuruddin resident of Jaharitoli At/PO- Purnapani, PS- Hatibari, District- Sundargarh-770046

Whereas, **State Bank of India**, Hatibari At-Hatibari, Sundargarh-770046 has instituted a suit against you for recovery of **Rs. 1,92652.00** (rupees one lakh ninety-two thousand six hundred fifty-two) only with interest and cost. You are hereby summoned to appear in this court in person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **13th day of May 2026 at 7.00 AM** O'clock in the morning to answer the claims and further you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement

Take notice that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the court, this **18th day of March of 2026.**

**Sd./- Senior Civil judge, Rourkela**

## ନଳକୂପରୁ ବାହାରୁଛି ଗୋଳିଆ ପାଣି

ବାଉଁଶୁଣୀ,(ଦେବାଶିଷ ନେପାକ): ବୌଦ୍ଧ ବ୍ଲକ ମୁଣ୍ଡିପଦର ଗ୍ରାମପଞ୍ଚାୟତ ଅଧୀନ ହରିପୁର ଗ୍ରାମର ଦଳିତ ସାହିରେ ଥିବା ଏକ ନଳକୂପରୁ କିଛିଦିନ ହେଲା ଗୋଳିଆ ପାଣି ବାହାରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ପାଣିରେ ଲୁହା ଗୁଣ୍ଡ ଏବଂ ଶିଉଳି ଖଣ୍ଡ ବାହାରୁଛି। ଫଳରେ ଲୋକେ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି । ତୁରନ୍ତ ଏହି ନଳକୂପ ମରାମତି କିମ୍ବା ନୂତନ ନଳକୂପ ଖୋଳିବା ପାଇଁ ଦାବି ହେଉଛି।

# ସମ୍ପୂର୍ଣ୍ଣ ସମାଜ ଏକାଠି ହୋଇ ହକ ପାଇଁ ଲଢ଼ିବାକୁ ପଡ଼ିବ

## ସମ୍ବଲପୁରରେ ହେବ ରାଜ୍ୟସ୍ତରୀୟ ଚଷା ସମାଜ ମହାସମାବେଶ

**ଜିଲାସ୍ତରୀୟ ଚଷା ସମାଜର ବୈଠକ**



ସମ୍ବଲପୁର ଜିଲାସ୍ତରୀୟ ଚଷା ସମାଜର ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତାମାନେ।

ସମ୍ବଲପୁର,୩।୫(ବି.ଶଙ୍କର)

ସମ୍ବଲପୁର ଜିଲାସ୍ତରୀୟ ଚଷା ସମାଜର ପ୍ରସ୍ତୁତି ବୈଠକ ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୁନରେ ସମ୍ବଲପୁରରେ ଏକ ରାଜ୍ୟସ୍ତରୀୟ ଚଷା ସମାଜ ମହାସମାବେଶ କରି ଶକ୍ତି ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାସହ ସମାଜର ବିଭିନ୍ନ ପାରମ୍ପାରିକ ସମସ୍ୟା, ୨୦୨୫ ଡିସେମ୍ବରରେ ଆୟୋଜିତ ସମାବେଶରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ଦାବିପତ୍ର ଉପରେ ଉପରେ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ସମାଜର ଜିଲା ସଭାପତି ପ୍ରଫେସର ନୌବିହାରୀ ପ୍ରଧାନଙ୍କ ସଭାପତିତ୍ୱ ବୈଠକ ହୋଇଥିଲା। ସମ୍ବଲପୁର ଜିଲାର ୯ ବ୍ଲକର ପଞ୍ଚାୟତସ୍ତରରୁ ସମାଜର ବିଭିନ୍ନ ବର୍ଗର ପ୍ରତିନିଧିମାନେ ଯୋଗଦେଇଥିଲେ। ରାଜ୍ୟସ୍ତରୀୟ ସମାବେଶ କିଭଳି ଭାବେ ଭବ୍ୟ କରାଯିବ, ସେ ନେଇ ସମସ୍ତ ସଦସ୍ୟମାନେ ନିଜସ୍ୱ ମତ ରଖିଥିଲେ। ଚଷା ଏକାଠି ହେଲେ ଜାତିର ସମସ୍ୟା ଦୂର ହୋଇପାରିବ। ସମ୍ପ୍ରତି ସମାଜକୁ ଅବହେଳା କରାଯାଉଛି। ସରକାରୀସ୍ତରରେ ଯେତିକି ସୁବିଧା ସୁଯୋଗ ମିଳିବ କଥା ମିଳିପାରିନାହିଁ। ତେଣୁ ସମ୍ପୂର୍ଣ୍ଣ ସମାଜ ଏକାଠି ହୋଇ ହକ ପାଇଁ ଲଢ଼ିବାକୁ ପଡ଼ିବ। ଜାତିକୁ ଆଗେଇ ନେବାକୁ ହେଲେ ମହିଳାମାନଙ୍କୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମରେ ଦାୟିତ୍ୱ ଦିଆଯିବ। ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ପରିବାରସ୍ତରରୁ ଚେଷ୍ଟା କରାଯିବ। ଆଗାମୀ ରାଜ୍ୟସ୍ତରୀୟ ବୈଠକରେ ମଧ୍ୟ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ରହିବ। ରାଜ୍ୟର ପ୍ରତି ପଞ୍ଚାୟତ ଓ ଗ୍ରାମର ସମାଜ ବ୍ୟକ୍ତି ବିଶେଷ ଏହି ସଭାରେ ଯୋଗଦାନ କରିବେ। ସେ ନେଇ ଜିଲା ଚଷା ସମାଜ ଦାୟିତ୍ୱ ବହନ କରିବ ବୋଲି ସର୍ବସମ୍ମତି ମତପ୍ରକାଶ ପାଇଥିଲା। ସଭାରେ ସମ୍ପାଦକ ନାରାୟଣ ଦେହୁରୀ, ପରାମର୍ଶଦାତା ଡ. ଉତ୍ତମ ପ୍ରଧାନ, ରାଜ୍ୟ ସଂଯୋଜକ ସୁରେନ୍ଦ୍ର ପ୍ରଧାନ, ଯୁଯୁମୁରା ସମିତି ସଭ୍ୟ ଡ. ଜୟନ୍ତ ପ୍ରଧାନ, ଓମ ପ୍ରକାଶ ବିଶ୍ୱାଳ, ଦିବାକର ପ୍ରଧାନ, ପ୍ରମୋଦ ସାହୁ, ସାଗର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଶେଷରେ ଶରତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ନିଟ୍ ପରୀକ୍ଷା ଦେଲେ ୧୮୭୩ ଛାତ୍ରୀଛାତ୍ର



ପରୀକ୍ଷା ପାଇଁ ଏନ୍ଆଇଟି କେନ୍ଦ୍ରରେ ଛାତ୍ରୀଛାତ୍ର।

ରାଉରକେଲା,୩।୫(ସଙ୍ଗୀତା ଜେନା)

ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍)ପରୀକ୍ଷା ରବିବାର ସମ୍ପନ୍ନ ହୋଇଛି। ରାଉରକେଲାରେ ମୋଟ ୫ଟି କେନ୍ଦ୍ରରେ ଏହା ଆୟୋଜିତ ହୋଇଥିଲା। ସେଥିମଧ୍ୟରୁ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନଆଇଟି)ରେ ୪ଟି କେନ୍ଦ୍ର ଓ ଜେଲ୍ ରୋଡ୍ ସ୍ଥିତ ସରକାରୀ ଆଇଟିଆଇ କଲେଜରେ ଗୋଟିଏ କେନ୍ଦ୍ରରେ ଉକ୍ତ ପରୀକ୍ଷା ହୋଇଥିଲା। ଏନ୍ଆଇଟିରେ ମୋଟ ୧୮୦୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୭୪୪ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରେ ୧୦ଜଣ ଦିବ୍ୟାଙ୍ଗ ଥିଲେ। ଏନ୍ଆଇଟି ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନଙ୍କ ତତ୍ତ୍ୱାବଧାନରେ ଅପରାହ୍ନ ୨ଟାରୁ ସନ୍ଧ୍ୟାଟା ଯାଏଁ ପରୀକ୍ଷା ଚାଲିଥିଲା। ସେହିପରି ସରକାରୀ ଆଇଟିଆଇରେ ୧୩୨ ଛାତ୍ରୀଛାତ୍ରୀଙ୍କ ମଧ୍ୟରୁ ୧୨୯ ଜଣ ଓ ଜଣେ ଦିବ୍ୟାଙ୍ଗ ପରୀକ୍ଷା ଦେଇଥିଲେ। କେନ୍ଦ୍ରରେ ଆଇଟିଆଇ ଅଧ୍ୟକ୍ଷ ତଥା କେନ୍ଦ୍ର ପରିଚାଳକ ଉତ୍ତମ ପଟ୍ଟନାୟକ, ଅଭର୍ବର ମହେନ୍ଦ୍ର ଟୁଡୁ ସୁଚାରୁ ରୂପେ ପରୀକ୍ଷା ପରିଚାଳନା କରିଥିଲେ। ସମସ୍ତ କେନ୍ଦ୍ରକୁ ସୁନ୍ଦରଗଡ଼ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଏଡିଏମ ଦିନା ଦସ୍ତଗିର, ବରିଷ୍ଠ ପୋଲିସ ଅଧିକାରୀ କଡା ଯାଞ୍ଚ କରିବା ସହ ପରିଦର୍ଶନ କରିଥିଲେ। ପରୀକ୍ଷା କେନ୍ଦ୍ରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ସିସିଟିଭି ଲଗାଯାଇଥିଲା।

# ମୂଲ୍ୟବୋଧଭିତ୍ତିକ ଖବର ପରିବେଷଣକୁ ଗୁରୁତ୍ୱ

## ଆର୍ଏସ୍ଏସ୍ ପକ୍ଷରୁ ନାରଦ ଜୟନ୍ତୀ ପାଳିତ

ବୌଦ୍ଧ, ୩।୫(ଅଜିତ କୁମାର ବାରିକ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୌଦ୍ଧ ଜିଲା ପ୍ରଚାର ବିଭାଗ ପକ୍ଷରୁ ସଂସ୍କୃତି ଭବନରେ ରବିବାର ଦେବର୍ଷି ନାରଦ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମାଜସେବୀ ଦିବ୍ୟଶଙ୍କର ରାଉତ ମୁଖ୍ୟ ଅତିଥି, ବଲାଙ୍ଗୀର ବିଭାଗ ବୌଦ୍ଧିକ ପ୍ରମୁଖ ଦେବବ୍ରତ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହର୍ଷି ନାରଦଙ୍କ ଜୀବନ ଚରିତ ଆଲୋଚନା କରିଥିଲେ। ଏଥିସହ ତାଙ୍କ ପଥ ଅନୁସରଣ ପୂର୍ବକ ମୂଲ୍ୟବୋଧଭିତ୍ତିକ ଖବର ପରିବେଷଣ କରିବାକୁ ମତ ରଖିଥିଲେ। ବୌଦ୍ଧ ନଗର ସଂଘ ଚାଳକ ଡ. ସୁଦର୍ଶନ ମେହେର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବୌଦ୍ଧ ଜିଲା ପ୍ରଚାର ପ୍ରମୁଖ ରଘୁନାଥ ଷଡ଼ଙ୍ଗୀ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ କରିଥିଲାବେଳେ ଜିଲା ସହ ବ୍ୟବସ୍ଥା ପ୍ରମୁଖ ପଦ୍ମ ଚରଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଦିଲୀପ କୁମାର ସାହୁ, ନିରଞ୍ଜନ ମେହେର, ଡୋଲାମଣି ଦେହୁରୀ, ଦେବାନନ୍ଦ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ଶିବରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ଖବରଦାତା, ସାହିତ୍ୟିକଙ୍କ ସହ ପଶ୍ଚିମ ଓଡିଶା ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ପ୍ରଣବ କୁମାର ନାୟକ, ପ୍ରାନ୍ତ ଗୋ ସେବା ପ୍ରମୁଖ ଲକ୍ଷ୍ମଣ ନାୟକ, ହରଭଙ୍ଗା ଖଣ୍ଡ ସଂଘ ଚାଳକ ରାଜକିଶୋର ଅଗ୍ରୱାଲ ଉପସ୍ଥିତ ଥିଲେ।



ଜୟନ୍ତୀ ସଭାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ସନ୍ଥକବି ସମାଜରେ ଆଣିଥିଲେ ମୂଲ୍ୟବୋଧ, ଜାଗରଣ

## ଜିଏମ୍ୟୁରେ ଭୀମ ଭୋଇ ଜୟନ୍ତୀ ଉପରେ ଆଲୋଚନାଚକ୍ର



ଜିଏମ୍ୟୁରେ ଆୟୋଜିତ ଭୀମ ଭୋଇ ଶୀର୍ଷକ ଆଲୋଚନାଚକ୍ରରେ ଅତିଥି ଓ ବକ୍ତାମାନେ।

ସମ୍ବଲପୁର,୩।୫(ବି.ଶଙ୍କର)

ସନ୍ଥକବି ଭୀମ ଭୋଇ ସମାଜରେ ମୂଲ୍ୟବୋଧ ଏବଂ ଜାଗରଣ ଆଣିବା ପାଇଁ କାମ କରିଥିଲେ। ସେ କେବଳ ସାହିତ୍ୟରେ ନୁହେଁ ବରଂ ଅନ୍ୟ ବିଷୟଗୁଡ଼ିକରେ ମଧ୍ୟ ଅଧ୍ୟୟନ ପାଇବାକୁ ଯୋଗ୍ୟ ଥିଲେ। ଶନିବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍ୟୁ)ର ଭୀମ ଭୋଇ ଗବେଷଣା କେନ୍ଦ୍ର ଆୟୋଜିତ ଭୀମ ଭୋଇ ଶୀର୍ଷକ ଆଲୋଚନା ଚକ୍ରରେ ବକ୍ତାମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଆଇଆଇଏମ୍ ସମ୍ବଲପୁରର ଡ. ସୁଜିତ ପୃଷ୍ଟେଠ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଭୀମ ଭୋଇ ବିଶ୍ୱାସ କରୁଥିଲେ ଯେ, ପୁରୁଷ ଏବଂ ମହିଳା ଏକ। ତେଣୁ ସେ ଗଣଧର୍ମର ପ୍ରତିଷ୍ଠାତା ଥିଲେ। ଏହାକୁ ବିଶ୍ୱସ୍ତରରେ ପ୍ରୋତ୍ସାହିତ କରିବା ଆମର ଦାୟିତ୍ୱ ଅଟେ ବୋଲି ଡ. ପୃଷ୍ଟେଠ କହିଥିଲେ। ସମ୍ମାନିତ ବକ୍ତା ଓଏସ୍ଓୟୁର ପୂର୍ବତନ କୁଳସଚିବ ତଥା ଅନୁବାଦକ ଡ. ଜୟନ୍ତ କରଶର୍ମା କହିଥିଲେ, ଭୀମ ଭୋଇ ଅନ୍ୟର ସ୍ୱରଗୁଡ଼ିକୁ ସ୍ଥାନ ଦେଇଥିଲେ। ସେ ସମାଜର ପ୍ରକୃତ ଅବସ୍ଥା ଏବଂ ଏହାର ପାରସ୍ପରିକ କ୍ରିୟାକୁ ଚିତ୍ରଣ କରିଥିଲେ। ଗୋଟିଏ ପଟେ ସେ ଜାତି ବ୍ୟବସ୍ଥାକୁ ନିନ୍ଦା କରିଥିଲେ, ଅନ୍ୟପକ୍ଷେ ସେ ମହିଳା ସ୍ୱାଧୀନାତା ପାଇଁ ସମର୍ଥନ କରିଥିଲେ। ଭୀମ ଭୋଇଙ୍କ ରଚିତ ସ୍ତୁତି ଚିନ୍ତାମଣି ବିଷୟରେ ଆଲୋଚନା କରିଥିଲେ। ମହିମା ଧର୍ମ ଏକ ଜୀବନ୍ତ ଧର୍ମ। ଏହା ଥିଲା ସ୍ୱଦେଶୀ ଆନ୍ଦୋଳନ। ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡିନ୍ ରିସର୍ଚ୍ଚ ସୁଶାନ୍ତ କୁମାର ଦାସ କହିଥିଲେ, ଭୀମ ଭୋଇ ସୁସ୍ଥ ସମାଜ ପାଇଁ ଆଦର୍ଶ ସ୍ଥାପନ କରିଛନ୍ତି। ତାହା ସମାଜ ପାଇଁ ସହାୟକ ହେବ। ନୂତନ ପିଢ଼ି ତାଙ୍କ ଜୀବନରୁ ପ୍ରେରଣା ନେବା ଆବଶ୍ୟକ। ପ୍ରାରମ୍ଭରେ ଭୀମ ଭୋଇ ଗବେଷଣା କେନ୍ଦ୍ରର ଭାରପ୍ରାପ୍ତ ମୁଖ୍ୟ ଡ. ରଞ୍ଜନ ସେଠୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ଡ. ଲିପିକା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାକୁ ହିନ୍ଦୀ ଅଧ୍ୟାପକ ଡ. ଦାଶରଥି ବେହେରା ପରିଚାଳନା କରିଥିଲେ। ପ୍ରାରମ୍ଭରେ ଭୀମ ଭୋଇଙ୍କ ଅନୁଗାମୀ ସାଧୁମାନେ ଭୀମ ଭୋଇଙ୍କ ଭଜନ ପରିବେଷଣ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ପରିକ୍ଷୀତ ଭୋଇ ମଞ୍ଚରେ ଉପସ୍ଥିତ ଥିବା ବେଳେ ଡ. ନବୀନ ଜାଲ ଧନ୍ୟବାଦ ଦେଇଥିଲେ।

# ୨୨ ପାଣି ଟ୍ୟାଙ୍କରର ଶୁଭାରମ୍ଭ କଲେ ବିଧାୟକ

ଝାରସୁଗୁଡ଼ା/ କୋଲାବିରା, ୩।୫
(ଆଶିଷ ରଞ୍ଜନ ଦାଶ/ ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲାର ଲଇକେରା, କୋଲାବିରା, କିର୍ମିରା ଏବଂ ଝାରସୁଗୁଡ଼ା ବ୍ଲକ ଅଞ୍ଚଳରେ ବିଭିନ୍ନ ଗ୍ରାମରେ ପାଣି ସମସ୍ୟା ଦୂର ପାଇଁ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉଦ୍ୟମରେ ୨୨ଟି ପାଣି ଟ୍ୟାଙ୍କରର ଶୁଭାରମ୍ଭ ହୋଇଯାଇଛି। ରବିବାର ବିଧାୟକ ଟଙ୍କଧର ତ୍ରିପାଠୀ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଫିତା କାଟି ୨୨ ଟ୍ରାକ୍ଟର ସହ ଟ୍ୟାଙ୍କରର ଶୁଭାରମ୍ଭ କରିଥିଲେ। ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ବ୍ଲକ ଗୁଡିକର ଯେଉଁ ଗାଁଗୁଡ଼ିକରେ ପାଣି ସମସ୍ୟା ହେବ ଗ୍ରାମବାସୀ ବିଡିଓ କିମ୍ବା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହ ଯୋଗାଯୋଗ କରି ଟ୍ୟାଙ୍କର ଦ୍ୱାରା ପାଣି ପାଇବା ସୁବିଧା ପାଇ ପାରିବେ ବୋଲି ବିଧାୟକ ତ୍ରିପାଠୀ କହିଥିଲେ। ଏଥିରେ ଜିଲାପରିଷଦ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଆର ଡବ୍ଲୁ ଏସ୍ଏସ୍ର ଅଧିକ୍ଷଣ ଯନ୍ତ୍ରୀ ଜ୍ୟୋତ୍ସ୍ନାମୟୀ ମାରାଣ୍ଡି, ସମସ୍ତ ବ୍ଲକର ବିଡିଓ, ଆର ଡବ୍ଲୁଏସ୍ଏସ୍ର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହିତ ଭାଜପା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

No.13001/346/2627

**BHUBANESWAR DEVELOPMENT AUTHORITY**
AKASH SHOVA BUILDING, SACHIVALAYA MARG, BHUBANESWAR
Ref. No.8530/BDA dt. 24.04.2026
Estt. (Store)-13/2026

**"ADVERTISEMENT FOR PROCUREMENT OF OFFICE STATIONERIES, PRINTING MATERIALS, YEAR 2026-27"**

Bhubaneswar Development Authority (BDA) invites sealed quotations/tenders from the intending supplier / printing press/ co-operative stores / manufacturers in the prescribed forms as available in the BDA website bda.gov.in or from BDA office on deposit of non-refundable fees of Rs.1180/- towards the cost of the tender paper.

The detailed tender documents will be available in the BDA website from **27.4.2026** to **15.05.2026**. The last date of submission of sealed quotations/tender is 15.05.2026 by 4.00 P.M. Applicants are requested to send their sealed quotations/tenders as per the prescribed forms through Speed Post / Regd. Post with AD.

BDA has the right to accept/reject any application without assigning any reason thereof.

Sd./- Secretary
Bhubaneswar Development Authority
OIPR-13001/13033/1/26-27/0019

# ଚାଷୀଙ୍କୁ କେନାଲ ପାଣି ଯୋଗାଇଦେବାକୁ ନିର୍ଦ୍ଦେଶ

## ଇନ୍ଦ୍ରାବତୀ କେନାଲର ପାଣି ସମସ୍ୟା ନେଇ ସମୀକ୍ଷା କଲେ ଧର୍ମଗଡ଼ ବିଧାୟକ

ଭବାନୀପାଟଣା,୩।୫(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ଇନ୍ଦ୍ରାବତୀ ବାମ କେନାଲର ପୋଡ଼ବେଡା ଗେଟ୍ ନିକଟରେ ପାଣି ସମସ୍ୟାକୁ ନେଇ ରବିବାର ବିଭାଗୀୟ ଅଧିକାରୀଙ୍କ ସହ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ ସମୀକ୍ଷା କରିଛନ୍ତି। ରବି ଧାନ ଚାଷ ପାଇଁ ଧର୍ମଗଡ଼ ବ୍ଲକର ଚାଷୀମାନେ କେନାଲ ପାଣି ଉପରେ ନିର୍ଭର କରୁଥିବାବେଳେ ଚଳିତବର୍ଷ ପାଣି ପାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଚାଷୀମାନେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଉଛନ୍ତି। ତେବେ ସମସ୍ତ ଚାଷୀ କିଭଳି ଠିକ୍‌ରେ ପାଣି ପାଇବେ ସେ ଉପରେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଧର୍ମଗଡ଼ ବିଧାୟକ ପାଟ୍ଟଯୋଶୀ। ବିଧାୟକଙ୍କ ସହ ଇନ୍ଦ୍ରାବତୀ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଗୋବର୍ଦ୍ଧନ ନାଏକଙ୍କ ସମେତ ସମସ୍ତ ଅଧୀକ୍ଷଣ ଯନ୍ତ୍ରୀ ଉପସ୍ଥିତ ଥିଲେ। ସେହିପରି ଭୁବନେଶ୍ୱରରୁ ଆସିଥିବା ଏକ ସ୍ୱତନ୍ତ୍ର ଦଳ ବିଭିନ୍ନ କେନାଲର ସମୀକ୍ଷା ମଧ୍ୟ କରିଛନ୍ତି। ଆଗାମୀ ଦିନରେ କିଭଳି ଚାଷୀମାନେ ସହଜରେ ପାଣି ପାଇପାରିବେ ସେ ଉପରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି ବୋଲି ଇନ୍ଦ୍ରାବତୀ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନାଏକ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଏପ୍ରିଲ ଶେଷ ସପ୍ତାହରେ କେନାଲ ପାଣି ଯୋଗାଣକୁ ନେଇ ଚାଷୀମାନଙ୍କ ମଧ୍ୟରେ ଆନ୍ଦୋଳନ ଦାନା ବାନ୍ଧିଥିଲା। ଏପରିକି ଏହାକୁ ନେଇ ଚାଷୀମାନେ ରାଜମୋଟେର ଗେଟ ସମ୍ମୁଖରେ ବିକ୍ଷୋଭ କରିବା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳକୁ ଆସି ପାଣି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ସେଠାରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଦେଖାଯିବା ପରେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଏତିକିରେ ଥମି ନ ଥିଲା ଚାଷୀଙ୍କ ଅସନ୍ତୋଷ। ଠିକ୍ ତା'ପର ଦିନ ସକାଳୁ ଧର୍ମଗଡ଼ ବ୍ଲକ ମେରଘରା, ଖଏରପଦର, ଟିଳଟିଳା, ବ୍ରାହ୍ମଣ ଛେଣ୍ଡିଆ, କନାଗାଁ, ତରଞ୍ଜା ସମେତ ବିଭିନ୍ନ ଅଞ୍ଚଳର ଶତାଧିକ ଚାଷୀ ଧର୍ମଗଡ଼ ଇନ୍ଦ୍ରାବତୀ ବାମ କେନାଲ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ୧୩୦ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ସେହିପରି ସମାନ୍ତରାଳ ଭାବରେ ଆଉ କେତେଜଣ ଚାଷୀ ବିଭାଗୀୟ ଯନ୍ତ୍ରୀମାନଙ୍କୁ ତାଙ୍କ ଅଫିସରେ ତାଲା ପକାଇ ଦେଇଥିଲେ। ପରେ ସେଠାରେ ପୋଲିସ ଓ ପ୍ରଶାସନ ପହଞ୍ଚି ଚାଷୀଙ୍କୁ ପାଣି ଯୋଗାଇ ଦେବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।



ଧର୍ମଗଡ଼ ବିଧାୟକ ସୁଧୀର କୁମାର ପାଟ୍ଟଯୋଶୀ ଇନ୍ଦ୍ରାବତୀ କେନାଲର ପାଣି ସମସ୍ୟା ନେଇ ଯନ୍ତ୍ରୀମାନଙ୍କ ସହ ସମୀକ୍ଷା କରୁଛନ୍ତି।

NO.4001/55/2627

idco | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**

Tender Call Notice NoH.O./P&C/EST/E-3008/01/2025 11654 Dated : 22.04.2026

**NOTICE INVITING TENDER THROUGH e-Procurement**

Name of the work : "Construction Of Proposed(New) SFRC/ RCC Pre-Cast Compound Wall For Textile Park, Balabhadrapur, Mouza Balabhadrapur, Keonjhar"
Estimated cost : Rs.133.26 lakhs (apprx.)
Period of completion : 05 (Five) Calendar months

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IdcoTower, Bhubaneswar | Bid Id.No PC/ EST/E-03/ 2026-27 | 17.00 Hours of 04.05.2026 | 17.00 Hours of 20.05.2026 |

Further details can be seen from the e-procurement portal, www. Tendersorissa.gov.in. and Corrigendum if any will not be published in newspapers and can only be seen in the e-Procurement portal www. tenderorissa.gov.in and IDCO Website www.idco.in.

Sd./- Chief General Manager (P&C)
IDCO, Bhubaneswar
OIPR-4001/4075/1/26-27/0018

# ରୁଷିଆରେ ବାଲୁକା କଳା ପ୍ରଦର୍ଶନ କରିବେ ଶିଳ୍ପୀ ଓମ୍ ପ୍ରକାଶ



ବାଲୁକା ଶିଳ୍ପୀ ଡ. ଓମ୍ ପ୍ରକାଶ ସାହୁ।

କର୍ଲାମୁଣ୍ଡା,୩।୫
(ପ୍ରଦୀପ କୁମାର ସାହୁ)

ଭାରତ ଓ ରୁଷ ଦୂତାବାସର ମିଳିତ ଆନୁକୂଲ୍ୟରେ ଚଳିତ ମାସ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ରୁଷିଆର ଏଲିସ୍ଥା ଠାରେ ପାଳିତ ହେବାକୁ ଯାଉଛି 'ଭାରତୀୟ ସଂସ୍କୃତି ଦିବସ'(ଡେ ଅଫ୍ ଇଣ୍ଡିଆନ କଲଚର)। ଏହି ଅବସରରେ ବାଲୁକା କଳା ପ୍ରଦର୍ଶନ କରିବା ପାଇଁ ନିମନ୍ତ୍ରିତ ହୋଇଛନ୍ତି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଢ଼ଙ୍ଗରମୁଣ୍ଡା ଗ୍ରାମର ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଡ. ଓମ ପ୍ରକାଶ ସାହୁ। ସେଠାରେ ସେ ବୌଦ୍ଧ ସଂସ୍କୃତି ଉପରେ ଆଧାରିତ ଏକ କଳାକୃତି ତିଆରି କରିବେ ବୋଲି ପ୍ରକାଶ କରିଛନ୍ତି।

No.25001/82/2627

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR-754296, Email-serw_kpd@yahoo.com
No. Tender Online RCK-07/26 Letter No.-2555 Date : 27.04.2026

**e-Procurement NOTICE**

**1. Name of the work :** Tender for the Road works under (MMSY-TRIP & Impvt. Existing RD) in the Dist. of Kendrapara & Jajpur, **2. Class of Contractor :** As specified in the Column-6 of the Annexure, **3. Time of Completion :** As specified in the Column-7 of the Annexure, **4. Detail Projects :** As per Annexure attached, **5. Other Details :**

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-07/26 | 11.05.2026 at 11.00 A.M. | 28.05.2026 to 5.00 P.M. | 28.05.2026 upto 2.00 P.M. | 29.05.2026 at 11.00 A.M. | Will be intimated later |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Kendrapara-Jajpur
OIPR-25001/25129/1/26-27/1/0003

**ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର**
ରାମଲିଙ୍ଗେଶ୍ୱର ଟ୍ୟାଙ୍କ ରୋଡ, ଗାନ୍ଧୀନଗର, ବ୍ରହ୍ମପୁର, ପିନ୍ - ୭୬୦୦୦୨
କାର୍ଯ୍ୟାଳୟ ଯୋଗାଯୋଗ ନମ୍ବର: ୭୬୦୮୮୮୦୪୮୦/୧୮୦୦୩୪୫୬୭୯୬
ପତ୍ର ସଂଖ୍ୟା: ୭୭୮୨ ତାରିଖ: ୨୮।୦୪।୨୦୨୬

**ଭେଣ୍ଡିଂ ଜୋନ୍‌ରେ ଦୋକାନ ଗୃହ ପାଇବା ନିମନ୍ତେ ଲଟେରୀ ବିଜ୍ଞାପନ**

No. 13001/341/2627: ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟସ୍ଥ ଏବଂ ଲାଞ୍ଜିପଲ୍ଲୀ ମୁଖ୍ୟ ରାସ୍ତା ଚଣ୍ଡୀ ମନ୍ଦିର ପାର୍ଶ୍ୱରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଭେଣ୍ଡିଂ ଜୋନରେ ଖାଲିଥିବା ୨୨ଗୋଟି ଦୋକାନ ଗୃହ ଲଟେରୀ ମାଧ୍ୟମରେ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର ନିମନ୍ତ୍ରଣ କରାଯାଉଛି। ତେଣୁ ଇଚ୍ଛୁକ ବ୍ୟକ୍ତିମାନେ ତା୩୦।୦୪।୨୦୨୬ରିଖଠାରୁ ତା୧୧।୫।୨୦୨୬ରିଖ (ଅପରାହ୍ନ ଘ୫.୦୦ଟିକା) ସୁଦ୍ଧା ଇଚ୍ଛୁକ ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣ ଆବେଦନ ପତ୍ର ଆବଶ୍ୟକୀୟ ଦସ୍ତାବିଜ ସହିତ କେବଳ ରେଜେଷ୍ଟ୍ରି ପୋଷ୍ଟ/ସ୍ପିଡ୍ ପୋଷ୍ଟ ମାଧ୍ୟମରେ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟରେ ପହଞ୍ଚିବା ଦରକାର। ଲଫାପା ଉପରେ ''ଭେଣ୍ଡିଂ କୋନ୍‌ରେ ଦୋକାନ ଗୃହ ପାଇବା ନିମନ୍ତେ ଆବେଦନ'' ବୋଲି ସ୍ପଷ୍ଟ ଭାବେ ଲେଖିବେ। ଉପରୋକ୍ତ ଆବେଦନର ସବିଶେଷ ତଥ୍ୟ ବ୍ରହ୍ମପୁର ମହାନଗର ନିଗମର ୱେବ୍‌ସାଇଟ୍ **www.berhampur.gov.in**ରେ ଉପଲବ୍ଧ।
ଉପରୋକ୍ତ ଆବେଦନର ସବିଶେଷ ତଥ୍ୟ ବ୍ରହ୍ମପୁର ମହାନଗର ନିଗମର ଷ୍ଟଲ ଉପବିଭାଗରେ ମଧ୍ୟ ପାଇପାରିବେ।

ସ୍ୱା./– ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ
OIPR-13001/13035/1/26-27/0004

## ସଂକ୍ଷେପରେ

## ୫୪୪ ମାର୍କ ରଖି ବ୍ଲକ ଟପ୍ପର ହେଲେ ପ୍ରଭାସ

**ଓଏଏସ୍ ଅଫିସର ହେବା ଲକ୍ଷ୍ୟ**

ଲାଠୋର,୩।୫(ଭୁବନେଶ୍ୱର ବାରିକ)



ଚଳିତବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା (ମାଟ୍ରିକ) ଫଳ ଶନିବାର ପ୍ରକାଶ ପାଇଛି । ବଲାଙ୍ଗୀର ଜିଲ୍ଲା । ଖପ୍ରାଖୋଲ ବ୍ଲକ ସରେଇବାହାଲ ପଞ୍ଚାୟତ ହାଇସ୍କୁଲର ଛାତ୍ର ପ୍ରଭାସ କରୁଆଁ ୫୪୪ ମାର୍କ (୯୦.୬୬ ପ୍ରତିଶତ) ରଖି ବ୍ଲକ ଟପ୍ପର ହୋଇଛନ୍ତି। ଜିଲାରେ ସେ ଟପ୍-୧୦ରେ ମଧ ରହିଛନ୍ତି। ଟଙ୍କପାଣି ଗ୍ରାମର ପ୍ରଭାସଙ୍କ ବାପା ସୁଫଳ କରୁଆଁ ଜଣେ ସାମାଜିକ କର୍ମୀ ଏବଂ ମା' ଜୟଶ୍ରୀ ଗୃହିଣୀ। ସାନ ପୁଅ ପ୍ରଭାସ ଏ-୧ ଗ୍ରେଡ୍‌ରେ ପାସ୍ କରି ବ୍ଲକ ଟପ୍ପର ହୋଇଥିବାରୁ ପରିବାରବର୍ଗ ବେଶ୍ ଖୁସି ଅନୁଭବ କରୁଛନ୍ତି। ସେ ପରୀକ୍ଷା ପାଇଁ ଦୈନିକ ୧୨ ଘଣ୍ଟା ପରିଶ୍ରମ କରୁଥିଲେ। ମନୋବଳ ଦୃଢ଼ କରି କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ ରୂପେ ମିଳିପାରିବ ବୋଲି ପ୍ରଭାସ କହିଛନ୍ତି। ଭବିଷ୍ୟତରେ ଓଏଏସ୍ ଅଫିସର ହେବା ତାଙ୍କର ଲକ୍ଷ୍ୟ ଥିବା ସେ କହିଛନ୍ତି ।

# ପରିତ୍ୟକ୍ତ କୂଅରୁ ମହିଳାଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ମୁରିବାହାଲ/ବଲାଙ୍ଗୀର, ୩।୫ (ଶ୍ରୀବତ୍ସ ବେହେରା/ବୀରେନ୍ଦ୍ର କୁମାର ଝାଙ୍କର)



ମୁରିବାହାଲ ଥାନା ଗୋଇମୁଣ୍ଡ ନିକଟରେ ଜାତୀୟ ରାଜପଥ ଅବରୋଧ କରାଯାଇଛି।

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଗୋଇମୁଣ୍ଡ ଗ୍ରାମ ପଞ୍ଚାୟତ ଚିତ୍ରାମୁଣ୍ଡା ଗାଁର ଏକ କପା କିଆରି ଭିତରେ ଥିବା ପରତ୍ୟକ୍ତ କୂଅରୁ ରବିବାର ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି । ମୃତ ମହିଳା ଜଣକ ହେଲେ ରଞ୍ଜିତା ସାହୁ (୪୨)। ତେବେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରି ସ୍ଥାନୀୟ ଲୋକେ ମୃତଦେହ ରଖି ବଙ୍ଗୋମୁଣ୍ଡା-ଟିଟିଲାଗଡ଼ ୫୯ ନଂ ଜାତୀୟ ରାଜପଥ ଅବରୋଧ କରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଚିତ୍ରାମୁଣ୍ଡା ଗାଁର ରଞ୍ଜିତା ଶନିବାର ସକାଳେ ନିଜ କପା କିଆରିକୁ କାମ କରିବାକୁ ଯାଇଥିଲେ। ତେବେ ସନ୍ଧ୍ୟା ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଶେଷରେ ଗାଁ ନିକଟସ୍ଥ କପା କିଆରି ଭିତରେ ଥିବା ଏକ ପରିତ୍ୟକ୍ତ କୂଅ ଭିତରେ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ରଞ୍ଜିତାଙ୍କ ସ୍ୱାମୀ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥିବା ଜଣାପଡିଛି। ଘରେ ତାଙ୍କର ତିନୋଟି ଛୋଟ ଝିଅ ପୁଅ ଅଛନ୍ତି। କିଭଳି ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ମୃତଦେହ ପଡିଥିବା ସ୍ଥାନର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ସ୍ଥାନୀୟ ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରିଛନ୍ତି। ପରିବାର ଲୋକେ ଏହା କୌଣସି ପ୍ରକାର ଦୁର୍ଘଟଣା ନୁହେଁ ବରଂ ଯୋଜନାବଦ୍ଧ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତଦେହକୁ କୂଅକୁ ଫିଙ୍ଗି ଦେଇଥିବା କହିଛନ୍ତି। ଖବରପାଇ ପୋଲିସ, ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଏବଂ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି ଘଟଣାସ୍ଥଳକୁ ଆସି ଛାନବିନ୍ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନା ପଠାଇଥିଲା । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ତେବେ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ସହ ପୀଡ଼ିତ ପରିବାରକୁ ନ୍ୟାୟ ଦେବା ଓ କ୍ଷତିପୂରଣ ପ୍ରଦାନ ଦାବି କରି ବଙ୍ଗୋମୁଣ୍ଡା-ଟିଟିଲାଗଡ଼ ୫୯ ନଂ ଜାତୀୟ ରାଜପଥର ଗୋଇମୁଣ୍ଡ ନିକଟରେ ମୃତଦେହ ରଖି ପରିବାର ଲୋକେ ଓ ସ୍ଥାନୀୟ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ପ୍ରାୟ ୨ ଘଣ୍ଟା ଧରି ରାସ୍ତା ଅବରୋଧ ଫଳରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ରାସ୍ତାରୋକୋ ଖବର ପାଇ ମୁରିବାହାଲ ଥାନା ଅଧିକାରୀ ବୁଲୁ ମୁଣ୍ଡା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୁରିବାହାଲ ତହସିଲଦାର ଜଗଦୀଶ କର୍ତ୍ତାମୀ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ ପାଣ୍ଠିରୁ ପୀଡିତ ପରିବାକୁ ୨୦ ହଜାର ଟଙ୍କା ଦିଆଯାଇଥିଲା। ଗୋଇମୁଣ୍ଡ ସରପଞ୍ଚ କାଳିଆ ସରାଫ ହରିଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ପ୍ରଦାନ କରିଥିଲେ। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ମୁରିବାହାଲ ଥାନା ପୋଲିସ ସନ୍ଦେହରେ ୨ ଜଣକୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।

- ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ
- ପୋଲିସ ବିଭାଗ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

# କ୍ଷେତ୍ର ଦିବସ ପାଳିତ

ଦେଓଗାଁ,୩।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଧଣ୍ଡାମାଲ ପଞ୍ଚାୟତ ଅନ୍ତର୍ଗତ ଅନ୍ତର୍ଲା ଓ ସିଂହାମୁଣ୍ଡାରେ କୃଷି ବିଭାଗ ତରଫରୁ କ୍ଷେତ୍ର ଦିବସ ପାଳନ ତଥା ଧାନ ପରବର୍ତ୍ତୀ ପତିତ ଜମିର ପରିଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ କୃଷି କର୍ମୀ ମମତା ହେମ୍ରମଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀ ଯୋଗଦେଇ କୃଷି ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ସହକାରୀ କୃଷି ଅଧିକାରୀ ରୋହନ କୁମାର ଭୋଇ ଯୋଗଦେଇ ଧାନ ପରବର୍ତ୍ତୀ ପତିତ ଜମିର ପରିଚାଳନା, ମୃତ୍ତିକା ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସହକାରୀ କୃଷି ଅଧିକାରୀ ତନ୍ମୟ କୁମାର ମୁନା ଉପସ୍ଥିତ ଥିଲେ। ଏଫଇଏସର ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ ପଦ୍ଧତିରେ କୃଷିର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତର ଅଗ୍ରଣୀ ଚାଷୀମାନେ ଯୋଗ ଦେଇଥିଲେ । ଗ୍ରାମ୍ୟ କୃଷି କର୍ମୀ ମୁନେଶ ପଧାନ, ହିମାଂଶୁ ସାହୁ ,ସାମାଜିକ କର୍ମୀ ଶରତ ସାହୁ, କୃଷକ ସାଥୀ ଲମ୍ବୋଦର ନାଏକ ପ୍ରମୁଖ ସହଯୋଗ କରିଥିଲେ ।

# ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଜୟନ୍ତୀ ପଟେଲଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ମହିଳାମାନେ।

ବଲାଙ୍ଗୀର,୩।୫(ବୀରେନ୍ଦ୍ର କୁମାର ଝାଙ୍କର)

**ଜିଲାର ମହିଳାମାନଙ୍କୁ ସଶକ୍ତ, ସୁଦକ୍ଷ କରାଯିବ: ଜୟନ୍ତୀ**

ବଲାଙ୍ଗୀର କଂଗ୍ରେସ ଭବନ ଠାରେ ଶନିବାର ସନ୍ଧ୍ୟାରେ ନବନିଯୁକ୍ତ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଜୟନ୍ତୀ ପଟେଲଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଯୁବନେତା ସମରେନ୍ଦ୍ର ମିଶ୍ର ଯୋଗଦାନ କରି ମହିଳା କଂଗ୍ରେସ ସଭନେତ୍ରୀ ପଟେଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ପରିଚାଳନାକ୍ରମେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମରେନ୍ଦ୍ର କହିଥିଲେ, ଶାସକ ଦଳ ହେଉ କି ମୁଖ୍ୟ ବିରୋଧୀ ଦଳ ରାଜ୍ୟର ମହିଳାମାନଙ୍କୁ କେବଳ ଭୋଟ ବ୍ୟାଙ୍କ ଭାବେ ବ୍ୟବହୃତ କରି ହୀନ ରାଜନୀତି କରୁଛନ୍ତି। କିନ୍ତୁ ତୃଣମୂଳ ସ୍ତରରୁ ମହିଳାମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା କଂଗ୍ରେସର ଲକ୍ଷ୍ୟ। ବଲାଙ୍ଗୀର ଜିଲାରେ ଜୟନ୍ତୀ ଏହି କାର୍ଯ୍ୟ କରି ଦେଖାଇବେ ବୋଲି ସମରେନ୍ଦ୍ର କହିଥିଲେ। ସମ୍ବର୍ଦ୍ଧନା ସଭାରେ ପୂର୍ବତନ ମନ୍ତ୍ରୀ ମିଶ୍ର ନବନିଯୁକ୍ତ ସଭାନେତ୍ରୀ ଜୟନ୍ତୀଙ୍କୁ ଅଭିନନ୍ଦନ ଜଣାଇ ତାଙ୍କ ପାଖରେ ରାଜନୀତିର ଅଭିଜ୍ଞତା ଏବଂ ପରିପକ୍ୱତା ରହିଥିବାରୁ ଦଳୀୟ ସଙ୍ଗଠନକୁ ଆହୁରି ମଜବୁତ୍ କରିବେ ବୋଲି କହିଥିଲେ। ସଭାନେତ୍ରୀ ପଟେଲ ସଭାରେ ବଲାଙ୍ଗୀର ଜିଲାର ମହିଳା କଂଗ୍ରେସ ସଦସ୍ୟା, କଂଗ୍ରେସର ବରିଷ୍ଠ ନେତା ଓ ସଙ୍ଗଠକଙ୍କ ସହ ରାଜ୍ୟ ମହିଳା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଓ ଜାତୀୟ କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବାଙ୍କୁ କୃତଜ୍ଞତା ଜଣାଇଥିଲେ। ଆଗାମୀ ଦିନରେ ଜିଲାବାସୀଙ୍କ ସହଯୋଗରେ କଂଗ୍ରେସ ଦଳକୁ ସଙ୍ଗଠିତ କରିବା ସହ ମହିଳାମାନଙ୍କୁ ସଶକ୍ତ ଓ ସୁଦକ୍ଷ କରିବା ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ। ସଭାରେ ଦେଓଗାଁ ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ପୂର୍ବତନ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ଦେଓଗାଁ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ବଲାଙ୍ଗୀର ବ୍ଲକ କଂଗ୍ରେସ ସଭାପତି ରାମ ପ୍ରସାଦ ମିଶ୍ର, ସିଦ୍ଧାର୍ଥୀ ମିଶ୍ର, ଉମାଶଙ୍କର ପଣ୍ଡା, ଓମ୍‌ପ୍ରକାଶ କୁମ୍ଭାର ଓ ସାନନ୍ଦ ମିଶ୍ର ମଞ୍ଚାସୀନ ଥିଲେ।

## ଗୋଳାବାରୁଦ କାରଖାନାରେ ଶ୍ରମିକ ଦିବସ ପାଳିତ

ସଇଁତଲା,୩।୫(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଅନ୍ତର୍ଗତ ବଡ଼ମାଲ ଗୋଳାବାରୁଦ କାରଖାନା ପରିସରରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ କମ୍ରେଡ ବିରଞ୍ଚି ପ୍ରସାଦ ମହାନନ୍ଦ ସଭାପତିତ୍ୱ କରିଥିଲେ। ସମ୍ପାଦକ ସତ୍ୟପ୍ରେମ ମାଝୀ, ସହ-ସମ୍ପାଦକ ଲାଲଜୀ ନାଏକ, କାର୍ଯ୍ୟକାରୀ ସଭାପତି ଅନୁପ କୁମାର ସାଏ, କମ୍ରେଡ୍ ବଂଶୀଧର ଭୋଇ, ନିମାଇଁ ଚରଣ ପଧାନ, ରାଜକିଶୋର ସାହୁ, ଧର୍ମରାଜ ମହାନନ୍ଦ, ମହିଳା ସଭାନେତ୍ରୀ ଜୟନ୍ତୀ ମାଝୀ, ପୁଷ୍ପା ନାଏକ ଉପସ୍ଥିତ ଥିଲେ । ପୂର୍ବତନ ସଦସ୍ୟ ମନୋଜ କୁମାର ଗୌଡ଼ା ନିଜ ଅଭିଭାଷଣ ରଖିବା ସହ ଶ୍ରମିକ ସଂଗଠନ ଏକ ହେବାକୁ ଆହ୍ୱାନ କରିଥିଲେ । ସଭାରେ ଶ୍ରମିକମାନଙ୍କ ଅଧିକାର, କାର୍ଯ୍ୟ ପ୍ରଣାଳୀ, ନୂତନ ଶ୍ରମିକ ଆଇନ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ଶେଷରେ ଲାଲଜୀ ନାଏକ ଧନ୍ୟବାଦ ଦେଇଥିଲେ ।

# ଧଣ୍ଡାମୁଣ୍ଡାରେ ସାମୂହିକ ବ୍ରତୋପନୟନ

ଖପ୍ରାଖୋଲ,୩।୫(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁରେ ରବିବାର ସାମୂହିକ ବ୍ରତୋପନୟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ପଣ୍ଡିତ ଜୟନ୍ତ ମିଶ୍ର ଙ୍କ ସ୍ମୃତିରେ ପଣ୍ଡିତ କମଳାପତି ମିଶ୍ର ଓ ପତ୍ନୀ ପ୍ରିୟତମା ମିଶ୍ରଙ୍କ ନେତୃତ୍ୱରେ ଜଗନ୍ନାଥ ମନ୍ଦିର ମଣ୍ଡପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୪ ଜଣ ବାଳକଙ୍କୁ ବ୍ରତ କରାଯାଇଥିଲା । ପଣ୍ଡିତ ରାଧେଶ୍ୟାମ ତ୍ରିପାଠୀ ପୌରୋହିତ୍ୟ କରିଥିବା ବେଳେ ପଦ୍ମନାଭ ଦାସ, ମନୋଜ ପାଢୀ, ଅନିଲ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ବ୍ରତ ହୋଇଥିବା ବାଳକମାନେ ।

## ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା

ଟିଟିଲାଗଡ଼,୩।୫(ଶରତ ମିଶ୍ର)

ଟିଟିଲାଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ଦାଶରଥି ଘିଭେଲାଙ୍କ ତତ୍ତ୍ୱାବଧାନରେ ଟିଟିଲାଗଡ଼ ସଂକୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଯୋଗଦେଇ ଶିଶୁମାନଙ୍କ ପ୍ରଗତି କ୍ଷେତ୍ରରେ ଗୁରୁମା ଗୁରୁଜୀଙ୍କ ଭୂମିକା ବିଷୟରେ କହିଥିଲେ। ଟିଟିଲାଗଡ ସଙ୍କୁଳ ପ୍ରମୁଖ ତଥା କୋଶଲି କବି ଟିକେଲାଲ ବେହେରା ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ସିନ୍ଧେକେଲା ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁପ୍ରସାଦ ପୂଜାରୀ, ବଡ଼ମାଳ ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ଦାସ, ବେଲଗାଁ ପ୍ରଧାନ ଆଚାର୍ଯ୍ୟ ବିଶ୍ୱ ମୋହନ ତ୍ରିପାଠୀ, ମୁରିବାହାଲ ପ୍ରଧାନ ଆଚାର୍ଯ୍ୟ ସୁମନାନନ୍ଦ ଖମାରୀ ଯୋଗ ଦେଇଥିଲେ। କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଖୋଲାଣ ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ପଣ୍ଡା, କୁରୁସୁଡୁ ପ୍ରଧାନ ଆଚାର୍ଯ୍ୟ ତ୍ରିନାଥ ନାଗ, ଦିଗଶିରା ପ୍ରଧାନ ଆଚାର୍ଯ୍ୟ ଟିକେରାମ ସାହୁ , ଯୋଗୀରଡା ପ୍ରଧାନ ଆଚାର୍ଯ୍ୟ ପରମାନନ୍ଦ ମହାକୁର, ପରିଚାଳନା ସମିତିର ସମ୍ପାଦକ ଡମ୍ବରୁଧର କର୍ମୀ ଓ କୋଷାଧ୍ୟକ୍ଷ ଶେଷଦେବ ମଧ ଯୋଗ ଦେଇଥିଲେ। କୁରୁସୁଡୁ ପ୍ରଧାନ ଆଚାର୍ଯ୍ୟ ତ୍ରିନାଥ ନାଗ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ମାନସ ରଞ୍ଜନ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରମା ଗୁରୁଜୀ, ସେବିକା ସେବକ, ଶିଶୁ ଭଉଣୀ ଭାଇ ଏବଂ ପରିଚାଳନା ସମିତିର ସଦସ୍ୟମାନେ ସହଯୋଗ କରିଥିଲେ।

## ସଙ୍କୁଳ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦ୍‌ଯାପିତ

ଲୋଇସିଂହା,୩।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୩ ଦିନ ଧରି ଚାଲିଥିବା ସଙ୍କୁଳ ସାମୂହିକ ଆଚାର୍ଯ୍ୟ ବିକାଶ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଏହି କର୍ମଶାଳାରେ ଉଦ୍‌ଘାଟନରୁ ଉଦ୍‌ଯାପନୀ ପର୍ଯ୍ୟନ୍ତ ୧୬ଟିକାଳାଂଶ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ପ୍ରତ୍ୟେକ କାଳାଂଶ ପ୍ରଧାନ ଆଚାର୍ଯ୍ୟମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟି ସମ୍ପାଦକ ପ୍ରଶାନ୍ତ ବେହେରା ଯୋଗଦାନ କରିଥିଲେ । ମୁଖ୍ୟଅତିଥି କହିଥିଲେ, କର୍ମଶାଳା ମାଧ୍ୟମରେ ଗୁରୁମା ଗୁରୁଜୀମାନେ ନୂତନ ଜ୍ଞାନ, କୌଶଳ ଓ ଅନୁଭବ ଅର୍ଜନ କରି ପାରିଛନ୍ତି ।

# ଲାଠୋରରେ ମିନି ଷ୍ଟାଡ଼ିୟମ ଉଦ୍‌ଘାଟନ

ଲାଠୋର,୩।୫(ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ବହୁ ପ୍ରତୀକ୍ଷିତ ନବନିର୍ମିତ ମିନି ଷ୍ଟାଡ଼ିୟମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ତାଙ୍କ ସହ ଓଡ଼ିଶା କୋଲ ଆଣ୍ଡ ପାୱାର ଲିମିଟେଡ୍(ଓସିପିଏଲ) ମୁଖ୍ୟ କାର୍ଯ୍ୟନିର୍ବାହୀ ଅୟଶକାନ୍ତ କାନୁନ୍‌ଗୋ, ଖଣି ମୁଖ୍ୟ ସୁନୀଲ ତ୍ରିପାଠୀ, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମାଜସେବୀ ଘାସିରାମ ଅଗ୍ରୱାଲ, ଏମ୍‌ପି ନୋମିନି ସନ୍ତୋଷ କୁମାର ଭଇଁଷାଲ ପ୍ରମୁଖ ଥିଲେ। ପରେ ଏକ ସଭାର ଆୟୋଜନ ହୋଇଥିଲା। ପ୍ରାୟ ୧୦ ମାସ ଭିତରେ ମିନି ଷ୍ଟାଡ଼ିୟମକୁ ନିର୍ମାଣ କରି ହସ୍ତାନ୍ତର କରିଥିବା ହେତୁ ଉପମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରି ଓସିପିଏଲ ଡେ଼ପୁଟି ମ୍ୟାନେଜର ଦିଲିପ ଜେନାଙ୍କୁ ମଞ୍ଚରେ ସମ୍ମାନିତ କରିଥିଲେ। ଏହି ଅବସରରେ ଓସିପିଏଲ ଆନୁକୂଲ୍ୟରେ ସମ୍ବଲପୁର ଏଫସି ଏବଂ ଝାରସୁଗୁଡ଼ା ଏଫସି ମହିଳା ଫୁଟବଲ ଦଳ ମଧ୍ୟରେ ଏକ ମ୍ୟାଚର ଆୟୋଜନ ହୋଇଥିଲା। ମ୍ୟାଚରେ ସମ୍ବଲପୁର ଦଳ ଝାରସୁଗୁଡ଼ା ଦଳକୁ ୧-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଲାଠୋର ଦୁର୍ଗେଶ୍ୱରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଦଳଗୋବିନ୍ଦ ମୁଣ୍ଡା ଖେଳ ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ଲାଠୋର ମଣ୍ଡଳ ସଭାପତି ବିକାଶ ବେହେରା, ଯୁବ ସଭାପତି କାଶୀନାଥ ମେହେର, ସମ୍ପାଦକ ଘନଶ୍ୟାମ ସରାଫ, ଲାଏବାନ ସୁନା, ଦଶରଥ ପାଣିଗ୍ରାହୀ,ଗୌରାଙ୍ଗ ସୁନା, ଶୀତଲ ଅଗ୍ରୱାଲ ଏବଂ ଜୟ ମା' ବଣ୍ଡ୍ରେନ କ୍ରିକେଟ କ୍ଲବର ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଅଭୟ ତ୍ରିପାଠୀ ସଭା ପରିଚାଳନା କରିଥିଲେ ।



ଉପମୁଖ୍ୟମନ୍ତ୍ରୀ ଲାଠୋର ମିନି ଷ୍ଟାଡ଼ିୟମର ଉଦ୍‌ଘାଟନ କରୁଛନ୍ତି।

# ଟିଟିଲାଗଡ଼ ଉତ୍କଳ କରାଟେ ସ୍କୁଲକୁ ସଫଳତା

ଟିଟିଲାଗଡ଼,୩।୫(ଶରତ ମିଶ୍ର)

ଗତ ୨୪ରୁ ୨୬ ତାରିଖ ମଧ୍ୟରେ ଭୁବନେଶ୍ୱରଠାରେ ରାଜ୍ୟର ସବ୍ ଜୁନିୟର ଓ ଜୁନିୟରସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ସମସ୍ତ ଜିଲାରୁ ୮୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଉତ୍କଳ କରାଟେ ସ୍କୁଲ ଟିଟିଲାଗଡରୁ ୧୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀ ଗୋଟିଏ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଅନ୍ୟମାନେ ୪ଟି ରୌପ୍ୟ ଓ ୨ଟି ତାମ୍ର ପଦକ ହାସଲ କରିଥିଲେ । ସ୍ୱର୍ଣ୍ଣ ପଦକ ବିଜେତା ଶର୍ମିଷ୍ଠା ଜାଲ ଡେରାଡୁନରେ ହେବାକୁ ଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି । ଏହି ପ୍ରତିଯୋଗୀମାନେ ସଂସାଇ ସୁରେଶ ଜାଲଙ୍କ ନେତୃତ୍ୱ ରେ ରାଜ୍ୟ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗୀମାନେ ନିକଟରେ ଏଠାରେ ପହଞ୍ଚିବା ପରେ ସଂଘର ସଭାପତି ମନୋଜ କୁମାର ହାତୀ ଓ ଅନ୍ୟମାନେ ସ୍ୱାଗତ କରିଥିଲେ ।

## ଆମ୍ବେଡକର ଜୟନ୍ତୀ ପାଳିତ

ସଇଁତଲା,୩।୫(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ସହରସ୍ଥିତ କଲ୍ୟାଣ ମଣ୍ଡପଠାରେ ସଇଁତଲା ଦଳିତ ଆଦିବାସୀ ଏକତା ସଂଘ ତରଫରୁ ଡ଼. ବି. ଆର. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସଂଘର ସଭାପତି ପ୍ରେମାନନ୍ଦ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ସମ୍ମାନିତ ଅତିଥି ଭାବରେ ପ୍ରୀତିସାଗର ମହାନନ୍ଦ, କିଶୋର ସାହୁ, ବ୍ଲକ ଉପାଧକ୍ଷ ଗୁଣସାଗର ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ମିର୍ଦ୍ଧା ଯୋଗ ଦେଇଥିଲେ। ଅତିଥିମାନେ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ବିନୋଦ ନାଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଈଶ୍ୱର ଦୀପ ମଞ୍ଚ ପରିଚାଳନା କରିଥିଲେ। ପ୍ରସନ୍ନ ଭୋଇ ଧନ୍ୟବାଦ ଦେଇଥିଲେ।

# ଖପ୍ରାଖୋଲରେ ବୁଦ୍ଧ ପୂର୍ଣ୍ଣିମା ପାଳିତ

ଖପଖୋଲ,୩।୫(ଅଭୟ ତ୍ରିପାଠୀ)

ସ୍ଥାନୀୟ ଥାନା ଛକ ନିକଟରେ ବୁଦ୍ଧ ଉପାସକଙ୍କ ତରଫରୁ ଶନିବାର ସନ୍ଧ୍ୟାରେ ଧର୍ମପାଳ ଜଳଧର ତାଣ୍ଡିଙ୍କ ଅଧକ୍ଷତାରେ ବୁଦ୍ଧ ପୂର୍ଣ୍ଣିମା ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଲକ୍ଷେ ଘର ଗଣ୍ଡା ସମାଜର ବ୍ଲକ ସଭାପତି ନିରାକାର ଛୁରା, ମୁଖ୍ୟବକ୍ତା ଭାବେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ମହିନାଥ ସୁନା , ଅଭୟ ତ୍ରିପାଠୀ, ଉମାକାନ୍ତ ପ୍ରଧାନ, ଜ୍ୟୋତି ରଞ୍ଜନ ପଣ୍ଡା, ଅଶୋକ ବାଗ, ଟିକେଶ୍ୱର ଧରୁଆ, ଏଲଡିଏ ସଦସ୍ୟ ମୁକେଶ ସୁନା ଯୋଗଦେଇ ଭଗବାନ ବୁଦ୍ଧଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ନିକଟରେ ସାମୂହିକ ପ୍ରାର୍ଥନା କରାଯାଇଥିଲା। ସତ୍ୟାନନ୍ଦ ସେନ୍ଦ୍ରିଆ, ଜନାର୍ଦ୍ଦନ ସୁନା, ବିର ବାଗ, ରାଧେଶ୍ୟାମ ନାଗ, ଡୋଲାମଣି ଜାଲ, ଧର୍ମସିଂ ଧରୁଆ, ରୋଶନ ସୁନା, ଶିବରାମ କୁମ୍ଭାର, ଯଶୋବନ୍ତ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।



ବୁଦ୍ଧଙ୍କ ପ୍ରତିମୂର୍ତ୍ତି ନିକଟରେ ବୁଦ୍ଧ ଉପାସକ ।

# ଗୁହାଳ ଘରେ ଦିନ କାଟୁଛନ୍ତି ପକ୍ଷାଘାତ ପୀଡ଼ିତ ସନ୍ତୋଷ

ଲୋଇସିଂହା,୩।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଏନଏସି ଅନ୍ତର୍ଗତ ବନ୍ଧଲିପଡାର ସନ୍ତୋଷ ପଧାନ(୬୮)। ପକ୍ଷାଘାତରେ ପୀଡିତ ହୋଇ ତାଙ୍କ ହାତଗୋଡ଼ ଅଚଳ ହୋଇପଡିଛି। କହିବାକୁ ଗଲେ ସେ ଏକପ୍ରକାର ଅକର୍ମଣ୍ୟ ପାଲଟି ଯାଇଛନ୍ତି। ସେ ଏବେ ବିପଦପୂର୍ଣ୍ଣ ଗୁହାଳ ଘରେ ତଥା ଅସ୍ୱାସ୍ଥ୍ୟକର ପରିବେଶରେ ଦିନ କାଟୁଛନ୍ତି। ସନ୍ତୋଷଙ୍କ ପ୍ରତି ଏଯାଏଁ ସ୍ୱାସ୍ଥ୍ୟ ବିଭାଗ କିମ୍ବା ପ୍ରଶାସନର ଶୁଭ ଦୃଷ୍ଟି ପଡି ପାରିନାହିଁ ।

ପ୍ରକାଶ ଯେ, ଲୋଇସିଂହା ବନ୍ଧଲିପଡା ଗ୍ରାମର ୪ ଭାଇ ଉମେଶ, ରମେଶ,ସନ୍ତୋଷ ଏବଂ ମହେନ୍ଦ୍ର। ଉମେଶ ଓ ମହେନ୍ଦ୍ରଙ୍କ ଦେହାନ୍ତ ହୋଇଯାଇଛି। ପରିବାରରେ ସନ୍ତୋଷ ଅବିବାହିତ ଅଛନ୍ତି। ସୁସ୍ଥ ଥିବା ସମୟରେ ତାମିଲନାଡୁକୁ ଦାଦନ ଖଟି ଯାଇ ଭଲ ରୋଜଗାର କରି ନିଜେ ଚଳିବା ସହିତ ପରିବାର ଲୋକଙ୍କୁ ଟଙ୍କା ପଠାଉଥିଲେ।



ସନ୍ତୋଷ ।

ସେଠାରେ ଦାଦନ ଖଟୁଥିବା ସମୟରେ ତାଙ୍କ ସ୍ୱାସ୍ଥ୍ୟ ବିଗିଡି ଯାଇଥିଲା । ପରବର୍ତ୍ତୀ ସମୟରେ ପକ୍ଷାଘାତର ଶିକାର ହୋଇଥିଲେ । ଏହାପରେ ୪ ବର୍ଷ ହେବ ତାମିଲନାଡୁରୁ ଗାଁକୁ ଚାଲି ଆସିଥିଲେ। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଉପଯୁକ୍ତ ଚିକିତ୍ସା ନ ପାଇ ଘରେ ପଡି ରହିଛନ୍ତି। ତେବେ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଥିବାରୁ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରେ ଲାଗିଛି। ତାଙ୍କର ବାମ ହାତ ଆଦୌ କାମ କରୁ ନ ଥିବା ବେଳେ ଡାହାଣ ହାତ ସାମାନ୍ୟ କାମ କରୁଛି । ଉପଯୁକ୍ତ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଏହି ପରିବାରର କେବଳ ସନ୍ତୋଷ ନୁହଁନ୍ତି। ୧୧ ବର୍ଷ ତଳେ ମୃତ୍ୟୁବାରଣ କରିଥିବା ତାଙ୍କ ଭାଇ ମହେନ୍ଦ୍ରଙ୍କ ସ୍ତ୍ରୀ ନନ୍ଦିନୀ ଓ ତାଙ୍କ ଝିଅ ଖୁସି ମଧ ଘୋର ଆର୍ଥିକ ସଙ୍କଟ ମଧ୍ୟରେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ସ୍ୱାମୀକୁ ହରାଇବାର ଦୁଃଖ ନ ଯାଉଣୁ ଝିଅ ଖୁସିର ପିତ୍ତକୋଷରେ ପଥୁରୀ ରୋଗ ହୋଇଥିବା ଜଣାପଡିଥିଲା। ଏହାପରେ ବରଗଡର ଏକ ଘରୋଇ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସ୍ୱାମୀ ଓ ଝିଅର ଚିକିତ୍ସା ବାବଦକୁ ନନ୍ଦିନୀଙ୍କୁ ଧାରକରଜ କରିବାକୁ ପଡିଥିଲା। ନନ୍ଦିନୀଙ୍କୁ ବିଧବା ଭତ୍ତା ବାବଦକୁ ୧ ହଜାର ଟଙ୍କା ଏବଂ ୧୦ କେଜି ପିଡିଏସ ଚାଉଳ ମିଳୁଛି। କିନ୍ତୁ ଅସହାୟ ମା' ଝିଅ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ସେହିପରି ସନ୍ତୋଷଙ୍କୁ ତାଙ୍କ ମା'ଙ୍କ ନାମରେ ଥିବା ରାଶନ କାର୍ଡରେ ୩୫ କେଜି ଅନ୍ତୋଦୟ ଚାଉଳ ଏବଂ ୧ ହଜାର ଟଙ୍କା ଭତ୍ତା ମିଳୁଛି। ସନ୍ତୋଷଙ୍କୁ ଯଥାଶୀଘ୍ର ଉନ୍ନତ ଚିକିତ୍ସା ସହିତ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି ।

**ଆବାସ ଯୋଜନାରୁ ବଞ୍ଚିତ**

**ସତୀ ବୃନ୍ଦାବତୀ କବିତା ସଂକଳନ ଉନ୍ମୋଚିତ**

ବରଗଡ଼,(ପ୍ରେମାନନ୍ଦ ଖମାରୀ): ବରଗଡ଼ ହିନ୍ଦୀ ବାଳକ ସ୍କୁଲ ପରିସରରେ ଚିତ୍ରକଳା ଶିକ୍ଷା ଅନୁଷ୍ଠାନ କଳା ନିକେତନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଅଭିଭାବିକା, ଅଭିଭାବକ ଏବଂ ସାରସ୍ୱତପ୍ରେମୀମାନଙ୍କ ଉପସ୍ଥିତିରେ କବୟିତ୍ରୀ ଭୂମିସୁତା ସାହୁଙ୍କ ରଚିତ କବିତା ସଂକଳନ ସତୀ ବୃନ୍ଦାବତୀ ଉନ୍ମୋଚିତ ହୋଇଛି। ଶିଶୁ, କିଶୋର ପତ୍ରିକା ସୁବର୍ଣ୍ଣଦୀପ ତରଫରୁ ଆୟୋଜିତ ଏହି ଉନ୍ମୋଚନ ସଭାରେ କଳାନିକେତନ ସ୍କୁଲର ଉପସଭାପତି ତଥା ପତ୍ରିକାର ସହ-ସମ୍ପାଦକ ଅଧ୍ୟାପକ ନବକୃଷ୍ଣ ମିଶ୍ର ସଭାପତିତ୍ୱ କରିଥିଲେ । ଏହି ଅବସରରେ କବୟିତ୍ରୀ ସାହୁ ତାଙ୍କ କାବ୍ୟ ସଂକଳନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଓ ଆଲୋଚକଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବାଳକୃଷ୍ଣ ମିଶ୍ର ଯୋଗଦେଇଥିଲେ।

# ଅତାବିରା ଏନ୍ଏସି : ସୁଧୁରୁନାହିଁ ପରିମଳ ବ୍ୟବସ୍ଥା

ଅତାବିରା,୩।୫(ଯୁଧିଷ୍ଠିର ମହାପାତ୍ର)

ଅଞ୍ଚଳର ବିକାଶ ସହ ପରିମଳ ବ୍ୟବସ୍ଥା ସୁଧାରିବାକୁ ଗତ ୧୨ ବର୍ଷ ପୂର୍ବରୁ ଅତାବିରାକୁ ଏନ୍ଏସିର ମାନ୍ୟତା ମିଳିଥିଲା। ଏହାର କାମ ହେଉଛି ଏନ୍ଏସି ଅଞ୍ଚଳକୁ ସଫା ସୁତୁରା ରଖିବା। ମାତ୍ର ଏଥିରେ ମଧ ଫେଲ୍ ମାରିଛି ଅତାବିରା ଏନ୍ଏସି। ୧୯୧୩ରେ ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ହୋଇଥିଲା। ସମସ୍ତେ ଭାବିଥିଲେ ଏଠାରେ ସଫେଇ, ଆଲୁଅ, ରାସ୍ତାଘାଟ, ପାନୀୟ ଜଳ, ପରିମଳ ଏବଂ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି ହେବ। କିନ୍ତୁ ଏପର୍ଯ୍ୟନ୍ତ ସଫେଇ କାମ ଠିକ ଭାବରେ ହୋଇପାରୁନାହିଁ । ଅତାବିରା ଏନଏସି ଅନ୍ତର୍ଗତ ଜାତୀୟ ରାଜପଥ ସେବା ରାସ୍ତା କଡ଼ରେ କୁଡ଼ କୁଡ଼ ଆବର୍ଜନା ପରିମଳ ବ୍ୟବସ୍ଥାର ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରୁଛି। ସଫେଇ ବାବଦରେ ଏନ୍ଏସି ମାସକୁ ପ୍ରାୟ ୧୪ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି। ଏନ୍ଏସିରେ ୧୨ଟି ୱାର୍ଡ ରହିଛି। କେବଳ ସଫେଇ ପାଇଁ ଗୋଟିଏ ୱାର୍ଡରେ ମାସକୁ ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଛି ବୋଲି ଦର୍ଶାଯାଉଛି। ମୋଟ ୬୪ଜଣ ସଫେଇ କର୍ମଚାରୀ ଏନ୍ଏସିରେ ନିୟୋଜିତ ରହିଛନ୍ତି। ୧୨ଟି ୱାର୍ଡର ମଇଳା ବୋହିବା ପାଇଁ ୧୦ଟି ଗାଡ଼ି ରହିଛି। ସେଥିମଧ୍ୟରୁ ୪ଟି ଗାଡ଼ି ଚାଲୁଛି ବାକି ସବୁ ଅଚଳ ହୋଇ ପଡିରହିଛି। ଅନେକ ସ୍ଥାନରେ ବହୁ ଦିନ ହେଲା ଅଳିଆ ଗଦା ହୋଇ ରହିଛି। ମାତ୍ର ଘରକୁ ଘର ବୁଲି ସେବାକର ଆଦାୟ କରାଯାଉଛି। କଟକର ଏକ ସଂସ୍ଥାକୁ ସଫେଇ ଦାୟିତ୍ୱ ଦିଆଯାଇଛି। ଏନ୍ଏସି କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ଗାଡ଼ି ସଜାଡ଼ିବା ପାଇଁ ୧୦ହଜାରରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହେଲେ ଏନ୍ଏସି ବହନ କରିବ, ତା'ଠାରୁ କମ ଖର୍ଚ୍ଚ ହେଲେ ସମ୍ପୃକ୍ତ ଠିକାସଂସ୍ଥା ବହନ କରିବ। ମାତ୍ର ସମ୍ପୃକ୍ତ ଠିକା ସଂସ୍ଥା ଗାଡ଼ିଗୁଡିକୁ ମରାମତି ଦିଗରେ ଧ୍ୟାନ ଦେଉନାହାନ୍ତି। କେହି ଅଭିଯୋଗ କଲେ ୬ଟି ଗାଡ଼ି ଖରାପ ଅଛି ବୋଲି କୁହାଯାଉଛି। ଏ ନେଇ ଏନ୍ଏସି ଅଧ୍ୟକ୍ଷ ବନମାଳୀ ବରିହାଙ୍କୁ ପଚାରିବାରୁ ୧୨ଟି ୱାର୍ଡକୁ ୧୨ ସଫେଇ ଗାଡ଼ି ଲଗାଇବାକୁ କୁହାଯାଉଛି, ହେଲେ ଆମ ପାଖରେ ତାହାର ଅଭାବ ରହିଛି। ଗତ ଗୁରୁବାର ସଫେଇ କର୍ମଚାରୀଙ୍କୁ ୱାର୍ଡ ବୁଲିଲା ବେଳେ ତାଗିଦ୍ କରାଯାଇଛି। ତେବେ ଠିକା ସଂସ୍ଥାର ଅବହେଳା ଯୋଗୁ ସଫେଇ କାମ ଠିକ ଭାବରେ ହୋଇପାରୁନାହିଁ। ସେ ଠିକା ସଂସ୍ଥା ବିରୋଧରେ ଉପରକୁ ଜଣାଇବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇସାରିଛନ୍ତି ବୋଲି ଅଧ୍ୟକ୍ଷ ବରିହା କହିଥିଲେ। ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ 'ଏନ୍ଏସି ଅଧୀନରେ ଥିବା ଦୋକାନୀମାନଙ୍କୁ ସଫେଇ ଗାଡ଼ି ଗଲେ ସେଥିରେ ଅଳିଆ ଦେବାକୁ କୁହାଯାଇଛି ହେଲେ କେହି ସଚେତନ ହେଉ ନାହାନ୍ତି। ଅନ୍ୟପଟେ ୧୨ ସଫେଇ ଗାଡ଼ି ପାଇଁ ପ୍ରସ୍ତାବ ଦିଆଯାଇଛି। ଏବେ ୮ଟି ଗାଡ଼ି ଅଛି । ସେଥିମଧ୍ୟରୁ ୨ଟି ଅଚଳ ରହିଛି ବୋଲି ପ୍ରଧାନ କହିଛନ୍ତି।

ପ୍ରକାଶଥାଉ କି, ସମ୍ପୃକ୍ତ ଠିକା ସଂସ୍ଥାର ଅବଧି ସରିଯାଇଥିଲା, ମାତ୍ର ପୁଣି ସଂସ୍ଥାକୁ ୬ମାସ ପାଇଁ ନବୀକରଣ କରାଯାଇଛି। ଯଦି ସମ୍ପୃକ୍ତ ଠିକା ସଂସ୍ଥା କାମ ଠିକ ଭାବରେ କରୁନାହିଁ ତା'ହାହେଲେ ଅବଧିକୁ ବୃଦ୍ଧି କାହିଁକି କଲାଗଲା ବୋଲି ସାଧାରଣରେ ଆଲୋଚନା ହେଉଛି। ଉକ୍ତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।




ଅତାବିରା ଏନ୍ଏସି ଅନ୍ତର୍ଗତ ଜାତୀୟ ରାଜପଥ ସେବା ରାସ୍ତା କଡ଼ରେ କୁଡ଼ କୁଡ଼ ଆବର୍ଜନା ପରିମଳ ବ୍ୟବସ୍ଥାର ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରୁଛି। ପଡ଼ିରହିଛି ସଫେଇ ଗାଡ଼ି।

# ଏ-୧ ଗ୍ରେଡରେ ପାଇକମାଳ ବ୍ଲକରୁ ୨

ପାଇକମାଳ,୩।୫(ବଡ ଶତପଥୀ)

୨୦୨୫-୨୬ ଶିକ୍ଷା ବର୍ଷ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ପାଇକମାଳ ବ୍ଲକରୁ ଦୁଇ ଜଣ ଛାତ୍ରୀଛାତ୍ର ଏ ୧ ଗ୍ରେଡ୍ ପାଇ କୃତିତ୍ୱ ଲାଭ କରିଛନ୍ତି। ପାଇକମାଳ ହାଇସ୍କୁଲର ଛାତ୍ର ସ୍ୱସ୍ତିକ ରଞ୍ଜନ ଭୋଇ ୬୦୦ ରୁ ୫୪୦ ମାର୍କ ପାଇଛନ୍ତି। ସେ ଖପରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗ୍ରାମର ଫକିର ଭୋଇଙ୍କ ପୁଅ ହୋଇଥିବା ବେଳେ ପାଇକମାଳ ହାଇସ୍କୁଲରେ ପଢୁଥିଲେ । ସେହିପରି ମାଣ୍ଡୋସିଲ ପିଏମଶ୍ରୀ ହାଇସ୍କୁଲ ଛାତ୍ରୀ ଚାନ୍ଦିନୀ ବିଶ୍ୱାଳ ୬୦୦ରୁ ୫୪୦ ମାର୍କ ରଖି ଏ-୧ ଗ୍ରେଡ ପାଇଛନ୍ତି। ମାଣ୍ଡୋସିଲ ପିଏମଶ୍ରୀ ହାଇସ୍କୁଲର ଛାତ୍ରୀ ଚାନ୍ଦିନୀ ଭୂତମୁଣ୍ଡା ଗାଁର ଜୟନ୍ତ ବିଶ୍ୱାଳଙ୍କ ଝିଅ। ଏନେଇ କୃତି ଛାତ୍ରୀଛାତ୍ରଙ୍କୁ ପାଇକମାଳ ଶିକ୍ଷା ଅଧିକାରୀ ଶୁଭମ ପତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଧେଶ୍ୟାମ ମେହେର, ପାଇକମାଳ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋର୍ତିମୟୀ ପଟ୍ଟନାୟକ, ମାଣ୍ଡୋସିଲ ପିଏମଶ୍ରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୋର୍ଟ ମିନତୀ ଟେଟେ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଛନ୍ତି।




# ସରକାରଙ୍କଠାରେ ଦାବି ରଖିଲେ ଖବରଦାତା

ବରଗଡ,୩।୫(ପ୍ରେମାନନ୍ଦ ଖମାରୀ)

ରାଜ୍ୟରେ ଖବରଦାତା ମାନଙ୍କର ମୂଲ୍ୟ, ସମ୍ମାନ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ, ସରକାର ତୁରନ୍ତ ବିଚାର ଓ କାର୍ଯ୍ୟାନୁଷ୍ଠାନ ପାଇଁ ଜର୍ନାଲିଷ୍ଟ ଏସୋସିଏସନ ଅଫ ବରଗଡ (ଜାବ ) ଦାବି କରିଛି। ଏହି ଦାବି ନେଇ କଳାବ୍ୟାଜ ଧାରଣ କରି ଶନିବାର ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ବରଗଡ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜାବର ସମ୍ପାଦକ ବଦ୍ରୀ ପ୍ରସାଦ ସାହୁ, ଉପ ସଭାପତି ବ୍ୟୋମକେଶ କର, ଜିଲା ସଂଯୋଜକ ରଞ୍ଜନ ଦେବତା, ରମଣୀ ରଞ୍ଜନ ବେହେରା, ଦିଲୀପ ଆଚାର୍ଯ୍ୟ , ବିଘ୍ନେଶ ମିଶ୍ର ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ ସମୟର ଉପସ୍ଥିତ ଥିଲେ। ସେହିପରି ସମ୍ପାଦକ ସାହୁଙ୍କ ନେତୃତ୍ୱରେ ରବିବାର ଏକ ପ୍ରତିନିଧି ଦଳ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ସଂଜୀବ କୁମାର ପୁରୋହିତ, ରିଙ୍କୁ ସାହୁ, ରିଙ୍କୁ ଦେବତା, ଝସକେତନ ସାହୁ, ବିନାୟକ ପ୍ରସାଦ ଗୁରୁ, ଶିବ ବିଶାଳ ଓ ମନ ଡ଼ନସନା ପ୍ରମୁଖ ଉପସ୍ଥିତ ଥିଲେ।

# ସିମେଣ୍ଟ କାରଖାନାରେ ଶ୍ରମିକ ଅସନ୍ତୋଷ

- ୧୩୩ ଠିକା ଶ୍ରମିକଙ୍କୁ ମିଳୁନି କାମ
- ବକେୟା ରାଶି ପ୍ରଦାନରେ ବିଳମ୍ୱ
- ଜିଲାପାଳଙ୍କୁ ଫେରାଦ ଠିକା ଶ୍ରମିକ

ବରଗଡ଼,୩।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠରେ ରହିଥିବା ଏସିସି ଆଦାନୀ ସିମେଣ୍ଟ କାରଖାନାରେ ଶ୍ରମିକ ଅସନ୍ତୋଷ ତେଜି ଉଠିଛି। କାରଖାନାରେ କାର୍ଯ୍ୟରତ ୧୩୩ ଠିକା ଶ୍ରମିକଙ୍କୁ ବିନା ଆଗୁଆ ସୂଚନାରେ କାମ ଯୋଗାଇ ଦିଆଯାଉ ନଥିବାବେଳେ ସେମାନଙ୍କ ପ୍ରାପ୍ୟରାଶି ମଧ ପ୍ରଦାନ କରାଯାଉ ନଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଶ୍ରମିକମାନେ ଶନିବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରି ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ଶ୍ରମିକମାନେ ନିବେଦନ କରିଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ସିମେଣ୍ଟ କାରଖାନାର ପେକିଂ ହାଉସରେ କାମ କରୁଥିବା ୧୩୩ ଠିକା ଶ୍ରମିକଙ୍କୁ ଏକମାସରୁ ଉର୍ଦ୍ଧ୍ୱ ହେଲା କୌଣସି କାମ ଯୋଗାଇ ଦିଆଯାଉ ନାହିଁ। ସରକାରଙ୍କ ନିର୍ଦ୍ଧାରିତ ଦେୟ ଅନୁଯାୟୀ, ସେମାନଙ୍କୁ ମଜୁରୀ ମିଳୁ ନଥିବାବେଳେ ବକେୟା ପ୍ରାପ୍ୟରାଶି ମଧ ପ୍ରଦାନ କରାଯାଉ ନଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ପ୍ରଭାବିତ ଶ୍ରମିକଙ୍କୁ ନିୟମିତ କର୍ମ ଯୋଗାଣ, ସରକାରଙ୍କ ଧାର୍ଯ୍ୟ ଦେୟରାଶିଭାବେ ମଜୁରୀ ପ୍ରଦାନ ଆଦି ଦାବି ହୋଇଛି। ମିଲୁ ସୁନା, ମୋତିଲାଲ ରାଉତ, ଦିନେଶ ମାହାଣାଙ୍କ ସମେତ ଅନେକ ଠିକା ଶ୍ରମିକ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

# ଗୌତମ ବୁଦ୍ଧଙ୍କ ତ୍ରିପାବନ ଜୟନ୍ତୀରେ ଆଲୋଚନାଚକ୍ର

ବରଗଡ଼,୩।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ପାହାଡ଼ଠାରେ ନାଗାର୍ଜୁନ ବୁଦ୍ଧବିହାର କମିଟି ପକ୍ଷରୁ ଶୁକ୍ରବାର ମହାମାନବ ଗୌତମ ବୁଦ୍ଧଙ୍କ ତ୍ରିପାବନ ଜୟନ୍ତୀ ପାଳିତ ହୋଇଯାଇଛି। ଜୟନ୍ତୀ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ବୁଦ୍ଧପ୍ରେମୀ ଏବଂ ବଗେଇବିରା ଗ୍ରାମବାସୀ ବିପୁଳଭାବେ ଯୋଗଦେଇଥିଲେ। ଗୌତମ ବୁଦ୍ଧଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବୁଦ୍ଧଙ୍କର ବିଚାର ବିଷୟରେ ଆଲୋଚନାଚକ୍ର ହୋଇଥିଲା। ଶେଷରେ ସହଭୋଜନ କରି କାର୍ଯ୍ୟକ୍ରମ ଶେଷ ହୋଇଥିଲା। ବୁଦ୍ଧଦର୍ଶନ ପ୍ରଜ୍ଞା, ଶୀଳ, କରୁଣାର ପ୍ରତୀକ ବିଶ୍ୱ ଶାନ୍ତିଦୂତ, ଏସିଆର ଆଲୋକ, ଗଣତାନ୍ତ୍ରିକ ସମତାପୂର୍ଣ୍ଣ ବ୍ୟବସ୍ଥାର ମୂଳ, ଯୁକ୍ତିସିଦ୍ଧ, ବିଜ୍ଞାନ ଭିତ୍ତିକ ମାନସିକତା ସହ ସମତା, ଭାତୃତ୍ୱ, ନ୍ୟାୟ, ସ୍ୱତନ୍ତ୍ରତା ଓ ମୌଳିକ ଜୀବନଶୈଳୀର କଥା କହେ ବୋଲି ଉପସ୍ଥିତ ଉପାସିକା, ଉପାସକ ମତପ୍ରକାଶ କରିଥିଲେ । ନାଗାର୍ଜୁନ ବୁଦ୍ଧବିହାର କମିଟି ସଭାପତି ଧିମାନ ପୁରନ୍ଦର ଭୋସାଗରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପତିତପାବନ ସାହୁ, ଅଧ୍ୟାପକ ରୋହିତ୍ କୁମ୍ଭାର, ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର୍ ନାଏକ, ଗୁରୁଚରଣ ହରିପାଲ, ଶୋଭାରାମ ତାଣ୍ଡି, କୁନାଲ ଗହୀର ଯୋଗଦେଇ ମହାତ୍ମା ବୁଦ୍ଧ ଅହିଂସାର ପ୍ରତୀକ ଥିଲେ ବୋଲି ଅଭିହିତ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜନତା ବୁଦ୍ଧ ବନ୍ଦନା କରୁଛନ୍ତି।

# କାର୍ଯ୍ୟାନୁଷ୍ଠାନ ଦାବି, ଜିଲାପାଳଙ୍କୁ ଫେରାଦ

ବରଗଡ଼,୩।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଡିଇଓ, ବିଇଓ ଏବଂ ଜଣେ ପିଇଟି ଶିକ୍ଷକଙ୍କ ଘୃଣ୍ୟ ଆଚରଣ ଘଟଣାକୁ ବରଗଡ଼ ମହିଳା ସମିତି ଦୃଢ଼ ନିନ୍ଦା କରିଛି । ଏହା ସହିତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଶନିବାର ସମିତିର ସଭାନେତ୍ରୀ ମନ୍ଦାକିନୀ ପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଫେରାଦ ହୋଇଛି। ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସମିତି ଏକ ଦାବିପତ୍ର ପ୍ରଦାନ କରିଛି। ଡେପୁଟି କଲେକ୍ଟର ସୁମତୀ ପଣ୍ଡା ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି, ବରଗଡ଼ ଶିକ୍ଷା ବିଭାଗର ଜଣେ ମହିଳା ସିଆରସିସିଙ୍କ ପ୍ରତି ଅସୌଜନ୍ୟ ବ୍ୟବହାର ଖବରକୁ ସଭ୍ୟ ସମାଜ ପାଇଁ ଲଜ୍ଜାଜନକ ଘଟଣା ବୋଲି ଗଭୀର ଚିନ୍ତା ପ୍ରକାଶ କରାଯାଇଛି। ଘଟଣାର କଡ଼ା ପ୍ରତିବାଦ କରାଯାଇ ମହିଳା ସମ୍ପ୍ରଦାୟର ସୁରକ୍ଷା ଏବଂ ପବିତ୍ରତାକୁ ହନନ କରୁଥିବା ଅପରାଧୀମାନଙ୍କୁ କଠୋର ଦଣ୍ଡ ଦିଆଯିବାକୁ ଦାବି କରାଯାଇଛି। ସମିତିର ଏହି ପ୍ରତିନିଧି ଦଳରେ ଗୀତା ମିଶ୍ର, ତନିମା ଦାଶ, ମମତା ମିଶ୍ର, ଅଞ୍ଜନା ଦାସ, ମିନାକ୍ଷୀ କର ପ୍ରମୁଖ ସାମିଲ ହୋଇଥିଲେ।

# ଗୋଡ଼ଭଗାରେ ହେବ ମୃତ୍ତିକା କୁଟୀର ଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର

**ଗୋଡ଼ଭଗା/ଅତାବିରା ୩।୫,(ସୁରେଶ ଦାଶ /ଯୁଧିଷ୍ଠିର ମହାପାତ୍ର):** ଦିନକୁ ଦିନ ମାଟିରେ ନିର୍ମାଣ କାରିଗରୀର ଚାହିଦା ବଢ଼ିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଅତାବିରା ବ୍ଲକ କୁମ୍ଭାର ମହାସଂଘ ପକ୍ଷରୁ ଏ ଅଞ୍ଚଳରେ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବାକୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ସ୍ଥାନୀୟ ଗୋଡ଼ଭଗା ବସ୍ତିରେ ଏକ ମୃତ୍ତିକା କୁଟୀର ଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର (ଟେରାକୁଟା) ପାଇଁ ଏମ୍ପି ପ୍ରଦୀପ ପୁରୋହିତ ରବିବାର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଶିକ୍ଷଣ ପାଇଁ ଆବଶ୍ୟକ କମ୍ୟୁନିଟି ହଲ ପାଇଁ ଏମ୍ପି ପୁରୋହିତ ତାଙ୍କ ସାଂସଦ ପାଣ୍ଠିରୁ ପ୍ରାରମ୍ଭରେ ୧୦ ଲକ୍ଷ ଟଙ୍କାର ଅନୁଦାନ କରିବାକୁ କହିଥିଲେ। ଏଠାରେ ମୃର୍ତ୍ତିକା କୁଟୀର ଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ ହେଲେ ଅଞ୍ଚଳର କୁମ୍ଭାର ଶ୍ରେଣୀର ଶହ ଶହ ପରିବାର ତାଲିମ ନେଇ କୁଟୀର ଶିଳ୍ପରୁ ଆତ୍ମନିର୍ଭରଶୀଳ ହୋଇପାରିବେ। ମହାସଂଘର ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ରଣାଙ୍କ ଅଧ୍ୟାକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏମ୍ପି ପୁରୋହିତ ମୁଖ୍ୟ ଅତିଥି, ଗୋଡ଼ଭଗା ସରପଞ୍ଚ ମଞ୍ଜୁଲତା ସେଠ ଓ ଗ୍ରାମ୍ୟ କମିଟି ସଭାପତି ବେଣୁଧର ଷଣ୍ଢ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମହାସଂଘର କେତନ ରଣା ସଂଯୋଜନା କରିଥିଲେ।

# ନାରୀ ବନ୍ଦନ ବିଲ୍‌କୁ ବିରୋଧ ପ୍ରତିବାଦରେ ପଦଯାତ୍ରା




ପଳସାପାଲି ଠାରେ ମହିଳାଙ୍କ ସଭା ଓ ଶୋଭାଯାତ୍ରା

ପଦ୍ମପୁର,୩।୫(ପ୍ରଦୀପ୍ତ ଦାଶ)

ନାରୀ ବନ୍ଦନ ଅଧିନିୟମ ବିଲ୍‌କୁ ଲୋକସଭାରେ ବିରୋଧ ପ୍ରତିବାଦରେ ପଦ୍ମପୁର ନିର୍ବାଚନ ମଣ୍ଡଳୀ ସର୍ଗିବାହାଲ ମଣ୍ଡଳ ତରଫରୁ ପଳସାପାଲିଠାରେ ମଣ୍ଡଳସ୍ତରୀୟ ଶହଶହ ମହିଳାମାନଙ୍କ ଦ୍ୱାରା ପଦଯାତ୍ରା କରାଯାଇଛି। ଜନ ଆକ୍ରୋଶ ମହିଳା ସମାବେଶରେ ବରଗଡ଼ ଜିଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶ୍ରୀମାନ ଗୋବର୍ଦ୍ଧନ ଭୋଏ, ସର୍ଗିବାହାଲ ମଣ୍ଡଳ ପୂର୍ବତନ ସଭାପତି ନିରାକାର ବରିହା, ନାରୀ ନେତ୍ରୀ ବରଗଡ଼ ଲୋକସଭା ସଂଜୋଜିକା ଯୋସ୍ନା କର, ପୂର୍ବତନ ଜିଲା ପରିଷଦ ସଦସ୍ୟା ସରସ୍ୱତୀ ବରିହା, ଜ୍ଞାନ ପଞ୍ଚାୟତ ସଭାପତି କୁସୁମା ସାହୁ, ପୂର୍ଣ୍ଣିମା ଭୋଇ, କୁନ୍ତଳା ସାହୁ, ବାସନ୍ତୀ ବରିହା, ଶୋଭଦ୍ରା ଖୁରୁଲା, ମଦନ ଭୁଏ, ରାହାସ ବିହାରୀ ସାହୁ, ହରିନାରାୟନ ସାହୁ, ରାମ ବାଜପାୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାଟ୍ରିକ୍ ପରୀକ୍ଷା: ଶିଶୁ ମନ୍ଦିରର ୨ ଛାତ୍ରଙ୍କ କୃତିତ୍ୱ

ବରପାଲି,୩।୫(ଚିତ୍ତରଞ୍ଜନ ସାହୁ)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦୁଇ ଜଣ ଛାତ୍ର ପ୍ରଥମ ଦଶ ଜଣଙ୍କ ମଧ୍ୟରେ ରହିଛନ୍ତି। ଛାତ୍ର ଶୁଭମ ସାହୁ ୫୦୯ ନମ୍ବର୍ (୯୧.୫) ରଖିଛନ୍ତି। ସେ ବୁଡ଼ାପାଲି ଗ୍ରାମର ପଞ୍ଚାନନ ସାହୁ ଓ ନନ୍ଦିନୀଙ୍କ ପୁତ୍ର। ସେହିପରି ସ୍ୱସ୍ତିକ ଦାଶ ଚଳିତ ବର୍ଷ ପରୀକ୍ଷାରେ ମୋଟ ୫୪୩(୯୦.୫) ରଖି ଓଡ଼ିଶାରେ ପ୍ରଥମ ଦଶ ଜଣଙ୍କ ମଧ୍ୟରେ ସ୍ଥାନିତ ହୋଇଛନ୍ତି। ସେ ବରପାଲିର ସରୋଜ ଦାଶ ଓ ସୁଜାତା ଦାଶଙ୍କ ପୁତ୍ର। ଛାତ୍ରଙ୍କ କୃତିତ୍ୱରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କ ସମେତ ସମସ୍ତ ଶିକ୍ଷକ ତାଙ୍କୁ ଅଭିନନ୍ଦନ ଦେବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।




# ଥଇଥାନ ନ ହେଲେ ଆନ୍ଦୋଳନ ତୀବ୍ର

ବରଗଡ଼,୩।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଉଚ୍ଛେଦ ଚାଲିଛି। ବିକାଶ ଲକ୍ଷ୍ୟରେ ଉଚ୍ଛେଦକୁ ସ୍ୱାଗତ କରୁଛୁ। ମାତ୍ର ଉଚ୍ଛେଦରେ ପ୍ରଭାବିତ ଗରିବ, ଖଟିଖିଆ, ଭୂମିହୀନ ଏବଂ ଉଠା ଦୋକାନୀଙ୍କୁ ଥଇଥାନ ନ କରାଯିବା ବିଡ଼ମ୍ବନାର ବିଷୟ। ତେବେ ଉଚ୍ଛେଦରେ ପ୍ରଭାବିତ ଲୋକଙ୍କୁ ତୁରନ୍ତ ଥଇଥାନ କରା ନଗଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ରବିବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରଗଡ଼ ଜିଲା କଂଗ୍ରେସ ଏସସି ସେଲ୍‌ର ଚେୟାରମ୍ୟାନ ଅଭିଷେକ ସେଠ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସେ ଆହୁରି କହିଥିଲେ, ବରଗଡ଼ ଜିଲାର ଗନ୍ଧମାର୍ଦ୍ଦନ ସମେତ ବିଭିନ୍ନ ପାହାଡ଼ ଉପରେ ଆଦାନୀ ଭଳି ଶିଳ୍ପପତିଙ୍କ ଲୋଲୁପଦୃଷ୍ଟି ପଡ଼ିଛି। ତେବେ ଏହାକୁ କେବେ ମଧ ସଫଳ ହେବାକୁ ଦିଆଯିବ ନାହିଁ ଏବଂ ଏହାର ତୀବ୍ର ବିରୋଧ କରାଯିବ ବୋଲି ସେଠ୍ କହିଥିଲେ। ସେହିପରି ଆସନ୍ତା ୭ତାରିଖ ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ମାନସ କୁମାର ମଲ୍ଲିକଙ୍କ ନେତୃତ୍ୱରେ ନିଶାମୁକ୍ତ ଅଭିଯାନ ରଥ ବରଗଡ଼ ଜିଲାକୁ ପହଞ୍ଚିବ ବୋଲି ସେଠ୍ ସୂଚନା ଦେଇଥିଲେ। ଏହି ରଥ ଅତାବିରା ଦେଇ ବରଗଡ଼ ସହର ପଟୁ ବରପାଲି ପହଞ୍ଚିବ ଏବଂ ନିଶାମୁକ୍ତ ବାର୍ତ୍ତା ପ୍ରଦାନ କରିବ ବୋଲି ସେ କହିଥିଲେ। ସେହିପରି ଜିଲା କଂଗ୍ରେସ ଏସ୍‌ସି ସେଲ୍ ପକ୍ଷରୁ ମଧ ଜିଲାର ବିଭିନ୍ନ ବ୍ଲକକୁ ଗସ୍ତ କରି ନିଶାମୁକ୍ତ ଅଭିଯାନର ବାର୍ତ୍ତା ପ୍ରଦାନ କାର୍ଯ୍ୟକ୍ରମ ରହିଥିବା ସେଠ୍ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ସି ସେଲ୍‌ର ନରେନ୍ଦ୍ର ସୁନା, ସୁଶିଲ ହରିପାଲ, ଭବାନୀ ଶଙ୍କର ଦୀପ, କିରଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ସଂସ୍କୃତ ନାଟ୍ୟୋତ୍ସବ, ଲଘୁ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଯାପିତ

ବରପାଲି,୩।୫(ଚିତ୍ତରଞ୍ଜନ ସାହୁ)

ସଂସ୍କୃତ ଭାରତୀ ପଶ୍ଚିମ ପ୍ରାନ୍ତ ଦ୍ୱାରା ପ୍ରାନ୍ତସ୍ତରୀୟ ପ୍ରଥମ ସଂସ୍କୃତ ନାଟ୍ୟୋତ୍ସବ ଓ ଲଘୁ ଚଳଚ୍ଚିତ୍ର ଉତ୍ସବ ରବିବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବରପାଲିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ସଂସ୍କୃତ ଭାରତୀ ପଶ୍ଚିମ ପ୍ରାନ୍ତର ଅଧ୍ୟକ୍ଷ ଆୟୁଷ୍ମାନ୍ତ ଷଡ଼ଙ୍ଗୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ବିଜୟପଲ୍ଲୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ବଦ୍ରୀନାରାୟଣ ପୂଜାରୀ, ସମ୍ମାନିତ ଅତିଥିଭାବେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ କାର୍ଯ୍ୟକାରୀ ସଭାପତି ପଣ୍ଡିତ ଗୋପବନ୍ଧୁ ପୁରୋହିତ, ବରପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ ସାହୁ, ରାଜୀବ ସାହୁ, କପିଳେଶ୍ୱର ବାଗ କୋଷାଧ୍ୟକ୍ଷ ଚନ୍ଦ୍ରକାନ୍ତ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ରହି ପଶ୍ଚିମ ଓଡ଼ିଶାରେ ପ୍ରଥମ ସଂସ୍କୃତ ଚଳଚ୍ଚିତ୍ର ଉତ୍ସବ ଓ ଲଘୁ ନାଟକ ପ୍ରତିଯୋଗିତାର ଆୟୋଜନକୁ ପ୍ରଶଂସା କରିଥିଲେ। ଉତ୍ସବରେ ବିଭିନ୍ନ ନାଟକ ଓ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଶ୍ରେଷ୍ଠ ନାଟକ ବୃକ୍ଷ ରକ୍ଷତି ରକ୍ଷିତଃ, ଦ୍ୱିତୀୟ ଯାବାଳ ସତ୍ୟକାମ ଓ ତୃତୀୟ ଗୃହମ ଏବ ମନ୍ଦିରମ ଉଚ୍ଚ ପ୍ରଶଂସିତ ହୋଇ ପୁରସ୍କୃତ ହୋଇଥିଲେ। ସଂସ୍କୃତ ଲଘୁ ଚଳଚ୍ଚିତ୍ର ମଧ୍ୟରୁ ପ୍ରଥମ ଜୟତୁ ସୈନିକ ଜୟତୁ କୃଷକ, ଦ୍ୱିତୀୟ ସଂସ୍କୃତାୟ ଜୀବନମ, ପ୍ଲାଷ୍ଟିକ ମୁକ୍ତ ଭାରତଂ ସୁସ୍ଥଂ ଭାରତମ ତୃତୀୟ ଚଳଚ୍ଚିତ୍ର ରୂପେ ପ୍ରଶଂସିତ ହୋଇ ପୁରସ୍କୃତ ହୋଇଥିଲେ। ସଂସ୍କୃତ ନାଟକ କାର୍ଯ୍ୟକ୍ରମକୁ ସଂସ୍କୃତ ପଣ୍ଡିତ ଈଶ୍ୱର ଚନ୍ଦ୍ର ଗଡ଼ତିଆ ସଂଯୋଜନା କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବକୁ ସହ ସମ୍ପାଦକ ଡଃ ମାନସ କୁମାର ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜୟକୁମାର ସାହୁ, ଲଲାଟେନ୍ଦୁ ରଣା, ଅଜିତ ରଣା, ରୁପେଶ ଭୋଇ,ମଞ୍ଜୁ ରଣା, ସୁନୀତୀ ପ୍ରଧାନ, ପ୍ରହ୍ଲାଦ ବର୍ଗେ,ଶିବିକା ପ୍ରଧାନ, ଦିଲ୍ଲୀପ ବିଶାଳ ପ୍ରମୁଖ ସହଯୋଗ କରିଥିବା ବେଳେ ସଂସ୍କୃତପ୍ରେମୀ ପ୍ରାଧ୍ୟାପକ ଡା. ଯଦୁମଣି ନାଏକ, ଭଟଲି ମହାବିଦ୍ୟାଳୟର ଅଧ୍ୟାପିକା ନମିତା ଭୋଇ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ରାଶି ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ପୁରସ୍କୃତ କଳାକାରବୃନ୍ଦ।

# ବିକଶିତ ଦେଶ ଗଠନରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବରଗଡ଼,୩।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଶ୍ରମ କାର୍ଯ୍ୟାଳୟ ତଥା ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନ୍ତର୍ଜାତୀୟ ଶ୍ରମ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ବରଗଡ଼ ଏମ୍ପି ପ୍ରତିନିଧି ସୁକାନ୍ତ ଦାଶ ଯୋଗ ଦେଇ ବିକଶିତ ଦେଶ ଗଠନରେ ଶ୍ରମିକଙ୍କର ଗୁରୁ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହ ସେମାନଙ୍କ ଅବଦାନକୁ ସାଧୁବାଦ ଜଣାଇଥିଲେ। ଜିଲା ଶ୍ରମ ଅଧିକାରୀ (କଲ୍ୟାଣ) ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ମିଳୁଥିବା ସହାୟତା ରାଶି ବାବଦରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ପ୍ରଦାନ କରାଯାଉଥିବା ସହାୟତା ରାଶି ଯଥା ବିବାହ ସହାୟତା ରାଶି ବାବଦକୁ ୨୦ଜଣ ଶ୍ରମିକଙ୍କୁ ୧୦ଲକ୍ଷ ଟଙ୍କା, ମୃତ୍ୟୁ ସହାୟତା ରାଶି ବାବଦକୁ ୩୦ ଜଣଙ୍କୁ ୮୭ଲକ୍ଷ ଟଙ୍କା, ଅନ୍ତ୍ୟେଷ୍ଟି କାଳୀନ ସହାୟତା ରାଶି ବାବଦକୁ ୩୦ ଜଣଙ୍କୁ ୧ଲକ୍ଷ ୫୦ହଜାର ଟଙ୍କା, ଶିକ୍ଷା ସହାୟତା ରାଶି ବାବଦକୁ ୧୩୨ ଜଣଙ୍କୁ ୧୦ଲକ୍ଷ ୯୨ହଜାର ୨୦୦ ଟଙ୍କା ସହାୟତା ରାଶି ବଣ୍ଟନ କରାଯାଇଥିଲା। ୧୦୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ ସହ ଓଡ଼ିଆ ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ଜଣେ ଶ୍ରମିକଙ୍କ ମୃତ୍ୟୁ କାଳୀନ ସହାୟତା ନିମିତ୍ତ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ଏଂ ୨୦ଟି ପରିଚୟ ପତ୍ର ବଣ୍ଟନ କରା ଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକରୁ ୨୫୦ରୁ ଅଧିକ ନିର୍ମାଣ ଏବଂ ଅଣସଂଗଠିତ ଶ୍ରମିକ ଉପସ୍ଥିତ ଥିବା ସହ ବରଗଡ଼ ଶ୍ରମ କାର୍ଯ୍ୟାଳୟର ସମସ୍ତ ଅତିରିକ୍ତ ଶ୍ରମ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ବରଗଡ଼ ପ୍ରଭାଗୀୟ ଶ୍ରମ ଆୟୁକ୍ତ, ମାନଭଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

## ସିମେଣ୍ଟ କାରଖାନାରେ ଶ୍ରମିକ ଅସନ୍ତୋଷ

ବରଗଡ଼,୩।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠରେ ରହିଥିବା ଏସିସି ଆଦାନୀ ସିମେଣ୍ଟ କାରଖାନାରେ ଶ୍ରମିକ ଅସନ୍ତୋଷ ତେଜି ଉଠିଛି। କାରଖାନାରେ କାର୍ଯ୍ୟରତ ୧୩୩ ଠିକା ଶ୍ରମିକଙ୍କୁ ବିନା ଆଗୁଆ ସୂଚନାରେ କାମ ଯୋଗାଇ ଦିଆଯାଉ ନଥିବାବେଳେ ସେମାନଙ୍କ ପ୍ରାପ୍ୟରାଶି ମଧ୍ୟ ପ୍ରଦାନ କରାଯାଉ ନଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଶ୍ରମିକମାନେ ଶନିବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରି ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ଶ୍ରମିକମାନେ ନିବେଦନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ସିମେଣ୍ଟ କାରଖାନାର ପେକିଂ ହାଉସରେ କାମ କରୁଥିବା ୧୩୩ ଠିକା ଶ୍ରମିକଙ୍କୁ ଏକମାସରୁ ଉର୍ଦ୍ଧ୍ୱ ହେଲା କୌଣସି କାମ ଯୋଗାଇ ଦିଆଯାଉ ନାହିଁ। ସରକାରଙ୍କ ନିର୍ଦ୍ଧାରିତ ଦେୟ ଅନୁଯାୟୀ, ସେମାନଙ୍କୁ ମଜୁରୀ ମିଳୁ ନଥିବାବେଳେ ବକେୟା ପ୍ରାପ୍ୟରାଶି ମଧ୍ୟ ପ୍ରଦାନ କରାଯାଉ ନଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି।

# ମଡେଲ ଗ୍ରାମପଞ୍ଚାୟତ, ସ୍ୱଚ୍ଛତା ଉପରେ ଗୁରୁତ୍ୱ

- ଜିଲାପାଳଙ୍କ ସାପ୍ତାହିକ ସମୀକ୍ଷା ବୈଠକ
- ବିଦ୍ୟାଳୟରେ ଉତ୍କୃଷ୍ଟମାନ କାରିଗରି ପାଇଁ ନିର୍ଦ୍ଦେଶ

ଝାରସୁଗୁଡ଼ା,୩।୫(ଆଶିଷ ରଞ୍ଜନ ଦାଶ)



ବୈଠକରେ ଜିଲାପାଳ ଅଧକ୍ଷତା କରୁଛନ୍ତି।

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ପିଏମ୍ ଶ୍ରୀ ବିଦ୍ୟାଳୟ ଏବଂ ହସ୍ପିଟାଲ ପରିଚାଳନା ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ସାପ୍ତାହିକ ସମୀକ୍ଷା ବୈଠକ ଡିଏମ୍ଏଫ୍ ହଲ୍‌ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି।

ବୈଠକ ପ୍ରାରମ୍ଭରେ ଜିଲାପାଳ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ଏହାପରେ ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ମୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ନିଜ ନିଜ ଅଞ୍ଚଳରେ ଡିଏମ୍ଏଫ୍, ପିଏମ୍ ଶ୍ରୀ ଏବଂ ସିଏସ୍ଆର ପାଣ୍ଠି ସହାୟତାରେ ଚାଲୁଥିବା ବିଦ୍ୟାଳୟ ଓ ଚିକିତ୍ସାଳୟର ବିଭିନ୍ନ ପ୍ରକଳ୍ପର ଭୌତିକ ଓ ଆର୍ଥିକ ପ୍ରଗତି ସମ୍ପର୍କରେ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। ସମୀକ୍ଷା ପରେ ଜିଲାପାଳ କାର୍ଯ୍ୟ କରୁଥିବା ସଂସ୍ଥା ଓ ଅଧିକାରୀମାନଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟ ଓ ଅନ୍ୟାନ୍ୟ ଅନୁଷ୍ଠାନରେ ଚାଲୁଥିବା ନିର୍ମାଣ କାର୍ଯ୍ୟ ସମୟରେ ଉତ୍କୃଷ୍ଟ ମାନର କାରିଗରି ବଜାୟ ରଖିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ପ୍ରତିଟି କ୍ୟାମ୍ପସରେ ଚାରାରୋପଣକୁ ସୁନିଶ୍ଚିତ କରିବା ସହ ମଡେଲ ଗ୍ରାମପଞ୍ଚାୟତ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି। ଝାରସୁଗୁଡ଼ା ପୌରାଞ୍ଚଳରେ ଥିବା ସମସ୍ତ ସରକାରୀ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ଜିପିଏସ୍ ସଂଯୁକ୍ତ ଫଟୋଗ୍ରାଫ ତୁରନ୍ତ ଦାଖଲ କରିବାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କୁ କୁହାଯାଇଛି। ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କ ସହିତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆଙ୍କ ସହିତ କିର୍ମିରା, ଲଖନପୁର ଓ ଝାରସୁଗୁଡା ବ୍ଲକର ବିଡିଓ, ବ୍ରଜରାଜନଗର ଓ ବେଲପାହାଡ଼ ମୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ଗଠନ ହେବ ୨୪ ଘଣ୍ଟିଆ ସ୍ପେଶାଲ ଟାସ୍କଫୋର୍ସ

ଝାରସୁଗୁଡା,୩।୫(ଆଶିଷ ରଞ୍ଜନ ଦାଶ)

**ଅବୈଧ ବର୍ଜ୍ୟବସ୍ତୁ ଡମ୍ପିଂ ଉପରେ ପ୍ରଶାସନର ନଜର**

**ନିୟମ ଉଲ୍ଲଂଘନ କଲେ ଜରିମାନା**

ଝାରସୁଗୁଡା ଜିଲାରେ ବେଆଇନ ବର୍ଜ୍ୟବସ୍ତୁ ଫିଙ୍ଗିବା ଏବଂ ଏହାର ଅନୁଚିତ ପରିଚାଳନାକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଶନିବାର ଅପରାହ୍ନରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏହି ସମସ୍ୟାର ସମାଧାନ ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଜିଲାର ପରିବେଶ ସୁରକ୍ଷା ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଜିଲାପାଳ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଟାସ୍କ ଫୋର୍ସ ଦିନରାତି ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିବ। ଏଥିରେ ପୋଲିସ ବିଭାଗ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଜସ୍ୱ ବିଭାଗ ଏବଂ ସ୍ଥାନୀୟ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ସାମିଲ ରହିବେ। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅବୈଧ ବର୍ଜ୍ୟବସ୍ତୁ ଡମ୍ପିଂ କାର୍ଯ୍ୟରେ ଲିପ୍ତ ଥିବା ଅସାଧୁ ବ୍ୟକ୍ତି ଓ ସଂସ୍ଥାଙ୍କୁ ଚିହ୍ନଟ କରିବା ସହ ତତ୍କାଳ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ବର୍ଜ୍ୟବସ୍ତୁ ପରିବହନ କରୁଥିବା ସମସ୍ତ ଯାନବାହନ ଉପରେ ନିୟମିତ ନଜର ରଖାଯିବ। ଯଦି କୌଣସି ଗାଡ଼ି ନିୟମ ଉଲ୍ଲଂଘନ କରି ଜନବସତି କିମ୍ବା ଅନୁମତି ନ ଥିବା ସ୍ଥାନରେ ବର୍ଜ୍ୟବସ୍ତୁ ଫିଙ୍ଗେ, ତେବେ ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯିବା ସହ ଗାଡ଼ି ଜବତ କରାଯିବ ବୋଲି ବୈଠକରେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବର୍ଜ୍ୟବସ୍ତୁ ଅବୈଧ ଡମ୍ପିଂ ଯୋଗୁ ବାୟୁ ପ୍ରଦୂଷଣ ଓ ଜଳ ସଂସାଧନ ପ୍ରଭାବିତ ହେଉଥିବାରୁ, ଏହାକୁ ରୋକିବା ପାଇଁ ଜିଲା ପ୍ରଶାସନ ସାଧାରଣ ଲୋକଙ୍କ ସହଯୋଗ ମଧ୍ୟ ଲୋଡ଼ିଛି। ଯଦି କେହି ବେଆଇନ ଭାବେ ବର୍ଜ୍ୟବସ୍ତୁ ଫିଙ୍ଗୁଥିବାର ଦେଖନ୍ତି, ତେବେ ତୁରନ୍ତ ପ୍ରଶାସନକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ଜିଲା ପ୍ରଶାସନ ଝାରସୁଗୁଡ଼ାକୁ ଏକ ପ୍ରଦୂଷଣମୁକ୍ତ ଏବଂ ପରିବେଶ ଅନୁକୂଳ ଜିଲା ଭାବେ ଗଢ଼ିତୋଳିବାକୁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ଜିଲାପାଳ ଚହ୍ୱାଣ ପ୍ରକାଶ କରିଛନ୍ତି।

## ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ଜୟନ୍ତୀ ଉତ୍ସବ

ଦେବଗଡ,୩।୫ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନବ ନାଟ୍ୟ ନିକେତନ ପକ୍ଷରୁ ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ୧୫୫ତମ ଜୟନ୍ତୀ ଉତ୍ସବ ଦେବଗଡ ଓ କୁଚିଣ୍ଡାରେ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳେ ଦେବଗଡର ପୁରୁଣା କଚେରିସ୍ଥିତ ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠାନର କର୍ମକର୍ତ୍ତା ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ମାଲ୍ୟାର୍ପଣ କରିଥିଲେ। ପୂର୍ବାହ୍ନରେ କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡ଼େମୀ ସୌଜନ୍ୟରେ ନବ ନାଟ୍ୟ ନିକେତନ, ଦେବଗଡ଼ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ ପରିବାରର ଦାୟାଦ ସଞ୍ଜୀବ ଗଙ୍ଗଦେବ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଲେଖକ ନିରଞ୍ଜନ ଦ୍ୱିବେଦୀ , ବରିଷ୍ଠ କଳାକାର ସୁରଥ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି , ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରାଧ୍ୟାପକ ଡ. ଭାରତ ଭୂଷଣ ନନ୍ଦ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ତଥା ଅନୁଷ୍ଠାନର ସଭାପତି ହେମନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କଳାକାର ଓ ସାଂସ୍କୃତିକ ସଂଗଠକ ମଳୟ ବେହେରାଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାମଣ୍ଡା ରାଜ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ଅବନୀ ମିଶ୍ର , ପ୍ରୀତମ ବେହେରା, ଯଦୁମଣି ବେହେରା, ସନ୍ତୋଷ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

ଅପରାହ୍ନରେ କବୟିତ୍ରୀ ସୁସ୍ମିତା ପଟେଲଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା । ପ୍ରେମ ସାଗର ଦେହେରିଆ, ବସନ୍ତ କୁମାର ଚୌଧୁରୀ, ରେଣୁକା ଶର୍ମା, ପଣ୍ଡିତ ଅଲେଖ ପତି, ପର୍ଶୁରାମ ମିଶ୍ର, ସୁଦର୍ଶନ ପାଣି, ରଜନୀ ପଟେଲ, ନିରଞ୍ଜନ ଦ୍ୱିବେଦୀ, ଗୌରହରି ଷଡ଼ଙ୍ଗୀ, ସୁସ୍ମିତା ପଟେଲ, କଲ୍ୟାଣୀ ପଟେଲ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ରାଜା ସଚ୍ଚିଦାନନ୍ଦଙ୍କ ଜୟନ୍ତୀ ଉତ୍ସବରେ ବାମଣ୍ଡା ଗଡ଼ ଗୌନ୍ତିଆ ନୃପଲାଲ ପଲେଇ, ସ୍ଥାନୀୟ ବରିଷ୍ଠ ନାଗରିକ ସଂଘ, କୁଚିଣ୍ଡା ମହାବିଦ୍ୟାଳୟର ଛାତ୍ରୀଛାତ୍ର, ନବନାଟ୍ୟ ନିକେତନ ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦାନ କରିଥିଲେ।

# ଶ୍ରମିକ ଦିବସରେ ଆଇନ ସଚେତନତା ଶିବିର



ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଶ୍ରମିକ ଦିବସ ପାଳିତ ହେଉଛି।

ଲଖନପୁର, ୩।୫(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଓ ଦୌରାଜକ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଦିନ ଲଖନପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଆଇନ ସଚେତନତା ଶିବିର ଓ ସରକାରୀ ସହାୟତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କୁ ଶ୍ରମିକ ପରିଚୟ ପତ୍ର, ପାଠପଢ଼ା ପାଇଁ ଆର୍ଥିକ ସହାୟତା ଓ ବିବାହ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, କନିଷ୍ଠ ଦେୱାନୀ ବିଚାରପତି ଜୟା ରାଏ, ନ୍ୟାୟାଧିକାରୀ ଅପର୍ଣ୍ଣା ସାହୁ, ଅତିରିକ୍ତ ବିଡିଓ ଗୋପାଳ କୃଷ୍ଣ ମିଶ୍ର ଏବଂ ସହାୟକ ଶ୍ରମ ଅଧିକାରୀ ତରୁଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ମେ' ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଲୋକ ଅଦାଲତ ମାଧ୍ୟମରେ ମାମଲାର ସହଜ ସମାଧାନ କରିବାକୁ ସଚିବ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରମିକ ଯୋଗଦେଇଥିଲେ। ଅଧିକ ସୂଚନା ପାଇଁ ସହାୟତା ନମ୍ବର ୧୫୧୦୦ କିମ୍ବା ୦୬୬୪୫-୨୭୩୪୭୦ରେ ଯୋଗାଯୋଗ କରିବାକୁ କୁହାଯାଇଛି।

## ୧୪ ବର୍ଷ ଧରି ଶତପ୍ରତିଶତ ମାଟ୍ରିକ୍ ଫଳାଫଳ

ବେଲପାହାଡ, ୩।୫ (ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡସ୍ଥିତ ବି.ଆର. ଉଚ୍ଚ ବିଦ୍ୟାଳୟ ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ ପୁଣିଥରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଛି। ବିଦ୍ୟାଳୟଟି ଚଳିତବର୍ଷ ୧୦୦ ପ୍ରତିଶତ ଫଳାଫଳ ହାସଲ କରିବା ସହ ଲଗାତର ୧୪ ବର୍ଷ ଧରି ଏହି ଗୌରବ ବଜାୟ ରଖିବାରେ ସଫଳ ହୋଇଛି। ଚଳିତବର୍ଷ ବିଦ୍ୟାଳୟରୁ ମୋଟ ୭୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। ପରୀକ୍ଷା ଫଳ ଅନୁଯାୟୀ, ଏ-୧ ଗ୍ରେଡ୍‌ରେ ୧ ଜଣ,ଏ-୨ ଗ୍ରେଡ୍‌ରେ ୫ ଜଣ, ବି-୧ଗ୍ରେଡ୍‌ରେ ୨୧ ଜଣ, ବି-୨ଗ୍ରେଡ୍‌ରେ ୨୮ ଜଣ, ସି ଓ ଡି ଗ୍ରେଡ୍‌ରେ ଯଥାକ୍ରମେ ୧୯ ଓ ୨ ଜଣ ପାସ କରିଛନ୍ତି। ବିଦ୍ୟାଳୟର ଏହି ଚମତ୍କାର ସଫଳତା ପାଇଁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ସମାସିଂହାରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ

କୋଲାବିରା,୩।୫(ସଞ୍ଜୟ ପୂଜାରୀ)

କୋଲାବିରା ବ୍ଲକ ସମାସିଂହା ଗ୍ରାମର ହରିଜନ ପଡ଼ାସ୍ଥିତ ଯଜ୍ଞମଣ୍ଡପଠାରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ଶନିବାର ସମ୍ପନ୍ନ ହୋଇଯାଇଛି। ବୁଧବାର ସ୍ଥାନୀୟ ପୋଖରୀରୁ ଶତାଧିକ ମହିଳା ଓ କନ୍ୟାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବା ପରେ ଗୁରୁବାରଠାରୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏହି ଧାର୍ମିକ କାର୍ଯ୍ୟକ୍ରମରେ କ୍ଷମା ରଣବିଡା ଓ ତାଙ୍କ ସ୍ତ୍ରୀ ନୀଳାବତୀ ରଣବିଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ଅପରାହ୍ନରେ ନଗର ଭ୍ରମଣ, ଦଧି ହାଣ୍ଡି ଭଞ୍ଜନ ଓ ମହାପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ଶୀତଲ ଦୀପ ଏବଂ ସଭ୍ୟାରାଣୀ ବାଗଙ୍କ ମଧ୍ୟରେ ଏକ ଭବ୍ୟ ବୈଠକ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାସିଂହା, ଧୂତୁରା, ଦୁଲର୍ଗା, କାତିକେଲା ଆଦି ଅଞ୍ଚଳର କୀର୍ତ୍ତନ ଦଳ ଯୋଗ ଦେଇଥିଲେ।


ଭକ୍ତମାନେ ନାମ ଯଜ୍ଞ ମଣ୍ଡପରେ ମହାମନ୍ତ୍ର ଜପ କରୁଛନ୍ତି।

## କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଡ଼ଗାଁ,୩।୫(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନାଞ୍ଚଳ ଅଧୀନ କେନ୍ଦୁପତ୍ର କର୍ମଚାରୀ ସଂଘର ତୋଳାଳି, ସିଜନାଲ କର୍ମଚାରୀ, ବନ୍ଧାଇ ଶ୍ରମିକ ଏବଂ ଆନୁଷଙ୍ଗିକ ଶ୍ରମିକମାନେ ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ସ୍ମାରକପତ୍ର ଅନୁଯାୟୀ ଦାବି ପୂରଣ ପାଇଁ ଗଣ ଧାରଣା ଦେଇ ମୁଖ୍ୟମନ୍ତ୍ରୀ ତଥା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦାବି ପୂରଣ ପାଇଁ ଅବଗତି ନିମନ୍ତେ କେନ୍ଦୁପତ୍ର କର୍ମଚାରୀ ସଂଘର ସଦସ୍ୟ ନିରାକାର ଖିଲାରି, ଶଶୀ ମାଝୀ, ଉପେନ୍ଦ୍ର କୁଜୁର, ଗୋବିନ୍ଦ ମାଝୀ, ଝାଙ୍କର ଟୁଡୁଆ, ମୋରିତ କୁଜୁର, ବିଶ୍ୱଜିତ ବନ୍‌ଛୋରଙ୍କ ସହିତ ସମସ୍ତ ମୁନ୍‌ସୀ, ତୋଳାଳି ଓ ବନ୍ଧେଇ ଶ୍ରମିକଙ୍କ ଦସ୍ତଖତ ଥିବା ପତ୍ରରେ ଦର୍ଶାଯାଇଛି ଯେ, କେନ୍ଦୁପତ୍ର ତୋଳାଳିମାନଙ୍କ କେନ୍ଦୁପତ୍ର କେରି ପ୍ରତି ଦର ନିର୍ବାଚନ ଘୋଷଣା ଅନୁଯାୟୀ ୨ଟଙ୍କା ଧାର୍ଯ୍ୟ କରି ପିଛିଲା ତାରିଖରୁ କାର୍ଯ୍ୟକାରୀ କରାଯାଉ, ସିଜନାଲ କର୍ମଚାରୀମାନଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି ଅନୁପାତରେ ୨୦୨୪ ଜୁଲାଇ ୧୮ ତାରିଖରୁ ମାସିକ ମଜୁରି ବୃଦ୍ଧି କରାଯାଉ, ବନ୍ଧେଇ ଶ୍ରମିକମାନଙ୍କ ପାଇଁ ବଣ୍ଡଲ ପ୍ରତି ଦର ବୃଦ୍ଧି କରାଯାଉ, କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ବନ୍ଦ କରାଯାଉ ଆଦି ୧୯ଟି ଦାବି ଦର୍ଶାଯାଇଛି। ଏହି ଦାବିପତ୍ରକୁ କେନ୍ଦୁପତ୍ର କର୍ମଚାରୀ ସଂଘ ସଦସ୍ୟମାନେ ନିଜ ନିଜ ପଞ୍ଚାୟତର ପିଇଓ (ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ)ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଛନ୍ତି।

## କଂଗ୍ରେସର ବ୍ଲକ ସ୍ତରୀୟ ସଙ୍ଗଠନ ସଭା, ୧୫୨ କର୍ମୀଙ୍କ ଯୋଗଦାନ

ସୁନ୍ଦରଗଡ଼,୩।୫(ଜୟ ନାରାୟଣ ମେଣ୍ଡୁଲି)

ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ଦେଓଭୁବନପୁରରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ରବିବାର ଏକ ବ୍ଲକ ସ୍ତରୀୟ ସଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ପିତାମ୍ବର ଶେଖର ଦେଓଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଏସସି ସେଲର ରାଜ୍ୟ ସଭାପତି ମାନସ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ଅଭିଭାଷଣରେ ଦଳକୁ ବୁଥ ସ୍ତରରୁ ସୁଦୃଢ଼ କରିବା ସହ ବାଲିଶଙ୍କରା ବ୍ଲକରେ ନିଶା ନିବାରଣ ଅଭିଯାନକୁ ପ୍ରତ୍ୟେକ ଗ୍ରାମରେ ପହଞ୍ଚାଇବା ପାଇଁ କର୍ମକର୍ତ୍ତାଙ୍କୁ ଆହ୍ୱାନ କରିଥିଲେ। ସଭାରେ ଜିଲା କଂଗ୍ରେସ କମିଟିର ସଭାପତି ନିର୍ମଳ କୁମାର ନାଏକ ଯୋଗଦେଇ କହିଥିଲେ ଯେ, ବର୍ତ୍ତମାନର ଭାଜପା ସରକାରଙ୍କ ଡବଲ ଇଞ୍ଜିନ ନୀତି ଗରିବ ଲୋକଙ୍କୁ ଶୋଷଣ କରୁଛି ଏବଂ ସେଥିପାଇଁ ସଚେତନତା ଆବଶ୍ୟକ। ସମ୍ମାନିତ ଅତିଥିଭାବେ ରାଜ୍ୟ ଉପ ସଭାପତି ଦିଲୀପ କୁମୁରା, ରାଜ୍ୟ ସମ୍ପାଦକ ଅନିମା ମିଞ୍ଜ, ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ପଟେଲ, ଏସସି ମୋର୍ଚ୍ଚା ଜିଲା ସଭାପତି ଭୁଲକି ସେଠ ଓ ସବଡେଗା ବ୍ଲକ କଂଗ୍ରେସ ସଭାପତି ଶୁଭେନ୍ଦୁ ନାଏକ ମଞ୍ଚାସୀନ ଥିଲେ। ବରିଷ୍ଠ କଂଗ୍ରେସ ନେତା ଟଙ୍କଧର ପଣ୍ଡା ସଭାକୁ ସଞ୍ଚାଳନ କରିଥିଲେ। ସଭାରେ ଜୟଭୁଷଣ ଶେଖର ଦେଓ, କେଦାର ସାଏ, ଗଣେଶ ରଣା, ଏମ.ଡି. ଅଲିମ, ଯୋଗେଶ୍ୱର ପଶାୟତ, ଧନେଶ୍ୱର ତନ୍ତି, ନୀଳାଦ୍ରି ରାଉତ, ଏତୁଆ ବାଗ, ହରେକୃଷ୍ଣ ସେଠ, ପୂର୍ବତନ ଜିଲା ପରିଷଦ ସଦସ୍ୟ ରଘୁନନ୍ଦନ ତାଣ୍ଡିଆ ଓ ବଳରାମ ନାଏକଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଦେଓଭୁବନପୁର ଗ୍ରାମ ପଞ୍ଚାୟତର ବିଜେଡି ଓ ଭାଜପା ଦଳର ୧୫୨ ଜଣ କର୍ମକର୍ତ୍ତା କଂଗ୍ରେସ ଦଳରେ ଯୋଗଦାନ କରିଥିଲେ। ଶେଷରେ ଅବସରପ୍ରାପ୍ତ ଇଞ୍ଜିନିୟର ନନ୍ଦଲାଲ ମିଞ୍ଜ ଧନ୍ୟବାଦ ଜ୍ଞାପନ କରିଥିଲେ।


ମଞ୍ଚାସୀନ କଂଗ୍ରେସ ନେତୃବୃନ୍ଦ।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ

ବନ୍ଧମୁଣ୍ଡା,୩।୫ (ସୁବ୍ରତ ଦେ)

ବନ୍ଧମୁଣ୍ଡା ଚମ୍ପାଗଡ଼ଠାରେ ପଣ୍ଡିତ ରଘୁନାଥ ମୁର୍ମୁ ଯୁବ କ୍ଲବ ପରିଚାଳନାରେ ମହାନ୍ ସାନ୍ତାଳୀ ସାହିତ୍ୟିକ ତଥା ଅଲଚିକି ଲିପିର ଜନକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଚମ୍ପାଗଡ଼ ସହିତ ବନ୍ଧମୁଣ୍ଡାର ବିଭିନ୍ନ ଅଞ୍ଚଳରୁ ସାନ୍ତାଳ ସମ୍ପ୍ରଦାୟର ଲୋକେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ସାନ୍ତାଳ ସମାଜର ଲୋକେ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧନ କରି ସମାଜର ମୁଖିଆ ଗୁରୁଚରଣ ମାରାଣ୍ଡି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀ, ତାଙ୍କ ଅବଦାନ ଓ ସମାଜର ଉନ୍ନତିରେ ତାଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସେ ଯୁବପିଢ଼ିଙ୍କୁ ତାଙ୍କ ଚିନ୍ତାଧାରାକୁ ଅନୁସରଣ କରି ନିଜ ସଂସ୍କୃତି ଓ ଭାଷାକୁ ଆଗକୁ ବଢ଼ାଇବା ପାଇଁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଆୟୋଜକ ସମିତିର ସଦସ୍ୟ ଗୁରୁଚରଣ ମାରାଣ୍ଡି, ଚନ୍ଦନ ହେମ୍ବ୍ରମ, ଗୋପାଳ ମାରାଣ୍ଡି, ଠାକୁରା ମୁର୍ମୁ, ଡିକୁ ହେମ୍ବ୍ରମ, ସାଁକୋ ମାରାଣ୍ଡି, ସୀତା ହେମ୍ବ୍ରମ, ଚେତନ ମୁର୍ମୁ, ସୁଭାଷ ସିଂହ, ସୀତା ହାଂସଦା, ବାଲ୍ୟା ମାରାଣ୍ଡି ଓ ଫାଗୁ ମୁର୍ମୁଙ୍କ ପ୍ରମୁଖ ଭୂମିକା ରହିଥିଲା।

## ବିଶ୍ରାରେ ପାଳନ ହେଲା ଜ୍ୟେଷ୍ଠ ପର୍ବ

ବିଶ୍ରା,୩।୫(ସୁବ୍ରତ ଦେ)

ବିଶ୍ରା ବ୍ଲକର ସାରୁ ବାହାଲସ୍ଥିତ କରମ ଗୁଙ୍ଗରୀଠାରେ ଓରାମ ସମାଜର ପ୍ରସିଦ୍ଧ ଜ୍ୟେଷ୍ଠ ପର୍ବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସମାଜର ମହିଳା ଓ ପୁରୁଷମାନେ ବହୁ ସଂଖ୍ୟାରେ ଯୋଗଦେଇ ନିଜର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶନ କରିଥିଲେ। ବୈଶାଖ ପୂର୍ଣ୍ଣିମା ପରେ ପ୍ରଥମ ଜ୍ୟେଷ୍ଠରେ ପାଳନ ହୋଇଥିବା ଏହି ମହାପର୍ବ କେବଳ ଧାର୍ମିକ ଅନୁଷ୍ଠାନ ନୁହେଁ, ବରଂ ଓରାମ ସମାଜର ଗୌରବମୟ ଇତିହାସ ଓ ଅଦ୍ଭୁତ ସାହସର ଜୀବନ୍ତ ପରିଚୟ। ପର୍ବ ସମୟରେ ଲୋକମାନେ ପାରମ୍ପରିକ ପୋଷାକ ପିନ୍ଧି ଢୋଲ ଓ ମାନ୍ଦାରର ତାଳରେ ସାମୂହିକ ନୃତ୍ୟ ଓ ଲୋକ ସଙ୍ଗୀତର ଆନନ୍ଦ ଉଠାଇଥିଲେ। ଏହି ଅବସରରେ ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ବିଶ୍ରା ବ୍ଲକ ଅଧ୍ୟକ୍ଷା ଫୁଲମଣି କେରକେଟ୍ଟା, ଏମ୍‌ପି ପ୍ରତିନିଧି ଜୟକରଣ ଖାଲଖୋ, ସରପଞ୍ଚ ଦୁଲାରୀ ଖାଖା ଓ ଅକ୍ଷୟ କୁମାର ତ୍ରିପାଠୀ, ବିକ୍ରମ ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ତିର୍କୀ ନିଜ ଭାଷଣରେ ଓରାମ ସମାଜର ଇତିହାସ ଉପରେ ଆଲୋକ ପାତ କରି କହିଥିଲେ ଯେ, ବର୍ତ୍ତମାନ ବିହାରର ରୋହତାସଗଡ଼ରେ ଓରାମ ଜନଜାତିର ଶାସନ କାଳରେ ହୋଇଥିବା ଯୁଦ୍ଧରେ ସମାଜ ତିନିଥର ଶତ୍ରୁଙ୍କୁ ପରାଜିତ କରିଥିଲା। ସେହି ଐତିହାସିକ ବିଜୟର ସ୍ମୃତିରେ ଏହି ଜ୍ୟେଷ୍ଠ ଯାତ୍ରାକୁ ବିଜୟ ଉତ୍ସବ ଭାବେ ପାଳନ କରାଯାଇଥାଏ। ଅମରନାଥ ଓରାମ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଆୟୋଜନକୁ ସଫଳ କରିବାରେ ସମାଜର ରାଜା ବିଶୁ ଖାଲଖୋ, ବେଲ କୋଲ୍ହା ଓରାମ, ସାନିକା ଓରାମ, ତୁତା ଓରାମ, ବିଟା ମିଞ୍ଜ, ଭୁଲୁ ଓରାମ, ଘାସୀରାମ ଲାକଡ଼ା, କମଳା ଓରାମ, ଜାଳି ଓରାମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## ବୃଦ୍ଧଙ୍କ ଅସ୍ୱାଭାବିକ ମୃତ୍ୟୁ

ଲହୁଣୀପଡା,୩।୫(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ତାଳବାହାଲି ପଞ୍ଚାୟତ ସାନ ନୂଆଗାଁରେ ଜଣେ ବୃଦ୍ଧଙ୍କ ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ସମ୍ବର ସିଂ(୭୨)। ସୂଚନାରୁ ପ୍ରକାଶ ଯେ, ସମ୍ବର ଠିକାଦାର କାମ କରନ୍ତି। ସାନ ନୂଆଗାଁ ଗ୍ରାମରେ ନୂତନ ଗୃହ କାମ ଚାଲିଥିବା ବେଳେ ସେ କାମ ଦେଖୁଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ହଠାତ ସେ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ବଣେଇ ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଲହୁଣୀପଡା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ଆଇପିଏଲ ସଟ୍ଟା ଖେଳ ଅଭିଯୋଗରେ ୫ ଗିରଫ

ରାଜଗାଙ୍ଗପୁର,୩।୫ (ଅଶୋକ ପାଣି)


ଗିରଫ ୫ ଅଭିଯୁକ୍ତ।

**୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଆଇପିଏଲ ସଟ୍ଟା ଖେଳ ଅଭିଯୋଗରେ ପୋଲିସ ୫ ଜଣଙ୍କୁ ଗିରଫ କରି ରବିବାର ରାତିରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରଞ୍ଜନ ସା, ରୋହିତ ସାହୁ, ସଞ୍ଜୟ ମିସ୍ତ୍ରୀ, ଉମେଶ ସେଟା ଓ ନିରଞ୍ଜନ ସାହୁ। ସେମାନଙ୍କ ଠାରୁ ନଗଦ ୬ ଲକ୍ଷ ଟଙ୍କା ଜବତ କରାଯିବା ସହ ୧୭ ଲକ୍ଷ ୬୧ ହଜାର ୩୬୭ ଟଙ୍କାର ବ୍ୟାଙ୍କ ଆକାଉଣ୍ଟ ସିଜ କରାଯାଇଛି। ଏଥିସହ ୫ ଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଏନେଇ ରାଜଗାଙ୍ଗପୁର ଥାନାରେ ଏକ ମାମଲା ନଂ. ୨୫୭/୨୬ ରୁଜୁ ହୋଇଛି। ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୂତିଭୂଷଣ ଭୋଇ ରବିବାର ରାତିରେ ଏକ ପ୍ରେସ୍ ମିଟ କରି ପ୍ରକାଶ କରିଛନ୍ତି ଯେ, ସୁନ୍ଦରଗଡ ଏସପି ଅମ୍ରିତ ପାଲ କୌର ବିଶେଷ ସୂତ୍ରରୁ ଖବର ପାଇ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ ଦାଶଙ୍କୁ ସୂଚନା ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ କହିଥିଲେ। ତଦନୁଯାୟୀ ଥାନାଧିକାରୀ ରମେଶ ସେଠି, ଅରୁଣ ବେହେରା, ପିକେ ସେନାପତି, ହେମନ୍ତ ଧାରୁଆଙ୍କୁ ନେଇ ପୋଲିସ ଏକ ଟିମ ଗଠନ କରି ସଟ୍ଟା ଆଡ୍ଡାରେ ଚଢ଼ାଉ କରି ରାଜଗାଙ୍ଗପୁର ଓ ରାଉରକେଲାର ୫ ଜଣଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ବୃଦ୍ଧଙ୍କ ଅସ୍ୱାଭାବିକ ମୃତ୍ୟୁ

ଲହୁଣୀପଡା,୩।୫(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ତାଲବାହାଲି ପଞ୍ଚାୟତ ସାନ ନୂଆଗାଁରେ ଜଣେ ବୃଦ୍ଧଙ୍କ ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ସମ୍ବର ସିଂ(୭୨)। ସୂଚନାରୁ ପ୍ରକାଶ ଯେ, ସମ୍ବର ଠିକାଦାର କାମ କରନ୍ତି। ସାନ ନୂଆଗାଁ ଗ୍ରାମରେ ନୂତନ ଗୃହ କାମ ଚାଲିଥିବା ବେଳେ ସେ କାମ ଦେଖୁଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ହଠାତ ସେ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ବଣେଇ ଡାକ୍ତରଖାନାକୁ ଆଣିଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଲହୁଣୀପଡା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

### ମେ ୫ରୁ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର

ସୁନ୍ଦରଗଡ,୩।୫(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଓ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା ଆନୁକୂଲ୍ୟରେ ୫ତାରିଖ ମଙ୍ଗଳବାରଠାରୁ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଷ୍ଟାଡିୟମଠାରେ ଶିବିର ଅନୁଷ୍ଠିତ ହେବ। ଏଥିରେ ଉଭୟ ବାଳିକା ଓ ବାଳକ ଅଂଶ ଗ୍ରହଣ କରିପାରିବେ, ଯାହାର ଜନ୍ମ ୧।୧।୨୦୧୩ରୁ ୩୧।୧୨।୨୦୧୪ ମଧ୍ୟରେ ହୋଇଥିବ, କେବଳ ସେହି ବାଳିକା ଓ ବାଳକମାନେ ଜିଲା କ୍ରୀଡା ସଂସଦ ଅଫିସରେ ନିଜର ଜନ୍ମ ତାରିଖ ପ୍ରମାଣପତ୍ର, ଆଧାର କାର୍ଡ ଓ ୨ଟି ପାସପୋର୍ଟ ସାଇଜ ଫଟୋ ସହିତ ନାମ ପଞ୍ଜୀକରଣ କରିପାରିବେ। ଖେଳାଳିଙ୍କୁ ଫୁଟବଲ କୋଚ୍‌ମାନେ ପ୍ରତିଦିନ କୋଚିଂ ଦେବେ ବୋଲି ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ସୂଚନା ଦେଇଛନ୍ତି। ସବିଶେଷ ତଥ୍ୟ ଜାଣିବା ପାଇଁ ଫୁଟବଲ ସମ୍ପାଦକ ରାଜେନ୍ଦ୍ର କୁମାର ପାଣ୍ଡେଙ୍କ ସହିତ ଫୋନ ନମ୍ବର ୭୦୦୮୫୮୬୮୫୯ରେ ଯୋଗାଯୋଗ କରିପାରିବେ ବୋଲି ଜିଲା କ୍ରୀଡ଼ା ସଂସଦ ପକ୍ଷରୁ କୁହାଯାଇଛି।

### ଆନନ୍ଦ ମାର୍ଗ ପ୍ରତିଷ୍ଠାତାଙ୍କ ଜନ୍ମ ଉତ୍ସବ

ସୁନ୍ଦରଗଡ,୩।୫(ଜୟ ନାରାୟଣ ମେଣ୍ଡୁଲି)

ଆନନ୍ଦ ମାର୍ଗ ପ୍ରଚାରକ ସଂଘର ପ୍ରତିଷ୍ଠାତା ଶ୍ରୀ ଶ୍ରୀ ଆନନ୍ଦମୂର୍ତ୍ତିଜୀଙ୍କ ୧୦୫ତମ ଜନ୍ମ ଉତ୍ସବ ସୁନ୍ଦରଗଡ ସହରସ୍ଥିତ ଆନନ୍ଦମାର୍ଗ ଆଶ୍ରମ ପକ୍ଷରୁ ପାଳିତ ହୋଇଯାଇଛି। ସକାଳ ୬ ଟା ୭ ମିନିଟରେ ଶଙ୍ଖ ଧ୍ୱନୀ ସହ ପରମପିତା ବାବାଙ୍କ ଜୟ ଜୟ କାରରେ ଶୁଭାରମ୍ଭ ସହିତ ପ୍ରଭାତ ସଂଗୀତ ଗାନକରାଯାଇଥିଲା। ଏହି ଦିବସ ଅବସରରେ ସୁନ୍ଦରଗଡ ମହିଳା ମହାବିଦ୍ୟାଳୟ ଛକରେ ଦହି ସରବତ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବଧୂତିକା ଆନନ୍ଦ ଦେବମାଳିକା ଆଚାର୍ଯ୍ୟା, ଆନନ୍ଦ ଲୋକାବ୍ୟା ଆଚାର୍ଯ୍ୟା, ନବିନ ଚନ୍ଦ୍ର ପଟେଲ, ଶଶିଭୂଷଣ ତନ୍ତୀ, ପ୍ରମୋଦ ଦେବ, ରାମରତନ ପଟେଲ, ଗୌତମ ପଟେଲ, ମନୋଜ ପ୍ରଧାନ, ପଦ୍ମା ଦେବୀ, କୁସୁମ ପଟେଲ, ସବିତା ପଟେଲ, ସୁଲିଆ ସୁନାନୀ, କିରନ ପଟେଲ, କୋଶଳିକା ଭାରତୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମର ସଫଳତାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

### ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପିତ

ବଡ଼ଗାଁ,୩।୫(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ତୁଡାଲଗା ପଞ୍ଚାୟତ ଅନ୍ତର୍ଗତ କଣ୍ଟିଆମୁରା ଗ୍ରାମରେ ଗତ ୨ଦିନ ଧରି ଚାଲିଥିବା ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ଶନିବାର ସମାପନ ହୋଇଛି। ଗୁରୁବାର ସନ୍ଧ୍ୟାରେ କଳସ ଯାତ୍ରା ଆୟୋଜିତ ହେବା ସହ ଅଧିବାସ ହୋଇଥିଲା। ଶୁକ୍ରବାର ଅହୋରାତ୍ର ଅଖଣ୍ଡ ନାମ ସଂକୀର୍ତ୍ତନ ହୋଇଥିଲା। ଶନିବାର ସକାଳେ ନଗର ସଂକୀର୍ତ୍ତନ, ଦଧି ହାଣ୍ଡି ଭଞ୍ଜନ ଓ ଯମୁନା ସ୍ନାନ କରାଯାଇ କୀର୍ତ୍ତନ ସମାପନ ହୋଇଛି। ରମାକାନ୍ତ ବିଶି ପୂଜକ ଓ ତୁଳାରାମ ହୋତା ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କୀର୍ତ୍ତନ ପରିଚାଳନା କମିଟିର ସଭାପତି ଅମୀୟ ପାଣିଗ୍ରାହୀ, ସମ୍ପାଦକ ଛବିଳ ବେହେରା, ସଦସ୍ୟ ତାପସ ପାଣିଗ୍ରାହୀ, ଅଦ୍ୱୈତ କୁମାର ନାୟକ, କମଲ କୁମାର ସା, ପଞ୍ଚମ ବେହେରା, ମଳୟ ପାଣିଗ୍ରାହୀ, ପଦ୍ମରାଜ ସା, ରାଧାକାନ୍ତ ମାଝୀ, ଉମେଶ ବେହେରା ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଏଥିରେ ଅଞ୍ଚଳର ୧୨ଟି ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ।

# ଆଇପିଏଲ ସଟ୍ଟା ଖେଳ ଅଭିଯୋଗରେ ୫ ଗିରଫ

ରାଜଗାଙ୍ଗପୁର,୩।୫(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଆଇପିଏଲ ସଟ୍ଟା ଖେଳ ଅଭିଯୋଗରେ ପୋଲିସ ୫ ଜଣଙ୍କୁ ଗିରଫ କରି ରବିବାର ରାତିରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରଞ୍ଜନ ସା, ରୋହିତ ସାହୁ, ସଞ୍ଜୟ ମିସ୍ତ୍ରୀ, ଉମେଶ ସେଟା ଓ ନିରଞ୍ଜନ ସାହୁ। ସେମାନଙ୍କ ଠାରୁ ନଗଦ ୬ ଲକ୍ଷ ଟଙ୍କା ଜବତ କରାଯିବା ସହ ୧୭ ଲକ୍ଷ ୬୧ ହଜାର ୩୬୭ ଟଙ୍କାର ବ୍ୟାଙ୍କ ଆକାଉଣ୍ଟ ସିଜ କରାଯାଇଛି। ଏଥିସହ ୫ ଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଏନେଇ ରାଜଗାଙ୍ଗପୁର ଥାନାରେ ଏକ


ଗିରଫ ୫ ଅଭିଯୁକ୍ତ।

ମାମଲା ନଂ. ୨୫୭/୨୬ ରୁଜୁ ହୋଇଛି। ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୂତିଭୂଷଣ ଭୋଇ ରବିବାର ରାତିରେ ଏକ ପ୍ରେସ୍ ମିଟ କରି ପ୍ରକାଶ କରିଛନ୍ତି ଯେ, ସୁନ୍ଦରଗଡ

**୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ**

ଏସପି ଅମ୍ରିତ ପାଲ କୌର ବିଶେଷ ସୂତ୍ରରୁ ଖବର ପାଇ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ ଦାଶଙ୍କୁ ସୂଚନା ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ କହିଥିଲେ। ତଦନୁଯାୟୀ ଥାନାଧିକାରୀ ରମେଶ ସେଠି, ଅରୁଣ ବେହେରା, ପିକେ ସେନାପତି, ହେମନ୍ତ ଧାରୁଆଙ୍କୁ ନେଇ ପୋଲିସ ଏକ ଟିମ ଗଠନ କରି ସଟ୍ଟା ଆଡ୍ଡାରେ ଚଢାଉ କରି ରାଜଗାଙ୍ଗପୁର ଓ ରାଉରକେଲାର ୫ ଜଣଙ୍କୁ ଗିରଫ କରିଥିଲା।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ

ବନ୍ଧମୁଣ୍ଡା,୩।୫ (ସୁବ୍ରତ ଦେ)

ବନ୍ଧମୁଣ୍ଡା ଚମ୍ପାଗଡ଼ଠାରେ ପଣ୍ଡିତ ରଘୁନାଥ ମୁର୍ମୁ ଯୁବ କ୍ଲବ ପରିଚାଳନାରେ ମହାନ୍ ସାନ୍ତାଳୀ ସାହିତ୍ୟିକ ତଥା ଅଲଚିକି ଲିପିର ଜନକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଚମ୍ପାଗଡ଼ ସହିତ ବନ୍ଧମୁଣ୍ଡାର ବିଭିନ୍ନ ଅଞ୍ଚଳରୁ ସାନ୍ତାଳ ସମ୍ପ୍ରଦାୟର ଲୋକେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ସାନ୍ତାଳ ସମାଜର ଲୋକେ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧନ କରି ସମାଜର ମୁଖିଆ ଗୁରୁଚରଣ ମାରାଣ୍ଡି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀ, ତାଙ୍କ ଅବଦାନ ଓ ସମାଜର ଉନ୍ନତିରେ ତାଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସେ ଯୁବପିଢ଼ିଙ୍କୁ ତାଙ୍କ ଚିନ୍ତାଧାରାକୁ ଅନୁସରଣ କରି ନିଜ ସଂସ୍କୃତି ଓ ଭାଷାକୁ ଆଗକୁ ବଢ଼ାଇବା ପାଇଁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଆୟୋଜକ ସମିତିର ସଦସ୍ୟ ଗୁରୁଚରଣ ମାରାଣ୍ଡି, ଚନ୍ଦନ ହେମ୍ବ୍ରମ, ଗୋପାଳ ମାରାଣ୍ଡି, ଠାକୁରା ମୁର୍ମୁ, ଡିକୁ ହେମ୍ବ୍ରମ, ସାଁକୋ ମାରାଣ୍ଡି, ସୀତା ହେମ୍ବ୍ରମ, ଚେତନ ମୁର୍ମୁ, ସୁଭାଷ ସିଂହ, ସୀତା ହାଂସଦା, ବାଲ୍ୟା ମାରାଣ୍ଡି ଓ ଫାଗୁ ମୁର୍ମୁଙ୍କ ପ୍ରମୁଖ ଭୂମିକା ରହିଥିଲା। ଶେଷରେ ସମସ୍ତେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଆଦର୍ଶକୁ ଅନୁସରଣ କରିବା ପାଇଁ ସଙ୍କଳ୍ପ ନେଇଥିଲେ।

# କଂଗ୍ରେସର ବ୍ଲକ ସ୍ତରୀୟ ସଙ୍ଗଠନ ସଭା, ୧୫୨ କର୍ମୀଙ୍କ ଯୋଗଦାନ


ମଞ୍ଚାସୀନ କଂଗ୍ରେସ ନେତୃବୃନ୍ଦ।

ସୁନ୍ଦରଗଡ଼,୩।୫(ଜୟ ନାରାୟଣ ମେଣ୍ଡୁଲି)

ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ଦେଓଭୁବନପୁରରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ରବିବାର ଏକ ବ୍ଲକ ସ୍ତରୀୟ ସଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ପିତାମ୍ବର ଶେଖର ଦେଓଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଏସସି ସେଲର ରାଜ୍ୟ ସଭାପତି ମାନସ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ଅଭିଭାଷଣରେ ଦଳକୁ ବୁଥ ସ୍ତରରୁ ସୁଦୃଢ଼ କରିବା ସହ ବାଲିଶଙ୍କରା ବ୍ଲକରେ ନିଶା ନିବାରଣ ଅଭିଯାନକୁ ପ୍ରତ୍ୟେକ ଗ୍ରାମରେ ପହଞ୍ଚାଇବା ପାଇଁ କର୍ମକର୍ତ୍ତାଙ୍କୁ ଆହ୍ୱାନ କରିଥିଲେ। ସଭାରେ ଜିଲା କଂଗ୍ରେସ କମିଟିର ସଭାପତି ନିର୍ମଳ କୁମାର ନାଏକ ଯୋଗଦେଇ କହିଥିଲେ ଯେ, ବର୍ତ୍ତମାନର ଭାଜପା ସରକାରଙ୍କ ଡବଲ ଇଞ୍ଜିନ ନୀତି ଗରିବ ଲୋକଙ୍କୁ ଶୋଷଣ କରୁଛି ଏବଂ ସେଥିପାଇଁ ସଚେତନତା ଆବଶ୍ୟକ। ସମ୍ମାନିତ ଅତିଥିଭାବେ ରାଜ୍ୟ ଉପ ସଭାପତି ଦିଲୀପ କୁମୁରା, ରାଜ୍ୟ ସମ୍ପାଦକ ଅନିମା ମିଞ୍ଜ, ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ପଟେଲ, ଏସସି ମୋର୍ଚ୍ଚା ଜିଲା ସଭାପତି ଭୁଲକି ସେଠ ଓ ସବଡେଗା ବ୍ଲକ କଂଗ୍ରେସ ସଭାପତି ଶୁଭେନ୍ଦୁ ନାଏକ ମଞ୍ଚାସୀନ ଥିଲେ। ବରିଷ୍ଠ କଂଗ୍ରେସ ନେତା ଟଙ୍କଧର ପଣ୍ଡା ସଭାକୁ ସଞ୍ଚାଳନ କରିଥିଲେ। ସଭାରେ ଜୟଭୁଷଣ ଶେଖର ଦେଓ, କେଦାର ସାଏ, ଗଣେଶ ରଣା, ଏମ.ଡି. ଅଲିମ, ଯୋଗେଶ୍ୱର ପଶାୟତ, ଧନେଶ୍ୱର ତନ୍ତି, ନୀଳାଦ୍ରି ରାଉତ, ଏତୁଆ ବାଗ, ହରେକୃଷ୍ଣ ସେଠ, ପୂର୍ବତନ ଜିଲା ପରିଷଦ ସଦସ୍ୟ ରଘୁନନ୍ଦନ ତାଣ୍ଡିଆ ଓ ବଳରାମ ନାଏକଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଦେଓଭୁବନପୁର ଗ୍ରାମ ପଞ୍ଚାୟତର ବିଜେଡି ଓ ଭାଜପା ଦଳର ୧୫୨ ଜଣ କର୍ମକର୍ତ୍ତା କଂଗ୍ରେସ ଦଳରେ ଯୋଗଦାନ କରିଥିଲେ। ଶେଷରେ ଅବସରପ୍ରାପ୍ତ ଇଞ୍ଜିନିୟର ନନ୍ଦଲାଲ ମିଞ୍ଜ ଧନ୍ୟବାଦ ଜ୍ଞାପନ କରିଥିଲେ।

### ସିମେଣ୍ଟ କାରଖାନାରେ ଶ୍ରମିକ ଅସନ୍ତୋଷ

ବରଗଡ଼,୩।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠରେ ରହିଥିବା ଏସିସି ଆଦାନୀ ସିମେଣ୍ଟ କାରଖାନାରେ ଶ୍ରମିକ ଅସନ୍ତୋଷ ତେଜି ଉଠିଛି। କାରଖାନାରେ କାର୍ଯ୍ୟରତ ୧୩୩ ଠିକା ଶ୍ରମିକଙ୍କୁ ବିନା ଆଗୁଆ ସୂଚନାରେ କାମ ଯୋଗାଇ ଦିଆଯାଉ ନଥିବାବେଳେ ସେମାନଙ୍କ ପ୍ରାପ୍ୟରାଶି ମଧ ପ୍ରଦାନ କରାଯାଉ ନଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଶ୍ରମିକମାନେ ଶନିବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରି ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ଶ୍ରମିକମାନେ ନିବେଦନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ସିମେଣ୍ଟ କାରଖାନାର ପେକିଂ ହାଉସରେ କାମ କରୁଥିବା ୧୩୩ ଠିକା ଶ୍ରମିକଙ୍କୁ ଏକମାସରୁ ଊର୍ଦ୍ଧ୍ୱ ହେଲା କୌଣସି କାମ ଯୋଗାଇ ଦିଆଯାଉ ନାହିଁ। ସରକାରଙ୍କ ନିର୍ଦ୍ଧାରିତ ଦେୟ ଅନୁଯାୟୀ, ସେମାନଙ୍କୁ ମଜୁରୀ ମିଳୁ ନଥିବାବେଳେ ବକେୟା ପ୍ରାପ୍ୟରାଶି ମଧ ପ୍ରଦାନ କରାଯାଉ ନଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ପ୍ରଭାବିତ ଶ୍ରମିକଙ୍କୁ ନିୟମିତ କର୍ମ ଯୋଗାଣ, ସରକାରଙ୍କ ଧାର୍ଯ୍ୟ ଦେୟରାଶିଭାବେ ମଜୁରୀ ପ୍ରଦାନ ଆଦି ଦାବି ହୋଇଛି। ମିଲୁ ସୁନା, ମୋତିଲାଲ ରାଉତ, ଦିନେଶ ମାହାଣାଙ୍କ ସମେତ ଅନେକ ଠିକା ଶ୍ରମିକ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

# ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବିଦାୟୀ ପ୍ରାଧ୍ୟାପକଙ୍କ ସହିତ ଶିକ୍ଷୟିତ୍ରୀ ଶିକ୍ଷକ।

ବଡ଼ଗାଁ, ୩।୫(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ପ୍ରାକ୍ତନ ପ୍ରାଧ୍ୟାପକ ଧୁଲେଶ୍ୱର ସାହୁଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଡ. ସୁପ୍ରିୟା ପାଲ ସଭାପତିତ୍ୱ କରିଥିଲେ। ପ୍ରଦୀପ ପ୍ରଜ୍ଜ୍ୱଳନ ସହ ଆନୁଷ୍ଠାନିକ ଭାବେ ସଭା ଆରମ୍ଭ ହୋଇଥିଲା। ଏଥିରେ ବିଦାୟୀ ପ୍ରାଧ୍ୟାପକ ସାହୁ ଓ ତାଙ୍କ ପତ୍ନୀ ସୁମତି ବେହେରା, ପୂର୍ବତନ ଅଧକ୍ଷ ଦଶରଥ ନାଏକ ଓ ତାଙ୍କ ପତ୍ନୀ ତରୁଲତା ନାଏକ ଓ ପ୍ରାକ୍ତନ ପ୍ରାଧ୍ୟାପକ ଚନ୍ଦନ କୁମାର ବେଉରା ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଦାୟୀ ପ୍ରାଧ୍ୟାପକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧକ୍ଷା ଡ. ପାଲ ଏହି ଅବସରରେ ପ୍ରାକ୍ତନ ପ୍ରାଧ୍ୟାପକଙ୍କ ଏହି ଅନୁଷ୍ଠାନରେ ଦୀର୍ଘ ୩୫ ବର୍ଷର କର୍ମମୟ ଜୀବନର ସ୍ମୃତିଚାରଣ ସହିତ ଉଲ୍ଲେଖନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରାଧ୍ୟାପକ ସାହୁଙ୍କ କାର୍ଯ୍ୟଶୈଳୀ, ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା ଓ ମାର୍ଗ ଦର୍ଶନ ଉପରେ ନିଜ ନିଜର ଅଭିମତ ରଖିଥିଲେ। ସଭା ଶେଷରେ ଅଧ୍ୟାପକ ଡ. ଅରୁଣ କୁମାର ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୌତମ ବୁଦ୍ଧଙ୍କ ତ୍ରିପାବନ ଜୟନ୍ତୀରେ ଆଲୋଚନାଚକ୍ର


କାର୍ଯ୍ୟକ୍ରମରେ ଉପସ୍ଥିତ ଜନତା ବୁଦ୍ଧ ବନ୍ଦନା କରୁଛନ୍ତି।

ବରଗଡ଼,୩।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ପାହାଡ଼ଠାରେ ନାଗାର୍ଜୁନ ବୁଦ୍ଧବିହାର କମିଟି ପକ୍ଷରୁ ଶୁକ୍ରବାର ମହାମାନବ ଗୌତମ ବୁଦ୍ଧଙ୍କ ତ୍ରିପାବନ ଜୟନ୍ତୀ ପାଳିତ ହୋଇଯାଇଛି। ଜୟନ୍ତୀ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ବୁଦ୍ଧପ୍ରେମୀ ଏବଂ ବଗେଇବିରା ଗ୍ରାମବାସୀ ବିପୁଳଭାବେ ଯୋଗଦେଇଥିଲେ। ଗୌତମ ବୁଦ୍ଧଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବୁଦ୍ଧଙ୍କର ବିଚାର ବିଷୟରେ ଆଲୋଚନାଚକ୍ର ହୋଇଥିଲା। ଶେଷରେ ସହଭୋଜନ କରି କାର୍ଯ୍ୟକ୍ରମ ଶେଷ ହୋଇଥିଲା। ବୁଦ୍ଧଦର୍ଶନ ପ୍ରଜ୍ଞା, ଶୀଳ, କରୁଣାର ପ୍ରତୀକ ବିଶ୍ୱ ଶାନ୍ତିଦୂତ, ଏସିଆର ଆଲୋକ, ଗଣତାନ୍ତ୍ରିକ ସମତାପୂର୍ଣ୍ଣ ବ୍ୟବସ୍ଥାର ମୂଳ, ଯୁକ୍ତିସିଦ୍ଧ, ବିଜ୍ଞାନ ଭିତ୍ତିକ ମାନସିକତା ସହ ସମତା, ଭାତୃତ୍ୱ, ନ୍ୟାୟ, ସ୍ୱତନ୍ତ୍ରତା ଓ ମୌଳିକ ଜୀବନଶୈଳୀର କଥା କହେ ବୋଲି ଉପସ୍ଥିତ ଉପାସିକା, ଉପାସକ ମତପ୍ରକାଶ କରିଥିଲେ। ନାଗାର୍ଜୁନ ବୁଦ୍ଧବିହାର କମିଟି ସଭାପତି ଧିମାନ ପୁରନ୍ଦର ଭୋସାଗରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପତିତପାବନ ସାହୁ, ଅଧାପକ ରୋହିତ୍ କୁମ୍ଭାର, ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର୍ ନାଏକ, ଗୁରୁଚରଣ ହରିପାଲ, ଶୋଭାରାମ ତାଣ୍ଡି, କୁନାଲ ଗହୀର ଯୋଗଦେଇ ମହାତ୍ମା ବୁଦ୍ଧ ଅହିଂସାର ପ୍ରତୀକ ଥିଲେ ବୋଲି ଅଭିହିତ କରିଥିଲେ।

### ସମାସିଂହାରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ସମାପନ

କୋଲାବିରା,୩।୫(ସଞ୍ଜୟ ପୂଜାରୀ)

କୋଲାବିରା ବ୍ଲକ ସମାସିଂହା ଗ୍ରାମର ହରିଜନ ପଡ଼ାସ୍ଥିତ ଯଜ୍ଞମଣ୍ଡପଠାରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ଶନିବାର ସମ୍ପନ୍ନ ହୋଇଯାଇଛି। ବୁଧବାର ସ୍ଥାନୀୟ ପୋଖରୀରୁ ଶତାଧିକ ମହିଳା ଓ କନ୍ୟାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବା ପରେ ଗୁରୁବାରଠାରୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏହି ଧାର୍ମିକ କାର୍ଯ୍ୟକ୍ରମରେ କ୍ଷମା ରଣବିଡା ଓ ତାଙ୍କ ସ୍ତ୍ରୀ ନୀଳାବତୀ ରଣବିଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ଅପରାହ୍ନରେ ନଗର ଭ୍ରମଣ, ଦଧି ହାଣ୍ଡି ଭଞ୍ଜନ ଓ ମହାପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ଶୀତଳ ଦୀପ ଏବଂ ସଭ୍ୟାରାଣୀ ବାଗଙ୍କ ମଧ୍ୟରେ ଏକ ଭବ୍ୟ ବୈଠକ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାସିଂହା, ଧୂତୁରା, ଦୁଲର୍ଗା, କାତିକେଲା ଆଦି ଅଞ୍ଚଳର କୀର୍ତ୍ତନ ଦଳ ଯୋଗ ଦେଇଥିଲେ।

# ବିଶ୍ରାରେ ପାଳନ ହେଲା ଜ୍ୟେଷ୍ଠ ପର୍ବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବିଶ୍ରା,୩।୫(ସୁବ୍ରତ ଦେ)

ବିଶ୍ରା ବ୍ଲକର ସାରୁ ବାହାଲସ୍ଥିତ କରମ ଗୁଙ୍ଗରୀଠାରେ ଓରାମ ସମାଜର ପ୍ରସିଦ୍ଧ ଜ୍ୟେଷ୍ଠ ପର୍ବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସମାଜର ମହିଳା ଓ ପୁରୁଷମାନେ ବହୁ ସଂଖ୍ୟାରେ ଯୋଗଦେଇ ନିଜର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶନ କରିଥିଲେ। ବୈଶାଖ ପୂର୍ଣ୍ଣିମା ପରେ ପ୍ରଥମ ଜ୍ୟେଷ୍ଠରେ ପାଳନ ହୋଇଥିବା ଏହି ମହାପର୍ବ କେବଳ ଧାର୍ମିକ ଅନୁଷ୍ଠାନ ନୁହେଁ, ବରଂ ଓରାମ ସମାଜର ଗୌରବମୟ ଇତିହାସ ଓ ଅଦ୍ଭୁତ ସାହସର ଜୀବନ୍ତ ପରିଚୟ। ପର୍ବ ସମୟରେ ଲୋକମାନେ ପାରମ୍ପରିକ ପୋଷାକ ପିନ୍ଧି ଢୋଲ ଓ ମାନ୍ଦାରର ତାଳରେ ସାମୂହିକ ନୃତ୍ୟ ଓ ଲୋକ ସଙ୍ଗୀତର ଆନନ୍ଦ ଉଠାଇଥିଲେ। ଏହି ଅବସରରେ ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ବିଶ୍ରା ବ୍ଲକ ଅଧକ୍ଷା ଫୁଲମଣି କେରକେଟ୍ଟା, ଏମ୍‌ପି ପ୍ରତିନିଧି ଜୟକରଣ ଖାଲଖୋ, ସରପଞ୍ଚ ଦୁଲାରୀ ଖାଖା ଓ ଅକ୍ଷୟ କୁମାର ତ୍ରିପାଠୀ, ବିକ୍ରମ ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ତିର୍କୀ ନିଜ ଭାଷଣରେ ଓରାମ ସମାଜର ଇତିହାସ ଉପରେ ଆଲୋକ ପାତ କରି କହିଥିଲେ ଯେ, ବର୍ତ୍ତମାନ ବିହାରର ରୋହତାସଗଡ଼ରେ ଓରାମ ଜନଜାତିର ଶାସନ କାଳରେ ହୋଇଥିବା ଯୁଦ୍ଧରେ ସମାଜ ତିନିଥର ଶତ୍ରୁଙ୍କୁ ପରାଜିତ କରିଥିଲା। ସେହି ଐତିହାସିକ ବିଜୟର ସ୍ମୃତିରେ ଏହି ଜ୍ୟେଷ୍ଠ ଯାତ୍ରାକୁ ବିଜୟ ଉତ୍ସବ ଭାବେ ପାଳନ କରାଯାଇଥାଏ। ଅମରନାଥ ଓରାମ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଆୟୋଜନକୁ ସଫଳ କରିବାରେ ସମାଜର ରାଜା ବିଶୁ ଖାଲଖୋ, ବେଲ କୋଲ୍ହ ଓରାମ, ସାନିକା ଓରାମ, ତୁଚା ଓରାମ, ବିଟା ମିଞ୍ଜ, ଭୁଲୁ ଓରାମ, ଘାସୀରାମ ଲାକଡ଼ା, କମଳା ଓରାମ, ଜାଳି ଓରାମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଡ଼ଗାଁ,୩।୫(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନାଞ୍ଚଳ ଅଧୀନ କେନ୍ଦୁପତ୍ର କର୍ମଚାରୀ ସଂଘର ତୋଳାଳି, ସିଜନାଲ କର୍ମଚାରୀ, ବନ୍ଧାଇ ଶ୍ରମିକ ଏବଂ ଆନୁଷଙ୍ଗିକ ଶ୍ରମିକମାନେ ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ସ୍ମାରକପତ୍ର ଅନୁଯାୟୀ ଦାବି ପୂରଣ ପାଇଁ ଗଣ ଧାରଣା ଦେଇ ମୁଖ୍ୟମନ୍ତ୍ରୀ ତଥା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦାବି ପୂରଣ ପାଇଁ ଅବଗତି ନିମନ୍ତେ କେନ୍ଦୁପତ୍ର କର୍ମଚାରୀ ସଂଘର ସଦସ୍ୟ ନିରାକାର ଖିଲାରି, ଶଶୀ ମାଝୀ, ଉପେନ୍ଦ୍ର କୁଜୁର, ଗୋବିନ୍ଦ ମାଝୀ, ଝାଙ୍କର ଟୁଡୁଆ, ମୋରିତ କୁଜୁର, ବିଶ୍ୱଜିତ ବନ୍‌ଛୋରଙ୍କ ସହିତ ସମସ୍ତ ମୁନ୍‌ସୀ, ତୋଳାଳି ଓ ବନ୍ଧେଇ ଶ୍ରମିକଙ୍କ ଦସ୍ତଖତ ଥିବା ପତ୍ରରେ ଦର୍ଶାଯାଇଛି ଯେ, କେନ୍ଦୁପତ୍ର ତୋଳାଳିମାନଙ୍କ କେନ୍ଦୁପତ୍ର କେରି ପ୍ରତି ଦର ନିର୍ବାଚନ ଘୋଷଣା ଅନୁଯାୟୀ ୨ଟଙ୍କା ଧାର୍ଯ୍ୟ କରି ପିଛିଲା ତାରିଖରୁ କାର୍ଯ୍ୟକାରୀ କରାଯାଉ, ସିଜନାଲ କର୍ମଚାରୀମାନଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି ଅନୁପାତରେ ୨୦୨୪ ଜୁଲାଇ ୧୮ ତାରିଖରୁ ମାସିକ ମଜୁରି ବୃଦ୍ଧି କରାଯାଉ, ବନ୍ଧେଇ ଶ୍ରମିକମାନଙ୍କ ପାଇଁ ବଣ୍ଡଲ ପ୍ରତି ଦର ବୃଦ୍ଧି କରାଯାଉ, କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ବନ୍ଦ କରାଯାଉ ଆଦି ୧୯ଟି ଦାବି ଦର୍ଶାଯାଇଛି। ଏହି ଦାବିପତ୍ରକୁ କେନ୍ଦୁପତ୍ର କର୍ମଚାରୀ ସଂଘ ସଦସ୍ୟମାନେ ନିଜ ନିଜ ପଞ୍ଚାୟତର ପିଇଓ (ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ)ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଛନ୍ତି।

# ଜିଲାର ୨ ଟପ୍ପରଙ୍କ ସମେତ ୨୫ ଏ-୧ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

କୁତ୍ରା,୩।୫(ଦେବାଶିଷ ସାହୁ)

କୁତ୍ରା ପିଏମ୍‌ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଚଳିତ ମାଟ୍ରିକ ପରୀକ୍ଷାରେ ଅନୁଷ୍ଠାନର ଏ-୧ ପାଇଥିବା ଜିଲା ଟପ୍ପରଙ୍କ ସମେତ ୨୫ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ତରଫରୁ ଓ ଆଲୁମ୍‌ନି କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲାର ପ୍ରଥମ ସ୍ଥାନରେ ରହିଥିବା ସୁଜିତ ତିଗ୍ଗା, ଦ୍ୱିତୀୟରେ ଥିବା ସେଲମୋନା ଲୁଗୁନଙ୍କ ସମେତ ଅନ୍ୟ ଏ-୧ ଛାତ୍ରୀଛାତ୍ର ଓ ସେମାନଙ୍କ ମାତାପିତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ମିଠା ଖୁଆଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଯୋଗଦେଇ ଛାତ୍ରୀଛାତ୍ରଙ୍କ ସଫଳତାକୁ ଅଭିନନ୍ଦନ ଜଣାଇବା ସହିତ ନିରନ୍ତର



ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ଭାବରେ ବର୍ତ୍ତମାନ ପରି କଠୋର ପରିଶ୍ରମ କରି ସୁନ୍ଦରଗଡ ଜିଲାକୁ ଗୌରବାନ୍ୱିତ କରିବା ପାଇଁ ଉପଦେଶ ଦେଇଥିଲେ। ଏହାସହିତ କିଛି ବର୍ଷ ପାଇଁ ପାଠପଢା ବ୍ୟତୀତ ଅନ୍ୟ ସମସ୍ତ ଆଶା ଅଭିଳାଷାଠୁ ଦୂରେଇ ରହିବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷାଧିକାରୀ ଅନନ୍ତ କୁମାର ନାଏକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ନଳିନୀକାନ୍ତ ଶାସନୀ, ଏବିଇଓ ନିରଞ୍ଜନ ରାଉଳ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଶଙ୍କରପ୍ରସାଦ ଟପ୍ପୋଙ୍କ ସହ ଅନ୍ୟାନ୍ୟ ଶିକ୍ଷାବିତ୍ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷକ ଡ. ବିଭୀଷଣ ବାରିକ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିବା ସହିତ ଅନୁଷ୍ଠାନର ସଫଳତା ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଶେଷରେ ଧୃତି ସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବ୍ଲକର ସମସ୍ତ ସିଆରସିସି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଦିପିକା କେର୍କେଟାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ମରିଯାଇଥିବା ଧାନଚାଷର ସ୍ଥିତି ଅନୁଧ୍ୟାନ

ନୂଆପଡ଼ା,୩।୫ (ମକାରୁ ବେମାଲ)

## ଚାଷୀଙ୍କୁ ଭେଟି ସମସ୍ୟା ବୁଝିଲେ ବିଜେଡି ଓ କଂଗ୍ରେସ କର୍ମକର୍ତ୍ତା



ଉଜୁଡ଼ିଯାଇଥିବା ଧାନ ଚାଷ ବୁଲି ଦେଖୁଛନ୍ତି ବିଜେଡି ପ୍ରତିନିଧି ଦଳ।

ନୂଆପଡ଼ା ଜିଲାର ଜୀବନ ରେଖା କୁହାଯାଉଥିବା ପତୋରା ଅପର ଜୋଙ୍କ ଜଳସେଚନ ପ୍ରକଳ୍ପରେ ପାଣି ଶୁଖି ହଜାର ହଜାର ହେକ୍ଟର ଧାନ ଚାଷ ଉଜୁଡି ଯାଇଛି। ରବିବାର ଜିଲା ବିଜେଡି ଓ କଂଗ୍ରେସ କମିଟି ପ୍ରତିନିଧି ଦଳ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କୁ ଭେଟି ସମସ୍ୟା ଉପରେ ଆଲୋଚନା କରିଛନ୍ତି। ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଯୋଶୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସାରାବଙ୍ଗ, ଲାଞ୍ଜିମାର, ପଣ୍ଡରିପାଣି, ମୋଟା ନୂଆପଡା, ଶୁପ୍ଲି, ଧରମବନ୍ଧା, ଭେରା, ପଞ୍ଚମପୁର, ପଥରପୁଞ୍ଜି ଆଦି ଗାଁକୁ ଯାଇ ପାଣି ଅଭାବରୁ ମରି ଯାଇଥିବା ଧାନର ଅନୁଧ୍ୟାନ କରି ଚାଷୀଙ୍କ ସହିତ ସାକ୍ଷାତ କରି ସମସ୍ୟା ଉପରେ ଆଲୋଚନା କରିଛନ୍ତି। ପ୍ରତିବର୍ଷ ହଜାର ହଜାର ହେକ୍ଟର ଜମିରେ ଖରିଫ ଓ ରବି ଋତୁରେ ଧାନଚାଷ କରି ଚାଷୀ ଉପକୃତ ହେଉଥିଲେ। ଚଳିତବର୍ଷ ସ୍ୱାଭାବିକ ବର୍ଷା ଠାରୁ ଅଧିକ ବର୍ଷା ହୋଇଛି। କଣ ପାଇଁ ପତୋରା ଅପରଜୋଙ୍କ ଜଳସେଚନ ପ୍ରକଳ୍ପରେ ପାଣି ରହିଲା ନାହିଁ। ଚାଷୀଙ୍କ ଅମଳ ସମୟରେ ଧାନ ଚାଷ ଉଜୁଡି ଗଲା । ଏଠାରେ ଭୂଲ କାହାର ରହିଲା । କାହିଁକି ଆବଶ୍ୟକତା ଠାରୁ କମ ପାଣି ରହିଥିଲା । ଯଦି କମ ପାଣି ରହିଥିଲା, ଚାଷୀଙ୍କୁ ଚାଷ କରିବାକୁ ଦିଆଗଲା କାହିଁକି। ବର୍ତ୍ତମାନ ଚାଷୀଙ୍କ ଧାନ ମରିଯାଇ ସର୍ବସ୍ୱାନ୍ତ ହୋଇ ପଡିଛନ୍ତି। ଏଥିପାଇଁ ଦାୟୀ କିଏ ବୋଲି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଖାମଖିଆଲି ନୀତି ଓ ଅବହେଳା ଯୋଗୁ ପତୋରା ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ପାଣି ଶୁଖି ଯାଇ ଚାଷୀଙ୍କ ବଡ କ୍ଷତି ହୋଇଛି। ଏଥିପାଇଁ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ସମ୍ପୂର୍ଣ୍ଣ ଦାୟୀ ରହିବେ



ପାଣି ଶୁଖି ମରି ଯାଇଥିବା ଧାନ ଚାଷ ବୁଲି ଦେଖୁଛନ୍ତି କଂଗ୍ରେସ କର୍ମକର୍ତ୍ତା।

ବୋଲି ଉଭୟ ବିଜେଡି ଓ କଂଗ୍ରେସ ନିନ୍ଦା କରିଛନ୍ତି। ଆସନ୍ତା ମଙ୍ଗଳବାର ୫ ତାରିଖ ବିଜେଡି ରାଜ୍ୟ ପ୍ରତିନିଧି ଦଳ ଆସି ମରିଥିବା ଧାନ ଚାଷ ଅନୁଧ୍ୟାନ କରି ଉଚିତ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବା ସହ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ବିଜେଡି ଜିଲା ସଭାପତି ଯୋଶୀ କହିଛନ୍ତି। ଏହି ସମୟରେ ହରିଶ୍ଚନ୍ଦ୍ର ପଣ୍ଡା, ଜିଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝୀ, ସରପଞ୍ଚ ଟେକରାମ ସାହୁ,ସମିତି ସଭ୍ୟ ତାତୁ ପାଣ୍ଡେ, ଗୋପାଲ ପଟେଲ, ପୁରୁଷୋତ୍ତମ ଦେବାଙ୍ଗନ, ଟିଙ୍କୁ ପଣ୍ଡା,ଚୁରନ ସିଂ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜାତୀୟ କଂଗ୍ରେସ ଜିଲା ସଭାପତି ଘାସିରାମ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଚଚରାଭଟା, ଭଇଷମୁଣ୍ଡି, ସାରାବଙ୍ଗ, ପାୱାରତୋଲା, କଷ୍ଟିଡିହି, ତୋର୍ଗା, କୁକୁରିମୁଣ୍ଡି, ଧରମବନ୍ଧା ଆଦି ଅଞ୍ଚଳ ବୁଲି ମରିଯାଇଥିବା ଧାନଚାଷର ସ୍ଥିତି ଅନୁଧ୍ୟାନ କରି ଚାଷୀଙ୍କ ସହ ଆଲୋଚନା କରି ଶେଷରେ ପତୋରା ଜଳସେଚନ ବୁଲି ଦେଖିଥିଲେ। ଚାଷୀଙ୍କ କ୍ଷୟକ୍ଷତି ଉପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅବଗତ କରାଇ ଜିଲା ପ୍ରଶାସନ ଠାରେ ଦାବି ଉପସ୍ଥାପନ କରିବୁ ବୋଲି ମାଝୀ କହିଛନ୍ତି। ଏହି ସମୟରେ ଜିଲା ପରିଷଦ ସଭ୍ୟ ଭରତ ଲାଲ ରାଉତ,ରବି ମଙ୍ଗରାଜ, ସୁଧିର ମିଶ୍ର, ସୌରଭ ଚନ୍ଦ୍ରକାର, ମନ୍ନୁ ଯାଦବ, ଗଣପତ ରାଉତ,ପ୍ରମୋଦ ରାଉତ, ତରୁଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଗତି କଲିଜିଏଟ ସ୍କୁଲର ସଫଳତା

ଭବାନୀପାଟଣା,୩।୫(ଉତ୍ତମ କୁମାର ଦାଶ)



ସ୍କୁଲ ଟପ୍ପର ରଜତ ମେହେର।

ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଭବାନୀପାଟଣା ସହର ନିକଟସ୍ଥ ପ୍ରଗତି କଲିଜିଏଟ ସ୍କୁଲ ସଫଳତା ହାସଲ କରିଛି। ଚଳିତବର୍ଷ ଏହି ସ୍କୁଲରୁ ସର୍ବମୋଟ ୧୦ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ବେଳେ ରଜତ ମେହେର ୫୫୩ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ସ୍କୁଲର ତୁଷାର ପଟେଲ ୯୦.୧୭%, ପ୍ରିନ୍ସି ପଧାନ ୯୦%, ଲୋପାମୁଦ୍ରା ସାହୁ ୯୦%, ତପସ୍ୱିନୀ ସାହୁ ୯୦% , ସାର୍ଥକ ସା ୯୦%, ପ୍ରତୀକ୍ଷା ପ୍ରିୟଦର୍ଶିନୀ ସାହୁ ୯୦% , ପ୍ରାଚୀ ପ୍ରତୀକ୍ଷା ସାହୁ ୯୦%, କିଶୋର କୁମାର ସାହୁ ୯୦%, ମଧୁସୂଦନ ନାଏକ ୯୦% ପ୍ରତିଶତ ନମ୍ବର ରଖି ସ୍କୁଲ ପାଇଁ ଗୌରବ ଆଣିଦେଇଛନ୍ତି। ସ୍କୁଲର ୭୬ ଛାତ୍ରୀଛାତ୍ର ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ବେଳେ ସ୍କୁଲର ଫଳାଫଳ ଶତପ୍ରତିଶତ ରହିଛି। ସ୍କୁଲର ଏହି ଅପୂର୍ବ ସଫଳତାରେ ସ୍କୁଲର ମୁଖ୍ୟ ଇଂ. ଅଜୟ କୁମାର ପଣ୍ଡା, ଚେୟାର ପରସନ ସଙ୍ଗୀତା ପଣ୍ଡା, ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା, ରମେଶ ମେହେର ଓ ପ୍ରଧାନ ଶିକ୍ଷକ ଲୋକନାଥ ଖଡିକାର ସମସ୍ତ ଛାତ୍ରୀଛାତ୍ର, ଅଭିଭାବିକା ଅଭିଭାବକ ତଥା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ କୃତଜ୍ଞତା ଜଣାଇବା ସହିତ ଅଭିନନ୍ଦନ ଜଣାଇଛନ୍ତି।

# ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ନୂଆପଡ଼ା,୩।୫ (ମକାରୁ ବେମାଲ)

ଶ୍ରମିକ ଦିବସ ଅବସରରେ ନୂଆପଡ଼ା ଜିଲା ସାମ୍ବାଦିକ ୟୁନିୟନ(ଓୟୁଜେ)ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଂଘ ସମ୍ପାଦକ ମକାରୁ ବେମାଲଙ୍କ ନେତୃତ୍ୱରେ ୪ଦଫା ସମ୍ବଳିତ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସାମ୍ବାଦିକଙ୍କ ସାମାଜିକ ନିରାପତା ସହ ମାସିକ ୩୦ ହଜାର ଟଙ୍କା ପେନସନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ,ସ୍ୱାସ୍ଥ୍ୟବୀମା ରାଶି ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ଓ ଏଥିରେ ମାତାପିତାଙ୍କୁ ସାମିଲ ପାଇଁ ଦାବି କରାଯାଇଥିଲା। ଏହି ସମୟରେ ସଂଘର ପୂର୍ବତନ ଜିଲା ସଭାପତି ସୁଶାନ୍ତ କର, ମୃତ୍ୟୁଞ୍ଜୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ଡ୍ୟାମ୍‌ରେ ବୁଡ଼ିଗଲେ ଯୁବକ

କୋକସରା,୩।୫(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

## ୨୫ ଫୁଟ ପାଣି ଭିତରୁ ମୃତଦେହ ଉଦ୍ଧାର କଲା ଅଗ୍ନିଶମ ବାହିନୀ

ମାଛ ଧରିବା ପାଇଁ ଯାଇଥିବା କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଖଲିଗଡ ଗ୍ରାମର ଜଣେ ଯୁବକ ଡ୍ୟାମର ପାଣି ଭିତରେ ବୁଡ଼ି ଯାଇ ନିଖୋଜ ହୋଇ ଯାଇଥିଲେ। ରବିବାର ଅଗ୍ନିଶମ ବାହିନୀ ଦୀର୍ଘ ସମୟର ପରିଶ୍ରମ ପରେ ପାଣି ଭିତରୁ ଯୁବକଙ୍କ ମୃତଦେହ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ଖଲିଗଡର ସାଧୁରାମ ବାଗ (୪୫)। ସୂଚନା ଅନୁସାରେ, ଶନିବାର ଅପରାହ୍ନରେ ସାଧୁରାମ ଗାଁ ନିକଟସ୍ଥ ବେହେରା ଡ୍ୟାମକୁ ମାଛ ଧରିବାକୁ ଯାଇଥିଲେ। ତେବେ ଅନେକ ସମୟ ପରେ ମଧ ସାଧୁରାମ ଘରକୁ ଫେରି ନ ଥିଲେ। ଏହା ପରେ ପରିବାର ଲୋକେ ତାଙ୍କୁ ଖୋଜିବାକୁ ଯାଇ ଡ୍ୟାମର ପାଣି ଭିତରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ପରେ ମୃତକଙ୍କ ସ୍ତ୍ରୀ ଆମପାଣି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ରବିବାର ଆମପାଣି ଥାନା ପୋଲିସ ଓ କୋକସରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ ବୋଟ ଓ ଅଣ୍ଡର ୱାଟର ବିଏସେଟ ସହାୟତାରେ ଦୀର୍ଘ ୩ ଘଣ୍ଟାର ପରିଶ୍ରମ ପରେ ପ୍ରାୟ ୨୫ ଫୁଟ ପାଣି ଭିତରୁ ସାଧୁରାମଙ୍କ ମୃତଦେହ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ମେଡିକାଲକୁ ପଠାଇ ଅଧିକ ତଦନ୍ତ ଜାରି ରଖିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# ସିଜିମାଳି, କୁଟ୍ରୁମାଳି ସୁରକ୍ଷା ପାଇଁ ଗର୍ଜିଲେ ଆଦିବାସୀ

ଥୁଆମୂଳ ରାମପୁର, ୩।୫ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଓ ରାୟଗଡ଼ା ଜିଲା ସୀମାନ୍ତରେ ଥିବା ସିଜିମାଳି ଓ କୁଟ୍ରୁମାଳି ପାହାଡ଼କୁ ନେଇ ସଂଗ୍ରାମ ଏବେ ତୀବ୍ରତର ହୋଇଛି। ସିଜିମାଳିର ପାରମ୍ପରିକ 'ତିଜିରାଜା ପୂଜା ପର୍ବ' ସମାପ୍ତି ପରେ ଶାଗବାରୀ ଗ୍ରାମ ନିକଟସ୍ଥ ପାହାଡ଼ ସତ୍ୟାଗ୍ରହ ସ୍ଥଳରେ 'ମା-ମାଟି-ମାଳି ସୁରକ୍ଷା ମଞ୍ଚ' ପକ୍ଷରୁ ଏକ ବିଶାଳ ସୁରକ୍ଷା ସମାବେଶ ଅନୁଷ୍ଠିତ ହୋଇଯାଇଛି। ମେ' ୧ ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଆୟୋଜିତ ଏହି ସମାବେଶରେ ହଜାର ହଜାର ଆଦିବାସୀ ଏକଜୁଟ ହୋଇ କମ୍ପାନୀ ପ୍ରୀତି ଓ ପୋଲିସ ଦମନ ବିରୋଧରେ ରଣହୁଙ୍କାର ଦେଇଛନ୍ତି। ମା-ମାଟି-ମାଳି ସୁରକ୍ଷା ମଞ୍ଚର ସଭାପତି ସୁବାସ ସିଂ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କୁଟ୍ରୁମାଳି ଖଣି ପ୍ରସଙ୍ଗରେ ସରକାର ଓ ପ୍ରଶାସନକୁ କଡ଼ା ଚେତାବନୀ ଦିଆଯାଇଛି। କମ୍ପାନୀ ସ୍ୱାର୍ଥରେ କୁଟ୍ରୁମାଳି ପାଇଁ ପ୍ରଭାବିତ ଗ୍ରାମଠାରୁ ୪୦ ରୁ ୫୦ କିଲୋମିଟର ଦୂରରେ ଜନଶୁଣାଣି କରିବା ପ୍ରୟାସକୁ 'ଅଗଣତାନ୍ତ୍ରିକ' ଓ 'ଆଇନ ବିରୋଧୀ' ବୋଲି ଦର୍ଶାଯାଇ ଏହାକୁ ବାତିଲ କରିବା ପାଇଁ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି। ପୋଲିସ ଦମନ ଜରିଆରେ ଲୋକଙ୍କୁ ଆତଙ୍କିତ କରି ଏଭଳି ଜନଶୁଣାଣିକୁ କୌଣସି ପରିସ୍ଥିତିରେ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ସଂଗ୍ରାମୀମାନେ ଶପଥ ନେଇଛନ୍ତି। ସମାବେଶରେ ଲୋକ ଶକ୍ତି ଅଭିଯାନର ରାଷ୍ଟ୍ରୀୟ ଆବାହକ ପ୍ରଫୁଲ୍ଲ ସାମନ୍ତରା ଯୋଗଦେଇ ପ୍ରଶାସନ ପ୍ରାୟୋଜିତ କମ୍ପାନୀ ଆତଙ୍କରାଜକୁ ବନ୍ଦ କରିବାକୁ ନିବେଦନ କରିଛନ୍ତି। ସରକାର ସିଜିମାଳି ଓ କୁଟ୍ରୁମାଳିରୁ ଖଣି ଲିଜ ପ୍ରତ୍ୟାହାର କରିବା ସହ ସମଗ୍ର ରାଜ୍ୟରେ ବକ୍ସାଇଟ ଖଣି ଖନନକୁ ସମ୍ପୂର୍ଣ୍ଣ ନିଷେଧ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜନଆନ୍ଦୋଳନ ନେତା ନରେନ୍ଦ୍ର ମହାନ୍ତି, ଡାକ୍ତର ବିଶ୍ୱଜିତ ଆଫଲତୁନ, ନାରଙ୍ଗୀ ଦେଇ ମାଝୀ, ଲକ୍ଷ୍ମଣ ମାଝୀ ଏବଂ ଲକ୍ଷ୍ମୀ ସୀସା ପ୍ରମୁଖ ଗତ ଏପ୍ରିଲ ୭ରେ କଣ୍ଟାମାଳଠାରେ ପୋଲିସର ବର୍ବର ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଏସପି, ଜିଲାପାଳ ଓ କାଶୀପୁର ଥାନା ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ମାଟି ପାଇଁ ଲଢ଼େଇ କରି ଜେଲରୁ ଖଲାସ ହୋଇଥିବା ୯ ଜଣ ମହିଳା ଆନ୍ଦୋଳନକାରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଛି। ସିଜିମାଳିରେ ବେଦାନ୍ତ କମ୍ପାନୀର ପ୍ରବେଶ ଓ ପୋଲିସ କ୍ୟାମ୍ପ ବିରୋଧରେ ଶାଗବାରୀ ଘାଟିରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ପ୍ରତିଷ୍ଠିତ 'ଜନତା କ୍ୟାମ୍ପ' ଏବେ ସଂଗ୍ରାମର ପ୍ରତୀକ ପାଲଟିଛି। କଣ୍ଟାମାଳ ଅତ୍ୟାଚାର ପରେ ଯେଉଁ ରାଜନୈତିକ ଦଳମାନେ ଅଞ୍ଚଳ ଗସ୍ତ କରିଥିଲେ, ସେମାନେ ନିଜର ରିପୋର୍ଟ ସାର୍ବଜନୀନ କରି ଲୋକଙ୍କ ସମ୍ମୁଖରେ ସତ୍ୟ ରଖନ୍ତୁ ବୋଲି ମଞ୍ଚ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସିଜିମାଳି ଓ କୁଟ୍ରୁମାଳିରୁ କମ୍ପାନୀ ନ ହଟିବା ଯାଏଁ ଏହି ପାହାଡ଼ ସତ୍ୟାଗ୍ରହ ଜାରିରହିବ ବୋଲି ସୂଚନା ମିଳିଛି।



ସୁରକ୍ଷା ସମାବେଶରେ ଆନ୍ଦୋଳନକାରୀ ନେତା ଉଦବୋଧନ ଦେଉଛନ୍ତି।

# ମାଟ୍ରିକ ପରୀକ୍ଷାରେ କିସ୍‌ରେ ଶତପ୍ରତିଶତ ପାସ୍ ହାର

ଭବାନୀପାଟଣା,୩।୫ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ବାଦଲି ସ୍ଥିତ କିସ ଆବାସିକ ବିଦ୍ୟାଳୟର ଛାତ୍ରୀମାନେ ପ୍ରଥମ ବର୍ଷ ଦଶମ ପରୀକ୍ଷାରେ ଶତ ପ୍ରତିଶତ ପାସ କରି ସ୍କୁଲ ପାଇଁ ଗୌରବ ଆଣି ଦେଇଛନ୍ତି। ପ୍ରକାଶ ଯେ, ଏହା ଏକ ହଜାରରୁ ଅଧିକ କେବଳ ଆଦିବାସୀ ଛାତ୍ରୀମାନଙ୍କ ପାଇଁ ନିଶୁଳ୍କ ଓ ଆବାସିକ ବିଦ୍ୟାଳୟ। ଚଳିତ ବର୍ଷ ୪୭ ଜଣ ଛାତ୍ରୀଙ୍କ ମଧ୍ୟରୁ ସମସ୍ତେ ଦଶମ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାବେଳେ ପ୍ରଥମ ଶ୍ରେଣୀରେ ୨୨ଜଣ ଓ ୨ ଜଣ ଏ-୨ ଗ୍ରେଡ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସର୍ବାଧିକ ୮୦ ପ୍ରତିଶତ ନମ୍ବର ରଖିଥିବା ପଦ୍ମାବତୀ ମହାଲିଙ୍ଗ ଓ ମନୀଷା ଧରୁଆ ସ୍କୁଲ ପାଇଁ ଗୌରବ ଆଣିଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭବାନୀପାଟଣା, ୩।୫ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର କ୍ଲଷ୍ଟର ସରକାରୀ ପ୍ରାଥମିକ ବିଦ୍ୟାଳୟ କନର୍ଲାର ପ୍ରଧାନଶିକ୍ଷକ ଆଦିତ୍ୟ କୁମାର ପଣ୍ଡା ଅବସର ନେଇଛନ୍ତି। ଏହି ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପଣ୍ଡା ପୂର୍ବରୁ ଦୁଇଥର ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଭଟାଙ୍ଗପଦର ପଞ୍ଚାୟତ. ଏବଂ କନର୍ଲା ଗ୍ରାମବାସୀଙ୍କ ମିଳିତ ଉଦ୍ୟମ କ୍ରମେ କନର୍ଲା ଗ୍ରାମରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଷିଆ ମେହେର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ଦାଶରଥି ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଡିଆଇଇଟି ଈଶରଚନ୍ଦ୍ର ବେହେରା, ଏବିଇଓ ସୁଦଳଦେବ ମୁଣ୍ଡ, ଏବିଇଓ ଭାରତ ଭୂଷଣ ସାହୁ, ହରିଶଙ୍କର ପାତ୍ର, ଝସକେତନ ପ୍ରଧାନ, ଭଟାଙ୍ଗପଦର ସରପଞ୍ଚ ଦସମି ମାଝୀ, ସମିତିସଭ୍ୟ ରୂପେନ୍ଦ୍ର ଛତ୍ରିଆ, ପିଇଓ ସୁଧାଂଶୁ ମାଝୀ, ସିଆର୍‌ସିସି ମନୋଜ କୁମାର ସାହୁ, ଜନାର୍ଦ୍ଦନ ମାଝୀ, ଶିବ ପ୍ରସାଦ ସାମଲ, ଜଗନ୍ନାଥ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସିଟି ସଂଘ ସଭାପତି ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ପ୍ରଜ୍ଞା ପ୍ରିୟଦର୍ଶିନୀ ଶତପଥୀ ମଞ୍ଚ ପରିଚାଳନା କରିଥିଲେ।

# ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ସ୍ୱନକ୍ଷତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଖଡ଼ିଆଳ, ୩।୫(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ଭବନ ପରିସରରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ୫୪ତମ ସ୍ୱନକ୍ଷତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ କୁଳପତି ଶମ୍ଭୁ କିଶୋର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱନକ୍ଷତ୍ର ଦିବସ ମେ ୨୭ରେ ପାଳନ କରାଯିବ। ସେଥିପାଇଁ ଅତିଥି ନିମନ୍ତ୍ରଣ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା ପାଇଁ କର୍ମକର୍ତ୍ତାମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ଉପ କୁଳପତି ସୁରେନ୍ଦ୍ର କୁମାର ପ୍ରଧାନୀ, ମୁଖ୍ୟ ସମ୍ପାଦକ ଦିଲ୍ଲୀପ କୁମାର ନାଏକ, ଯୁଗ୍ମ ସମ୍ପାଦକ ଘୁମେଶ ଚଲାନ, କୋଷାଧ୍ୟକ୍ଷ ଶ୍ରୀବସ୍ତ ବାରିକ, ପୂର୍ବତନ କୁଳପତି ତଥା ବରିଷ୍ଠ ପରାମର୍ଶଦାତା ଜ୍ଞାନ ପ୍ରକାଶ ସିଂ, ବିଦ୍ୟାଧର ବିଶି, ପ୍ରମୋଦ କୁମାର ଦଣ୍ଡସେନା ଯୋଗଦାନ କରିଥିଲେ। ଶେଷରେ ସଙ୍ଗଠକ ପରମେଶ୍ୱର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପାତାଳ ଗଙ୍ଗାରେ ବୈଶାଖ ମେଳାରେ ଜନସମାଗମ

ବୋଡେନ, ୩।୫ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକର ପବିତ୍ର ପୀଠ ରାମତୀର୍ଥ କ୍ଷେତ୍ର ପାତାଳ ଗଙ୍ଗାରେ ବୈଶାଖ ମେଳାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ବୋଡ଼େନ ବ୍ଲକ ଓ ନୂଆପଡ଼ା ଜିଲା ସମେତ ପଡ଼ୋଶୀ କଳାହାଣ୍ଡି, ବଲାଙ୍ଗୀର ଜିଲା ସହ ଛତିଶଗଡ଼ରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏଠାରେ ପବିତ୍ର ଗଙ୍ଗାବୁଡ଼ ପକାଇଥାନ୍ତି। ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର, ରାମ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଗାୟତ୍ରୀ ମନ୍ଦିର, ଅଲେଖ ମଠ, ଦୁର୍ଗା ମନ୍ଦିର ଲୋକମାନେ ଦର୍ଶନ କରିଥିଲେ। ବୁଢାଦେଓ ମନ୍ଦିର କର୍ତ୍ତା ଭାବେ ଉଦ୍ଧବ ମାଝୀ, ଧର୍ମପତ୍ନୀ ବୈଦେହୀ ମାଝୀ ପୂଜା କାର୍ଯ୍ୟ ତୁଲାଇଥିଲେ। ପୂଜକ ଦଶରଥ ବିଶି ପୂଜା କାର୍ଯ୍ୟ ତୁଲାଇଥିଲେ। ଚାରିଆଡ଼ ଝରିଆ ସାହୁ ସମାଜର ପଞ୍ଚ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଦିବସରେ ନାମ ଯଜ୍ଞ ସହ ଅନ୍ନଭୋଜନ ବ୍ୟବସ୍ଥା କରାଯାଇଥିଲା। ରାଧାକୃଷ୍ଣ ମନ୍ଦିର ପରିଚାଳନା ସଭାପତି ଓ ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତୀ, ଉପସଭାପତି ଲମ୍ୱୋଦର ନିଆଲ, ସମ୍ପାଦକ ବେଦବ୍ୟାସ ନାଗ, ସହ ସମ୍ପାଦକ ସୁରେଶ ଚନ୍ଦ୍ର ବାଗ, ଯାଦବ ସମାଜ ବ୍ଲକ ସଭାପତି ରାଜୁ ହେର୍ଣ୍ଣା, ଝରିଆ ଜିଲା ସଭାପତି ଡମବୁଢା ଗୁଆଲ, ଲୋକନାଥ ଛତ୍ରିଆ ଉପସ୍ଥିତ ଥିଲେ। ଜଗନ୍ନାଥ ଓ ରାମ ମନ୍ଦିର ପକ୍ଷରୁ ମିଷ୍ଟାନ୍ନ ଭୋଜନ ଲୋକମାନଙ୍କୁ ଦେଇଥିଲେ। ଏଥିରେ ନୂଆପଡ଼ା ଜିଲା ପରିଷଦ ସଭାପତି ଡଲି ମାଝୀ, ଆଇନଜୀବୀ ଯୋଗେନ୍ଦ୍ର ନାଥ ମାଝୀ, ବିନ୍ଦ୍ରାଗଡ଼ ପୂର୍ବତନ ବିଧାୟକ ଗୋବର୍ଦ୍ଧନ ମାଝୀ, ହୋମ ସିଂ ମାଝୀ, ଘାସିରାମ ମାଝୀ, ଜିଲା ଗୋଣ୍ଡ ସମାଜ ସଭାପତି ଦିବ୍ୟ ସିଂହ ମାଝୀ, ଜିଲା ଗୋଣ୍ଡ ଉପ ସଭାପତି ପ୍ରଦୀପ ମାଝୀ, ବ୍ଲକ ଗୋଣ୍ଡ ସମାଜ ସଭାପତି ମଝିଆ ମାଝୀ ପ୍ରମୁଖ ଯୋଗଦେଇ ଥିଲେ। ସତ୍ୟ ସାଇ ସେବା ସମିତି ଓ ଇମ୍ପେରିଆଲ ଖଡ଼ିଆଳ ପକ୍ଷରୁ ଲୋକଙ୍କୁ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ନୂଆପଡ଼ା ଏସ୍‌ପି ଅମ୍ରିତ ପାଲ ସିଂ, ଖଡ଼ିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ବୋଡେନ ଥାନା ଅଧିକାରୀ ଧର୍ମେନ୍ଦ୍ର ଭୁଏଙ୍କ ସହ ପୋଲିସ କର୍ମଚାରୀ ସହଯୋଗ କରିଥିଲେ। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।



ପାତାଳ ଗଙ୍ଗାରେ ବୈଶାଖ ମେଳାରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଛି।

# ଗ୍ରାମବାସୀଙ୍କ ଉଦ୍ୟମରେ ଗ୍ରୀଷ୍ମକାଳୀନ ଶିକ୍ଷାଦାନ ଅଭିଯାନ

ନୂଆପଡ଼ା,୩।୫ (ମକାରୁ ବେମାଲ)



ଗ୍ରୀଷ୍ମକାଳୀନ ଶିକ୍ଷାଦାନ ଅଭିଯାନ ଶୁଭାରମ୍ଭ ମୁହୂର୍ତ୍ତ।

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗ୍ରୀଷ୍ମ ଋତୁରେ ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷାଦାନ କରାଯାଉଛି। ଗାଁର ମହିଳାମାନଙ୍କ ନେତୃତ୍ୱରେ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସହଯୋଗରେ ଅଭିନବ ଅଭିଯାନ ଆରମ୍ଭ କରାଯାଇଛି। ସାଧାରଣତଃ ପିଲାମାନେ ଗ୍ରୀଷ୍ମଛୁଟିରେ ପାଠରୁ ଦୂରେଇ ଯାଆନ୍ତି। ଖରାରେ ବୁଲାବୁଲି କରିବା ସହ ମୋବାଇଲରେ ବ୍ୟସ୍ତ ରହି ସମୟ ନଷ୍ଟ କରନ୍ତି। ଏଣୁ ଏବର୍ଷ ଗ୍ରୀଷ୍ମଛୁଟିରେ ପିଲାଙ୍କୁ ପାଠ ଅଭିମୁଖୀ କରିବାକୁ ଅଣ୍ଟାଭିଡିଛନ୍ତି ମହିଳାମାନେ। ଛୁଟି ସମୟର ସଦୁପଯୋଗ ପାଇଁ ଗ୍ରୀଷ୍ମକାଳୀନ ଶିକ୍ଷାଦାନ ଅଭିଯାନ ଆରମ୍ଭ କରିଛନ୍ତି। ସକାଳ ଓ ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କୁ ସ୍କୁଲରେ ଏକତ୍ରିତ କରି ପାଠ ପଢାଉଛନ୍ତି। ଏଭଳି କାମରେ ମହିଳାମାନଙ୍କୁ ସହଯୋଗ କରୁଛନ୍ତି ଗ୍ରାମବାସୀ ଓ ସ୍କୁଲ କମିଟି। ନୂଆପଡା ଜିଲାର ଏକ ଉପାନ୍ତ ଗାଁ ଶୁକ୍ରିମୁଣ୍ଡି । ବରଗଡ ଓ ବଲାଙ୍ଗୀର ଜିଲା ସୀମାନ୍ତରେ ରହିଛି। ଅଞ୍ଚଳଟି ଆଦିବାସୀ ଅଧ୍ୟୁଷିତ ଓ ଦାଦନ ପ୍ରବଣ। ଶିକ୍ଷା କ୍ଷେତ୍ରରେ ଅନୁନ୍ନତ। ପ୍ରତିବର୍ଷ ଗ୍ରୀଷ୍ମ ଛୁଟି ହେଲେ ପିଲାମାନେ ଖରାରେ ବୁଲାବୁଲି କରିବା, ମୋବାଇଲ ଦେଖିବା ସହ ଖେଳକୁଦ କରି ସମୟ ଅତିବାହିତ କରିଥାନ୍ତି। ପିଲାଏ ପାଠରୁ ଦୂରେଇ ଯାଉଥିବା ଦେଖି ଚିନ୍ତିତ ହୋଇଥିଲେ ମହିଳାମାନେ । ପିଲାଙ୍କୁ ପାଠ ସହ ଜଡିତ ରଖିବା ସହ ଶିକ୍ଷାରେ ଉନ୍ନତି ଆଣିବାକୁ ଯୋଜନା କରିଛନ୍ତି। ଏଥିପାଇଁ ଛୁଟି ସମୟକୁ ଅପଚୟ ନ କରି ଏହାର ସଦୁପଯୋଗ କରିବାକୁ ବିଚାର କରି ଅଣ୍ଟାଭିଡିଛନ୍ତି। ଗାଁରେ ବୈଠକ କରି ଏ ବାବଦରେ ଆଲୋଚନା ହୋଇଥିଲା। ଗାଁର ଶିକ୍ଷିତ ଯୁବତୀ,ଯୁବକ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବାକୁ ଆଗେଇ ଆସିଥିଲେ। ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କୁ ଏକାଠି କରି ପାଠ ପଢାଇବାକୁ ସମୟ ଧାର୍ଯ୍ୟ ହୋଇଛି। ଗାଁର ଶିକ୍ଷିତ ବୋହୂମାନେ ମଧ୍ୟ ପାଳି କରି ପିଲାଙ୍କୁ ପାଠ ପଢାଇବାକୁ ଆସୁଛନ୍ତି। ଗତ ଶୁକ୍ରବାର ବୁଦ୍ଧ ପୂର୍ଣ୍ଣିମା ଦିନ ସ୍କୁଲ କମିଟି ସଭାପତି ଡୋଳାମଣି ଶବରଙ୍କ ଅଧ୍ୟକ୍ଷତାରେ ଗ୍ରୀଷ୍ମକାଳୀନ ଶିକ୍ଷାଦାନ ଶୁଭାରମ୍ଭ ହୋଇଛି। ଉଦ୍‌ଘାଟନୀ ସଭାରେ ସ୍କୁଲର ପ୍ରଧାନଶିକ୍ଷକ ଖେମ ଦାସଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ଶବର, ଓଁକାର ମାଝୀ, ପୁଷ୍କର ଶବର, ଗୋସ ମହମ୍ମଦ, ଉଦ୍ଧବ ଶବର ପ୍ରମୁଖ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସ୍ନେହମୟୀ ଦାସ, ଚମ୍ପେଶରୀ ଶବର, ଲିଳାବତୀ ଶବର, ଲଳିତ ଶବର ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଛନ୍ତି। ସ୍କୁଲ କମିଟି ଓ ଗାଁର ଯୁବତୀ,ଯୁବକଙ୍କ ଏଭଳି ଉଦ୍ୟମକୁ ଲୋକେ ପ୍ରଶଂସା କରିଛନ୍ତି।

**ଖେଳ ଶିକ୍ଷକ ଗୁପ୍ତେଶ୍ୱରଙ୍କ ପରଲୋକ**

ବୀରମହାରାଜପୁର,( ଯୁଗଳ କିଶୋର ମିଶ୍ର) : ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ଗ୍ରାମର ବାସିନ୍ଦା ତଥା ସ୍ଥାନୀୟ ମାହେଶ୍ୱରୀ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ ଗୁପ୍ତେଶ୍ୱର ପଧାନ(୫୯)ଙ୍କ ଶନିବାର ପରଲୋକ ଘଟିଛି। ସେ କିଛିବର୍ଷ ହେଲା କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନସ୍ଥାନରେ ଚିକିତ୍ସିତ ହେଉଥିଲେ। ସେ ଜଣେ ଆଗାଧାଡ଼ିର ଫୁଟ୍‌ବଲ ଖେଳାଳି ଭାବେ ଅଞ୍ଚଳରେ ପରିଚିତ ଥିଲେ। ଉଫୁଲା ଯୁବ ଶକ୍ତି କ୍ଲବ ସହ ବିଭିନ୍ନ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ। ତାଙ୍କର ସ୍ତ୍ରୀ ଓ ଦୁଇ ପୁଅଝିଅଙ୍କୁ ଛାଡ଼ିଛନ୍ତି। ପୁତ୍ର ଚନ୍ଦନ ମୁଖାଗ୍ନୀ ଦେଇଥିଲେ। ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଚାଷୀଙ୍କୁ ସହାୟତା ପାଇଁ ସରକାର ଦେଲେ ୧୮.୪୫ ଲକ୍ଷ

**ସୁବର୍ଣ୍ଣପୁରରେ କୁଆପଥର ମାଡରେ ଫସଲ ନଷ୍ଟ ପ୍ରସଙ୍ଗ**

■ ୧୧୧ ହେକ୍ଟର ଜମିରେ ଫସଲ କ୍ଷତି ନେଇ ପ୍ରଶାସନ ଦେଇଥିଲା ରିପୋର୍ଟ

ସୋନପୁର,୩।୫ (ମୃତ୍ୟୁଞ୍ଜୟ ଶତପଥୀ)

କାଳବୈଶାଖୀ ଝଡ଼ବର୍ଷା, କୁଆ ପଥର ମାଡ଼ ଯୋଗୁ ସୁବର୍ଣ୍ଣପୁର ଜିଲାର ସୋନପୁର ଓ ବିନିକା ବ୍ଲକର କିଛି ଅଞ୍ଚଳରେ ଧାନ ଏବଂ ପନିପରିବା ଫସଲ କ୍ଷତି ହୋଇଥିଲା। ଏପ୍ରିଲ ୩୦ରେ କୁଆପଥର ମାଡ଼ ଓ ପବନ ଯୋଗୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ବିଶେଷ କରି ସୋନପୁର ବ୍ଲକ କଳାପଥର ପଞ୍ଚାୟତର ଧଉରାଖମନ, ନନ୍ଦନମାଲ ଓ ବିନିକା ବ୍ଲକର ମହାଦେବପାଲି, ସେଲେଡି ପଞ୍ଚାୟତରେ ଅମଳ ହେବାକୁ ଥିବା ରବି ଧାନ ଫସଲ ନଷ୍ଟ ହେବା ସହ ଘରଦ୍ୱାର ଓ ଗଛ ଭାଙ୍ଗିଥିଲା। ଲଛିପୁର ଓ ଉଲୁଣ୍ଡାରେ ମଧ୍ୟ ଫସଲ କ୍ଷତି ହୋଇଥିଲା। କୃଷି ବିଭାଗ ପକ୍ଷରୁ ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ ୧୧୧ ହେକ୍ଟର ଜମିରେ ଫସଲ କ୍ଷତି ହୋଇଥିବା ରିପୋର୍ଟ କରିଥିଲେ। ଯେଉଁଥିରେ ସୋନପୁର ବ୍ଲକରେ ସର୍ବାଧିକ ୯୮ ହେକ୍ଟର, ବିନିକାରେ ୮ ହେକ୍ଟର ଓ ଉଲୁଣ୍ଡାରେ ୫ ହେକ୍ଟର ଫସଲ କ୍ଷତି ହୋଇଥିବା ଦର୍ଶାଯାଇଥିଲା। ଜିଲାପାଳ ଡ. ନୃପରାଜ ସାହୁ ରାଜ୍ୟ ସରକାରଙ୍କୁ କ୍ଷୟକ୍ଷତି ରିପୋର୍ଟ ଦେଇଥିଲେ। ତଦନୁଯାୟୀ, ଜିଲାର ଚାଷୀଙ୍କୁ କୃଷି ଇନ୍‌ପୁଟ୍ ସବ୍‌ସିଡି ବଣ୍ଟନ ପାଇଁ ରାଜ୍ୟ ସରକାର ୧୮ଲକ୍ଷ ୪୫ ହଜାର ୧୦ଟଙ୍କା ରବିବାର ପ୍ରଦାନ କରିଛନ୍ତି। ୨୦୨୬-୨୭ ବର୍ଷରେ ଏସ୍‌ଡିଆର୍‌ଏଫ୍‌ରୁ ଏହି ଟଙ୍କା ଦିଆଯାଇଛି। ଓଡ଼ିଶା ରିଲିଫ୍ କୋର୍ଡର ବ୍ୟବସ୍ଥା ଅନୁଯାୟୀ, କୁଆପଥର ବର୍ଷା ଯୋଗୁ ୩୩% କିମ୍ବା ତା'ଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ କୃଷି ଇନ୍‌ପୁଟ୍ ସବ୍‌ସିଡି ବଣ୍ଟନ କରାଯିବ ବୋଲି ଜଣାପଡିଛି। ଏଥିପାଇଁ ରାଜସ୍ୱ ନିରୀକ୍ଷକ ଓ ଗ୍ରାମ୍ୟ କୃଷି କର୍ମଚାରୀ ପୁନର୍ବାର କ୍ଷେତ୍ରୀୟ ତଦନ୍ତ କରି କ୍ଷୟକ୍ଷତି ଆକଳନ କରିବେ। ସୂଚନା ଅନୁଯାୟୀ, କୁଆପଥର ମାଡ ଓ ଝଡବର୍ଷାରେ ଫସଲ କ୍ଷୟକ୍ଷତିର ଆକଳନ କରି ଜିଲାର ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ସେହିପରି କିଷାନ କଂଗ୍ରେସ ପକ୍ଷରୁ ପ୍ରଭାବିତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାର ସହାୟତା ରାଶି ପ୍ରଦାନ କରିବା ପରେ ପ୍ରଭାବିତ ଚାଷୀ ଏହାକୁ ସ୍ୱାଗତ କରିଛନ୍ତି।



କୁଆପଥର ମାଡରେ ସୋନପୁର ବ୍ଲକ ନନ୍ଦନମାଲରେ ଧାନ ଫସଲ କ୍ଷତି ହୋଇଛି।

# ୪ ଛାତ୍ରୀଛାତ୍ର ପାଇଲେ ଏ-୧



ଗଣପତି ଆଦର୍ଶ ଶିକ୍ଷା ନିକେତନର ସଫଳତା ପାଇଥିବା ଛାତ୍ରୀଛାତ୍ର।

**ଗଣପତି ଆଦର୍ଶ ଶିକ୍ଷା ନିକେତନ**

ବୀରମହାରାଜପୁର ,୩।୫ (ଯୁଗଳ କିଶୋର ମିଶ୍ର)

ଦଶମ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଥିଲା। ବୀରମହାରାଜପୁର ବ୍ଲକର କମଳପୁରଠାରେ ଥିବା ଗଣପତି ଆଦର୍ଶ ଶିକ୍ଷା ନିକେତନ ୪ ଛାତ୍ରୀଛାତ୍ର ଏ-୧ ପାଇଛନ୍ତି। ନିକେତନର ପାସ ହାର ଶତ ପ୍ରତିଶତ ରହିଛି। ନିକେତନ ଛାତ୍ରୀ ଆଲିସା ମହାକୁଡ଼ ୫୪୭ ମାର୍କ ରଖି ଶତକଡା ୯୧.୧୬, ଶେଖର ଚନ୍ଦ୍ର ଗର୍ଡତିଆ ୫୪୩ ମାର୍କ ରଖି ଶତକଡା ୯୦.୫୦, ଛାତ୍ରୀ ଜୟଶ୍ରୀ ବଗର୍ତ୍ତି ୫୪୦ ଓ ଆମ୍ରିନ ପଧାନ ୫୪୦ ମାର୍କ ରଖି ଶତକଡା ୯୦ ଭାଗ ରଖି ସ୍କୁଲ ପାଇଁ ସଫଳତା ଆଣି ଦେଇଛନ୍ତି। କେବଳ ସେତିକି ନୁହେଁ ସ୍କୁଲରୁ ସମୁଦାୟ ୧୦୪ ଛାତ୍ରୀଛାତ୍ର ଦଶମ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଏ-୧ ପାଇଥିବାବେଳେ ୧୭ ଏ-୨, ୨୫ ବି-୧,୨୭ ବି-୨, ୨୬ ସି ଓ ୫ ଡି ଗ୍ରେଡ ପାଇଛନ୍ତି। ସ୍କୁଲ ସମ୍ପାଦକ ବିବସ୍ୱତି ପଣ୍ଡା ଓ ପ୍ରଧାନ ଶିକ୍ଷକ ଶାନ୍ତନୁ ମହାକୁଡ଼ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଗୌଡ଼ଗାଡ ଶିବମନ୍ଦିରରେ ଗଙ୍ଗା ଜଳାଶାୟୀ



ଗୌଡଗାଡ ଶିବ ମନ୍ଦିରରେ ଗଙ୍ଗା ଜଳାଶାୟୀ ପାଇଁ ଶୋଭାଯାତ୍ରା।

ଅମରପାଲି,୩।୫ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ପଞ୍ଚାୟତର ଗୌଡ଼ଗାଡସ୍ଥିତ ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିରରେ ଗଙ୍ଗା ଜଳାଶାୟୀ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ପ୍ରୟାଗରାଜ ତ୍ରିବେଣୀ ସଙ୍ଗମରୁ ଗଙ୍ଗା ଜଳ ଅଣାଯାଇଥିଲା। ଶନିବାର ସକାଳୁ ଗାଁ ମୁଣ୍ଡରେ ରଖାଯାଇଥିବା ଗଙ୍ଗା ଜଳକୁ ନାମ ସଂକୀର୍ତ୍ତନ କରି ଏକ ଶୋଭାଯାତ୍ରାରେ ଅଣା ଯାଇଥିଲା। ପରେ ବାବାଙ୍କ ଗଙ୍ଗା ଜଳାଶାୟୀ କରାଯାଇଥିଲା। ପ୍ରତ୍ୟେକ ପରିବାର ସମ୍ମୁଖରେ ଜାଗର ଓ କଳସ ସ୍ଥାପନ କରି ସ୍ୱାଗତ କରାଯାଇଥିଲା। ଉପବାସ ବ୍ରତ ପାଳନ କରିଥିବା ଭକ୍ତମାନେ କେବଳ ଗଙ୍ଗା ଜଳ ବୋହି ଅର୍ପଣ କରିଥିଲେ। ସ୍ୱପ୍ନେଶ୍ୱର ବାବା ଦଣ୍ଡନୃତ୍ୟ ସଂଘ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ଜଳାଶାୟୀରେ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି ଅବସରରେ ସଙ୍କୀର୍ତ୍ତନ ,ଦଣ୍ଡ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା।

# ପ୍ରଭୁ ନୃସିଂହଙ୍କ ଜନ୍ମୋତ୍ସବରେ ୧୬ ସଂକୀର୍ତ୍ତନ ଦଳର ନାମ

ସୋନପୁର,୩।୫(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରରେ ପବିତ୍ର ନୃସିଂହ ଚତୁର୍ଦ୍ଦଶୀ ତଥା ପ୍ରଭୁ ନୃସିଂହଙ୍କ ଜନ୍ମୋତ୍ସବ ଭକ୍ତି ଓ ନିଷ୍ଠାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ସହରର ବଡ଼ବଜାରସ୍ଥିତ ଶ୍ରୀନୃସିଂହ(ଗୁଣ୍ଡିଚା) ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହା ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ନୃସିଂହ ନାମଯଜ୍ଞ କମିଟି ପକ୍ଷରୁ ଆୟୋଜିତ ନାମଯଜ୍ଞ ପାଇଁ କଳସ ଯାତ୍ରାରେ ଶତାଧିକ ମହିଳା ମହାନଦୀର ତେନ୍ତୁଳିଘାଟରୁ କଳସରେ ଜଳ ଆଣି ନାମଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ପୂଜାକାର୍ଯ୍ୟ ସହ ଅଧିବାସ ସମ୍ପନ୍ନ ହୋଇଥିଲା। ନୃସିଂହ ମନ୍ଦିରର ମୁଖ୍ୟ ପୂଜକ ସରୋଜ କର ଓ ଆନନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ତଥା ନାମଯଜ୍ଞ ସମ୍ପାଦିତ ହୋଇଥିବା ବେଳେ ଚଳିତବର୍ଷ ଶଶାଙ୍କ ଶେଖର ମିଶ୍ର ଏବଂ ମିନାକ୍ଷୀ ମିଶ୍ର ସପତ୍ନିକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ନାମଯଜ୍ଞରେ ସୁବର୍ଣ୍ଣପୁର ଜିଲା ସମେତ ପଡୋଶୀ ବରଗଡ଼, ବାଲାଙ୍ଗୀର, ସମ୍ବଲପୁର ଏବଂ ବୌଦ୍ଧ ଜିଲାର ପ୍ରାୟ ୧୬ ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। ଏହି ଶୁଭ ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ବହୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ଦର୍ଶନ କରି ବିଭୁ କୃପା ଲାଭ କରିଥିଲେ। ପ୍ରଭୁ ନୃସିଂହଙ୍କ ପୂଜାର୍ଚ୍ଚନା, ହୋମ ଓ ଆଳତୀ ଦର୍ଶନ କରି ଭକ୍ତମାନେ ନିଜକୁ ଧନ୍ୟ ମନେ କରିଥିଲେ। ଅପରାହ୍ନରେ ନାମଯଜ୍ଞ ପୂର୍ଣ୍ଣାହୂତି ଏବଂ ସନ୍ଧ୍ୟାରେ ସଂକୀର୍ତ୍ତନ ଦଳ ପକ୍ଷରୁ ସୁନ୍ଦର ବୈଠକୀ ରାତ୍ର ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସମସ୍ତ ଭକ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପୂର୍ଣ୍ଣାହୂତି ଓ ବୈଠକୀ ସଂକୀର୍ତ୍ତନ ହୋଇଥିଲା। ବହୁ ହଜାର ସଂଖ୍ୟାରେ ଭକ୍ତ ପ୍ରସାଦ ସେବନ କରିଥିଲେ। ନାମଯଜ୍ଞ କମିଟିର ସଭାପତି ଗୌରୀଶଙ୍କର ମହାପାତ୍ର, ସମ୍ପାଦକ ପବିତ୍ର ସାହୁ, ଉପସଭାପତି ଗିରିଧାରୀ ତରିଆ, ସହସମ୍ପାଦକ ରାଜେନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ମୁନା ବାରିକ, ସୀତାରାମ ମହାପାତ୍ର, ବୈଦ୍ୟନାଥ ସାହୁ, ସତ୍ୟ ନାରାୟଣ ମିଶ୍ର, ସଦାନନ୍ଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ନୃସିଂହ ଜୟନ୍ତୀରେ କର୍ତ୍ତା ଓ ଶ୍ରଦ୍ଧାଳୁ।

# ହସିବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରୁହେ

**ନିତ୍ୟ ଯୋଗାଳୟରେ ବିଶ୍ୱ ହସ ଦିବସ ପାଳିତ**

ବୀରମହାରାଜପୁର,୩।୫ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ କଲେଜପଡ଼ିଆଠାରେ ଚାଲୁଥିବା ନିତ୍ୟ ଯୋଗାଳୟରେ ରବିବାର ସକାଳ ୭ଟାରେ ବିଶ୍ୱ ହସ ଦିବସ ପାଳିତ ହୋଇଯାଇଛି। ଯୋଗାଚାର୍ଯ୍ୟ ଡ. ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହସ ଦିବସରେ ପ୍ରକାଶ ହୋତା, ଶମ୍ଭୁ ମେହେର, ହିମାଂଶୁ ସାହୁ, ଶମ୍ଭୁ ମେହେର, ରାଜେନ୍ଦ୍ର ରଥ, ସୁରେଶ ମେହେର, ରାଜେଶ ପାଣିଗ୍ରାହୀ, ସୂର୍ଯ୍ୟ ନାରାୟଣ ପଣ୍ଡା, ସୁଦାମ ଖଣ୍ଡଗିରି ପ୍ରମୁଖ ଯୋଗୀ ଉପସ୍ଥିତ ଥିଲେ। ହସ ଦ୍ୱାରା ସ୍ୱାସ୍ଥ୍ୟ ଭଲ ରୁହେ ବୋଲି ଯୋଗଦେଇଥିବା ଯୋଗୀମାନେ କହିଥିଲେ। ଏହି ହସର ସକାରାତ୍ମକ ପ୍ରଭାବ ଏବଂ ଏହାଦ୍ୱାରା ହେଉଥିବା ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବା ଦିବସର ଉଦ୍ଦେଶ୍ୟ ବୋଲି ଆଲୋଚିତ ହୋଇଥିଲା। ବ୍ୟସ୍ତତାପୂର୍ଣ୍ଣ ଜୀବନ ଭିତରେ କାହା ମୁହଁରୁ ହୃଦୟର ହସ ଟିକେ ଦେଖିବା କଷ୍ଟକର ହୋଇପଡୁଛି। ମାନସିକ ଚାପ ଏତେ ବଢ଼ି ଯାଇଛି ଯେ ସବୁବର୍ଗର ମଣିଷ ବର୍ତ୍ତମାନ ଦୁଃଖ, କଷ୍ଟ, ଯନ୍ତ୍ରଣାର ଶିକାର ହେଉଛନ୍ତି। ତେଣୁ ଯେହେତୁ ହସ ଯୋଗର ଏକ ଅଂଶବିଶେଷ ପ୍ରତିଦିନ ନିତ୍ୟ ଯୋଗରେ ଏହାକୁ ପ୍ରାଧାନ୍ୟ ଦେବାକୁ ଆଲୋଚନା ହୋଇଥିଲା।



ନିତ୍ୟ ଯୋଗରେ ବିଶ୍ୱ ହସ ଦିବସରେ ଯୋଗ ଦେଇଥିବା ଯୋଗୀ।

# ଏମ୍‌ଆର୍ ହାଇସ୍କୁଲ ପୁରାତନ ଛାତ୍ର ସଂଘର ନୂତନ କର୍ମକର୍ତ୍ତା

ସୋନପୁର,୩।୫(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରସ୍ଥିତ ମହାରାଜା ହାଇସ୍କୁଲ ପୁରାତନ ଛାତ୍ର ସଂଘର ସଦସ୍ୟମାନଙ୍କୁ ନେଇ ରବିବାର ଆହୂତ ବୈଠକରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସଂଘର ସଭାପତି ଗୋରେଖନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ବ୍ୟୋମକେଶ ଦାଶ, ଆୟବ୍ୟୟ ହିସାବ, ସଂଘ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବିବରଣୀ ପଠନ କରିଥିଲେ। ପରେ ଆନୁଷ୍ଠାନିକ ଭାବେ ନୂତନ କର୍ମକର୍ତ୍ତା ଚୟନ କରାଯାଇ ସଭାପତି ଭାବେ ଡ. ସନ୍ତୋଷ କୁମାର ପାଢ଼ୀ, ଉପସଭାପତି ସୀତାଂଶୁ ମିଶ୍ର, ସାଧାରଣ ସମ୍ପାଦକ ଶ୍ୟାମା ଓଁ ପ୍ରସାଦ ମିଶ୍ର, ସହସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ଭାରତ ଭୂଷଣ ଦାଶ, କାର୍ଯ୍ୟକାରୀ ସମିତି ସଭ୍ୟ ଭାବେ କଇରୁ ସ୍ୱାଇଁ, ଲକ୍ଷ୍ମୀ ନାରାୟଣ ସାହୁ, ବାଙ୍କନିଧି ରାୟଗୁରୁ, ନବଘନ ଷାଣ୍ଢ, ମନୋରଞ୍ଜନ ତ୍ରିପାଠୀ, ଗତିକୃଷ୍ଣ ମିଶ୍ର, ଲଡୁ କିଶୋର ମଲ୍ଲିକ ଓ ପୀୟୂଷ କୁମାର ପଣ୍ଡାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ବୈଠକରେ ଡା. ରାଜେନ୍ଦ୍ର ମିଶ୍ର, ସତ୍ୟ ନାରାୟଣ ତ୍ରିପାଠୀ, ଡ. ପ୍ରଫୁଲ୍ଲ ରଥ, ଦିଲୀପ ରଥ ଓ ମିଥୁନ ସାହୁ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ନୂତନ କର୍ମକର୍ତ୍ତାଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ଶ୍ୟାମା ଓଁ ପ୍ରସାଦ ମିଶ୍ର ପ୍ରକାଶ କରିଛନ୍ତି।



ବୈଠକରେ ଉପସ୍ଥିତ ପୁରାତନ ଛାତ୍ରମାନେ।

# ମଡେଲ ଜିପିଏଲ୍‌ଏଫ୍‌ର ନବମ ସାଧାରଣ ପରିଷଦ ବୈଠକ



ବୈଠକରେ ଅତିଥି, ମହିଳାମାନେ।

ଅମରପାଲି, ୩।୫(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାସ୍ଥିତ ଆଦର୍ଶ ପଞ୍ଚାୟତସ୍ତରୀୟ ସଂଘ ପକ୍ଷରୁ ନବମ ସାଧାରଣ ପରିଷଦ ବୈଠକ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିଥି ଭାବେ ଓଡ଼ିଶା ଜୀବିକା ମିଶନର ବିପିଏମ୍ ରମାକାନ୍ତ ହରିପାଲ, ମିଶନ ଶକ୍ତିର ବିପିସି ଶାନ୍ତନୁ ମେହେର, ବିପିଏ ଅମିତ କୁମାର ଡାଙ୍ଗ, ଡିଇଓ ପ୍ରଫୁଲ୍ଲ ବାରିକଙ୍କ ସମେତ ଓଜିବି ସୁବଳୟାର ଶାଖା ପରିଚାଳକ ପତିତପାବନ ସୁବୁଦ୍ଧି, ସମିତି ସଭ୍ୟା ଲିଲି ମେହେର, ସଭାନେତ୍ରୀ ମୀରା ବାରିକ ଓ ସମ୍ପାଦିକା ମାଧୁରୀ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘର ସଭାନେତ୍ରୀ ମୀରା ବାରିକ ବୈଠକରେ ସଭାପତିତ୍ୱ କରିଥିବା ବେଳେ ଦକ୍ଷ ନଥିପତ୍ର ପରିଚାଳିକା ବବିତା ରାଣୀ ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ଆୟ, ବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ପରେ ବ୍ଲକସ୍ତରୀୟ ଅଧିକାରୀମାନେ ମହିଳା ସଶକ୍ତୀକରଣ ଓ ଆର୍ଥିକ ଆତ୍ମ ନିର୍ଭର ଶିଳତାକୁ ନେଇ ବିଭିନ୍ନ ପ୍ରକାର ସରକାରୀ ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ। ପ୍ରେରଣା କେନ୍ଦ୍ରର ଦିଦି ଦମୟନ୍ତୀ ମେହେର ମଧ୍ୟ ପ୍ରେରଣା କେନ୍ଦ୍ର ଉପରେ ବିବରଣୀ ଦେଇଥିଲେ। ପରେ ଦୀନ ଦୟାଲ ଉପାଧ୍ୟେୟ ଗ୍ରାମୀଣ କୌଶଳ୍ୟ ଯୋଜନାରେ ତାଲିମ ପାଇ ବେଙ୍ଗାଲୁରୁଠାରେ କାର୍ଯ୍ୟ କରୁଥିବା କେଲଗାଁ ଗ୍ରାମର ୨ ଜଣ ଝିଅଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ବହୁ ମହିଳାଙ୍କ ସମେତ ସମସ୍ତ ଇସି ସଭ୍ୟା ଏବଂ ସିଆର୍‌ପିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ସଭାନେତ୍ରୀ ମୀରା ବାରିକ ଧନ୍ୟବାଦ ଦେଇଥିଲେ।

# ଖଲିଆପାଲିରେ ଭୀମ ଭୋଇଙ୍କ ଜୟନ୍ତୀ

ସୋନପୁର,୩।୫(ମୃତ୍ୟୁଞ୍ଜୟ ଶତପଥୀ)

ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟ ପକ୍ଷରୁ ସୋନପୁର ବ୍ଲକ ଖଲିଆପାଲିସ୍ଥିତ ଭୀମ ଭୋଇଙ୍କ ପୀଠଠାରେ ଭୀମ ଭୋଇଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୋନପୁର ଉପଜିଲାପାଳ ଡ. ସୌମ୍ୟ ରୂପା ରଥ ଯୋଗଦେଇ ଭୀମଭୋଇଙ୍କ ସାହିତ୍ୟ କୃତୀ ଓ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ସୋନପୁର କଲେଜର ପୂର୍ବତନ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର ଯୋଗଦେଇଥିଲେ। ଭୀମଭୋଇ ସମାଧି ପୀଠ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଛାତ୍ରଧାରୀ ଅଗ୍ରୱାଲା ସଭାରେ ଅଧ୍ୟକ୍ଷତା କରିଥିଲେ। ଭୀମଭୋଇ ସମାଧି ପୀଠ ଟ୍ରଷ୍ଟ ଖଲିଆପାଲିର ସମ୍ପାଦକ ଜନ୍ମେଜୟ ସ୍ୱାଇଁ ସଭାକୁ ସଂଯୋଜନା କରିଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ବଗର୍ତ୍ତୀ ଧନ୍ୟବାଦ ପ୍ରଦାନ କରିଥିଲେ। ଟ୍ରଷ୍ଟ ସଦସ୍ୟ ମହାଦେବ ବଗର୍ତ୍ତୀ, କାର୍ତ୍ତିକ ଭୋଇ, ଋଷିକେଶ ଭୋଇ, ଯୁବରାଜ ସ୍ୱାଇଁ, ଅଷ୍ଟମ ମେହେର, ରଞ୍ଜନ ପୂଝାରୀ ଓ ଅଶୋକ ବଡ଼ମାଳି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ଜୟନ୍ତୀ ସଭାରେ ଅତିଥି ବୃନ୍ଦ।

**ପ୍ରଥମ ଲୁଡୁରପଙ୍କ ପ୍ରିମିଅର ଲିଗ୍ କ୍ରିକେଟ୍**

# ଘାତକ ୧୧, ଜଗନ୍ନାଥ କିଙ୍ଗ୍ ବିଜୟୀ

ଅମରପାଲି,୩।୫ (ପୀତାମ୍ବର ସାହୁ)

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ହାଇସ୍କୁଲ ପଡ଼ିଆରେ ଚାଲିଥିବା ପ୍ରଥମ ଲୁଡୁରପଙ୍କ ପ୍ରିମିଅର ଲିଗ କ୍ରିକେଟର ରବିବାର ତୃତୀୟ ଦିବସ ଥିଲା। ରବିବାର ପ୍ରଥମ ମ୍ୟାଚଟି ଘାତକ ୧୧ ଓ ନଟରାଜ ଫାଇଟର ମଧ୍ୟରେ ହୋଇଥିଲା। ଏଥିରେ ଘାତକ ୧୧ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ହରାଇ ୧୨୧ ରନ କରିଥିଲା। ଜବାବରେ ନଟରାଜ ଫାଇଟର ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୯୫ ରନ କରି ପରାସ୍ତ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚଟି ଜଗନ୍ନାଥ କିଙ୍ଗ ଓ ଡି. କମ୍ପାନୀ ମଧ୍ୟରେ ହୋଇଥିଲା। ଏଥିରେ ଜଗନ୍ନାଥ କମ୍ପାନୀ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୯୮ ରନ କରିଥିବା ବେଳେ ଡି.କମ୍ପାନୀ ୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୭୦ ରନ କରି ପରାସ୍ତ ହୋଇଥିଲା। ମ୍ୟାଚଗୁଡିକରେ ସୁନୀଲ ପ୍ରଧାନ ଓ ସିବୁଲ ପ୍ରଧାନ ଅମ୍ପାୟର, ସଲିମ ମହାକୁର ସ୍କୋରିଂ ଏବଂ ମାନସ ନନ୍ଦ ଅନ ଲାଇନ ସ୍କୋରିଂ କରିଥିଲେ।



ବିଜୟୀ ଘାତକ ୧୧ ଦଳର ଖେଳାଳି।

# ବନ୍ଧପାଲିରେ ନାଗବାଚା ମନ୍ଦିର ପ୍ରତିଷ୍ଠା ଉତ୍ସବ, ଜଳନ୍ଧର ଦରବାର

ଡୁଙ୍ଗୁରିପାଲି ୩।୫, (ଦୀନବନ୍ଧୁ ସୁନା)

ଡୁଙ୍ଗୁରିପାଲିସ୍ଥିତ ବନ୍ଧପାଲି ଗ୍ରାମରେ ଗୁରୁବାର ଆରମ୍ଭ ହୋଇଥିବା ନାଗବାଚା ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଓ ଜଳନ୍ଧର ଦରବାର ୩ ଦିନ ଧରି ଅନୁଷ୍ଠିତ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପୂଜକ ଶରତ ମିଶ୍ର ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ କମ୍ଭୁପାଣି ବଗର୍ତ୍ତୀ ଓ ସ୍ତ୍ରୀ ରୁକ୍ମଣୀ ବଗର୍ତ୍ତୀ ଦାୟିତ୍ୱ ତୁଲାଉଥିଲେ। ୩ ଦିନ ଧରି ନାଗବାଚା ମନ୍ଦିର ଯାତ୍ରା ଓ ଜଳନ୍ଧର ଦରବାର ଅନୁଷ୍ଠିତ ହୋଇଥିଲା। ଜଳନ୍ଧର ଭୂମିକାରେ ବରଗଡ ଜିଲା ଭେଡେନ ବ୍ଲକ ଟିଟିଣ୍ଡାର ମଞ୍ଚ କଳାକାର ଝସକେତନ ପଧାନଙ୍କ ଅଭିନୟ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ଉଦ୍‌ଯାପନୀ ଦିବସରେ ରାଜକୀୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲା ଭାଜପା ଉପସଭାପତି ତଥା ବଲାଙ୍ଗୀର ଏମ୍‌ପିଙ୍କ ଜିଲା ପ୍ରତିନିଧି ସାନନ୍ଦ ମେହେର, ଭାଜପା ନେତା ଚଉତୁରା ଦୀପ, ନୀତେଇ ପାଳ, ସହଲା ସରପଞ୍ଚ ପଟୁଆରୀ ପଧାନ, ବନ୍ଧପାଲି ପଞ୍ଚାୟତ ସରପଞ୍ଚ କ୍ଷୀରୋଦ୍ର ବୁଡ଼େକ, ଡୁଙ୍ଗୁରିପାଲି କୋଶଲ ସାମ୍ବାଦିକ ସଂଘର ସମ୍ପାଦକ ରତ୍ନାକର ସେଠ, ବ୍ଲକ ସାମ୍ବାଦିକ ସଂଘର ସମ୍ପାଦକ ଘନଶ୍ୟାମ ମେହେର, ପ୍ରଶାନ୍ତ ସେଠ, ଶିଶୁପାଳ ଖମାରୀ ଯୋଗଦେଇଥିଲେ। ବନ୍ଧପାଲି ଅଞ୍ଚଳରେ ବେଆଇନ ବିଷାକ୍ତ ମଦର ବନ୍ୟା ଚାଲିଛି, ଏହା ଦ୍ୱାରା ଯୁବ ସମାଜ ନିଶାଗ୍ରସ୍ତ ହୋଇ ଅକାଳରେ ମୃତ୍ୟୁ ଘଟୁଛି। ନିଶାରେ ବୁଡି ରହି ଅସାମାଜିକ କାର୍ଯ୍ୟ କରୁଥିବାରୁ ମାନବ ସମାଜ ବିପଥଗାମୀ ହେଉଥିବା ମହାରାଜଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଡୁଙ୍ଗୁରିପାଲି-ବନ୍ଧପାଲି-ସିଆଲବାହାଲି ରାସ୍ତାରେ ସୁବର୍ଣ୍ଣପୁର ଆରଡି ବିଭାଗ ରାସ୍ତା କାମ କରୁଥିବା ବେଳେ ଶୀଘ୍ର ପିଚୁ ନ ହେବା ଦ୍ୱାରା ଧୂଳି ଉଡୁଥିବାରୁ ଯାତାୟାତରେ ଆଲୋ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଶୀଘ୍ର ପିଚୁ କରିବାକୁ ଭାଜପା ନେତା ଚଉତୁରା ଦୀପ ମହାରାଜ ଜଳନ୍ଧରଙ୍କୁ ଗୁହାରି ଜଣାଇଥିଲେ। ମହାରାଜ ଜଳନ୍ଧରଙ୍କ ନିର୍ଦ୍ଦେଶକ୍ରମେ ମଞ୍ଚରେ କଳାକାର ଦୀନବନ୍ଧୁ ସୁନା କଂସଙ୍କ ସଂଳାପ ପରିବେଷଣ କରିଥିଲେ। ବନ୍ଧପାଲି ଗ୍ରାମର ବିଭିନ୍ନ ଉନ୍ନୟନମୂଳକ କାମଗୁଡ଼ିକ ଆଗାମୀଦିନରେ ରାଜ୍ୟ ସରକାର କରିବେ ବୋଲି ଏମ୍‌ପିଙ୍କ ଜିଲା ପ୍ରତିନିଧି ମେହେର ପ୍ରତିଶ୍ରୁତି ଦେଇଥିଲେ। ରାଜଦରବାର ମଞ୍ଚ ପରିଚାଳନା ଥବିର ବୁଡ଼େକ ଓ ଦିଲୀପ କୁମାର ପଧାନ କରିଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।



ଉଦ୍‌ଯାପନୀ ଦିବସରେ ରାଜଦରବାରରେ ମଞ୍ଚାସୀନ ଅତିଥିବୃନ୍ଦ।

# ଶଙ୍ଖ ନଦୀରେ ବୁଡ଼ି ଯୁବକ ମୃତ

**କୁଆଁରମୁଣ୍ଡା,୩।୫(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଜଗଦୀଶପୁର ଗ୍ରାମର ବାସିଲ ଏକ୍କା (୪୨) ନିକଟସ୍ଥ ଶଙ୍ଖ ନଦୀରେ ରବିବାର ପୂର୍ବାହ୍ନରେ ଗାଧୋଇବା ବେଳେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଏ ନେଇ ପରିବାର ଲୋକେ କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ବୀରମିତ୍ରପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଛି। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ବୀରମିତ୍ରପୁର ଆଇଆଇସି ରାମ ପ୍ରସାଦ ନାଗ ସୂଚନା ଦେଇଛନ୍ତି।



ଗାୟତ୍ରୀ ଶକ୍ତିପୀଠ ଯୁବ ପ୍ରକୋଷ୍ଠ ପକ୍ଷରୁ ରବିବାର ସକାଳେ ଆୟୋଜିତ ଯୋଗ ମହୋତ୍ସବ କାର୍ଯ୍ୟକ୍ରମରେ ସାଧକମାନେ ଯୋଗାଭ୍ୟାସ କରୁଛନ୍ତି।

# ଗାୟତ୍ରୀ ଯୁବ ପ୍ରକୋଷ୍ଠର ଯୋଗ ମହୋତ୍ସବ

**ରାଉରକେଲା,୩।୫(ସଙ୍ଗୀତା ଜେନା)**

ଅନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ ଯୋଗ ସାଧକମାନଙ୍କୁ ଏକତ୍ର କରିବା ଓ ସଚେତନ କରିବା ଉଦ୍ଦେଶ୍ୟରେ ଗାୟତ୍ରୀ ଶକ୍ତିପୀଠ ଯୁବ ପ୍ରକୋଷ୍ଠ ପକ୍ଷରୁ ରବିବାର ସକାଳେ ଯୋଗ ମହୋତ୍ସବ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସହରର ୧୬ଟି ସଂସ୍ଥାର ୩୦୦ରୁ ଅଧିକ ସାଧକ ଯୋଗାଭ୍ୟାସ କରିଥିଲେ। ମହୋତ୍ସବରେ ଜିଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ନାୟକ, ଗାୟତ୍ରୀ ପରିବାରର ବରିଷ୍ଠ ସଦସ୍ୟ ବାଳମୁକୁନ୍ଦ କାଦମାୱାଲା, ତ୍ରୁଷ୍ଟି ପ୍ରମୋଦ ଅଗ୍ରୱାଲ, ପ୍ରଦୀପ୍ତ ରାୟ ଓ ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜନ ସମିତିର ସଂଯୋଜକ ସୁଶାନ୍ତ କୁମାର ଶତପଥୀଙ୍କ ନିର୍ଦ୍ଦେଶନାରେ ସାମୂହିକ ଯୋଗାଭ୍ୟାସ ହୋଇଥିଲା। ଏଥିରେ ଗାୟତ୍ରୀ ପରିବାର, ପତଞ୍ଜଳି ଯୋଗ ସମିତି, ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଓମ୍ ଯୋଗା ସେଣ୍ଟର, ସାଇ ପରିବାର ଆଦି ସଂସ୍ଥାର ସାଧକମାନେ ଯୋଗଦେଇ କର ଯୋଗ, ରୁହ ନିରୋଗ ବାର୍ତ୍ତା ପ୍ରଚାର କରିଥିଲେ। ଏମ୍. କେ. ମହାତୋ, ପ୍ରଶାନ୍ତ କୁମାର ନାୟକ, ରମେଶ ଜେନା, ନାରାୟଣ ପଣ୍ଡା, ଲାଲ ସାଗର ଚୌହାନ ପ୍ରମୁଖ ସହଯୋଗ କରିଥିଲେ।

**ରାଉରକେଲା ବୈଧମାପ ବିଜ୍ଞାନ ବିଭାଗ**

# କର୍ମଚାରୀ ଅଭାବ, ପୂରଣ ହେଉନି ଧାର୍ଯ୍ୟ ଲକ୍ଷ୍ୟ

**ରାଉରକେଲା,୩।୫(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବୈଧମାପ ବିଜ୍ଞାନ ବିଭାଗ ଅଫିସରେ କର୍ମଚାରୀଙ୍କ ଅଭାବ ରହୁଛି। ଏହା ବିଭାଗ ପାଇଁ ଏକ ପ୍ରମୁଖ ସମସ୍ୟା ପାଲଟିଥିବାବେଳେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାରେ ପ୍ରତିବନ୍ଧକ ସାଜୁଛି। ଏହାସହିତ ବିଭାଗର ଆନୁଷଙ୍ଗିକ କାର୍ଯ୍ୟ ମଧ୍ୟ ହୋଇ ପାରୁନାହିଁ।

ବିଭାଗୀୟ ସୂଚନା ଅନୁସାରେ, ସୁନ୍ଦରଗଡ଼ ଜିଲାର ବୈଧମାପ ବିଜ୍ଞାନ ବିଭାଗରେ ଦୀର୍ଘ ୩ ବର୍ଷ ହେଲା ୨୨ଟି ପଦବୀରୁ ୧୨ଟି ପଦବୀ ଖାଲି ପଡିଛି। ସେହିପରି ୬ ୟୁନିଟ୍‌ରୁ ମାତ୍ର ଦୁଇଟିରେ ବୈଧମାପ ବିଭାଗ ଇନ୍ସପେକ୍ଟର ରହିଛନ୍ତି। ସେଥିମଧ୍ୟରୁ ଜଣେ ଇନ୍ସପେକ୍ଟର ଲହୁଣୀପଡା ଓ ଅନ୍ୟ ଜଣେ ରାଉରକେଲା-୨ ୟୁନିଟ୍‌ର ଦାୟିତ୍ୱ ତୁଲାଉଛନ୍ତି। ୬ଜଣ ସହାୟକ କିରାଣୀ ବଦଳରେ ୪ଜଣ ସମଗ୍ର ବିଭାଗ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏଥିସହିତ କୌଣସି ୟୁନିଟରେ ସ୍ଥାୟୀ ଚତୁର୍ଥ ଶ୍ରେଣୀ କର୍ମଚାରୀ ନାହାନ୍ତି। ଜିଲାରେ ୩୦ଟି ଲାଇସେନ୍ସପ୍ରାପ୍ତ ବୈଧମାପ ଯନ୍ତ୍ର ବିକ୍ରୟ ସଂସ୍ଥା ରହିଛି। ସେମାନଙ୍କୁ ତାଲିମ ଦେବା ଓ ସଚେତନ କରାଇବା କାର୍ଯ୍ୟ ମଧ୍ୟ ବିଭାଗର ଦାୟିତ୍ୱ ରହିଛି। ଏହି ବିଭାଗ ରାଉରକେଲା-୧, ରାଉରକେଲା-୨, ଲହୁଣୀପଡା, ରାଜଗାଙ୍ଗପୁର କ୍ଷେତ୍ର ଅଧୀନ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନଗୁଡିକରେ ବ୍ୟବହୃତ ବୈଧମାପ ବିଜ୍ଞାନ ବିଭାଗ ମାନୁଆଲ, ଇଲେକ୍ଟ୍ରିକାଲ, ପାନୀୟ ମାପ ଯନ୍ତ୍ରାଦି ପଞ୍ଜୀକରଣ, ମାନୁଆଲ ରିପୋର୍ଟ ସହ ବୈଧମାପ ସଂକ୍ରାନ୍ତୀୟ କେସ ପ୍ରସ୍ତୁତି ଏବଂ ଡିସ୍ପୋଜାଲ କରିବା କାର୍ଯ୍ୟ ମଧ୍ୟ ତୁଲାଉଛି। ବର୍ଷ ବର୍ଷ ଧରି ରାଉରକେଲା ବୈଧମାପ ବିଜ୍ଞାନ ବିଭାଗ କାର୍ଯ୍ୟାଳୟରେ ବିଭିନ୍ନ ପଦପଦବୀ ପୂରଣ ହେଉ ନ ଥିବାରୁ ବିଭାଗର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ବିଗତ ଆର୍ଥିକ ବର୍ଷରେ ବୈଧମାପ ଜନିତ ରାଜସ୍ୱ ଆଦାୟ ପାଇଁ ଜିଲା ବୈଧମାପ ବିଭାଗକୁ ୧କୋଟି ୫୦ଲକ୍ଷ ୬୦ହଜାର ଟଙ୍କା ଟାର୍ଗେଟ ମିଳିଥିଲା। ମାତ୍ର ବିଭାଗ ତରଫରୁ ୨୦୨୬ ମାର୍ଚ୍ଚ ଶେଷସୁଦ୍ଧା ଟାର୍ଗେଟର ୮୫ ପ୍ରତିଶତ ଅର୍ଥାତ୍ ୧କୋଟି ୩୫ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଛି ବୋଲି ଉଦିତନଗରସ୍ଥିତ ନିୟନ୍ତ୍ରକ ବୈଧମାପ ବିଜ୍ଞାନ ଅଫିସ, ରାଉରକେଲା-୨ ସୂତ୍ରରୁ ସୂଚନା ମିଳିଛି। ଏ ନେଇ ରାଉରକେଲା ବୈଧମାପ ବିଭାଗର ଜଏଣ୍ଟ କଣ୍ଟ୍ରୋଲ ଅଫିସର ସ୍ନେହପ୍ରଭା ଦାସଙ୍କୁ ପଚାରିବାରୁ ଏହି ସମସ୍ୟା ନେଇ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ମାତ୍ର ଖାଲି ପଦବୀ ପୂରଣ ହେଉନାହିଁ ବୋଲି ସେ କହିଥିଲେ।

# ବୈଲୋଚନ ସଭାପତି, ଶୁଭେନ୍ଦୁ ସାଧାରଣ ସମ୍ପାଦକ

**ୟୁଜିଆଇ ଆଲୁମ୍ନି ଆସୋସିଏଶନର ବାର୍ଷିକ ବୈଠକ**

**ରାଉରକେଲା,୩।୫ (ଦିନେଶ ମିଶ୍ର)**

ରାଉରକେଲା ଜେଲରୋଡ ସ୍ଥିତ ୟୁଜିଆଇ ପରିସରରେ ଆଲୁମ୍ନି ଆସୋସିଏଶନର ସାଧାରଣ ପରିଷଦ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଷ୍ଠାନର ସଭାପତି ଇଂ. ଆଦିତ୍ୟ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଇଂ. ଶୁଭେନ୍ଦୁ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଇଂ. ପ୍ରଭାତ କୁମାର ତ୍ରିପାଠୀ ବାର୍ଷିକ ଆୟବ୍ୟୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଇଂ. ବୈଲୋଚନ ସାମଲ ସଭାପତି, ପ୍ରଶାନ୍ତ କୁମାର ବେହେରା କାର୍ଯ୍ୟକାରୀ ସଭାପତି, ଅବନି ଭୂଷଣ ଦେଓ ଓ ଲଳିତେନ୍ଦୁ ମିଶ୍ର, ସାଜଳ ବାନାର୍ଜୀ, ଅନାଦି ଚରଣ ବିଶ୍ୱାଳ, ଚିତ୍ତରଞ୍ଜନ ମିଶ୍ର ଉପସଭାପତି, ଶୁଭେନ୍ଦୁ ପଣ୍ଡା ସାଧାରଣ ସମ୍ପାଦକ, ତାପସ କୁମାର ଜେନା ସମ୍ପାଦକ, ନୀଳାମ୍ବର ମହାଳିକ ଅର୍ଗାନାଇଜିଂ ସମ୍ପାଦକ, ୱେଲଫେୟାରରେ ସଞ୍ଜୀବ ପୌଲ, ପ୍ରଦୀପ କୁମାର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ଧନେଶ୍ୱର ନନ୍ଦ, କେ. ନରେନ୍ଦ୍ର ପାତ୍ର, ରତ୍ନାକର ଖଣ୍ଡୁଆ, ଶିବ ପ୍ରସାଦ ସାହୁ, ଶ୍ରୀନିବାସ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଆଇଜିଏଚ୍‌ରେ ଜଟିଳ ବ୍ରେନ୍ ଟ୍ୟୁମର ସଫଳ ଅସ୍ତ୍ରୋପଚାର



ଅସ୍ତ୍ରୋପଚାର ପରେ ଡାକ୍ତରଙ୍କ ଗହଣରେ ରୋଗୀ।

**ରାଉରକେଲା, ୩।୫(ବିପ୍ଳବ ରଞ୍ଜନ ଦାଶ)**

ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ୧୦ ଘଣ୍ଟାର ଅତ୍ୟନ୍ତ ଜଟିଳ ଏକ ନ୍ୟୁରୋସର୍ଜିକାଲ୍ ଅସ୍ତ୍ରୋପଚାର ଜଣେ ୭୧ ବର୍ଷୀୟ ରୋଗୀଙ୍କଠାରେ ସଫଳତାର ସମ୍ପାଦିତ ହୋଇଛି। ଆରୋଗ୍ୟ ଆଶାୟୀ, ଜଣେ କର୍ମଚାରୀଙ୍କ ପରିଜନ ଆଗାପିତ ଜୋଜୋ ବଞ୍ଚିବାର ଆଶା ହରାଇ ଗତ ଛଅ ମାସ ଧରି ଦୃଷ୍ଟିଶକ୍ତିରେ ନିୟମିତ ହ୍ରାସ ସହ ଦ୍ୱନ୍ଦ୍ୱ ତଥା ଅନିଶ୍ଚିତତା ମଧ୍ୟରେ ଗତି କରୁଥିଲେ। ବରିଷ୍ଠ ପରାମର୍ଶଦାତା ଡକ୍ଟର ମୋନାଲିସା ମହାନ୍ତିଙ୍କ ତତ୍ତ୍ୱାବଧାନରେ ତାଙ୍କ ପ୍ରାରମ୍ଭିକ ଚିକିତ୍ସା ହୋଇଥିଲା। ପରେ ଏକ ଏମ୍ଆରଆଇ ପରୀକ୍ଷାରେ ଟେନିସ୍ ବଲ୍ ଆକାର ଏକ ବିଶାଳ ଆଣ୍ଟିରିୟର୍ ସ୍କଲ ବେସ୍ ଟ୍ୟୁମର ନିର୍ଣ୍ଣିତ ହୋଇଥିଲା। ଶଲ୍ୟ ଚିକିତ୍ସାର ଆବଶ୍ୟକତା ସମ୍ଭାବ୍ୟ ଅସ୍ତ୍ରୋପଚାର ପରବର୍ତ୍ତୀ ଜଟିଳତା ସହିତ ସମସ୍ତଙ୍କୁ ଅବଗତ କରିବା ପରେ ଅସ୍ତ୍ରୋପଚାର ଯୋଜନା କରାଯାଇଥିଲା। ଏହି ଅସ୍ତ୍ରୋପଚାରକୁ ନ୍ୟୁରୋସର୍ଜରୀ ବିଭାଗର ବରିଷ୍ଠ ପରାମର୍ଶଦାତା ଡକ୍ଟର ମନୋଜ କୁମାର ଦେଓ ସଫଳତାର ସହ ସମ୍ପାଦନ କରିଥିଲେ। ଆନାସ୍ଥେସିଆ ସହାୟତାରେ ଅତିରିକ୍ତ ସିଏମ୍ଓ ଡକ୍ଟର ସଞ୍ଜୁକ୍ତା ପାଣିଗ୍ରାହୀ ଏବଂ ଆନାସ୍ଥେସିଆ ସେବା ଏଡିଏମ୍ଓ ଡକ୍ଟର ସି. କେ. କାସି ପ୍ରଦାନ କରିଥିଲେ। ଏଥିରେ ନର୍ସିଂ ବ୍ରଦର କମଳାକର, ସିଷ୍ଟର ଗୋଧୂଳି ଏବଂ ଅର୍ଚ୍ଚନା ଅସ୍ତ୍ରୋପଚାର ପରବର୍ତ୍ତୀ ସେବାରେ ସହାୟତା ପ୍ରଦାନ କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଭେଣ୍ଟିଲେଟର ସପୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ପରଦିନ ସଫଳତାର ସହ ତାଙ୍କୁ ଭେଣ୍ଟିଲେଟରରୁ ବାହାର କରାଯାଇଥିଲା। ସମ୍ପ୍ରତି ସଚେତନ ଏବଂ ସକାରାତ୍ମକ ପ୍ରତିକ୍ରିୟା ଦେଉଥିବା ଆରୋଗ୍ୟ ଆଶାୟୀ ନିର୍ଦ୍ଦେଶ ଗ୍ରହଣ କରିବା ସହ ସ୍ୱାଭାବିକ ଖାଦ୍ୟ ଗ୍ରହଣ ମଧ୍ୟ କରୁଛନ୍ତି। ନର୍ସିଂ ସିଷ୍ଟର ଗୌରୀ, ମନସ୍ୱିନୀ, ସୋନିଆ, ମନୀଷା, ରୁବି ଏବଂ ଅନ୍ୟ ନର୍ସିଂ କର୍ମଚାରୀଙ୍କ ଦ୍ୱାରା ଅସ୍ତ୍ରୋପଚାର ପରବର୍ତ୍ତୀ ୱାର୍ଡ ଯତ୍ନ ସୁନିଶ୍ଚିତ କରାଯାଇଥିଲା।

# ଖୋଲିଲା ରାଉରକେଲା ସାଇନ୍ସ ପାର୍କ, ପ୍ଲାନେଟାରିୟମ୍

**ରାଉରକେଲା,୩।୫(ବିପ୍ଳବ ରଞ୍ଜନ ଦାଶ)**

ଇସ୍ପାତ ନଗରୀ ରାଉରକେଲାରେ ବିଜ୍ଞାନ ଓ ପ୍ରକୃତି ସହିତ ଅଙ୍ଗାଅଙ୍ଗୀ ଭାବେ ଜଡିତ ହେବା ସହିତ ନିକଟରୁ ଜାଣିବା ଓ ବୁଝିବା ପାଇଁ ଆଉ ଏକ ନୂତନ ସୁଯୋଗ ରାଉରକେଲାବାସୀଙ୍କ ପାଇଁ ସୃଷ୍ଟି ହୋଇଛି। ଛେଣ୍ଡ କଲୋନୀ କଳିଙ୍ଗ ବିହାର ଅଞ୍ଚଳରେ ନିର୍ମିତ ସାଇନ୍ସ ପାର୍କ ଓ ପ୍ଲାନେଟାରିୟମ୍ ସାଧାରଣ ଦର୍ଶକଙ୍କ ପାଇଁ ଖୋଲାଯାଇଛି। ଗତ ଏପ୍ରିଲ ୨୧ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଆଧୁନିକ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିବା ପରେ ଏବେ ଛେଣ୍ଡ ଅଞ୍ଚଳ ପୁଣି ଥରେ ଚଳଚଞ୍ଚଳ ହୋଇପଡିଛି। ସ୍ମାର୍ଟ ସିଟି ପ୍ରାଧିକରଣର ସୂଚନା ଅନୁଯାୟୀ, ସାଇନ୍ସ ପାର୍କ ଓ ପ୍ଲାନେଟରିୟମ୍ ପ୍ରତିଦିନ ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଠାରେ ପ୍ରବେଶ ପାଇଁ ପ୍ରତି ବ୍ୟକ୍ତିଙ୍କୁ ୫୦ ଟଙ୍କା ଶୁଳ୍କ ଦେବାକୁ ପଡ଼ିବ। ସେହିପରି କୋଏଲନଗର ଅଞ୍ଚଳରେ ଥିବା ନିର୍ମଳ ମୁଣ୍ଡା ପରିବେଶ ପଥ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ଖୋଲାଯାଇଛି। ଏହା ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ ଓ ପ୍ରବେଶ ଶୁଳ୍କ ପ୍ରତି ବ୍ୟକ୍ତି ପିଛା ୨୦ ଟଙ୍କା ରଖାଯାଇଛି। ଏ ନେଇ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗିରଙ୍କୁ ପଚାରିବାରୁ ସେ କହିଲେ, ରାଉରକେଲା ସହରର ପ୍ରଶାସନିକ ଅଧିକାରୀ ଭାବେ ଯୋଗଦେବା ପରେ ଯେଉଁସବୁ କାମ ଅସମ୍ପୂର୍ଣ୍ଣ ଥିଲା ସେଗୁଡିକ ସମ୍ପୂର୍ଣ୍ଣ ହୋଇଥିବାରୁ ସରକାରଙ୍କୁ ଧନ୍ୟବାଦ ଦେବି। ଆଗକୁ ଆହୁରି ଅନେକ ପ୍ରକଳ୍ପ ରାଉରକେଲା ସହର ବିକାଶରେ ଯୋଡି ହେବାକୁ ଯାଉଛି ବୋଲି ସେ କହିଥିଲେ। ଉଲ୍ଲେଖଯୋଗ୍ୟ, ରାଉରକେଲା ସ୍ମାର୍ଟ ସିଟି ପ୍ରକଳ୍ପ ଅଧୀନରେ ୨୦୧୯ରୁ ଅନେକ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ କାର୍ଯ୍ୟ ଆରମ୍ଭ ହୋଇଥିଲା।

# ପ୍ରତିଭା ଚୟନ କାର୍ଯ୍ୟକ୍ରମରେ ୨୫୦ ଛାତ୍ରୀଛାତ୍ର



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

**ରାଉରକେଲା,୩।୫(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ଶ୍ରୀଜଗନ୍ନାଥ କଳା ପରିଷଦ ତରଫରୁ ସେକ୍ଟର ୧୬ ଡିଏଭି ସ୍କୁଲରେ ରବିବାର ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ପୁଷ୍ପାରାଣୀ ମିଶ୍ର ଓ ସବିତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୫୦ ଜଣ ଛାତ୍ରୀଛାତ୍ର ସଙ୍ଗୀତ, ରାଇମ୍ସ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ରାଜକୁମାରୀ ଦେବୀ, ଫକୀର ଚରଣ ପତି, ଅଳକାନନ୍ଦ ରଥ, ସୁଜାତା ମହାନ୍ତି, ବାଦଲ କୁମାର ମଣ୍ଡଳ, ନିରଞ୍ଜନ ନାୟକ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ଓ ପଦକ ଦେଇ ସମ୍ମାନିତ କରାଯାଇଥିଲା। ପ୍ରତୀକ ମିଶ୍ର, ବବିତା ମିଶ୍ର, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ବୈଭବୀ ସାହୁ, ବିଷ୍ଣୁପ୍ରିୟା ପାଣ୍ଡବ ପ୍ରମୁଖ ସହଯୋଗ କରିଥିଲେ। ସତ୍ୟପ୍ରିୟ ସାହୁ ଓ ଅନିତା ଅଗ୍ରୱାଲ ଅତିଥି ଭାବେ ଉପସ୍ଥିତ ଥିଲେ।

# ୨୦ ନିରକ୍ଷର ମହିଳାଙ୍କୁ ପ୍ରମାଣପତ୍ର ପ୍ରଦାନ

**ପ୍ରୌଢ଼ଶିକ୍ଷା ସମାବର୍ତ୍ତନ ଉତ୍ସବ**

**ରାଉରକେଲା,୩।୫ (ଦିନେଶ ମିଶ୍ର)**

ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ଥିବା ସତ୍ୟବାଦୀ ସଭାଗୃହରେ ଶୁକ୍ରବାର ରୋଟାରୀ କ୍ଲବ ରିଭରସାଇଡ୍ ୩୨୬୧ ଜିଲା ପକ୍ଷରୁ ପ୍ରୌଢ଼ଶିକ୍ଷା ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଷ୍ଟ୍ରିକ୍ଟ ଗଭର୍ନର ଆଲାମ ସିଂ ରୋପ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରୌଢ଼ଶିକ୍ଷା ସମାବର୍ତ୍ତନ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛେଣ୍ଡ କଲୋନୀର କିଷାନ ଟୋଲା ବସ୍ତିରେ ପ୍ରାୟ ଏକ ବର୍ଷ ଧରି ଶିକ୍ଷାନେଉଥିବା ୨୫ ଜଣ ଆଦିବାସୀ ମହିଳା ଶିକ୍ଷାର୍ଥୀଙ୍କ ମଧ୍ୟରୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୨୦ ଜଣଙ୍କୁ ପ୍ରମାଣପତ୍ର ସହ ସମସ୍ତଙ୍କୁ ଉପହାର ପ୍ରଦାନ କରାଯାଇଥିଲା। କ୍ଲବ ୨୦୧୫ରୁ ଛେଣ୍ଡ ତଥା ରାଉରକେଲାର ବିଭିନ୍ନ ଅଞ୍ଚଳରେ ବସ୍ତିମାନଙ୍କରେ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ କରି ୨୯୦ରୁ ଊର୍ଦ୍ଧ୍ୱ ନିରକ୍ଷର ଆଦିବାସୀ ମହିଳାଙ୍କୁ ସାକ୍ଷର କରାଇ ପାରିଛି ବୋଲି ରୋପ୍ରା କହିଥିଲେ। ଚେୟାରମ୍ୟାନ ନବଘନ ସାହୁ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ କବିତା ଡେଲଟି ସଂଯୋଜିକା ଦାୟିତ୍ୱ ନିର୍ବାହ କରିଥିଲେ। ପୂର୍ବତନ ସଭାପତି ଭଗବାନ ପାଢୀ ସଭା ପରିଚାଳନା କରିଥିଲେ। ସମ୍ପାଦକ ଅଜୟ ଅଗ୍ରୱାଲ, ଏଜି. ବ୍ରିଜେଶ ଗୁପ୍ତା, ଦୀଲିକ କୁମାର ବେହେରା, ଡାକ୍ତର ଏସ୍. କେ ମେହେର, ହରପାଲ ରୋପ୍ରା, ଡାକ୍ତର ପ୍ରଫୁଲ ମହାପାତ୍ର, ଦୀପକ ଦାସ, ପ୍ରମିଳା ମିଶ୍ର, ଅଜୟ କୁମାର ସାହୁ, ଘନଶ୍ୟାମ ମିର ପ୍ରମୁଖ ସହଯୋଗ କରିଥିଲେ। ଶରତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିଙ୍କ ସହିତ ପ୍ରମାଣପତ୍ର ପାଇଥିବା ମହିଳା।

# ରାଉରକେଲା ଇଞ୍ଜିନିୟରିଂ ୱାର୍କର୍ସ ୟୁନିଅନରେ ଶ୍ରମିକ ଦିବସ

**ରାଉରକେଲା,୩।୫(ଦିନେଶ ମିଶ୍ର)**

ଅନ୍ତର୍ଜାତୀୟ ଶ୍ରମିକ ଦିବସ ଓ ଐତିହାସିକ ମେ' ଦିବସ ଉପଲକ୍ଷେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ପରିଚାଳିତ ରାଉରକେଲା ଇଞ୍ଜିନିୟରିଂ ୱାର୍କର୍ସ ୟୁନିଅନ ପକ୍ଷରୁ ଶୁକ୍ରବାର ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଡେଲିମାର୍କେଟ ସ୍ଥିତ ୟୁନିଅନ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ କରି ଶହୀଦ ବେଦିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ୟୁନିଅନର ସୁନ୍ଦରଗଡ ଜିଲା ସମ୍ପାଦକ ବିଷ୍ଣୁ ପଣ୍ଡା, ପାଟିକା ସଂଘର ବିଜୟ ସାହୁ, ଶ୍ରମିକ ନେତା ଜନସନ ଲୁମୁଙ୍ଗା, ସୁଶୀଲ କୁମାର ବାରିକ, ରଶ୍ମିରଞ୍ଜନ ମଲ୍ଲିକ, ବିରେନ ନାଏକ, କିଷ୍ଟା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରମିକମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତି, ଶ୍ରମ କୋଡ୍ ବାତିଲ, ସର୍ବନିମ୍ନ ମଜୁରୀ ବୃଦ୍ଧି, ଦରଦାମ ବୃଦ୍ଧି ନିୟନ୍ତ୍ରଣ ସହ ଶ୍ରମିକ ଛଟେଇ ବନ୍ଦ କରିବାକୁ ଦାବି କରିଥିଲେ।

# ବିପଦକୁ ଆମନ୍ତ୍ରଣ କରୁଛି ବିଦ୍ୟୁତ୍ ଖୁଣ୍ଟ

**ରାଉରକେଲା,୩।୫(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବାସନ୍ତୀ କଲୋନୀର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। ସ୍ଥାନୀୟ ଲୋକମାନେ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସେହିପରି ବିରଜାପାଲି ନୂତନ ସିଭିଲ କୋର୍ଟ ସମ୍ମୁଖରେ ଥିବା ଟ୍ରାନ୍ସଫର୍ମରର ପାଚେରି ନାହିଁ। ଏଥିସହିତ ଏଡିଏମ୍ ଅଫିସକୁ ଯାଇଥିବା ରାସ୍ତା କଡରେ ଥିବା ବିଦ୍ୟୁତ୍ ଖୁଣ୍ଟମାନ ଅନ୍ୟ ଖୁଣ୍ଟ ଭରସାରେ ଦଣ୍ଡାୟମାନ ରହିଛି। ବର୍ତ୍ତମାନ କାଳବୈଶାଖି ହେଉଥିବା ଯୋଗୁ ଯେ କୌଣସି ମୁହୂର୍ତ୍ତରେ ଯେ ଅଘଟଣ ନ ଘଟିବ ତାହା କେହି କହିପାରିବେ ନାହିଁ। ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ନେଇ ବିଭାଗୀୟ ଏସ୍‌ଡିଓ ଏ. ରଥଙ୍କୁ ପଚାରିବାରୁ ବିଭାଗୀୟ ଜେଇଙ୍କୁ ଜଣାଇ ତୁରନ୍ତ ଟ୍ରାନ୍ସଫର୍ମର ଓ ଢଳିଥିବା ବିଦ୍ୟୁତ୍ ଖୁଣ୍ଟର ପୁନରୁଦ୍ଧାର କରାଯିବ ବୋଲି ସେ କହିଥିଲେ। ସେହିପରି ଉଦିତନଗର ବିଦ୍ୟୁତ ବିଭାଗ ଏସ୍‌ଡିଓ ଏମ୍. ସାହୁଙ୍କୁ ପଚାରିବାରୁ ସେ କହିଲେ, ବିରଜାପାଲି ବିଦ୍ୟୁତ ଟ୍ରାନ୍ସଫର୍ମର ପୋଲ୍ ଉପରେ ରହିଛି। ଏଣୁ ପାଚେରି ନିର୍ମାଣ କରାଯାଉନାହିଁ। ଯଦି ଏହା ସମସ୍ୟା ସୃଷ୍ଟି କରୁଛି ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ପାଚେରି ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ବିଭିନ୍ନତା ମଧ୍ୟରେ ଏକତା ଭାରତୀୟ ସଂସ୍କୃତି

**ରାଉରକେଲା,୩।୫(ବିପ୍ଳବ ରଞ୍ଜନ ଦାଶ)**




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ରାଉରକେଲାର ବୈଶାଖୀ ସାହିତ୍ୟ ସଂସଦର ୩୭ତମ ବାର୍ଷିକୋତ୍ସବ ସେକ୍ଟର-୭ ସାହିତ୍ୟ ସଂସଦ ସଭାଗୃହରେ ରବିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଭାପତି ବୁଦ୍ଧେଶ୍ୱର ଷଡଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ଡ. ବଭ୍ରୁବାହନ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଓଡିଆ ସାହିତ୍ୟ, ସଂସ୍କୃତି ସହିତ ଜନଜାତି ସଂସ୍କୃତିର ନିବିଡ ସମ୍ପର୍କ ରହିଛି। ଓଡିଆ ସାହିତ୍ୟର ପ୍ରାଚୀନ ଓ ମଧ୍ୟଯୁଗୀୟ ପର୍ଯ୍ୟାୟରେ ଆଦିବାସୀ ଜୀବନ ଓ ସଂସ୍କୃତି ସଙ୍କେତ ରହିଥିବା କଥା ଉଲ୍ଲେଖ କରି ଆଧୁନିକ ସାହିତ୍ୟରେ ଆଦିବାସୀମାନଙ୍କୁ ଧନଶାଳୀ ଓ ଉଚ୍ଚ ଶିକ୍ଷିତ ପଦାଧିକାରୀ ଶୋଷଣ କରୁଛନ୍ତି ଓ ତାଙ୍କ ପାଇଁ ପ୍ରଣିତ ଯୋଜନା ସବୁ ଫଳପ୍ରଦ ହେଉନାହିଁ ବୋଲି ମହାପାତ୍ର କହିଥିଲେ। ସେହିପରି ବିଭିନ୍ନତା ମଧ୍ୟରେ ଏକତା ଆମ ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ ବୋଲି ଅନ୍ୟତମ ବକ୍ତା ଅଧାପିକା ପ୍ରଣତି ବେହେରା ମତପ୍ରକାଶ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ପ୍ରଭାରୀ ରଶ୍ମି ରଞ୍ଜନ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପାନ୍ତ ଅଞ୍ଚଳରେ ବୈଶାଖୀ ସାହିତ୍ୟ ସଂସଦର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କବି ସୁଶାନ୍ତ କୁମାର ନାୟକ ମଞ୍ଚ ପରିଚାଳନା ଏବଂ ସାଧାରଣ ସମ୍ପାଦକ ଚନ୍ଦ୍ରଧ୍ୱଜ ମାଝୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତାପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ୨୭ ଜଣ କବି କବିତା ପାଠ କରିଥିଲେ। ଏଥିରେ ଶୈଳବାଳା ଷଡଙ୍ଗୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବାବେଳେ ନିରୁପମା ନାୟକ, ସୁଚିସ୍ମିତା ପଣ୍ଡା, ଶେଫାଳି ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜୟନ୍ତୀ ଦାସ, ଗୀତାରାଣୀ ବେହେରା, ଜଗନ୍ନାଥ ରାଉତ ସହଯୋଗ କରିଥିଲେ। ଦେବବ୍ରତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଯୁକ୍ତି ସହ କ୍ଷତିପୂରଣ ପ୍ରତିଶ୍ରୁତି ପରେ ଉଠିଲା ମୃତଦେହ

**ଆର୍‌ଏସ୍‌ପିରେ ଠିକା ଶ୍ରମିକ ମୃତ୍ୟୁ ଘଟଣା**

**ରାଉରକେଲା, ୩।୫ (ଦିନେଶ ମିଶ୍ର)**



ମୃତକଙ୍କ ପରିବାରକୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଉଛି।

ଆରଏସ୍‌ପିରେ କାର୍ଯ୍ୟରତ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ମୃତକଙ୍କ ପରିବାର ଲୋକଙ୍କୁ ସ୍ଥାୟୀ ନିଯୁକ୍ତି ସହ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ମିଳିଛି। ଏହାପରେ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ଆଇଜିଏଚ୍ ମର୍ଗ ହାଉସ୍‌ରୁ ଠିକା ଶ୍ରମିକଙ୍କ ମୃତଦେହକୁ ଉଠାଯାଇଛି।

ସୂଚନାଯୋଗ୍ୟ, ରାଉରକେଲା ଇସ୍ପାତ କାରଖାନା ଅଧୀନ କ୍ୟାଲସିଲିଙ୍ଗ ପ୍ଲାଣ୍ଟ (ସିପି-୨)ରେ ପ୍ରଧାନ ଏଣ୍ଟରପ୍ରାଇଜେସରେ ପ୍ରକାଶ କୁମାର ସ୍ୱାଇଁ(୫୪) ଠିକା ଶ୍ରମିକ ଭାବେ କାମ କରୁଥିଲେ। ପ୍ରକାଶ ଶନିବାର କାରଖାନାକୁ ଜେନେରାଲ ସିଫ୍ଟ ଡ୍ୟୁଟି କରିବାକୁ ଆସି ଏକ ଟ୍ୟାଙ୍କର ଉପରେ ଚଢ଼ି କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ତାଙ୍କ ଗୋଡ ଖସି ଯିବାରୁ ସେ ତଳେ ଖସି ପଡିଯାଇ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ କାରଖାନାର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଠିକା ଶ୍ରମିକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଲାଗି ବିଭିନ୍ନ ଶ୍ରମ ସଙ୍ଗଠନ ଦାବି କରିଥିଲେ। ରବିବାର ଆର୍‌ଏସ୍‌ପି କର୍ତ୍ତୃପକ୍ଷ ମୃତକଙ୍କ ସ୍ତ୍ରୀ ସବିତା ସ୍ୱାଇଁଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଠିକା ସଂସ୍ଥା ପକ୍ଷରୁ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ଯେପର୍ଯ୍ୟନ୍ତ ପେନ୍‌ସନ୍ ନ ହୋଇଛି ତାଙ୍କୁ ମିଳୁଥିବା ମାସିକ ୧୫ ହଜାର ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ପରିବାର ଲୋକ ଓ ୟୁନିୟନ କର୍ମୀଙ୍କ ଉପସ୍ଥିତିରେ ଆଇଜିଏଚ୍ ମର୍ଗ ହାଉସ୍‌ରୁ ମୃତଦେହ ଉଠିଥିଲା। ରାଉରକେଲା ଶ୍ରମିକ ସଂଘର ନିହାର ଦାସ, ଏଚ୍ଏମ୍ଏସ୍‌ର ପ୍ରମୋଦ ଦାସ, ଜେଏମ୍ଏମ୍‌ର ଗୋପାଳ ଦାସ, ସିଆଇଟିୟୁର ଶ୍ରୀମନ୍ତ ବେହେରା, ବି. ପି ମହାପାତ୍ର, ରାଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ମାଟିଆଭଟା ଉଚ୍ଚ ବିଦ୍ୟାଳୟର ଦଶମ ପରୀକ୍ଷା ଫଳ: ଛାତ୍ରୀ ରଚିତା ବ୍ଲକରେ ଦ୍ୱିତୀୟ**

ଖପ୍ରାଖୋଲ(ଅଭୟ ତ୍ରିପାଠୀ) : ଖପ୍ରାଖୋଲ ବ୍ଲକ ମାଟିଆଭଟା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରଚିତା ବେହେରା ଦଶମ ପରୀକ୍ଷାରେ ୫୪୩ ମାର୍କ ରଖି ଏ ୧ ଗ୍ରେଡ ରଖି ବ୍ଲକରେ ଦ୍ୱିତୀୟ ହୋଇଛନ୍ତି। ରଚିତା ଦମାଇପାଲି ପଞ୍ଚାୟତ ବଡ଼ ଉଡ଼େନ ଗାଁର ଜଗନ୍ନାଥ ବେହେରାଙ୍କ ଝିଅ। ତାଙ୍କ ଏହି ସଫଳତାରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ କୃତଜ୍ଞତା ଜଣାଇଛନ୍ତି।

## ମାଟ୍ରିକ ଫଳ: କୁଚିଣ୍ଡାରେ ଶିବମ, ବାମରାରେ ତନୁଜା ବ୍ଲକ ଟପ୍ପର

କୁଚିଣ୍ଡା,୩।୫(ବିରଞ୍ଚି ଦର୍ଘା)




ମାଟ୍ରିକ ପରୀକ୍ଷାରେ କୁଚିଣ୍ଡା ବ୍ଲକରେ କିଣ୍ଡିର ଶ୍ରୀଅରବିନ୍ଦ ଇଣ୍ଟିଗାଲ ସ୍କୁଲ ଛାତ୍ର ଶିବମ ଖର୍ସେଲ ୯୨ ପ୍ରତିଶତ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅନିତା ପଣ୍ଡା, ଆୟୁଷରାଜ ପରିଡ଼ା ଓ ନିମିଷା ପଟେଲ ରଖି ଏ–୧ରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବାମରା ବ୍ଲକ ବନ୍ଧକାନୀ ହାଇସ୍କୁଲ ଛାତ୍ର ତନୁଜା ନାୟକ ୯୨ ପ୍ରତିଶତ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ଜରାବଗା ସରକାରୀ ହାଇସ୍କୁଲ ଛାତ୍ରୀ ତନୟା ନାୟକ ୯୧ ପ୍ରତିଶତ, ବନ୍ଧକାନୀ ବିଦ୍ୟାଧର ହାଇସ୍କୁଲ ଛାତ୍ର ସତ୍ୟଜିତ ଦାଶ ୯୧ ପ୍ରତିଶତ ଓ ଜିଜ୍ଞାସା ଦାଶ ୯୦ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି।

# ସମୟାନୁବର୍ତ୍ତିତା ବିହୀନ ମଣିଷ ସମାଜରେ ଗୁରୁତ୍ୱ ହରାଏ

## ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର

ସମ୍ବଲପୁର,୩।୫(ବି.ଶଙ୍କର)

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର ରବିବାର ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଛି। ଗ୍ରନ୍ଥାଗାର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୩୦ ବିଦ୍ୟାଳୟର ୫୩ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମ ଅଧିବେଶନରେ ସିନାପାଲି ମହାବିଦ୍ୟାଳୟ ଶିକ୍ଷା ବିଭାଗର ପୂର୍ବତନ ମୁଖ୍ୟ ଡ.ଅଶୋକ ହୋତା ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଡ. ହୋତା ବିଭିନ୍ନ ଉଦାହରଣ ମାଧ୍ୟମରେ ଜୀବନରେ ଅନୁଶାସନ ଓ ସମୟାନୁବର୍ତ୍ତିତା ବିହୀନ ମଣିଷ ସମାଜରେ ନିଜର ଗୁରୁତ୍ୱ ହରାଇଥାଏ ବୋଲି ମତବ୍ୟକ୍ତ କରିଥିଲେ।


ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିରରେ ଛାତ୍ରୀଛାତ୍ର ଓ ପ୍ରଶିକ୍ଷକ।

ଦ୍ୱିତୀୟ ଅଧିବେଶନରେ ମୋବାଇଲ ପ୍ରଯୁକ୍ତିବିଦ୍ୟା ଏବଂ ଏହାର ସୁବ୍ୟବହାର ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସହକାରୀ ପ୍ରଫେସର ଡ.ସାଗରିକା ମିଶ୍ର ବିବିଧ ଉଦାହରଣ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ମୋବାଇଲ ବ୍ୟବହାରର ବିଭିନ୍ନ ଦିଗ ଓ ବ୍ୟବହାର ସମୟରେ ବିଭିନ୍ନ ସତର୍କତା ସମ୍ପର୍କରେ ସେ ବିଷଦ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯୋଗଗୁରୁ ଡା. ଜୟଦେବ ମେହେର ସ୍ୱାସ୍ଥ୍ୟରକ୍ଷା ପାଇଁ ବିଭିନ୍ନ ଯୋଗ ଓ ପ୍ରାଣାୟାମ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଆୟୋଜକ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର, ବରିଷ୍ଠ ସଦସ୍ୟା ପ୍ରଫେସର ନିଳେନ୍ଦ୍ରୀ ପଣ୍ଡା, ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡା, ପ୍ରଫେସର ନିରୁପମା ବଡ଼ପଣ୍ଡା, ମୁକ୍ତକଣ୍ଠ ପ୍ରଧାନ, ଇଞ୍ଜିନିୟର ସୁକାନ୍ତ ଗୁରୁ, ଖବରଦାତା ହେମନ୍ତ କୁମାର ମହାପାତ୍ର, ଶିକ୍ଷାବିତ ପଦ୍ମନାଭ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ସଂଯୋଜକ ଶିବଶଙ୍କର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଦସ୍ୟ ହରି ନାରାୟଣ ପଣ୍ଡା, ଡ.ଗିରିଧାରୀ ହୋତା, ଉଦିତ ଚନ୍ଦ୍ର ପାଢ଼ଯୋଶୀ, ଗ୍ରନ୍ଥାଗାରର ସହକାରୀ ବିଜୟ କୁମାର ସାହୁ ଓ ଭୁବନ କୁମୁରା ସହଯୋଗ କରିଥିଲେ।

# ଖବରଦାତା ସତ୍ୟ ଖବରକୁ ଲୋକଲୋଚନକୁ ଆଣନ୍ତୁ



ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସରେ ଉପସ୍ଥିତ ଅତିଥିମାନେ।

## ରେଢ଼ାଖୋଲରେ ପ୍ରେସ ସ୍ୱାଧୀନତା ଦିବସ ପାଳିତ

ରେଢ଼ାଖୋଲ ୩।୫ ( ସନ୍ତୋଷ ବଘାର )

ରେଢ଼ାଖୋଲ ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ରବିବାର ସ୍ଥାନୀୟ ରାଣୀ ଅନ୍ନପୂର୍ଣ୍ଣା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରେସ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ମୁଖ୍ୟ ବକ୍ତା ରୂପେ ଶିକ୍ଷକ ବିଜୟାନନ୍ଦ ପ୍ରଧାନ ଯୋଗଦେଇ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ସତ୍ୟ ଘଟଣାକୁ ଲୋକଲୋଚନକୁ ଆଣିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବା ପ୍ରତ୍ୟେକ ଖବରଦାତାଙ୍କ ମୌଳିକ କର୍ତ୍ତବ୍ୟ ହେବା ଦରକାର। ସ୍ୱାଧୀନତାର ସୁରକ୍ଷା, ଖବରଦାତାଙ୍କ ସୁରକ୍ଷା ଓ ନ୍ୟାୟ, ପାରଦର୍ଶିତା ଏବଂ ସ୍ୱାଧୀନତାର ମୂଲ୍ୟବୋଧକୁ ଆହୁରି ସୁଦୃଢ଼ କରିବାକୁ ସମସ୍ତେ ସଙ୍କଳ୍ପବଦ୍ଧ ହେବା। ଏହି କାର୍ଯ୍ୟକ୍ରମରେ ଖବରଦାତା ରଞ୍ଜିତ ଦେହୁରୀ ସଭାପତିତ୍ୱ କରିଥିବାବେଳେ ଜେନାମଣି ଯୋଗଜନ୍ମା ଦାଶଶର୍ମା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସଂଘର ସଭାପତି ଗୋବର୍ଦ୍ଧନ ବଘାର, ଦେବାନନ୍ଦ ପ୍ରଧାନ, ମହାବୀର ସିଂ ଦେଓ, ରାଜା ପାଲ, ଶିକ୍ଷୟିତ୍ରୀ ଚାନ୍ଦିନୀ ପ୍ରଧାନ, ସଂଗ୍ରାମ କେଶରୀ ଭଞ୍ଜ, କାଉନସିଲର ସୁଧାଂଶୁ ଅମାତ, ଅମରେଶ ନାୟକ ଏବଂ ଛାତ୍ରୀ ଗଣ ଯୋଗଦେଇଥିଲେ।

# ୩୦ ବର୍ଷ ଧରି ଦେଶସେବା କରି ମାତୃଭୂମିକୁ ଫେରିଲେ ଯବାନ



ସମ୍ବଲପୁର ରେଳ ଷ୍ଟେଶନରେ ଅବସରପ୍ରାପ୍ତ ଯବାନଙ୍କୁ ପରିବାର ଲୋକଙ୍କ ସହ ଗ୍ରାମବାସୀ ସ୍ୱାଗତ କରୁଛନ୍ତି।

## ସମ୍ବଲପୁରରେ ସ୍ୱାଗତ ସମ୍ବର୍ଦ୍ଧନା

ସମ୍ବଲପୁର,୩।୫ (ପ୍ରମୋଦ ବହିଦାର)

ଭାରତୀୟ ସେନାରେ ୩୦ ବର୍ଷ ଧରି ନିରନ୍ତର ଦେଶକୁ ସେବା ପ୍ରଦାନ କରିବା ପରେ ସମ୍ବଲପୁର ଜିଲାର ଗର୍ବ ସୁବେଦାର ଆଦିତ୍ୟ ପ୍ରସାଦ ଦଣ୍ଡସେନା ଜନ୍ମମାଟିକୁ ଫେରିଛନ୍ତି। ସେ ସମ୍ବଲପୁର ରେଳ ଷ୍ଟେଶନରେ ପହଞ୍ଚିବା ପରେ ରବିବାର ପରିବାରବର୍ଗ, ବନ୍ଧୁପରିଜନ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଝୁଝୁମୁରା ବ୍ଲକ ଜୟନ୍ତପୁର ପଞ୍ଚାୟତ ଅନ୍ତର୍ଗତ ଦେଦର ନୂଆପାଲି ଗ୍ରାମର ଶ୍ରୀଧର ଦଣ୍ଡସେନା ଓ ପୂର୍ଣ୍ଣବାସୀ ଦଣ୍ଡସେନାଙ୍କ ପୁତ୍ର ଆଦିତ୍ୟ ୧୯୯୫ ରେ ଠେମରା ହାଇସ୍କୁଲରୁ ମାଟ୍ରିକ ପାସ କରିବା ପରେ ୧୯୯୬ ଏପ୍ରିଲ ୨୭ରେ ଭାରତୀୟ ସେନାର ବିହାର ରେଜିମେଣ୍ଟରେ ଯୋଗଦେଇଥିଲେ। ନିଜର କାର୍ଯ୍ୟକାଳ ମଧ୍ୟରେ ସେ ଆସାମ, ପଣ୍ଡିଚେରୀ, ଜାମ୍ମୁ କାଶ୍ମୀର, ଅମୃତସର ଏବଂ ଠାକୁରବାଡ଼ି ଭଳି ଦେଶର ବିଭିନ୍ନ ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ କାର୍ଯ୍ୟ କରିଛନ୍ତି। ନିକଟରେ ସେ କଲିକତାରୁ ଅବସର ଗ୍ରହଣ କରିଥିବା ବେଳେ ରବିବାର ଗ୍ରାମକୁ ଫେରିବା ସମୟରେ ରେଳ ଷ୍ଟେଶନରେ ବିରାଟ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ନିଆଯାଇଥିଲା। ତାଙ୍କ ସ୍ତ୍ରୀ ଗୀତାଞ୍ଜଳୀ, ଭାଇ ଅକ୍ଷୟଙ୍କ ସମେତ ଏକାଦଶୀ ବାଗ, ରୋହିତ ବାଗ, ସୁରତ କୁମାର ସାହୁ, ସୁବାସ ବେହେରା, ଦୁର୍ଲ୍ଲଭ ମିର୍ଦ୍ଧା, ବଂଶୀଧର ସାହୁ ପ୍ରମୁଖ ଗ୍ରାମବାସୀ ବୀର ଯବାନଙ୍କୁ ସ୍ୱାଗତ କରିଥିଲେ।

# ୨ ବିଶିଷ୍ଟ ବ୍ୟକ୍ତି ନାରଦ ସମ୍ମାନରେ ସମ୍ମାନିତ

## ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ମହର୍ଷି ନାରଦ ଜୟନ୍ତୀ ପାଳିତ

ସମ୍ବଲପୁର,୩।୫(ପ୍ରମୋଦ ବହିଦାର)

ସମ୍ବଲପୁର କୁଞ୍ଜେଲପଡ଼ାସ୍ଥିତ ସଂସ୍କୃତି ଭବନଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଚାର ବିଭାଗ 'ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା (ପଶ୍ଚିମ)' ପକ୍ଷରୁ ମହର୍ଷି ନାରଦ ଜୟନ୍ତୀ ଏବଂ ନାରଦ ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଐତିହାସିକ ତଥା ମହାନଗର ସଂଘ ଚାଳକ ଦୀପକ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଦ୍ୱତ ପରିଷଦ ଓଡ଼ିଶାର ସଭାପତି ଡ. ବାଞ୍ଛାନିଧି ପଣ୍ଡା ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ନାରଦଙ୍କ ଆଦର୍ଶ ଓ ସାମ୍ବାଦିକତାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ମୁଖ୍ୟଅତିଥି ପଣ୍ଡା କହିଥିଲେ, ଆଦ୍ୟ ଖବରଦାତା ମହର୍ଷି ନାରଦ ସମାଜରେ ମଧୁର ସମ୍ପର୍କ ରକ୍ଷା କରିବା ସହ ଲୋକଙ୍କ ନିକଟରେ ଠିକ୍ ଖବର ପହଞ୍ଚାଉଥିଲେ। ଖବରଦାତାମାନେ କେବଳ ଖବର ସଂଗ୍ରହ ବା ପ୍ରସାରଣରେ ସୀମିତ ନ ରହି ଜ୍ଞାନୀ ଓ ପଣ୍ଡିତ ହେବା ଉଚିତ। ସେହିପରି ମୁଖ୍ୟବକ୍ତା ଡ. ପଣ୍ଡା ଖବରଦାତାଙ୍କୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଅଭିହିତ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଏକ ଜାଗ୍ରତ ସମାଜ ଗଠନରେ ଖବରଦାତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ସଂଘର ଶତବାର୍ଷିକୀ ଯାତ୍ରା ବିଷୟରେ ଚର୍ଚ୍ଚା କରି ସେ କହିଥିଲେ, ସ୍ୱୟଂସେବକମାନଙ୍କ ନିଃସ୍ୱାର୍ଥପର ସେବା ଓ ଦେଶଭକ୍ତି ଯୋଗୁ ଏବେ ସଂଘ ବିଶ୍ୱବ୍ୟାପୀ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଚଳିତ ବର୍ଷ ସମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଫଟୋ ଖବରଦାତା ଶଙ୍କର ବେହେରା ଏବଂ କଳା କ୍ଷେତ୍ରରେ ବିଶିଷ୍ଟ ଶିଳ୍ପୀ ପ୍ରଶାନ୍ତ କୁମାର ମାଝୀ 'ନାରଦ ସମ୍ମାନ–୨୦୨୨'ରେ ସମ୍ମାନିତ ହୋଇଛନ୍ତି। ଉଭୟଙ୍କୁ ସମିତି ପକ୍ଷରୁ ଉପଢୌକନ, ସ୍ମାରକୀ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଜ୍ଞାନରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ସହ ପ୍ରଚାର ପ୍ରମୁଖ ଅରବିନ୍ଦ ନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁରର ବହୁ ସଂଖ୍ୟାରେ ମାନ୍ୟଗଣ୍ୟ ବ୍ୟକ୍ତି, ଖବରଦାତା, ସାହିତ୍ୟିକ ଏବଂ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଶେଷ ପର୍ଯ୍ୟାୟରେ ସାମୂହିକ ବନ୍ଦେ ମାତରମ୍ ଗାନରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।



ଅତିଥିମାନେ ଖବରଦାତା, ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଭାଲୁ ଆକ୍ରମଣରେ କେନ୍ଦୁପତ୍ର ତୋଳାଳି ଗୁରୁତର

ନାକଟିଦେଉଳ, ୩।୫(ବୈକୁଣ୍ଠନାଥ ସାହୁ)

ଜଙ୍ଗଲକୁ ରବିବାର ସକାଳେ କେନ୍ଦୁପତ୍ର ତୋଳିବାକୁ ଯାଇଥିବା ବେଳେ ଜଣେ ତୋଳାଳି ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ କେନ୍ଦୁପତ୍ର ତୋଳାଳି ହେଲେ ନାକଟିଦେଉଳ ବନାଞ୍ଚଳ ରାଇଲ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପଣସକାନି ସାହିର ରିଷ୍ଟକୁସ ପାନ୍ନା (୪୫) ବୋଲି ଜଣାପଡ଼ିଛି। ରାଇଲ ଗ୍ରାମରେ କେନ୍ଦୁପତ୍ର ବିଭାଗ ପକ୍ଷରୁ କେନ୍ଦୁପତ୍ର ତୋଳା ଯାଇଥିବାରୁ ପାନ୍ନା ପରିବାର ସଦସ୍ୟଙ୍କ ସହିତ ଗ୍ରାମ ନିକଟସ୍ଥ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ସକାଳ ୮ ଟାରେ କେନ୍ଦୁପତ୍ର ତୋଳିଏକାକୀ ଘରକୁ ଫେରୁଥିବା ବେଳେ ଘରଠାରୁ ଅଳ୍ପ ଦୂରରେ ୩ଟି ଭାଲୁ ଆସି ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଭାଲୁମାନେ ତାଙ୍କୁ ଆକ୍ରମଣ କରି ଡାହାଣ ହାତ ପାପୁଲି, ବାମ ଗୋଡ଼କୁ କାମୁଡି ଖଣ୍ଡିଆ ଖାବରା କରିଦେଇଥିଲେ। ଭାଲୁ ଆକ୍ରମଣରେ ସେ ପାଟି କରିବାରୁ ପାଖରେ ଥିବା ପରିବାର ଲୋକେ ପହଞ୍ଚି ଯିବାରୁ ଭାଲୁମାନେ ସେଠାରୁ ପଳାଇ ଯାଇଥିଲେ। ତେବେ ପରିବାର ଲୋକେ ପାନ୍ନାଙ୍କୁ ଗୁରୁତର ଅବସ୍ଥାରେ ଘରକୁ ଆଣି ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ରାଇଲ ଫରେଷ୍ଟର ଶଙ୍କର୍ଷଣ ରାଉଳ ଏବଂ ଫରେଷ୍ଟ ଗାର୍ଡ ନିମାଇଁ ସେଠ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ପାନ୍ନାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନାକଟିଦେଉଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କେନ୍ଦୁପତ୍ର ତୋଳାଳି ପାନ୍ନାଙ୍କ ହାତ ଏବଂ ଗୋଡରେ ଗଭୀର ଆଘାତ ଲାଗିଛି। ବର୍ତ୍ତମାନ ସେ ନାକଟିଦେଉଳ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ବନ ବିଭାଗ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ଦାବି କରିଛନ୍ତି।

# ଶୀତଳଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟିର ପ୍ରଥମ ବୈଠକ, କର୍ମକର୍ତ୍ତା ଚୟନ

## ସମୀର ରଞ୍ଜନ ସଭାପତି, ହିମାଂଶୁ ସମ୍ପାଦକ

ସମ୍ବଲପୁର,୩।୫(ବି.ଶଙ୍କର)

ବିଶ୍ୱପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟିର ପ୍ରଥମ ବୈଠକ ରବିବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ନନ୍ଦପଡ଼ାସ୍ଥିତ ଶୀତଳଷଷ୍ଠୀ ଯାତ୍ରା କାର୍ଯ୍ୟାଳୟଠାରେ ବୈଠକ ହୋଇଥିଲା। ପ୍ରାରମ୍ଭରେ ମୁଦିପଡ଼ା ଶ୍ରୀଶ୍ରୀ ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟିର ସଭାପତି ସ୍ୱର୍ଗତ ଜଗଦୀଶ ପଣ୍ଡାଙ୍କ ସ୍ମୃତିରେ ଗୋଟିଏ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଶୀତଳଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟି–୨୦୨୬ କର୍ମକର୍ତ୍ତା ମନୋନୟନ ପ୍ରକ୍ରିୟା ହୋଇଥିଲା। ସର୍ବସମ୍ମତି କ୍ରମେ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ଭାବେ ସମୀର ରଞ୍ଜନ ବାବୁ (ଟିକି)ଙ୍କୁ ଚୟନ କରାଯାଇଥିଲା।



ସମୀର ରଞ୍ଜନ ବାବୁ ହିମାଂଶୁ ପାଣିଗ୍ରାହୀ

ଏଥିସହ ଉପସଭାପତି ସୁଶାନ୍ତ କୁମାର ପୁରୋହିତ, କାର୍ଯ୍ୟକାରୀ ସଭାପତି ଅମୂଲ୍ୟ କୁମାର ମିଶ୍ର ଓ ସମ୍ପାଦକ ଭାବେ ହିମାଂଶୁ ପାଣିଗ୍ରାହୀଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। କାର୍ଯ୍ୟନିର୍ବାହୀ କମିଟିରେ ଝାଡୁଆପଡ଼ା ଶ୍ରୀଶ୍ରୀ ଜାଗେଶ୍ୱର ବାବା ଯାତ୍ରା କମିଟିର ସତ୍ୟଜିତ ପଣ୍ଡା, ଶୁଭେନ୍ଦୁ ମିଶ୍ର, ଅଭିଷେକ ମିଶ୍ର, ନନ୍ଦପଡ଼ା ବମ ବରଡ ବାଲୁଙ୍କେଶ୍ୱର ବାବା ଯାତ୍ରା କମିଟିର ସନ୍ତୋଷ ମିଶ୍ର, ଜିତେନ୍ଦ୍ର ନନ୍ଦ, ସନତ ନନ୍ଦ ଓ ମୁଦିପଡ଼ା ଶ୍ରୀଶ୍ରୀ ଜାଗେଶ୍ୱର ବାବା ଯାତ୍ରା କମିଟିର ଭୋଳାଶଙ୍କର ମହନ୍ତମ, ସତ୍ୟକାନ୍ତ ମହାପାତ୍ର ଓ କୃଷ୍ଣଚନ୍ଦ୍ର ପରିଡ଼ା ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ମିଶ୍ର, ଫଣିଭୂଷଣ ମିଶ୍ର, ସୁନୀଲ କୁମାର ଦାସ, ଖଡିରତ୍ନ ବେହେରା, ପାର୍ଥସାରଥୀ ମିଶ୍ର, ସରୋଜ ଦଳପତ ଓ ମିଲୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ଯାତ୍ରା ଆକର୍ଷଣୀୟ କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା।

# ରକ୍ତଦାନ ଶିବିର: ୧୬୨ ୟୁନିଟ ରକ୍ତ ସଂଗୃହୀତ

ସମ୍ବଲପୁର,୩।୫ (ବି.ଶଙ୍କର/ପ୍ରମୋଦ ବହିଦାର)

ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ବିଭିନ୍ନ ଚିକିତ୍ସାଳୟର ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁରରେ ୨ଟି ସ୍ଥାନରେ ରବିବାର ରକ୍ତଦାନ ଶିବିରରେ ୧୬୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ସୁନ୍ଦର ସ୍ୱାସ୍ଥ୍ୟ ଗୁରୁ ତଥା ବିଶିଷ୍ଟ କ୍ରୀଡ଼ା ସଙ୍ଗଠକ ବିଶ୍ୱମ୍ଭର ବହିଦାରଙ୍କ ସ୍ମୃତିରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହାକୁ ସମ୍ବଲପୁର ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବତନ ପଶ୍ଚିମ ପ୍ରାନ୍ତ ସଂଘ ଚାଳକ ତଥା ବିପିନ ବିହାରୀ ନନ୍ଦ, ସମ୍ବଲପୁର ଜିଲା କେମିଷ୍ଟ ଡ୍ରଗିଷ୍ଟ ଆସୋସିଏଶନ୍ ସାଧାରଣ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ସମ୍ବଲପୁରୀ ଲୋକପ୍ରିୟ ଗାୟକ ଉମାକାନ୍ତ ବାରିକ, ଶିବ ଶଙ୍କର ନନ୍ଦ, ରତ୍ନାକର ଭୋଇ ଓ ରାଜାରାମ ପାଢୀ, ଭାଜପା ନେତା ସୁଧିର ବହିଦାର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସ୍ୱାଭିମାନ ସମ୍ବଲପୁର ସମ୍ପାଦକ ଶିଶିର ରଞ୍ଜନ ବହିଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶେୟାର ଲାଇଫ' ଏବଂ 'ସମ୍ବଲ' ପକ୍ଷରୁ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବୁର୍ଲା ରକ୍ତ ଭଣ୍ଡାର ପରିସରରେ ଆୟୋଜିତ ଏହି ସ୍ୱତନ୍ତ୍ର ରକ୍ତଦାନ ଶିବିରରେ ୬୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଅତିଥି ଭାବେ ରାମଦାସ ପଣ୍ଡା, ବିପିନ ବିହାରୀ ପଣ୍ଡା ଏବଂ ସୁବ୍ରତ ପଣ୍ଡା ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବୁର୍ଲା ରକ୍ତ ଭଣ୍ଡାରର ବୈଷୟିକ ଦଳର ସଦସ୍ୟ ଦେବାଶିଷ ମିଶ୍ର, କରୁଣାକର ସାହୁ ଏବଂ ଗଣେଶ ପ୍ରଧାନ ରକ୍ତ ସଂଗ୍ରହ ପ୍ରକ୍ରିୟା ପରିଚାଳନା କରିଥିଲେ। ଶିବିର ଆୟୋଜନରେ ନାରାୟଣ ପ୍ରଧାନ, ରୋହିତ ପ୍ରଧାନ, ଅନିଲ ପରିଡା, ଅନିଲ ବାରଲା ପ୍ରମୁଖ ସହଯୋଗ କରିଥିଲେ।

# ସଞ୍ଚାର ବାଦନ ସହ ବିଶିଷ୍ଟ ସଞ୍ଚାର କଳାକାରଙ୍କୁ ଶ୍ରଦ୍ଧାଞ୍ଜଳି


ମା' ସମଲେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ସଞ୍ଚାର ବାଦନ ଜରିଆରେ ବିଶିଷ୍ଟ କଳାକାରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ।

## ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସ୍ମୃତିସଭା

ସମ୍ବଲପୁର,୩।୫(ପ୍ରମୋଦ ବହିଦାର)

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ପଶ୍ଚିମ ଓଡ଼ିଶା ଲୋକ କଳାକାର ମହାସଂଘର ମିଳିତ ଆନୁକୂଲ୍ୟରେ ରବିବାର ମନ୍ଦିର ପ୍ରାଙ୍ଗଣରେ ବିଶିଷ୍ଟ ସଞ୍ଚାର କଳାକାର ଦୁଃଖନାଶନ ବେହେରାଙ୍କ ସ୍ମୃତିସଭାରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପ୍ରାରମ୍ଭରେ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ଦୀପ ପ୍ରଜ୍ୱଳନ କରି ସଭାର ଶୁଭାରମ୍ଭ କରି କଳା ପ୍ରତି ବେହେରାଙ୍କ ଅବଦାନର ସ୍ମୃତି ଚାରଣ କରିଥିଲେ। ଅନୁରୂପ ଭାବେ ବର୍ଷିଆନ କଳାକାର ଗୁରୁ ଅଲେଖ ସାହୁ, ଗୁରୁ ଫକିର ପ୍ରଧାନ ଓ ଗୁରୁ ଅଚ୍ୟୁତ ବେହେରା ପ୍ରମୁଖ ସଞ୍ଚାର ବାଦ୍ୟ ପରିବେଷଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭାରେ ପ୍ରଫୁଲ୍ଲ ହୋତା, ଡ. ସ୍ୱୟଂ ସୁନ୍ଦର ଧର, ଜଗଦାନନ୍ଦ ବେହେରା ଓ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ବେହେରାଙ୍କ ବ୍ୟକ୍ତିତ୍ୱ ଓ କଳା ନୈପୁଣ୍ୟ ଉପରେ ଆଲୋକପାତ କରିଥିଲେ। ଗୁରୁ ରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଟ୍ରଷ୍ଟ ବୋର୍ଡ ସଦସ୍ୟ ଦେବ କୁମାର ଅଜମେରୀଆ ଓ ସନ୍ତୋଷ ପୃସେଠ୍‌ଙ୍କ ସମେତ ବିଶିଷ୍ଟ ଅତିଥି ଭାବେ ହେମନ୍ତ କୁମାର ମହାପାତ୍ର, ଡ. ଦ୍ୱାରିକା ପ୍ରସାଦ ନାୟକ, ବ୍ରଜେନ୍ଦ୍ର ନାୟକ, ପ୍ରଫୁଲ୍ଲ ଦାଶ, ଅପର୍ଣ୍ଣା ପାଢ଼ୀ, ସୁଶୀଲ ଦାସ ଓ ଲଳିତ ମୋହନ ବେବର୍ତ୍ତାଙ୍କ ସମେତ ବେହେରାଙ୍କ ପରିବାର ସଦସ୍ୟ ମଧ୍ୟ ସାମିଲ ହୋଇଥିଲେ। ପଶ୍ଚିମ ଓଡ଼ିଶା ଲୋକ କଳାକାର ସଂଘର ସଦସ୍ୟ କୃଷ୍ଣଚନ୍ଦ୍ର ବାଗ, ରତନ ପୂଜାରୀ, ଡ. ମୋହିତ ସ୍ୱାଇଁ, ଦୀପାଳି ଚୌଧୁରୀ, ଦୁର୍ଗା ଦାଶ, ସପନ ମିଶ୍ର, ମହେଶ ପଟେଲ, ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର,୩।୫ (ବି.ଶଙ୍କର)

ସମ୍ବଲପୁର ସହର ବୁଢାରାଜାସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ପ୍ରଥମ ପ୍ରତିଷ୍ଠା ଦିବସ ଶନିବାର ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର କର୍ମଚାରୀମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାହକ ଏବଂ ସ୍ଥାନୀୟ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇଥିଲା।

ଏହି ଶିବିରରେ ୫୦ଜଣଙ୍କୁ ମାଗଣା ଡା. ପରାମର୍ଶ ସହ ନମୁନା ସଂଗ୍ରହ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୀବ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହିରଣ୍ମୟ ଦଳାଇ, ସ୍ୱରୂପ ସମ୍ପଦ ପୂଜାରୀ, ସୁଜିତ କୁମାର ପଣ୍ଡା, ପ୍ରଦ୍ୟୁମ୍ନ କୁମାର ପଣ୍ଡା ଏବଂ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବାମଣ୍ଡା ରାଜ୍ୟର ଇତିହାସ ଉପରେ ଗବେଷଣା ଆବଶ୍ୟକ

## ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଜୟନ୍ତୀ ସମାରୋହ

କୁଚିଣ୍ଡା,୩।୫ (ବିରଞ୍ଚି ଦର୍ଘା)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ ରବିବାର ରାଜ କବି ବିଜ୍ଞାନ ବିନୋଦ ତଥା ପୂର୍ବତନ ବାମଣ୍ଡା ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ୧୫୫ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡ଼େମୀ ସୌଜନ୍ୟରୁ ଦେବଗଡ଼ ନବନାଟ୍ୟ ନିକେତନ ଦ୍ୱାରା ହୋଇଥିବା ସାରସ୍ୱତ ସମାରୋହରେ ରାଜ ପରିବାର ଦାୟାଦ ସଞ୍ଜିବ ଗଙ୍ଗଦେବ ସ୍ୱତନ୍ତ୍ର ଅତିଥି, ପ୍ରାଧ୍ୟାପକ ଡ. ଭାରତ ଭୂଷଣ ନନ୍ଦ ମୁଖ୍ୟବକ୍ତା, ବରିଷ୍ଠ ଲେଖକ ନିରଞ୍ଜନ ଦ୍ୱିବେଦୀ, ବରିଷ୍ଠ କଳାକାର ସୁରଥ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ, ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ରାଜତ୍ୱ ସମୟରେ ବାମଣ୍ଡା ରାଜ୍ୟର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ସେ କେବଳ ରାଜା ନ ଥିଲେ ଜଣେ ଉଚ୍ଚ କୋଟୀର କବି ମଧ୍ୟ ଥିଲେ। ତେଣୁ ବାମଣ୍ଡା ରାଜ୍ୟ ଓ ରାଜାମାନଙ୍କ ଗୌରବମୟ ଇତିହାସ ଉପରେ ଗବେଷଣାର ଆବଶ୍ୟକତା ରହିଥିବା ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ହେମନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ କଳାକାର ତଥା ସାଂସ୍କୃତିକ ସଙ୍ଗଠକ ମଳୟ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କବୟିତ୍ରୀ ସୁସ୍ମିତା ପଟେଲଙ୍କ ସଂଯୋଜନାରେ ହୋଇଥିବା କବିତା ପାଠୋତ୍ସବରେ ପ୍ରେମ ସାଗର ଦେହେରିଆ, ବସନ୍ତ କୁମାର ଚୌଧୁରୀ, ରେଣୁକା ଶର୍ମା, ପଣ୍ଡିତ ଅଲେଖ ପତି, ପର୍ଶୁରାମ ମିଶ୍ର, ସୁଦର୍ଶନ ପାଣି, ରଜନୀ ପଟେଲ, ନିରଞ୍ଜନ ଦ୍ୱିବେଦୀ, ଗୌରହରି ଷଡ଼ଙ୍ଗୀ, ସୁସ୍ମିତା ପଟେଲ,କଲ୍ୟାଣୀ ପଟେଲ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏଥିରେ ବାମଣ୍ଡାଗଡ଼ ଗୌନ୍ତିଆ ନୃପଲାଲ ପଲେଇଙ୍କ ସମେତ ବରିଷ୍ଠ ନାଗରିକ ସଂଘ, କୁଚିଣ୍ଡା କଲେଜର ଛାତ୍ରୀଛାତ୍ର, ନବନାଟ୍ୟ ନିକେତନ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସାହିତ୍ୟିକ ଓ କଳାକାରମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରମାକାନ୍ତ ମହାକୁଳ, ବିକାଶ ମହାକୁଳ, ନରେନ୍ଦ୍ର ପଲେଇ, ସଞ୍ଜୟ ପାତ୍ର, ପ୍ରଶାନ୍ତ ଶର୍ମା, ସତ୍ୟନାରାୟଣ ପଟେଲ ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ସ୍ନେହସ୍ମିତା, ପ୍ରଜ୍ଞାନଙ୍କୁ ଟାଇଟଲ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୩।୫ (ତପନ ସ୍ୱାଇଁ)

## ରାଜ୍ୟ ୯ ବର୍ଷରୁ କମ୍ ଚେସ୍

ମାଷ୍ଟର ଚେସ୍ ଫାଉଣ୍ଡେଶନ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ବିଷ୍ଣୁ ଚରଣ ସେଠୀ ସ୍ମାରକୀ ରାଜ୍ୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍ ରବିବାର ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲରେ ଉଦ୍ଯାପିତ ହୋଇଛି। ଏହାର ବାଳିକା ବର୍ଗରେ କଟକର ସ୍ନେହସ୍ମିତା ରାମ (୭ ପଏଣ୍ଟ) ଏବଂ ବାଳକରେ ଖୋର୍ଦ୍ଧାର ପ୍ରଜ୍ଞାନ ମିଶ୍ର (୭.୫) ଚାମ୍ପିୟନ ହୋଇଛନ୍ତି। ବାଳିକା ବର୍ଗରେ ଦେବାଂଶୀ ସାହୁ (୭) ଓ ଏଲିନା ମିଶ୍ର (୬) ଏବଂ ବାଳକରେ ପ୍ରତ୍ୟୁଷ କୁମାର (୭) ଓ ରିୟାନ ଅଗ୍ରୱାଲ (୬.୫) ପରବର୍ତ୍ତୀ ୨ଟି ଲେଖାଏ ସ୍ଥାନ ଅଧିକାର କରିଛନ୍ତି। ମୁଖ୍ୟ ପୁରସ୍କାର ଏବଂ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ୨୦,୦୦୦ ଟଙ୍କା ଏବଂ ୪୪ଟି ଆକର୍ଷଣୀୟ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଛି। ଆସନ୍ତା ଜୁଲାଇ ୫ରୁ ୧୧ ପର୍ଯ୍ୟନ୍ତ ଝାଡ଼ଖଣ୍ଡରେ ହେବାକୁଥିବା ୩୯ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍ ପାଇଁ ରାଜ୍ୟ ପ୍ରତିଯୋଗିତାରୁ ଖେଳାଳି ଚୟନ ହୋଇଛନ୍ତି। ବାଳିକା ବର୍ଗରେ ସ୍ନେହସ୍ମିତା ରାମ ଓ ଖୋର୍ଦ୍ଧାର ଦେବାଂଶୀ ସାହୁ ଏବଂ ବାଳକ ବିଭାଗରେ ପ୍ରଜ୍ଞାନଙ୍କ ସମେତ ଖୋର୍ଦ୍ଧାର ପ୍ରତ୍ୟୁଷ କୁମାର, ଅର୍ପଣ ସାହୁ, ସୁନ୍ଦରଗଡ଼ର ରିୟାଂଶ ଅଗ୍ରୱାଲ ଏବଂ ଯାଜପୁରର ପ୍ରିୟଙ୍କ ଲେଙ୍କା ଏହି ତାଲିକାରେ ସାମିଲ ହୋଇଛନ୍ତି। ପୂର୍ବ ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ ହୋଇଥିବାରୁ ଓଡ଼ିଶାକୁ ଅତିରିକ୍ତଭାବେ ୩ ଜଣ ବାଳକ ଖେଳାଳିଙ୍କୁ ଏଣ୍ଟ୍ରି ସୁଯୋଗ ମିଳିଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ମାଷ୍ଟର ଚେସ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର କ୍ରୀଡ଼ା ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ନନ୍ଦ, କ୍ରୀଡ଼ା ଖବରଦାତା ଶକ୍ତି ପ୍ରସାଦ ନନ୍ଦ, ମୁଖ୍ୟ ଆର୍ବିଟର ସନ୍ତୋଷ ମହାପାତ୍ର, ଅନ୍ତର୍ଜାତୀୟ ଜୁରି (ୱାଇଓଜିଏ) ନିଖିଲ କୁମାର ଦଳେଇ, ଚେସ୍‌ଟର୍ଫ ଏକାଡେମୀର ନିର୍ଦ୍ଦେଶକ ସ୍ୱୟଂଶୁ ସତ୍ୟକାମ, ଏଓସିଏ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଆଜିଠୁ ରସୁଲଗଡ଼ ପ୍ରିମିୟର ଲିଗ୍

ଭୁବନେଶ୍ୱର, ୩।୫ (ତପନ ସ୍ୱାଇଁ)

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ରସୁଲଗଡ଼ ପ୍ରିମିୟର ଲିଗ୍ (ଆର୍‌ପିଏଲ୍)ର ୧୧ଶ ସଂସ୍କରଣ ସୋମବାର ଆରମ୍ଭ ହେବ। ଏଥିରେ ୪ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକ ହେଲେ ଗୋପୀନାଥ ଦେବ ଏକାଦଶ, ମା' ଦୁର୍ଗା ଏକାଦଶ, ମା' କୋଚିଲେଇ ଏକାଦଶ ଓ ବ୍ରହ୍ମେଶ୍ୱର ଏକାଦଶ। ୪ ଦଳର ଅଧିନାୟକ ତୋଫାନ ରାଉତ, କାଳନ୍ଦୀ ରାଉତ, ଦେବାଶିଷ ଜେନା ଓ ପ୍ରଶାନ୍ତ ଶ୍ରୀଚନ୍ଦନ ରାୟଙ୍କ ଉପସ୍ଥିତିରେ ଟ୍ରଫି ଉନ୍ମୋଚିତ ହୋଇଛି। ସମସ୍ତ ମ୍ୟାଚ ଜିଜିପି ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।




ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ୪ ଦଳର ଅଧିନାୟକ।

# ଧାମ୍‌ନେ ରନରଅପ୍

**ନୂଆଦିଲ୍ଲୀ, ୩।୫ (ପି.ଟି.):** ଭାରତର ସ୍ୱଳ୍ପ ବୟସ୍କ ପ୍ରତିଭା ମାନସ ଧାମ୍‌ନେ କାଜାଖସ୍ତାନର ଶିମ୍‌କେଣ୍ଟଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ରନର ଅପ୍ ହୋଇଛନ୍ତି। ଫାଇନାଲରେ ଏହି ୧୮ ବର୍ଷୀୟ ଖେଳାଳି ଲଢୁଆ ପ୍ରଦର୍ଶନ କରି ବେଲଜିୟମର ବୁଭାଇସର ଗଦାମୌରିଙ୍କଠାରୁ ୬-୭ (୮), ୪-୬ରେ ହାରିଯାଇଛନ୍ତି। ଏହି ମ୍ୟାଚ ଦୁଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା। ଧାମ୍‌ନେଙ୍କର ଏହାଥିଲା ପ୍ରଥମ ଏଟିପି ଚ୍ୟାଲେଞ୍ଜର ସିଙ୍ଗଲ୍ସ ଫାଇନାଲ। ଟାଇଟଲ ଜିତିପାରି ନ ଥିଲେ ମଧ୍ୟ ସେ ର୍ୟାଙ୍କିଙ୍ଗ ତାଲିକାର ଟପ୍ ୪୦୦ ମଧ୍ୟରେ ପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି। ନୂଆ ର୍ୟାଙ୍କିଙ୍ଗ ତାଲିକାରେ ତାଙ୍କୁ କ୍ୟାରିୟର ଶ୍ରେଷ୍ଠ ୩୮୪ ସ୍ଥାନ ମିଳିବ।

# ୟୁନିୟନକୁ ହରାଇ ପ୍ରଗତି ଚାମ୍ପିୟନ




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଚାମ୍ପିୟନ ପ୍ରଗତି ସ୍ପୋର୍ଟିଂ ଦଳର ଖେଳାଳିମାନେ।

ପୁରୀ, ୩।୫ (ଅଜିତ୍ କୁମାର ମହାନ୍ତି)

## ସର୍ବଭାରତୀୟ ନୀଳାଚଳ ଟ୍ରଫି ଉଦ୍‌ଯାପିତ

ପାୟୋନିୟର କ୍ଲବ ଆନୁକୂଲ୍ୟରେ ଜଗନ୍ନାଥ ଷ୍ଟାଡିୟମରେ ଜଗଦୀଶ ଚନ୍ଦ୍ର ରାଉତରାୟ ସ୍ମାରକୀ ସର୍ବଭାରତୀୟ ନୀଳାଚଳ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ କଟକର ୟୁନିୟନ ସ୍ପୋର୍ଟିଂକୁ ୮ ରନରେ ହରାଇ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପ୍ରଗତି ୩୦ ଓଭରରେ ୭ ଉଇକେଟ ହରାଇ ୧୫୭ ରନ କରିଥିଲା। ଦଳ ପକ୍ଷରୁ ରଘୁନାଥ ମଲ୍ଲ ସର୍ବାଧିକ ୭୫ ଓ ମିଳନ ସାମଲ ୨୭ ରନ କରିଥିଲେ। ବିପକ୍ଷ ଦଳର ରିତେଶ ପ୍ରିୟରଞ୍ଜନ ଓ ଉଦୟ ଜଟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ୟୁନିୟନ ସ୍ପୋର୍ଟିଂ ପୂରା ୩୦ ଓଭର ଖେଳିଥିଲେ ମଧ୍ୟ ୯ ଉଇକେଟ ହରାଇ ୧୪୯ ରନ କରିବାକୁ ସକ୍ଷମ ହୋଇଥିଲା। ଉଦୟ ଜଟ ସର୍ବାଧିକ ୫୮ ଓ ଶୁଭମ ନାଏକ ୨୯ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ମିଳନ ସାମଲ ଓ ରଘୁନାଥ ମଲ୍ଲ ୩ଟି ଲେଖାଏ ଏବଂ ଆୟୁଷ କୁମାର ବାରିକ ୨ଟି ଉଇକେଟ ନେଇଥିଲେ। ରଘୁନାଥ ମଲ୍ଲ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ଉଦୟ ଜଟ ଇମ୍ପାକ୍ଟ ପ୍ଲେୟର ବିବେଚିତ ହୋଇଥିଲେ। ଲକି ଡ୍ର'ରେ ମାନସ ଦାସ ଏମ୍ଆଇ ମୋବାଇଲ ଫୋନ୍ ବିଜେତା ହୋଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧ ଲକ୍ଷ ଏବଂ ରନରଅପ୍ ଦଳକୁ ୭୦ ହଜାର ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ୟୁନିୟନ ସ୍ପୋର୍ଟିଂର ଦେବୀ ପ୍ରସାଦ ମହାପାତ୍ର ପ୍ଲେୟର ଅଫ୍ ଦି ସିରିଜ, ସୁଜିତ ଲେଙ୍କା ଶ୍ରେଷ୍ଠ ଫିଲ୍ଡର, ପ୍ରଗତିର ମିଳନ ସାମଲ ଶ୍ରେଷ୍ଠ ବୋଲର, ରଘୁନାଥ ମଲ୍ଲ ଶ୍ରେଷ୍ଠ ବ୍ୟାଟର ପୁରସ୍କାର ପାଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ସିଇଓ ସୁବ୍ରତ ବେହେରା, ଦେବଦତ୍ତ ମହାପାତ୍ର, ପୁରୀ ଆଥ୍ଲେଟିକ ଆସୋସିଏଶନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ୱଣ୍ଡର ୱାର୍ଲ୍ଡର ଏମ୍‌ଡି ନିରଞ୍ଜନ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ନୀଳାଚଳ ଟ୍ରଫିର ଅଭ୍ୟର୍ଥନା କମିଟି ଚେୟାରମ୍ୟାନ ରାଜେଶ କୁମାର ମିଶ୍ର, ସଭାପତି ମାଧବ ଚନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ହରେଶ କୁମାର ମିଶ୍ର ଏବଂ ଆୟୋଜକ ପାୟୋନିୟର କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଇଷ୍ଟବେଙ୍ଗଲ ଛାଡ଼ିବେ ମୁଖ୍ୟ କୋଚ୍ ବ୍ରୁଜନ

କୋଲକାତା, ୩।୫ (ପି.ଟି.)

ସ୍ପେନର ଓସ୍କାର ବ୍ରୁଜନ ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଶେଷରେ ଇଷ୍ଟବେଙ୍ଗଲ ମୁଖ୍ୟକୋଚ୍ ପଦ ଛାଡ଼ିବେ। କ୍ଲବର ଭବିଷ୍ୟତକୁ ନେଇ ଦୀର୍ଘ ମିଆଦୀ ଯୋଜନାର ସ୍ପଷ୍ଟତା ନ ଥିବାରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଇଷ୍ଟବେଙ୍ଗଲ ସହିତ ସେ ମେ ମାସ ୩୧ ପର୍ଯ୍ୟନ୍ତ ରହିବେ। ଆସନ୍ତା ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷ ମ୍ୟାଚ ପୂର୍ବରୁ ବ୍ରୁଜନ ଏକଥା କହିଛନ୍ତି। ସେ କହିଛନ୍ତି, ଚଳିତ ଆଇଏସ୍ଏଲ୍ ଅଭିଯାନରେ ଆମର ଆଉ ୪ଟି ମ୍ୟାଚ ବାକି ରହିଛି। ଇଷ୍ଟବେଙ୍ଗଲ କୋଚ୍ ଭାବେ ମେ ୩୧ ହେଉଛି ମୋ ପାଇଁ ଅନ୍ତିମ ଦିବସ। ଇଷ୍ଟବେଙ୍ଗଲ ଅନ୍ୟତମ ଟାଇଟଲ ଦାବିଦାର ହୋଇଥିଲେ ମଧ୍ୟ ତାଙ୍କୁ ଏହି ନିଷ୍ପତ୍ତି ନେବାକୁ ହୋଇଛି। ବ୍ରୁଜୋନ କହିଛନ୍ତି ମୁଖ୍ୟ କୋଚ୍ ପଦ ଛାଡ଼ିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ବ୍ୟକ୍ତିଗତ।

## ରାଜ୍ୟ ଖବର

# ଏବେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହେବନାହିଁ: ମନମୋହନ

ଭୁବନେଶ୍ୱର,୩।୫(ରବିନାରାୟଣ ଜେନା)

ରାଜ୍ୟରେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ଓ ଅଦଳବଦଳକୁ ନେଇ ଯେଉଁ କେତେକ ଗଣମାଧ୍ୟମ ବିଭ୍ରାନ୍ତକର ଏବଂ କପୋଳକଳ୍ପିତ ଖବର ପ୍ରସାରଣ କରିଛନ୍ତି ତାହା ସମ୍ପୂର୍ଣ୍ଣ ଅମୂଳକ ଏବଂ ଆଧାରହୀନ ବୋଲି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି। ସାମଲ କହିଛନ୍ତି, ମନ୍ତ୍ରିମଣ୍ଡଳ ସଂପ୍ରସାରଣ ସହିତ ଅନ୍ୟ ସମସ୍ତ ଆବଶ୍ୟକ ନିଷ୍ପତ୍ତି ଠିକ୍ ସମୟରେ ନିଆଯିବ। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଭାଜପା ସରକାରର ୨ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ସଂକଳ୍ପ ପତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତି ମଧ୍ୟରୁ ଅଧିକାଂଶ ପୂରଣ ହୋଇସାରିଛି। ଇତିମଧ୍ୟରେ ଦଳର ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ବିଭିନ୍ନ ମୋର୍ଚ୍ଚା ପଦାଧିକାରୀଙ୍କ ନାମ ତାଲିକା ଘୋଷଣା ସରିଛି । ଖୁବ୍‌ଶୀଘ୍ର ଖାଲି ରହିଥିବା ଦଳୀୟ ପଦପଦବୀର ଅନ୍ୟ ନାମ ତାଲିକା ଘୋଷଣା କରାଯିବ ।

## ସରକାରଙ୍କୁ କଂଗ୍ରେସର ଟାର୍ଗେଟ

# ଓଡ଼ିଶା କେତେ ଲଜ୍ଜିତ ହେଲେ ନିଦ ଭାଙ୍ଗିବ

ଭୁବନେଶ୍ୱର,୩।୫ (ରବିନାରାୟଣ ଜେନା)

ପୁରୀ କଣାସରେ ଯେଉଁ ଅମାନବୀୟ ଘଟଣା ଘଟିଛି ତାହା ଅତ୍ୟନ୍ତ ହୃଦୟବିଦାରକ ବୋଲି କଂଗ୍ରେସ କହିଛି। କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ଜୟଶ୍ରୀ ପାତ୍ର ସରକାରଙ୍କୁ ଏନେଇ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ପୋଲିସ ଓ ଜିଲା ପ୍ରଶାସନ ଶାସକ ଦଳ ପାଖରେ ବନ୍ଧା ପଡ଼ିବା ସହ ଗୃହ ବିଭାଗ ଅଚଳ ଅକାମୀ ଅବସ୍ଥାରେ ରହିଛି। ନୈତିକତା ଦୃଷ୍ଟିରୁ ରାଜ୍ୟ ଗୃହମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

ସେ କହିଛନ୍ତି, ଦିନଦ୍ୱିପ୍ରହରରେ ବାଲି ମାଫିଆମାନେ ରାଜରାସ୍ତାରେ ଗାଡ଼ି ଚଢ଼ାଇ ଯୁବକଙ୍କୁ ମାରୁଛନ୍ତି। ପୋଲିସ ପ୍ରଶାସନ ନିଦାବିଷ୍ଟ ସାଜିଛି। ଏହାଠାରୁ ଅମାନବୀୟ ଘଟଣା କ'ଣ ଥାଇପାରେ। ସତ୍ୟବାଦୀ ବିଧାୟକ ଓ ପୁରୀ ସାଂସଦ ନିଜ ଅଞ୍ଚଳରେ ଘର ବୁଡ଼ି ପାଣି ଆଣ୍ଠୁଏ ହେଲେ ବି ସେମାନଙ୍କ ଚେତା ପଶୁନାହିଁ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର ପୁରୀ ମାଟି ହୋଇଥିଲେ ମଧ୍ୟ ନିଜ ଅଞ୍ଚଳରେ ସାଧାରଣ ଜନତା ଅସୁରକ୍ଷିତକୁ ନେଇ ନୀରବଦ୍ରଷ୍ଟା ସାଜିଛନ୍ତି। ଓଡ଼ିଶା ଆଉ କେତେ ଲଜ୍ଜିତ ହେଲେ ସରକାର ଚେତିବେ। ଦୋଷୀଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅପରାଧ ରୋକିବା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ ସହ ସରକାର କଠୋର ଆଇନ ଆଣନ୍ତୁ ବୋଲି ପାତ୍ର କହିଛନ୍ତି। ମହିଳା କଂଗ୍ରେସ ମିଡିଆ ଅଧ୍ୟକ୍ଷ ଜୟସ୍ମିତା ମହାନ୍ତି ରାଜ୍ୟରେ ମହିଳା ଅସୁରକ୍ଷିତ ନେଇ ତୀବ୍ର ଭର୍ତ୍ସନା କରିଛନ୍ତି।

# ବିଜେଡିରୁ ଶୁଭେନ୍ଦୁ ସାମଲ ନିଲମ୍ବିତ

ଭୁବନେଶ୍ୱର,୩।୫ (ରବିନାରାୟଣ ଜେନା)

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ରବିବାର ଚୌଦ୍ୱାର ମ୍ୟୁନିସପାଲିଟି ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଶୁଭେନ୍ଦୁଙ୍କୁ ନିଲମ୍ବନ କରାଯାଇଛି ବୋଲି ବିଜେଡି ଉପସଭାପତି(ମୁଖ୍ୟାଳୟ) ପ୍ରତାପ ଜେନା ଦଳୀୟ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି।

# ଐରଖାରବେଳ ସ୍ୱାଇଁଙ୍କ ଉପରୁ ଉଠିଲା ନିଲମ୍ବନ

ଭୁବନେଶ୍ୱର,୩।୫ (ରବିନାରାୟଣ ଜେନା)

ଦଳୀୟ ଶୃଙ୍ଖଳା ଭଙ୍ଗ କାରଣରୁ ଭାଜପାରୁ ନିଲମ୍ବିତ ହୋଇଥିବା ବରିଷ୍ଠ ନେତା ଐରଖାରବେଳ ସ୍ୱାଇଁଙ୍କ ଉପରୁ ରବିବାର ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି ବୋଲି ରାଜ୍ୟ ଶୃଙ୍ଖଳା କମିଟିର ଆବାହାକ ସୁଦର୍ଶନ ନାୟକ ସୂଚନା ଦେଇଛନ୍ତି। ସେହିପରି ଦଳୀୟ ଶୃଙ୍ଖଳା ଭଙ୍ଗ କାରଣରୁ ନୂଆପଡା ଜିଲାର ୪ ଜଣ କାର୍ଯ୍ୟକର୍ତ୍ତାଙ୍କୁ ଦଳରୁ ନିଲମ୍ବନ

## ନୂଆପଡ଼ା ଭାଜପାରୁ ୪ ନିଲମ୍ବନ

କରାଯାଇଛି। ସେମାନଙ୍କ ମଧ୍ୟରେ ନୂଆପଡା ଜିଲା ଅନ୍ତର୍ଗତ ଭାଲୁକୋନାର ବୀରବଳ ସାହୁ, ଦଲେଦାର ଦୟାଲାଲ ସାହୁ, ହାତୀସରାର ଶଙ୍କର ଲାଲ ଅହୀର ଏବଂ ବେଲଟୁକ୍ରିର ସନ୍ତୋଷ ଚନ୍ଦ୍ରକାର ପ୍ରମୁଖ ରହିଛନ୍ତି। ଏହି ୪ଜଣଙ୍କୁ ଦଳରୁ ନିଲମ୍ବନ କରାଗଲା ବୋଲି ଶୃଙ୍ଖଳା କମିଟି ରାଜ୍ୟ ଆବାହକ ସୂଚନା ଦେଇଛନ୍ତି ।

## ଅବଶିଷ୍ଟାଂଶ

### ବିଲ୍ଡିଂରେ ନିଆଁ...

୨୫ ବର୍ଷର ପୁଅଙ୍କ ମୃତଦେହ ମିଳିଛି। ପ୍ରଥମ ମହଲାରେ ଶିଖା ଜୈନ (୪୫) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ନବୀନ ଜୈନ ଆହତ ହୋଇଛନ୍ତି। ବିଲ୍ଡିଂରୁ ୧୦ରୁ ୧୫ ଜଣଙ୍କୁ ଉଦ୍ଧାର କରାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଫିସର କହିଛନ୍ତି। ଆହତ ହୋଇଥିବା ୨ ଜଣଙ୍କୁ ଗୁରୁ ତେଗ୍‌ବାହାଦୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିଲ୍ଡିଂର ବ୍ୟାପକ ଅଞ୍ଚଳକୁ ନିଆଁ ବ୍ୟାପିଯିବା ସହ ପ୍ରବଳ ଧୂଆଁ ଯୋଗୁ ଉକ୍ତ ଅଞ୍ଚଳରେ ଦୃଶ୍ୟମାନତା ହ୍ରାସ ପାଇଥିଲା। ବିଲ୍ଡିଂରେ ଫସିଥିବା ଲୋକମାନଙ୍କ ଚିତ୍କାର ଦୀର୍ଘ ସମୟ ପର୍ଯ୍ୟନ୍ତ ଶୁଣାଯାଉଥିଲା ବୋଲି ଅଗ୍ନିଶମ କର୍ମଚାରୀମାନେ କହିଛନ୍ତି।

### ୧୦୦ କୋଟିର...

ୟୁନିଟ୍‌ନେଇ ସିଲେରୁ ଅଞ୍ଚଳ ଅଭିମୁଖେ ଯାଉଥିବା ଏକ ଗାଡ଼ିକୁ ଜବତ କରିଥିଲେ। ମାଲକାନଗିରି ଏସ୍‌ପି ଏହି ଅପରେଶନର ତଦାରଖ କରିଥିଲେ। ଚଢ଼ାଉରେ ହାସିସ୍ ତଥା ଗଞ୍ଜେଇ ତେଲ ଉତ୍ପାଦନ ପାଇଁ ବ୍ୟବହୃତ ପ୍ରାୟ ୮ଶହ ଲିଟର ରାସାୟନିକ ପଦାର୍ଥ ଓ ଦ୍ରାବକ ଜବତ କରାଯାଇଛି। ପୋଲିସକୁ ଦେଖି ଗାଡ଼ି ଚାଳକ ଜଙ୍ଗଲ ଆଡ଼କୁ ଫେରାର ହୋଇଯାଇଥିଲେ। ଜବତ ଗାଡ଼ିରେ ଭୁଲ ନମ୍ବର ପ୍ଲେଟ ବ୍ୟବହାର କରାଯାଇଥିବା ଜଣାପଡ଼ିଛି। ଏହି ତେଲ ପ୍ରକ୍ରିୟାକରଣ ୟୁନିଟ୍‌କୁ ଚିତ୍ରକୋଣ୍ଡା ଅଞ୍ଚଳରେ କାର୍ଯ୍ୟକ୍ଷମ କରିବାକୁ ନିଆଯାଉଥିବା ସୂଚନା ମିଳିଛି। ପୋଲିସ ଏ ନେଇ ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ମାଲକାନଗିରି ଜିଲା ପୋଲିସ ପକ୍ଷରୁ ପୂର୍ବରୁ ମଧ୍ୟ କୋଟି କୋଟି ଟଙ୍କାର ଗଞ୍ଜେଇ ତେଲ ଜବତ ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

# ସୂର୍ଯ୍ୟଙ୍କର ପ୍ରତିନିଧି ଭାବେ କୋଣାର୍କଠାରେ 'ଚକ୍ର'ଙ୍କୁ ଉପାସନା କରାଯାଉଥିଲା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଆମେ ଗତ ସଂଖ୍ୟାରେ ସୂର୍ଯ୍ୟ ଉପାସନାର ରହସ୍ୟ ସାଧାରଣ ଭାବରେ ଆଲୋଚନା କରିଥିଲୁ। ସୂର୍ଯ୍ୟଙ୍କୁ ନେଇ ଆମର ମହାନ୍ ଜ୍ୟୋତିଷଶାସ୍ତ୍ର ଆଜି ବିଶ୍ୱବିଦିତ। ଜ୍ୟୋତିଷଶାସ୍ତ୍ର କ'ଣ? ଚୁମ୍ବକରେ କହିଲେ ମଣିଷମାନଙ୍କ ପାଇଁ ବଞ୍ଚିବାର ନକ୍ସା। ବଞ୍ଚିଲେ ସିନା ଜୀବନକୁ ଜୀବନ୍ତ କରିବେ? ଏହାର ଅପର ପାର୍ଶ୍ୱ ଅଛି। ସୂର୍ଯ୍ୟଙ୍କୁ ନେଇ ଆମର ଚିକିତ୍ସାଶାସ୍ତ୍ର ବିକାଶ କରିଛି। ସୂର୍ଯ୍ୟଙ୍କ କିରଣ ହିଁ ବ୍ୟାଧିକୁ ଉପଶମ କରିଥାଏ। ଯେତେ ଔଷଧୀୟ ଦ୍ରବ୍ୟ ସେ ସବୁ ସୂର୍ଯ୍ୟଙ୍କର ଅବଦାନ। ସେଥି ସକାଶେ ଆୟୁର୍ବେଦର ମୂଳସୂତ୍ର ହେଉଛି ସୂର୍ଯ୍ୟଙ୍କ ସହିତ ତାଳମେଳ ରକ୍ଷା କରିବା। ଆଉ ସେଥିପାଇଁ ମହର୍ଷି ଘୋଷଣା କରିଥିଲେ- ସୂର୍ଯ୍ୟ ହିଁ ସ୍ୱାସ୍ଥ୍ୟର ସମ୍ପଦ।

ଷ୍ଟର୍ଲିଂ ଏ ଗହନ ରହସ୍ୟରେ ପଶି ନ ଥିଲେ। ସେ (ଓରିଶା- ପୃ- ୪୮, ବାପିଷ୍ଟ ମିଶନ ସଂସ୍କରଣ) ଲେଖିଥିଲେ- ଓଡ଼ିଆ ଚରିତ୍ର ଅତି ଜଘନ୍ୟ ଭାବରେ ବର୍ଣ୍ଣନା କରି, ତା'ର ସମର୍ଥନ ପାଇଁ ମନ୍ଦିରରେ ଅଶ୍ଳୀଳ ମୂର୍ତ୍ତି ସ୍ଥାନିତ କରିଥିଲେ। ବିଶେଷ ଭାବରେ ଶ୍ରୀପଦ୍ମକେଶର ମନ୍ଦିରକୁ ସେ ଇଙ୍ଗିତ କରିଥିଲେ। ଲିଙ୍ଗ ପୂଜା/ଦୁର୍ଗା ପୂଜା ଓଡ଼ିଆଙ୍କ ନୈତିକ ଅଧୋଗତି ଦେଖାଉଅଛି। କୁଆଡୁ ସେ କେମିତି ଓ କ'ଣ ବୁଝିଲେ, ମା' ଗଙ୍ଗେଇ ଜାଣନ୍ତି। ସେମିତି ଶ୍ରୀସୂର୍ଯ୍ୟ ଉପାସନାର ସାମାଜିକ ଓ ଦାର୍ଶନିକ ରହସ୍ୟ ବୁଝି ନ ଥିବା ଲେଖକ ସାର୍ ଷ୍ଟ୍ରିନଶ୍ୟାମ ମାଷ୍ଟର ୧୬୭୫ ମସିହାରେ ଲେଖିଥିଲେ 'ବ୍ଲାକ୍ ପାଗୋଡ଼ା'। ତାକୁ କେହି କେହି ଅର୍ଥ କଲେ 'କୃଷ୍ଣ ମନ୍ଦିର'। 'ଭାରତ ଉପକୂଳରେ ଯାତ୍ରା' ପୁସ୍ତକରେ ଏସବୁ କଳ୍ପନା ଲେଖାଯାଇଛି। ଫରାସୀମାନେ ମାନଚିତ୍ରରେ ଚିହ୍ନିତ କଲେ 'ପାଗୋଡ଼ା ନୟର'। ଡନ୍ ତାଙ୍କ ଭ୍ରମଣ ବୃତ୍ତାନ୍ତରେ ୧୭୮୦ ମସିହାରେ ଲେଖିଥିଲେ ଜଗ୍ରେନାଥ ମନ୍ଦିରର ଚାରି ଲିଗ୍ (୧୨ ମାଇଲ) ଉତ୍ତର-ପୂର୍ବରେ କୃଷ୍ଣ ମନ୍ଦିର ଅବସ୍ଥିତ।

ସୌଭାଗ୍ୟର କଥା ପରବର୍ତ୍ତୀ ଲେଖକମାନେ ଏହାକୁ 'ଶ୍ରୀକୃଷ୍ଣଙ୍କ ମନ୍ଦିର' ବୋଲି ପ୍ରଚାର କରି ନାହାଁନ୍ତି। ଓଡ଼ିଶାର ନିଜ ମନ ମୁତାବକ ଇତିହାସ ପ୍ରସ୍ତୁତ କରିବାକୁ ଚେଷ୍ଟା ଯେ ନ ହୋଇଛି ତାହା ନୁହେଁ, ନ ହେଲେ ବିଷନ ସ୍ୱରୂପ ଲେଖିଥାନ୍ତେ- କୋଣାର୍କଠାରେ ପ୍ରଥମେ ଶୈବ ମନ୍ଦିର ଥିଲା, ସୂର୍ଯ୍ୟ ମନ୍ଦିର ନୁହେଁ। ଶ୍ରୀସୂର୍ଯ୍ୟଙ୍କର କୋଣାର୍କଠାରେ ହେଉଥିବା ପ୍ରସିଦ୍ଧ ରଥଯାତ୍ରାକୁ ସେ ବୌଦ୍ଧ ଅନୁକରଣ ବୋଲି ଲେଖିଛନ୍ତି। ସେ ମୋଟେ ଜାଣି ନାହାନ୍ତି ଯେ ଶ୍ରୀସୂର୍ଯ୍ୟଙ୍କର ଅର୍କ କ୍ଷେତ୍ରରେ ଦ୍ୱାଦଶଯାତ୍ରା ପ୍ରସିଦ୍ଧ ଥିଲା ବୋଲି। ଅର୍କକ୍ଷେତ୍ରର ଦ୍ୱାଦଶଯାତ୍ରା ମଧ୍ୟରୁ ଆମେ ୯ଟି ଯାତ୍ରାର ସବିଶେଷ ବିଧିବିଧାନ ପାଇଛୁ। ବିରାଟ ମହାଭାସ୍କର ବିଗ୍ରହ ଦେଉଳ ଭିତରେ ପୂଜା ପାଉଥିଲେ। ବାହାର ବିଜେ ସମ୍ଭାବନା ନ ଥିଲା। ସେଥିପାଇଁ ଯାନିଯାତ୍ରାରେ ଉତ୍ସବ ବିଗ୍ରହ ବା ବିଜେ ବିଗ୍ରହ ବାହାରକୁ ଆସନ୍ତି। ଆଶ୍ଚର୍ଯ୍ୟର କଥା, ପ୍ରତିଦିନ କିଛି ନା କିଛି ଉତ୍ସବ ହେଉଥିଲା। ତେଣୁ ଶ୍ରୀସୂର୍ଯ୍ୟଙ୍କର ଏକ ଛୋଟ ବିଗ୍ରହଙ୍କୁ ବ୍ୟବହାର କରାଯାଉଥିଲା।



ଶ୍ରୀସୂର୍ଯ୍ୟଙ୍କର ପ୍ରତିନିଧି ପବିତ୍ର ଚକ୍ର, ଯାହା ଆଜି କୋଣାର୍କ ଚକ୍ର ଭାବେ ବିଶ୍ୱପ୍ରସିଦ୍ଧ।

ଐତିହ୍ୟର ଓଡ଼ିଶା

ପ୍ରତିଦିନ ଉତ୍ସବ କହିଲେ ବୁଝିବା ସହଜ ହେବ ନାହିଁ, ତେଣୁ ପ୍ରକାଶଯୋଗ୍ୟ ଯେ, ପ୍ରତିଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ସାନ ବିଗ୍ରହଙ୍କୁ ନାଟ ମନ୍ଦିରର କେନ୍ଦ୍ରସ୍ଥଳକୁ ନିଆଯାଏ। ପ୍ରଥମ ସୂର୍ଯ୍ୟକିରଣ ଏହି ବିଗ୍ରହଙ୍କ ଉପରେ ପଡ଼େ। ପୂର୍ବରୁ ଲେଖିଥିଲୁ ପ୍ରତିଷ୍ଠା ପରେ ସୂର୍ଯ୍ୟକିରଣ ବିଗ୍ରହଙ୍କୁ ଛୁଉଁଚି କି ନାହିଁ, ସମସ୍ତେ ଅପେକ୍ଷା କରିଥିଲେ। ତାହା ନାଟ ମନ୍ଦିରରେ ବିଜେ ହୋଇଥିବା ସାନ ବିଗ୍ରହଙ୍କ ଉପରେ ପଡ଼ିଥିଲା। ଏଇଠି ପଞ୍ଚୋପଚାରରେ ପୂଜା ହେବା ପରେ ଆଳତି ବଢ଼େ। ପୁଣି ନାଟ ମନ୍ଦିରରୁ ମୁଖ୍ୟ ମନ୍ଦିରକୁ ବିଜେ କରନ୍ତି। ତା' ପରେ ଶ୍ରୀମହାଭାସ୍କରଙ୍କ ନୀତି ଆରମ୍ଭ ହୁଏ।

ଏଠାରେ ଗୋଟିଏ ସ୍ୱତନ୍ତ୍ର ଉତ୍ସବ ପ୍ରତିଦିନ ହେଉଥିଲା, ବେଢ଼ା ନାରାୟଣଙ୍କୁ ମାଧବମଣ୍ଡପକୁ ନିଆଯାଏ। ସେଠାରେ କେତେକ ନୀତି ହେବା ପରେ ସକାଳ ଭୋଗ ୧୬ ଉପଚାରରେ ସକାଳ ୯ଟାରୁ ୧୦ଟା ମଧ୍ୟରେ ସମ୍ପନ୍ନ ହୁଏ। ସକାଳ ଭୋଗ ପରେ ମୁଖ୍ୟ ପୂଜାପଣ୍ଡା ମନ୍ଦିରର ଗର୍ଭଗୃହରୁ ବାହାରି ଆସନ୍ତି। ଆରମ୍ଭ ହୁଏ ବାହାରବେଢ଼ା ପାର୍ଶ୍ୱ ଦେବତାଙ୍କ ନୀତି। ଏହାପରେ ମିତ୍ର, ବୈବସ୍ୱତ ଓ ହରିଦାଶ୍ୱଙ୍କ ନୀତି ବଢ଼େ। ଏମାନେ ନିଶାମନ୍ଦିରରେ ବିଜେ କରିଥିଲେ। ଏହାପରେ ଅରୁଣସ୍ତମ୍ଭରେ ବିଜେ କରିଥିବା ଶ୍ରୀଅରୁଣଙ୍କ ଅର୍ଚ୍ଚନା କରାଯାଉଥିଲା।

ଶ୍ରୀମନ୍ଦିରରେ ଶ୍ରୀସୁଦର୍ଶନ ହେଉଛନ୍ତି ମହାପ୍ରଭୁଙ୍କର ପ୍ରତିନିଧି। ଶ୍ରୀପଦ୍ମକେଶର ମନ୍ଦିରରେ ଦୁଇଟି ଚକ୍ର (ଚକା) ହେଉଛନ୍ତି ପ୍ରତିନିଧି। ତାହାଙ୍କୁ ଅର୍ଚ୍ଚନା କରାଯାଉଥିଲା। ଏଠାରେ ଏକ ଅଭିନବ ଆଳତି ବିଧି ପ୍ରଚଳିତ ଥିଲା। ସନାତନ ପରମ୍ପରାରେ ଯେପରି ପାହାଡ଼, ପର୍ବତ, ନଦୀ ଓ ମହୋଦଧିଙ୍କୁ ଆଳତି କରାଯାଏ, ପଞ୍ଚୋପଚାରରେ 'ସମୟ' ବା 'କାଳ'କୁ ପୂଜା କରାଯାଇ ଆଳତି କରାଯାଏ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିର୍ବାଚନ ଫଳାଫଳ, ହର୍ମୁଜ ସ୍ଥିତି ଉପରେ ନିବେଶକଙ୍କ ନଜର

**ନୂଆଦିଲ୍ଲୀ, ୩ା୫**

ସୋମବାର ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଏବଂ ପଣ୍ଡିଚେରୀ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବ। ଏହାକୁ ନେଇ ସବୁ ମହଲରେ ଉତ୍କଣ୍ଠା ଲାଗି ରହିଥିବାବେଳେ ନିର୍ବାଚନ ଫଳାଫଳ ଭାରତୀୟ ଶେୟାର ବଜାର ଉପରେ ମଧ୍ୟ ପ୍ରଭାବ ପକାଇବ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ କହିଛନ୍ତି। ବିଶେଷକରି ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ କେରଳମ୍‌ରେ ଶାସକ ଭାଜପା ଦଳକୁ କିଭଳି ସମର୍ଥନ ମିଳୁଛି ତାହାକୁ ଦେଖି ନିବେଶକମାନେ ପୁଞ୍ଜି ଲଗାଣ କ୍ଷେତ୍ରରେ ନିଜ ଆଭିମୁଖ୍ୟ ରଖିବେ ବୋଲି ସେମାନେ କହିଛନ୍ତି। ପଶ୍ଚିମବଙ୍ଗକୁ ନେଇ ଶାସକ ଭାଜପା ଏବଂ ଟିଏମ୍‌ସି ମଧ୍ୟରେ କଡ଼ା ଟକ୍କର ଦେଖାଯାଇଥିଲାବେଳେ ଶାସକ ଦଳ ବିଜୟୀ ହେଲେ ନିବେଶକ ମହଲକୁ ଉତ୍ସାହିତ କରିପାରେ ବୋଲି କୁହାଯାଉଛି। ସେହିପରି ତାମିଲନାଡୁ ଏବଂ କେରଳମ୍‌ରେ ଭାଜପା ବିଜୟୀ ନ ହେଲେ ମଧ୍ୟ ଏହାର ଭୋଟ୍ ବ୍ୟବଧାନରେ ଉନ୍ନତି ଶେୟାର ବଜାର ଉପରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବ ବୋଲି ଆକଳନ କରାଯାଉଛି। କେବଳ ନିର୍ବାଚନ ଫଳାଫଳ ନୁହେଁ, ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ହର୍ମୁଜ୍ ପ୍ରଣାଳୀ ସ୍ଥିତି ମଧ୍ୟ ଜାତୀୟ ଏବଂ ଅନ୍ତର୍ଜାତୀୟ ଶେୟାର ବଜାର ପାଇଁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ହର୍ମୁଜ୍ ପ୍ରଣାଳୀ ଦେଇ ତୈଳ ପରିବହନକୁ ନେଇ ଛକାପଞ୍ଝା ଲାଗି ରହିଥିଲାବେଳେ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ଅସ୍ଥିର ହେବାରେ ଲାଗିଛି। ତେବେ ଆସନ୍ତା ସପ୍ତାହର ପ୍ରଥମ ଦିନ ଭାବେ ସୋମବାର ଶେୟାର ବଜାର ଆରମ୍ଭ ହେବା ସହ ଆନ୍ତଃବ୍ୟାଙ୍କିଙ୍ଗ କାରବାର ଆରମ୍ଭ ହେଲେ ଏହି ଦୁଇଟି ବିଷୟ ପୁଞ୍ଜି ବଜାର ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି କୁହାଯାଉଛି।





ଗତ ସପ୍ତାହରେ ମାତ୍ର ୪ ଦିନ ଶେୟାର ବଜାର ଖୋଲା ରହିଥିଲା। ମେ'୧ ଶ୍ରମିକ ଦିବସ ସମେତ ଶନିବାର ଏବଂ ରବିବାର ଛୁଟି ଯୋଗୁ ଶେୟାର କାରବାର ହୋଇନଥିଲା। କିନ୍ତୁ ସୋମବାର ଶେୟାର ବଜାର ଖୋଲିବାକୁ ଯାଉଥିବାବେଳେ ନିବେଶକ ଉପରୋକ୍ତ ଦୁଇଟି ଦିଗକୁ ଧ୍ୟାନ ଦେଇ ନିବେଶ ପାଇଁ ନିଷ୍ପତ୍ତି ନେଇପାରନ୍ତି ବୋଲି କୁହାଯାଇଛି।



ବିଏସ୍‌ଇ ସେନ୍‌ସେକ୍ସ
୭୭,୪୯୬ (+୬୦୯)



୧ ଡଲାର = ୯୪.୯୧ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୦୬.୦୦ ଡଲାର

# ପେଟ୍ରୋଲ ଚାହିଦାରେ ୬% ବୃଦ୍ଧି, ଏଲ୍‌ପିଜି ୧୬% ହ୍ରାସ

**ନୂଆଦିଲ୍ଲୀ, ୩ା୫**

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବକୁ ନେଇ ଏବେ ଭାରତୀୟ ବଜାରରେ ଇନ୍ଧନ ଚାହିଦାରେ ପରିବର୍ତ୍ତନ ଆସିଛି। ଯୁଦ୍ଧ ପ୍ରଭାବରେ ଉପସାଗରୀୟ ଦେଶଗୁଡ଼ିକରୁ ଇନ୍ଧନ ଯୋଗାଣ ଶୃଙ୍ଖଳ ବ୍ୟାହତ ହୋଇଥିବାରୁ ଘରୋଇ ବଜାରରେ ନିୟନ୍ତ୍ରଣ ବ୍ୟବସ୍ଥାକୁ ନେଇ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଚାହିଦା ଧାରାରେ ପ୍ରଭେଦ ଦେଖାଯାଇଛି। ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ(ପିପିଏସି) ତଥ୍ୟ ଅନୁଯାୟୀ ଗତ ଏପ୍ରିଲରେ ବାର୍ଷିକ ହାରରେ ପେଟ୍ରୋଲ ଚାହିଦା ୬.୩୬ ପ୍ରତିଶତ ବୃଦ୍ଧି ପାଇଥିଲାବେଳେ ଏଲପିଜି ବ୍ୟବହାର ୧୬ ପ୍ରତିଶତ ହ୍ରାସ ପାଇଛି। ଡିଜେଲ ଚାହିଦାରେ କୌଣସି ପରିବର୍ତ୍ତନ ଦେଖାଯାଇ ନାହିଁ। ସେହିପରି ବିମାନ ଇନ୍ଧନ(ଏଟିଏଫ୍) ଉପଯୋଗ ମଧ୍ୟ ୧.୩୭ ପ୍ରତିଶତ ହ୍ରାସ ଘଟିଛି। ଯୁଦ୍ଧ ଯୋଗୁ ଏହିସବୁ ପେଟ୍ରୋଲିୟମ ସାମଗ୍ରୀର ଆମଦାନୀ ଏବଂ ଯୋଗାଣକୁ ନେଇ ସମସ୍ୟା ଲାଗି ରହିଥିବାରୁ ଏହା ପ୍ରଭାବରେ ବଜାରରେ ଏଗୁଡ଼ିକର ବ୍ୟବହାର ଏବଂ ଉପଯୋଗ ନେଇ ପ୍ରଭେଦ ଦେଖାଯାଇଥିବା କୁହାଯାଇଛି।

# ଶିଳ୍ପପତି ଦୀନଦୟାଲ ଗୁପ୍ତାଙ୍କ ପରଲୋକ



**ଭୁବନେଶ୍ୱର,୩ା୫(ଅନୁରାଧା ମହାରଣା)**

ପ୍ରସିଦ୍ଧ ଶିଳ୍ପପତି ତଥା ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଏମିରେଟସ୍ ଦୀନଦୟାଲ ଗୁପ୍ତାଙ୍କର ଶନିବାର ବାର୍ଦ୍ଧକ୍ୟଜନିତ କାରଣରୁ କୋଲକାତାରେ ଦେହାନ୍ତ ଘଟିଛି। ଦୀନଦୟାଲଙ୍କ ନେତୃତ୍ୱରେ ଡଲାର ଇଣ୍ଡଷ୍ଟ୍ରିଜ୍ ୧୭୦୦ କୋଟି ଟଙ୍କାରୁ ଅଧିକ ଗୋଷ୍ଠୀରେ ପରିଣତ ହୋଇଛି। ୧୯୩୭ରେ ସେପ୍ଟେମ୍ବର ୧୩ରେ ହରିୟାଣାର ଭିୱାନୀ ଜିଲାର ମନହେରୁ ଗ୍ରାମରେ ସୀମିତ ସାଧନ ସହିତ ଏକ ନମ୍ର ଏବଂ ବଡ଼ ପରିବାରରେ ଜନ୍ମଗ୍ରହଣ କରିଥିବା ଗୁପ୍ତା ୧୯୬୨ରେ କୋଲକାତା ଚାଲିଯାଇଥିଲେ ଏବଂ ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ମୂଳଦୁଆ ସ୍ଥାପନ କରିଥିଲେ। ତାଙ୍କ ନେତୃତ୍ୱରେ ଡଲାର ମଧ୍ୟପ୍ରଦେଶ, ଛତିଶଗଡ଼, ଉତ୍ତର ପୂର୍ବ ଭାରତର ସେଭେନ୍ ସିଷ୍ଟର୍ସ ଏବଂ ପୂର୍ବ ହିମାଳୟର ଦାର୍ଜିଲିଂ ଭଳି ପାହାଡ଼ି ଜଲା ପରି ପଛୁଆ ଅଞ୍ଚଳଗୁଡ଼ିକୁ ଯୋଗାଣ ଏବଂ ସେବା ପ୍ରଦାନ କରୁଥିବା ପ୍ରଥମ କମ୍ପାନୀମାନଙ୍କ ମଧ୍ୟରୁ ଗୋଟିଏ ହୋଇ ପାରିଥିଲା। ଗୁପ୍ତା ସିବିଏସ୍‌ଇ ବୋର୍ଡ ଅଧୀନରେ ପଶ୍ଚିମବଙ୍ଗର ଉତ୍ତର ୨୪-ପରଗଣାର ବିଧାନନଗରରେ ଥିବା ହରିୟାଣା ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ଥିଲେ। ସେ ସହ-ପ୍ରତିଷ୍ଠାତା ଏବଂ ପୃଷ୍ଠପୋଷକ ଭାବରେ ଗୁରୁକୁଳ ସହିତ ଜଡ଼ିତ ଥିଲେ। ମନହେରୁରେ ନମ୍ର ଗ୍ରାମ ବିଦ୍ୟାଳୟର ପୁନରୁଦ୍ଧାର ପଛରେ ସେ ଥିଲେ। ଦୀନଦୟାଲ ଗୁପ୍ତାଙ୍କ ପରିବାରରେ ତାଙ୍କ ସ୍ତ୍ରୀ, ୪ ପୁଅ ଏବଂ ନାତିନାତୁଣୀ ଅଛନ୍ତି, ଯେଉଁମାନେ ଡଲାର ଇଣ୍ଡଷ୍ଟ୍ରିଜ୍ ବ୍ୟବସାୟ ସାମ୍ରାଜ୍ୟର ନେତୃତ୍ୱ ନେଉଛନ୍ତି।

# ଗ୍ରାମାଞ୍ଚଳରେ ସୃଷ୍ଟି ହେବେ ଉଦ୍ୟୋଗୀ

## କେନ୍ଦ୍ରର 'ନିଡ୍' ଯୋଜନା

**ନୂଆଦିଲ୍ଲୀ, ୩ା୫**

କୁଶଳୀ ପ୍ରତିଭା ସୃଷ୍ଟି କରିବା ଦିଗରେ ବୈଶ୍ୱିକ ସ୍ତରରେ ଭାରତକୁ ସ୍ୱତନ୍ତ୍ର ସ୍ଥାନ ଦେବା ସହ ଗ୍ରାମାଞ୍ଚଳରେ ଉଦ୍ୟୋଗ କ୍ଷେତ୍ରର ଭିତ୍ତିଭୂମି ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରିଛନ୍ତି। କେନ୍ଦ୍ର ଦକ୍ଷତା ଓ ଉଦ୍ୟୋଗ ବିକାଶ ମନ୍ତ୍ରୀ ଜୟନ୍ତ ଚୌଧୁରୀ ' ନ୍ୟାଶନାଲ ଅନ୍ତ୍ରୋପ୍ରିନ୍ୟୁୟର ଏମ୍ପାୟାରମେଣ୍ଟ ଡ୍ରାଇଭ୍(ନିଡ୍) ନାମରେ ଏହି ଯୋଜନା ଆରମ୍ଭ କରିଛନ୍ତି। ଏଥିପାଇଁ ଜୟପୁରଠାରେ ସ୍କିଲ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ନାମରେ ଏକ ଅନ୍ତର୍ଜାତୀୟ କେନ୍ଦ୍ର ପ୍ରତିଷ୍ଠାଲାଗି ମଧ୍ୟ ସମ୍ପୃକ୍ତ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା ହୋଇଛି। ଜାତୀୟ ଦକ୍ଷତା ବିକାଶ ନିଗମ(ଏନ୍‌ଏସ୍‌ଡିସି) ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେବା ସହ ଭାରତର ଗ୍ରାମାଞ୍ଚଳରେ ଦକ୍ଷତା ବିକାଶକୁ ଆଧାର କରି ଉଦ୍ୟୋଗୀ ସୃଷ୍ଟି କରିବାକୁ ଗୁରୁତ୍ୱ ଦିଆଯିବ। ଗ୍ରାମାଞ୍ଚଳ ସମେତ ଛୋଟ ଛୋଟ ସହରଗୁଡ଼ିକରେ ପ୍ରତିଭାଶାଳୀ ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ସେମାନଙ୍କ ପ୍ରତିଭାକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି କେନ୍ଦ୍ରମନ୍ତ୍ରୀ ଜୟନ୍ତ କହିଛନ୍ତି। କେବଳ ନିଯୁକ୍ତି ଦେବା କଥା ନୁହେଁ, ବରଂ ଆର୍ଥିକ ସ୍ତରରେ ଜଣେ ପ୍ରତିଭାବାନ ଉଦ୍ୟୋଗୀଙ୍କୁ ସ୍ୱଚ୍ଛଳ କରିବା ଏବଂ ଏଥିପାଇଁ ଇକୋସିଷ୍ଟମ୍ ପ୍ରସ୍ତୁତ କରିବାକୁ ଏହି ଯୋଜନାରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି। ଗ୍ରାମାଞ୍ଚଳର ଉଦ୍ୟୋଗୀମାନଙ୍କୁ ମୁଖ୍ୟ ଶିଳ୍ପକ୍ଷେତ୍ର ସହ ସମନ୍ୱୟ ରଖିବାକୁ ସୁଯୋଗ ଦେବା ଏବଂ ନବ ଉନ୍ମେଷ ଲାଗି ପ୍ରୋତ୍ସାହିତ କରିବା ମଧ୍ୟ ଉକ୍ତ ଯୋଜନାର ଅନ୍ୟ ଏକ ଲକ୍ଷ୍ୟ ରହିଥିବା ସେ କହିଛନ୍ତି।



# ଏପ୍ରିଲରେ ୧୬,୨୨୩ ସୋନାଲିକା ଟ୍ରାକ୍ଟର ବିକ୍ରି

**ଭୁବନେଶ୍ୱର,୩ା୫(ଅନୁରାଧା ମହାରଣା)**

ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ୨୦୨୬ ଏପ୍ରିଲ ମାସରେ ସର୍ବାଧିକ ୧୬,୨୨୩ଟି ଟ୍ରାକ୍ଟର ବିକ୍ରି କରିଛି । ଏହି ସଫଳତା ସୋନାଲିକାର ୩୫.୬%ର ସାମଗ୍ରିକ ଅଭିବୃଦ୍ଧି ଦ୍ୱାରା ପରିଚାଳିତ। ଏଥିସହିତ କମ୍ପାନୀ ୨୭% (ଆନୁମାନିକ)ର ଶିଳ୍ପ ପ୍ରଦର୍ଶନକୁ ମଧ୍ୟ ପଛରେ ପକାଇଛି। କମ୍ପାନୀ ଏହାର ୩୦ତମ ବର୍ଷରେ 'ଜିତନେ କା ଦମ୍' ସହ ନିଜର କୃଷକ-କୈନ୍ଦ୍ରିତ ଦର୍ଶନକୁ କାର୍ଯ୍ୟକାରୀ କରିବା ଜାରି ରଖିଛି। କମ୍ପାନୀର ଏହି ସଫଳତା ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, ଆମର ଉଲ୍ଲେଖନୀୟ ୩୦ତମ ବର୍ଷରେ ଏପ୍ରିଲରେ ୧୬୨୨୩ଟି ଟ୍ରାକ୍ଟର ବିକ୍ରି ପ୍ରଦର୍ଶନ ଟେକ୍ନୋଲୋଜି-ପରିଚାଳିତ କୃଷି ଦିଗରେ ଏକ ମଜଭୁତ ପରିବର୍ତ୍ତନକୁ ସୂଚିତ କରୁଛି ; ଯଦ୍ୱାରା ଆମେ ୨୦୨୬-୨୭ ଆର୍ଥିକ ବର୍ଷରେ ଏକ ନୂତନ ଯାତ୍ରା ଆରମ୍ଭ କରିଛୁ। ଶିଳ୍ପ ପ୍ରଦର୍ଶନକୁ ପଛରେ ପକାଇ ୩୫.୬%ର ଦୃଢ଼ ଅଭିବୃଦ୍ଧି ହାସଲ କରିଛୁ ଏବଂ ଶିଳ୍ପର ଅଗ୍ରଣୀ ବଜାର ଅଂଶଧାରୀଙ୍କ ମଧ୍ୟରେ ମଜଭୁତ ସ୍ଥିତିରେ ରହିଛୁ। ୨୦୨୬-୨୭ ପାଇଁ ଆମେ ଯେଉଁ ବେଗ ସ୍ଥିର କରିଛୁ ତାହା ଭାରତର କୃଷି ରୂପାନ୍ତରଣ କ୍ଷେତ୍ରରେ ଉନ୍ନତ ଉଦ୍ଭାବନ ଓ ଗଭୀର କୃଷକ ସଂଯୋଗ ଦ୍ୱାରା ପରିଚାଳିତ ହେଉଛି।



# ରୟାଲ୍ ଏନ୍‌ଫିଲ୍ଡର 'ହେରିଟେଜ୍ କଲେକ୍ସନ୍'



**ଭୁବନେଶ୍ୱର,୩ା୫(ଅନୁରାଧା ମହାରଣା)**

ରୟାଲ ଏନ୍‌ଫିଲ୍ଡପକ୍ଷରୁ ନୂତନ 'ହେରିଟେଜ୍ କଲେକ୍ସନ୍'ର ଶୁଭାରମ୍ଭ କରାଯାଇଛି। ଏହା ଏକ ପ୍ରିମିୟମ୍ ଲାଇଫଷ୍ଟାଇଲ୍ ପୋଷାକ ରେଞ୍ଜ, ଯାହା ବ୍ରାଣ୍ଡର ୧୨୫ ବର୍ଷର ଐତିହ୍ୟକୁ ଆଧୁନିକ ପୋଷାକ ଶୈଳୀ ସହ ସମ୍ମିଶ୍ରଣ କରିଛି । 'ହେରିଟେଜ୍ କଲେକ୍ସନ୍' ରୟାଲ୍ ଏନ୍‌ଫିଲ୍ଡର କାରିଗରି, ବ୍ୟବହାରିକତା ଓ ସୁଚିନ୍ତିତ ଡିଜାଇନ୍ ଦର୍ଶନକୁ ପ୍ରତିଫଳିତ କରୁଛି। କଟନ୍ ଡ୍ରିଲ୍, କାନଭାସ୍ ବ୍ଲେଣ୍ଡ ଓ ଷ୍ଟ୍ରେଚ୍ ସହିତ ତିଆରି ହୋଇଥିବା ମାଟେରିଆଲ୍‌ଗୁଡ଼ିକୁ ସ୍ଥାୟିତ୍ୱ ଓ ଟେକ୍ସଚରକୁ ଧ୍ୟାନରେ ରଖି ଚୟନ କରାଯାଇଛି। ଏହି 'ହେରିଟେଜ୍ କଲେକ୍ସନ୍' ବର୍ତ୍ତମାନ ଭାରତର ସମସ୍ତ ରୟାଲ୍ ଏନ୍‌ଫିଲ୍ଡ ଡିଲରଶିପ୍, କମ୍ପାନୀର ଅଫିସିଆଲ ୱେବ୍‌ସାଇଟ୍ ଓ ବଛାବଛା ଇ-କମର୍ସ ପ୍ଲାଟଫର୍ମଗୁଡ଼ିକରେ ଉପଲବ୍ଧ ହେଉଛି। ଏହି ଅବସରରେ ରୟାଲ୍ ଏନ୍‌ଫିଲ୍ଡର ମୁଖ୍ୟ ବାଣିଜ୍ୟିକ ଅଧିକାରୀ, ୟଦଭିନ୍ଦର ସିଂ କହିଛନ୍ତି, 'ହେରିଟେଜ୍ କଲେକ୍ସନ୍ ମାଧ୍ୟମରେ ଆମେ ଏକ ଶତାବ୍ଦୀରୁ ଅଧିକ ସମୟର ରୟାଲ୍ ଏନ୍‌ଫିଲ୍ଡ ଐତିହ୍ୟକୁ ପୋଷାକ ମାଧ୍ୟମରେ ପ୍ରସ୍ତୁତ କରୁଛୁ। କପଡ଼ା ଚୟନରୁ ଆରମ୍ଭ କରି ଡିଜାଇନ୍ ଓ ପୁରାତନ ଲୋଗୋ ଉନ୍ମୋଚନ ପର୍ଯ୍ୟନ୍ତ ପ୍ରତ୍ୟେକ ଅଂଶ ବ୍ରାଣ୍ଡର ଡିଜାଇନ୍ ଭାଷାରୁ ପ୍ରେରିତ। ୧୯୧୦ର 'କ୍ୟାନନ୍' ଲୋଗୋ, ୧୮୯୩ର 'ମେଡ୍ ଲାଇକ ଏ ଗନ୍' ସ୍ଲୋଗାନ୍ ଓ ୧୯୬୯ର ସରିଜ ୨ୟ ଇଣ୍ଟରସେପ୍ଟର ଟ୍ୟାଙ୍କ ବ୍ୟାଜ୍‌କୁ ପୋଷାକରେ ସ୍ଥାନ ଦିଆଯାଇଛି।

# ୪ କମ୍ପାନୀଙ୍କ ଏମ୍-କ୍ୟାପ୍‌ରେ ୨.୨୦ ଲକ୍ଷ କୋଟି ବୃଦ୍ଧି

**ମୁମ୍ବାଇ, ୩ା୫**

ଗତ ସପ୍ତାହରେ ହୋଇଥିବା ଶେୟାର କାରବାର ଅନୁଯାୟୀ ଦେଶର ୧୦ ପ୍ରମୁଖ କମ୍ପାନୀଗୁଡ଼ିକ ମଧ୍ୟରୁ ୪ କମ୍ପାନୀର ବଜାର ପୁଞ୍ଜି (ଏମ୍-କ୍ୟାପ୍)ରେ ଅନ୍ୟୂନ ୨.୨୦ ଲକ୍ଷ କୋଟି ଟଙ୍କା ବୃଦ୍ଧି ହୋଇଥିବା ବିଏସ୍‌ଇ ଷ୍ଟକ୍ ଏକ୍ସଚେଞ୍ଜ ତଥ୍ୟରୁ ଜଣାପଡ଼ିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସବୁଠାରୁ ଅଧିକ ଲାଭ ଉଠାଇବାକୁ ସକ୍ଷମ ହୋଇଥିଲାବେଳେ ଏହାପଛକୁ ଭାରତୀ ଏୟାରଟେଲ୍, ଟିସିଏସ୍ ଏବଂ ବଜାଜ୍ ଫାଇନାନ୍ସ ଆଦି ରହିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବଜାର ପୁଞ୍ଜିରେ ୧,୩୯,୬୫୫ କୋଟି ଟଙ୍କା ବୃଦ୍ଧି ଘଟି ଏହାର ମୋଟ ପରିମାଣ ୧୯,୩୬,୩୦୩ କୋଟି ଟଙ୍କାରେ ପହଞ୍ଚିଛି। ତେବେ ବ୍ୟାଙ୍କିଙ୍ଗ କ୍ଷେତ୍ର ଶେୟାର କାରବାର ହ୍ରାସ ପାଇଥିବାରୁ ଏଚ୍‌ଡିଏଫସି ବ୍ୟାଙ୍କ, ଏସ୍‌ବିଆଇ, ଆଇସିଆଇସିଆଇ ବ୍ୟାଙ୍କ ସମେତ ହିନ୍ଦୁସ୍ତାନ ୟୁନିଲିଭର, ଏଲ ଆଣ୍ଡ ଟି ଏବଂ ଏଲଆଇସି ଆଦିର ବଜାର ପୁଞ୍ଜିରେ ହ୍ରାସ ଘଟିଛି। ଏସ୍‌ବିଆଇର ବଜାର ପୁଞ୍ଜି ମୂଲ୍ୟାୟନରେ ୩୦,୯୨୨ କୋଟି ଟଙ୍କା ହ୍ରାସ ଘଟି ମୋଟ ବଜାର ପୁଞ୍ଜି ୯,୮୫,୮୨୯ କୋଟି ଟଙ୍କା ରହିଥିବା କୁହାଯାଇଛି।


# Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର ଫୁଲନଖରା, ହଂସପାଳ, ଉତ୍ତରା, ପିପିଲି ଟୋଲଗେଟ୍, ସୁନ୍ଦରପଦା, ପାତ୍ରପଡ଼ା, ତମାଣ୍ଡୋ, ଖଣ୍ଡଗିରିରେ **3BHK Duplex**, ଘରବାରି ପ୍ଲଟ୍ ଏବଂ **Flat** ଅଛି. **9658122456.** D-86

**Plot/Duplex For sale at Raghunathpur & Near KIIT Jaganath Temple, Bhubaneswar. Immediate possesion (Ready for construction) 7846819129 / 9827675880.** D-85



CONSTRUCTION

Supervision of construction of Building & planning by senior professional Civil Engineer. Mob.- 8144815298. D-262

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com





3BHK flat at Chandrama Complex, Block-A, Unit-III 3BHK flat at Park Tower, Ganga Nagar, Bhubaneswar Contact: 9348491449, 9437062777. D-230

Commercial Space Available: 200 to 1200sqft. suitable for Shop, Office, Bank, or Institute 1500 to 8000sqft. at Rajpath, Bhubaneswar Contact: 9348491449, 9437062777. D-231





Full body massage, Home service available, Male, Female. Contact: 7377143756. D-270

All types of physiotherapy and massage. Contact 9556924059 / 7656969134. D-257

Newly open health benefits spa by expert therapist. Contact- 7504222886. D-76963

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

## AFFIDAVIT

By virtue of an affidavit sworn before Executive Magistrate, Ambabhona, dated- 29.04.2026, SL-216, I, Kishor Chandra Pradhan, S/o.- Thakur Pradhan, Address: At- Hospital Pada, Bhukta, P.O.- Bhukta, Dist.- Bargarh, Odisha- 768045 declare that I have changed the name of my daughter from Trisnarani Pradhan to Toshini Pradhan. Henceforth, she shall be known as Toshini Pradhan for all purposes.
Kishor Chandra Pradhan
D-87

By virtue of an affidavit sworn before the Executive Magistrate, Cuttack Sadar dated 23.02.2026, I, Prabhat Kumar Samal, Address: At- Naulo, P.O.- Arodei, P.S.- Tirtol, Dist.- Jagatsinghpur, PIN- 754138, Odisha declare that I have changed my name from Pravat Kumar Chakradhar Samal to Prabhat Kumar Samal. Henceforth, I shall be known as Prabhat Kumar Samal for all purposes.
D-82

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Banki, I, Golap Mishra, wife of Late Birabadal Mishra, resident of Kotadwar samil Sunadeipur, Banki, Dist.- Cuttack, PIN- 754008 declare that in Voter ID, Aadhaar Card and Pan Card my name has been recorded as Golap Mishra. But to my misfortune in the service book of my husband late Birabadal Mishra, Ex LEMP No. 200522(H), my name has been recorded as Manjubala Mishra. That Golap Mishra and Manjubala Mishra, W/o.- Late Birabadal Mishra is same person. Hence this declaration.
Golap Mishra
D-83

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।



# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଆମ ପ୍ରିୟ ପିତା
**ସ୍ୱର୍ଗତ ଶ୍ରୀ ରାଧାକୃଷ୍ଣ ଦାଶ**
*Rtd. Office Superintendent Police*
ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା
ତିରୋଧାନ : ୦୪।୦୫।୨୦୨୫
ଆପଣ ଆମ ମଝିରୁ ବିଦାୟ ନେଇ ଆଜି ଏକ ବର୍ଷ ପୂରଣ ହେଲା। ତଥାପି ଆପଣଙ୍କ ସ୍ମୃତି, ସଦ୍‌ଗୁଣ ଓ ଆଦର୍ଶମୟ ଜୀବନ ଆମ ହୃଦୟରେ ଚିରନ୍ତନ ଭାବେ ଅମ୍ଳାନ ରହିଛି। ଆପଣଙ୍କ ଆଦର୍ଶ ଓ ନୀତିବୋଧ ଆମକୁ ସର୍ବଦା ସଠିକ୍ ପଥରେ ମାର୍ଗଦର୍ଶନ କରୁଥାଉ। ଆପଣଙ୍କ ଦୟା, ସ୍ନେହ ଓ ଧର୍ମନିଷ୍ଠା ଆମ ପାଇଁ ଚିରନ୍ତନ ପ୍ରେରଣା ଦେଇଚାଲିଛି। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ।
ସ୍ମୃତିରେ: ପତ୍ନୀ, ପୁତ୍ର, ବୋହୂ, କନ୍ୟା, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୭୭

**୧୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଶ୍ରଦ୍ଧାଞ୍ଜଳି**



**ଽଭୂବନ ବିହାରୀ କର**
ଆବିର୍ଭାବ: ୦୩।୦୪।୧୯୫୯
ତିରୋଧାନ: ୧୬।୦୫।୨୦୧୪
ଆପଣଙ୍କ ଶ୍ରଦ୍ଧା, ସ୍ନେହ ତଥା ଆଶୀର୍ବାଦ ସଦା ଆମମାନଙ୍କ ଉପରେ ରହିଥାଉ। ଏତିକି ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା ।
ଇତି ଆପଣଙ୍କର- ମିତୁ, ରିତୁ ଓ ସିଙ୍କୁ
ଧ-୪୧୫

**୨୩ତମ ଶ୍ରାଦ୍ଧବାର୍ଷିକୀର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତଃ ଜୟକୃଷ୍ଣ ମହାନ୍ତି**
(ଆଦର୍ଶ ଶିକ୍ଷକ)
ଏରବଙ୍ଗ, ଗୋପ, ପୁରୀ
ଚାହୁଁ ଚାହୁଁ ତେଇଶ ବର୍ଷ ବିତିଗଲା। ଆପଣଙ୍କ ଅବର୍ତ୍ତମାନରେ ଜୀବନ କେବେ ବି ସ୍ୱାଭାବିକ ହୋଇ ନାହିଁ। ଆମମାନଙ୍କ ଆଖିରୁ ଆଜି ବି ଲୁହ ଝରୁଛି। ଆପଣଙ୍କ ପବିତ୍ର ଆତ୍ମା ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ସ୍ଥାନ ପାଉ, ଏତିକି ଆମମାନଙ୍କ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଆପଣଙ୍କ ପରିବାର ଏବଂ ବନ୍ଧୁବର୍ଗ
ଧ-୩୧୨

# ପୃଥିବୀର ଅଦୃଶ୍ୟ ସୁରକ୍ଷା କବଚ



ଦେବାଶିଷ ମହାନ୍ତି

"ଯେତେବେଳେ ସାଧାରଣ ଅମ୍ଳଜାନ ଅତି ବାଇଗଣି ରଶ୍ମି କିମ୍ବା ବୈଦ୍ୟୁତିକ ଶକ୍ତି ସଂସ୍ପର୍ଶରେ ଆସେ, ଏହା ଓଜୋନରେ ପରିବର୍ତ୍ତିତ ହୁଏ - ଯାହା ତିନୋଟି ଅମ୍ଳଜାନ ପରମାଣୁରେ ତିଆରି ଏକ ଅଣୁ। ଆମ ବାୟୁମଣ୍ଡଳର ଉପରିଭାଗରେ ଥିବା ଏହି ଓଜୋନ ସ୍ତର ଷ୍ଟ୍ରାଟୋସ୍ଫିଅରରେ ଏବଂ ପୃଥିବୀ ଚାରିପାଖରେ ଏକ ପତଳା ଆବରଣ ଗଠନ କରିଛି । ତା' ସହ ଏକ ସୁରକ୍ଷା ଛତା ପରି ମଧ କାର୍ଯ୍ୟ କରୁଛି, ଯାହା ଆମକୁ କ୍ଷତିକାରକ ଅତିବାଇଗଣି ରଶ୍ମି ପ୍ରଭାବରୁ ରକ୍ଷା କରେ।"



ଚଳିତ ବର୍ଷ ମହାବିଦ୍ୟାଳୟ ପରୀକ୍ଷା କାର୍ଯ୍ୟ ସମାପନ ପରେ ଦିନ ୧୧ ଟାରେ ଜଣେ ବନ୍ଧୁଙ୍କ ସହିତ ମହାବିଦ୍ୟାଳୟ ଫାଟକ ନିକଟକୁ ବାହାରିଥାଉ ଚା' ପିଇବାକୁ। ସେଦିନ ସୂର୍ଯ୍ୟ କିରଣ ଏତେ ପ୍ରଖର ଥାଏ ଯେ ଆକାଶରୁ ଅଗ୍ନି ବର୍ଷା ହେଲା ପରି ପ୍ରତୀତ ହେଉଥାଏ। ମୋର ବନ୍ଧୁ ପଚାରିଲେ ସୂର୍ଯ୍ୟ ଏବେ ଏତେ ଉତ୍ତପ୍ତ କାହିଁକି? ବୋଧହୁଏ ସୂର୍ଯ୍ୟ କିରଣ ସହିତ ପ୍ରଚୁର ପରିମାଣର ଅତିବାଇଗଣି ରଶ୍ମି (ୟୁ ଭି ରଶ୍ମି) ମିଶିକି ଆସୁଛି! ମୁଁ ଟିକେ ହସିକି କହିଲି– ଏତେ ପରିମାଣର ଅତି ବାଇଗଣି ରଶ୍ମି ପୃଥିବୀ ପୃଷ୍ଠକୁ ଆସିଲେ ଜୀବ ଜଗତ ଧ୍ୱଂସ ହୋଇଯିବ। ଭଗବାନଙ୍କୁ ଧନ୍ୟବାଦ, ପୃଥିବୀର ଅଦୃଶ୍ୟ ଛତା ଆମକୁ ଅତିବାଇଗଣି ରଶ୍ମି କବଳରୁ ରକ୍ଷା କରୁଛି। କିନ୍ତୁ ପରିତାପର ବିଷୟ ଏହିକି ଯେ ମନୁଷ୍ୟ ଯୋଗୁ ଏହି ଅଦୃଶ୍ୟ ଛତା ଧୀରେ ଧୀରେ ପତଳା ହେବାକୁ ଲାଗୁଛି। ଏ କଥା ଶୁଣି ତାଙ୍କ ବେନି ନୟନରେ ଏକ କୌତୂହଳ ଚମକି ଉଠିଲା। ସେ ପୁନରାବୃତ୍ତି କଲେ, 'ଅଦୃଶ୍ୟ ଛତା ?'

ମୁଁ କହିଲି, 'ହଁ,' ଏହାକୁ ଓଜୋନ ସ୍ତର କୁହାଯାଏ। ଓଜୋନ ପ୍ରକୃତରେ ଅମ୍ଳଜାନର ଏକ ବିଶେଷ ରୂପ। ତାଙ୍କ କୌତୂହଳ ଦେଖି ମୁଁ ବର୍ଣ୍ଣନା ଜାରି ରଖିଲି। "ଯେତେବେଳେ ସାଧାରଣ ଅମ୍ଳଜାନ ଅତି ବାଇଗଣି ରଶ୍ମି କିମ୍ବା ବୈଦ୍ୟୁତିକ ଶକ୍ତି ସଂସ୍ପର୍ଶରେ ଆସେ, ଏହା ଓଜୋନରେ ପରିବର୍ତ୍ତିତ ହୁଏ – ଯାହା ତିନୋଟି ଅମ୍ଳଜାନ ପରମାଣୁରେ ତିଆରି ଏକ ଅଣୁ। ଆମ ବାୟୁମଣ୍ଡଳର ଉପରିଭାଗରେ ଥିବା ଏହି ଓଜୋନ ସ୍ତର ଷ୍ଟ୍ରାଟୋସ୍ଫିଅରରେ ଏବଂ ପୃଥିବୀ ଚାରିପାଖରେ ଏକ ପତଳା ଆବରଣ ଗଠନ କରିଛି। ତା' ସହ ଏକ ସୁରକ୍ଷା ଛତା ପରି କାର୍ଯ୍ୟ କରୁଛି, ଯାହା ଆମକୁ କ୍ଷତିକାରକ ଅତିବାଇଗଣି ରଶ୍ମି ପ୍ରଭାବରୁ ରକ୍ଷା କରେ।" ବନ୍ଧୁ ଜଣକ ଧ୍ୟାନ ଦେଇ ମୋ କଥା ଶୁଣୁଥିଲେ। ହଠାତ୍ ପ୍ରଶ୍ନ କଲେ 'ଓଜୋନ କ'ଣ ସବୁବେଳେ ଆମକୁ ସୁରକ୍ଷା ଦିଏ ?'

ମୁଁ ଉତ୍ତର ଦେଲି, "ସର୍ବଦା ନୁହେଁ। ପୃଥିବୀ ବାୟୁମଣ୍ଡଳର ନିମ୍ନ ଭାଗରେ ଥିବା ଷ୍ଟ୍ରାପୋସ୍ଫିୟରରେ ଓଜୋନ ଏକ ପ୍ରଦୂଷକ ଭାବରେ କାର୍ଯ୍ୟ କରିପାରେ ଏବଂ ଆମର ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇପାରେ। କିନ୍ତୁ ଷ୍ଟ୍ରାଟୋସ୍ଫିୟରରେ ରହିଲେ, ଏହା ଆମର ଜୀବନ ରକ୍ଷାକାରୀ ଢାଲ ହୋଇଯାଏ।' ସେ ଧୀରେ ଧୀରେ ମୁଣ୍ଡ ହଲାଇଲେ। ତେବେ ଏହି ଢାଲ କାହିଁକି ଦୁର୍ବଳ ହେଉଛି ବୋଲି ପ୍ରଶ୍ନ କଲେ। ମୁଁ କହିଲି, ଏହି ବିଶାଳ ବିଶ୍ୱରେ ମାନବ ଏକ କ୍ଷୁଦ୍ର ଜୀବ। ନିଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ନୂତନ ପାଦର୍ଥ ଉଦ୍ଭାବନ କରେ କିନ୍ତୁ ଏହାର ଦୂରଗାମୀ କ୍ଷତିକାରକ ପ୍ରଭାବ ବିଷୟରେ ଅନେକ ସମୟରେ ଅଜ୍ଞ ଥାଏ। କ୍ଲୋରୋଫ୍ଲୋରୋକାର୍ବନ (ସିଏଫ୍‌ସି) ପରି ମାନବ ନିର୍ମିତ ରାସାୟନିକ ପଦାର୍ଥ ସହିତ ସେହିପରି ଏକ ନୂତନ ସମସ୍ୟା ଆରମ୍ଭ ହୋଇଥିଲା। ଏଗୁଡ଼ିକ ରେଫ୍ରିଜରେଟର, ଏୟାର କଣ୍ଡିଶନର ଏବଂ ସ୍ପ୍ରେରେ ବହୁଳ ଭାବରେ ବ୍ୟବହୃତ ହେଉଥିଲା। କାରଣ ଏଗୁଡ଼ିକ ଅଣ–ବିଷାକ୍ତ, ଶସ୍ତା ତଥା ସୁଲଭ ଉପଲବ୍ଧ ଗ୍ୟାସ୍। କିନ୍ତୁ ଉପର ବାୟୁମଣ୍ଡଳରେ ପହଞ୍ଚିଲା ପରେ ଏହା ଏକ ଧ୍ୱଂସକାରୀ ପଦାର୍ଥରେ ପରିଣତ ହୋଇଯିବ ବୋଲି ଏହାର ଉଦ୍ଭାବନ ସମୟରେ ମନୁଷ୍ୟ ସ୍ୱପ୍ନରେ ବି କଳ୍ପନା କରି ନ ଥିଲା। ଯେତେବେଳେ ଏଗୁଡ଼ିକ ଷ୍ଟ୍ରାଟୋସ୍ଫିଅରରେ ପହଞ୍ଚିଥାଏ, ସୂର୍ଯ୍ୟକିରଣ ସେଗୁଡ଼ିକୁ ଭାଙ୍ଗିଦିଏ ଏବଂ କ୍ଲୋରିନ ପରମାଣୁକୁ ମୁକ୍ତ କରିଦିଏ ଓ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ 'କ୍ଲୋରିନ ଫ୍ରି ରେଡିକାଲ୍ସ' ସୃଷ୍ଟି କରେ।

ଏକଥା ଶୁଣି ସେ ଉତ୍ସୁକତାର ସହ ପଚାରିଲେ, ତା'ପରେ ? ମୁଁ କହିଲି–ଏହି କ୍ଲୋରିନ ଫ୍ରି ରେଡିକାଲ୍ସ ଓଜୋନ ଅଣୁଗୁଡ଼ିକୁ ଆକ୍ରମଣ କରନ୍ତି ଏବଂ ସେମାନଙ୍କୁ ସାଧାରଣ ଅମ୍ଳଜାନରେ ପରିଣତ କରନ୍ତି। ତେଣୁ ଓଜୋନ ସୁରକ୍ଷା ସ୍ତର ନଷ୍ଟ ହୋଇଯାଏ। ଥଣ୍ଡା ମେରୁ ଅଞ୍ଚଳରେ, ବାୟୁମଣ୍ଡଳରେ ଥିବା କ୍ଷୁଦ୍ର ବରଫ ସ୍ଫଟିକ ଏହି ପ୍ରତିକ୍ରିୟା ପାଇଁ ପୃଷ୍ଠ ପ୍ରଦାନ କରନ୍ତି ଏବଂ ଉପରୋକ୍ତ ପରି ସେମାନଙ୍କୁ ତ୍ୱରାନ୍ୱିତ ମଧ କରନ୍ତି। ସେଥିପାଇଁ ବଡ଼ ଓଜୋନ ଗର୍ତ୍ତ ମୁଖ୍ୟତଃ ଆଣ୍ଟାର୍କଟିକା ଏବଂ ଦକ୍ଷିଣ ଗୋଲାର୍ଦ୍ଧର କିଛି ଅଂଶରେ ଦେଖାଯାଏ।

ବନ୍ଧୁ ଜଣକ ଆଶ୍ଚର୍ଯ୍ୟ ହୋଇ ପଚାରିଲେ–ବିଷୁବରେଖା କିମ୍ବା ଉତ୍ତର ମେରୁରେ କାହିଁକି ଓଜୋନ ଗର୍ତ୍ତ ଦେଖାଯାଏ ନାହିଁ? "ବିଷୁବରେଖାରେ, ଏପରି ଅତ୍ୟଧିକ ଥଣ୍ଡା ପରିସ୍ଥିତି ଏବଂ ବରଫ ସ୍ଫଟିକ ବିରଳ, ତେଣୁ କ୍ଲୋରିନ ଫ୍ରି ରେଡିକାଲ ଓଜନ ସହିତ ପ୍ରତିକ୍ରିୟା କରିବାକୁ ପୃଷ୍ଠ ପ୍ରାପ୍ତ କରିପାରେ ନାହିଁ" ବୋଲି ମୁଁ ବୁଝାଇଲି। ତା'ସହ ଉତ୍ତର ମେରୁରେ, ଶକ୍ତିଶାଳୀ ଆର୍କଟିକ ବାୟୁ ପ୍ରବାହ ଏହି ବରଫ ସ୍ଫଟିକଗୁଡ଼ିକୁ ସ୍ଥିର ହେବାରୁ ବାଧା ଦିଏ, ତେଣୁ ପ୍ରତିକ୍ରିୟାଗୁଡ଼ିକ ବହୁତ କମ୍ ତୀବ୍ର ହୋଇଥାଏ। ସେଥିପାଇଁ ଦକ୍ଷିଣ ମେରୁ ନିକଟରେ ଥିବା ଆଣ୍ଟାର୍କଟିକା ଉପରେ ଏବଂ ଅଷ୍ଟ୍ରେଲିଆ ନିକଟରେ ଗୁରୁତର ଓଜୋନ ଗର୍ତ୍ତ ସୃଷ୍ଟି ହୋଇଅଛି। ସେ ଚିନ୍ତାଶୀଳ ହୋଇ ପଚାରିଲେ। ଯଦି ଓଜୋନ ସ୍ତର ସଙ୍କୁଚିତ ହେବାକୁ ଲାଗିବ ତେବେ କ'ଣ ହେବ?

'ଅଧିକ କ୍ଷତିକାରକ ୟୁଭି ରଶ୍ମି ପୃଥିବୀରେ ପହଞ୍ଚିବ,' ମୁଁ କହିଲି। "ଏହା ଚର୍ମ କର୍କଟ, ଆଖି ସମସ୍ୟା ସୃଷ୍ଟି କରିପାରେ ଏବଂ ଆମର ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ଦୁର୍ବଳ କରିଦେଇ ପାରେ। ଏହା ଫସଲକୁ କ୍ଷତି ପହଞ୍ଚାଇପାରେ, ସାମୁଦ୍ରିକ ଜୀବନକୁ କ୍ଷତି ପହଞ୍ଚାଇପାରେ ଏବଂ ପ୍ଲାଷ୍ଟିକ ଭଳି ସାମଗ୍ରୀକୁ ମଧ ନଷ୍ଟ କରି ସେଥିରୁ ବିଷାକ୍ତ ବାଷ୍ପ ସୃଷ୍ଟି କରିପାରେ।" ଏହା ଶୁଣି ସେ ଦୀର୍ଘ ନିଃଶ୍ୱାସ ପକାଇଲେ ଓ କିଛି ସମୟ ପାଇଁ, ଆମେ ଦୁହେଁ ବିଶାଳ ଆକାଶ ତଳେ ନୀରବରେ ଠିଆ ହୋଇ ରହିଲୁ। 'ଆମେ ଏହାକୁ ମରାମତି କରିପାରିବୁ କି?' ସେ ଶେଷରେ ପଚାରିଲେ। 'ହଁ, କହି ମୁଁ ହସିଲି। ବିଶ୍ୱ ସିଏଫ୍‌ସି ହ୍ରାସ କରିବା ପାଇଁ ଅନ୍ତର୍ଜାତୀୟ ଚୁକ୍ତିନାମା ମାଧ୍ୟମରେ ପଦକ୍ଷେପ ନେଇସାରିଛି। ଧୀରେ ଧୀରେ, ଓଜୋନ ସ୍ତର ସୁସ୍ଥ ହେଉଛି। କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ସୁସ୍ଥ କରିବା ପାଇଁ ଏବେ ବି ଆମର ଯତ୍ନ ଆବଶ୍ୟକ।

ଆମେ କ'ଣ କରିପାରିବା– ସେ ଉତ୍ସାହର ସହିତ ପଚାରିଲେ। 'ଆମେ ପରିବେଶ ଅନୁକୂଳ ଉତ୍ପାଦ ବ୍ୟବହାର କରିପାରିବା, ସିଏଫ୍‌ସି ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା, ଶୀତଳୀକରଣ ଉପକରଣଗୁଡ଼ିକୁ ଠିକ୍ ଭାବରେ ରକ୍ଷଣାବେକ୍ଷଣ କରିପାରିବା ଏବଂ ସଚେତନତା ପ୍ରସାର କରିପାରିବା। ପ୍ରତ୍ୟେକ ଛୋଟ ଛୋଟ ପ୍ରୟାସ ମଧ ମୂଲ୍ୟବାନ ଅଟେ।' ବନ୍ଧୁ ଜଣକ ପୁଣି ଉପରକୁ ଚାହିଁଲେ, କିନ୍ତୁ ଏଥର ଦାୟିତ୍ୱ ଭାବନା ସହିତ। 'ମୁଁ ଆମର ଅଦୃଶ୍ୟ ଛତାକୁ ସୁରକ୍ଷା ଦେବି,' ସେ କହିଲେ। ତାଙ୍କ ଉତ୍ସାହ ଦେଖି, ମୁଁ ମଧ ଆଶାବାଦୀ ଅନୁଭବ କଲି। ଓଜୋନ କ୍ଷୟର କାହାଣୀ କେବଳ କ୍ଷତି ବିଷୟରେ ପରିପ୍ରକାଶ କରେନି–ଏହା ମଧ ଶିଖିବା, ଦାୟିତ୍ୱ ଏବଂ ପୁନରୁଦ୍ଧାର ବିଷୟରେ ଅବଗତ କରାଏ। ପ୍ରକୃତି ପ୍ରତିଦିନ ନୀରବରେ ଆମକୁ ରକ୍ଷା କରେ। ବର୍ତ୍ତମାନ, ପ୍ରକୃତିକୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ – କାରଣ ଓଜୋନ ସ୍ତରକୁ ରକ୍ଷା କରିବା ଅର୍ଥ ଆଜି ଏବଂ ଆଗାମୀ ପିଢ଼ି ପାଇଁ ଜୀବନକୁ ରକ୍ଷା କରିବା।

–ବରିଷ୍ଠ ପ୍ରାଧାପକ, ସ୍ନାତକୋତ୍ତର
ରସାୟନ ବିଜ୍ଞାନ ବିଭାଗ,
ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭୁବନେଶ୍ୱର
ମୋ: ୯୮୬୧୩୯୧୧୯୦

## ମନେ ରଖନ୍ତୁ...



କିଡ୍‌ନୀ ଦ୍ୱୟ ଆମ ଶରୀରର ଖୁବ୍ ଗୁରୁତ୍ୱପୂର୍ଣ୍ଣ ତଥା ଅପରିହାର୍ଯ୍ୟ ଅଙ୍ଗ। ଏହା ସବୁବେଳେ ଶରୀରରୁ ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କରି ରକ୍ତ ବିଶୋଧନ କରିଥାଏ। ଶରୀରରେ ଜଳ ଏବଂ ଲବଣ ଅଂଶର ସନ୍ତୁଳନ, ରକ୍ତଚାପ ନିୟନ୍ତ୍ରଣ, ଲୋହିତ ରକ୍ତ କଣିକା ସଂଶ୍ଳେଷଣ ଆଦି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରି ଏହା ଆମକୁ ସୁସ୍ଥ ରଖେ। କିଡ୍‌ନୀକୁ ସୁସ୍ଥ ରଖିବା ଲାଗି ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ତତ୍ତ୍ୱ ପରିସ୍ରା ଏବଂ ଝାଳ ଭାବରେ ବାହାରି ଯାଇଥାଏ। ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସପ୍ତାହରେ ଅନ୍ତତଃ ୧୫୦ମିନିଟ୍ ଚାଲନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ୭–୮ ଘଣ୍ଟା ଶୁଅନ୍ତୁ।

## ସୁସ୍ଥ ଶରୀର ଓ ସକାରାତ୍ମକ ମାନସିକତା



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ଏ ନେଇ ଆମକୁ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି ତେବେ ସେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବେ। ଏ ସମ୍ପର୍କିତ ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ। ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଥିଲା ସେମାନେ କେତେକାଂଶରେ ସୁସ୍ଥ ରହୁଥବାର ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ, ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଜୀନବଶୈଳୀ ଉପରେ ଗୁରୁତ୍ୱ ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ବାତ ମାରିବା: କିଛି କଥା



ଅଧାଅଧି ରୋଗୀଙ୍କ କ୍ଷେତ୍ରରେ ବାତ ମାରିବା (ଏପିଲେପ୍‌ସି)ର କୌଣସି କାରଣ ଠଉରେଇ ହୁଏ ନାହିଁ। ଅବଶିଷ୍ଟ କ୍ଷେତ୍ରରେ ମସ୍ତିଷ୍କର କୋମଳ ବିଦ୍ୟୁତ୍ ରାସାୟନିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼େ। ଯେପରିକି ମୁଣ୍ଡରେ ଜୋର୍‌ରେ ମାଡ଼ ବାଜିଲେ, ଶିଶୁ ଜନ୍ମ ସମୟରେ ତା'ପାଇଁ ଅମ୍ଳଜାନର ଅଭାବ ହେଲେ, ମସ୍ତିଷ୍କରେ ପ୍ରଦାହ ହେଲେ କି ମସ୍ତିଷ୍କରେ ଟ୍ୟୁମର୍ ହୋଇଥିଲେ ଏପିଲେପ୍‌ସିର ଲକ୍ଷଣମାନ ପ୍ରକାଶ ପାଇଥାଏ। ଏପିଲେପ୍‌ସିର ମଧ ବଂଶଗତ ପ୍ରଭାବ ରହିଛି। ଏପିଲେପ୍‌ସି ରହିଥିବା ଦୁଇଟି ପରିବାର ବିବାହ ସମ୍ପର୍କରେ ଜଡ଼ିତ ହୋଇପଡ଼ିଲେ ସନ୍ତାନମାନଙ୍କୁ ଏପିଲେପ୍‌ସି ହେବାର ଆଶଙ୍କା ଅଧିକ। ତେବେ ଯେ କୌଣସି ବ୍ୟକ୍ତି ଜୀବନରେ ଯେ କୌଣସି ସମୟରେ ଏହି ରୋଗର ଶିକାର ହୋଇପାରନ୍ତି। ଏପିଲେପ୍‌ସିର ପ୍ରକାରକୁ ଚାହିଁ ଲକ୍ଷଣ ଭିନ୍ନ ଭିନ୍ନ ହେବା ସ୍ୱାଭାବିକ। କିନ୍ତୁ ବାତ ମାରିବା ଲକ୍ଷଣଟି ହିଁ ପ୍ରଧାନ ଓ ଏହା ଅନେକ ରୋଗୀଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ। ବାତ ମାରିବା ଆରମ୍ଭ ହେବା ପୂର୍ବରୁ ଯେଉଁ ସବୁ ସୂଚନା ପ୍ରକାଶ ପାଇପାରେ, ତାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ ହେବା, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ ହେବା, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ କରିବା, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି ଅରାର କେତୋଟି ଉଦାହରଣ।

## ଜାଣି ରଖନ୍ତୁ...

ବର୍ତ୍ତମାନ ଖରାଦିନ। ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି। ବିଶେଷଭାବରେ ଏହି ସମୟରେ ଆମେ ନିଜ ଶରୀର ପ୍ରତି ଅଧିକ ସର୍ତକ ରହିବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗ୍ରୀଷ୍ମ ଋତୁରେ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ତେଣୁ ପ୍ରଚୁର ପାଣି ପିଇବାକୁ ପଡିଥାଏ। ଯଦି ଏଥିରେ ଏପଟସେପଟ ହେଲା ତେବେ ଜଳୀୟ ଶୁଷ୍କତା ବା ଡିହାଇଡ୍ରେଶନ ହେବାର ଆଶଙ୍କା ରହିଛି। ଶରୀରରେ ଯେତିକି ଜଳ ଅଛି, ତା'ର ପାଞ୍ଚଭାଗରୁ ମାତ୍ର ଏକ ଭାଗ କମିଗଲେ, ତାହା ଶରୀର ଉପରେ ଗୁରୁତର ପ୍ରଭାବ ପକାଏ। ଏମିତି କି ସମ୍ପୃକ୍ତ ବ୍ୟକ୍ତିଙ୍କର ଜୀବନ ସଙ୍କଟାପନ୍ନ ହୋଇପଡ଼େ ଓ ବେଳେବେଳେ ମୃତ୍ୟୁର ଆଶଙ୍କା ମଧ ସୃଷ୍ଟି କରେ। ଶରୀରରେ ରକ୍ତ, ମୂତ୍ର, ଲୁହ, ପିତ୍ତ, ଲାଳ ଆଦି ଯେତେସବୁ ତରଳ ପଦାର୍ଥ ରହିଛି, ସେଗୁଡ଼ିକର ମୂଳ ଉପାଦାନ ହେଉଛି ଜଳ। ଏହା ଶରୀରରେ ହେଉଥିବା ଜୈବ ରାସାୟନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ତଥା କୋଷିକା ନିକଟରେ ଅମ୍ଳଜାନ, ବିଭିନ୍ନ ଖାଦ୍ୟ ଉପାଦାନ, ଭିଟାମିନ୍ସ ଏବଂ ଔଷଧ ଆଦି ପହଞ୍ଚାଇବାରେ ଏହା ବାହକ ରୂପେ ମଧ କାମ କରେ। ଶରୀରରେ ତାପମାତ୍ରା ନିୟନ୍ତ୍ରଣ କରିବା ବି ଏହାର ଅନ୍ୟତମ କାର୍ଯ୍ୟ। ପରିସ୍ରା ଓ ଝାଳ ମାଧ୍ୟମରେ ଜଳ ଶରୀରରୁ ନିଷ୍କାସିତ ହୋଇଥାଏ। ତେଣୁ ଆମ ଶରୀରରେ ଜଳର ପରିମାଣ ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ।



# ବଦଳାନ୍ତୁ ଏଭଳି ଅଭ୍ୟାସ



ଏକ ସୁସ୍ଥ ଜୀବନଯାପନ କରିବା ବୋଲି କହିବା ଏବଂ ତାହାକୁ ବାସ୍ତବରେ ପରିଣତ କରିବା ସହଜ କଥା ନୁହେଁ। ତେଣୁ ଏ ନେଇ କେତୋଟି ଦିଗ ପ୍ରତି ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ବିଶେଷଭାବରେ ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। କେତେଜଣ ବ୍ୟକ୍ତି ଖାଇବା ପରେ ଏବଂ ପୂର୍ବରୁ ଏଭଳି କେତୋଟି ଅଭ୍ୟାସ ସହ ଜଡିତ ଯାହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ଫଳରେ ଅଯଥାରେ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ଆମେ ଆମନ୍ତ୍ରଣ କରିଥାଉ। ତେଣୁ ସେପରି କେତେକ ଅଭ୍ୟାସ ବିଷୟରେ ନିମ୍ନରେ ସୂଚନା ଦିଆଯାଉଛି, ଯାହାକୁ ବଦଳାଇବା ନିହାତି ଦରକାର। ଖାଇବା ପରେ ପରେ ଫଳମୂଳ ଆଦୌ ଖାଆନ୍ତୁ ନାହିଁ। ଖାଦ୍ୟ ଖାଇବା ପରେ ଚା', କଫି, କୋଲଡ୍ରିଙ୍କ୍ସ, ନିଶାଦ୍ରବ୍ୟ ସେବନ ଠାରୁ ମଧ ଯଥା ସମ୍ଭବ ଦୂରେଇ ରୁହନ୍ତୁ। ଖାଇବା ପରେ ଗାଧୋଇବା ଅଭ୍ୟାସ ବଦଳାନ୍ତୁ। କାରଣ, ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଆବଶ୍ୟକତାଠାରୁ ଅଧିକ ତୀବ୍ର ହୋଇଥାଏ। ଖାଇବା ପରେ ଆପଣ କିଛି ସମୟ ପାଇଁ ବୁଲାବୁଲି କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ। ତା' ସହ ପାଚନ କ୍ରିୟା ପୂର୍ବାପେକ୍ଷା ଦୃଢ଼ ହୋଇଥାଏ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ରାତିରେ ୭–୮ ଘଣ୍ଟା ଶୁଅନ୍ତୁ। ଶୋଇବାର ଅନ୍ତତଃ ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କରନ୍ତୁ। ରାତିରେ ଯେତେ ହାଲୁକା ଖାଦ୍ୟ ଖାଇବେ ତାହା ସେତେ ଭଲ।

## ସ୍ୱାସ୍ଥ୍ୟ ସୂଚନା

- ଗାଜର ଶରୀରର ଓଜନକୁ ସନ୍ତୁଳିତ ରଖେ କାରଣ ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି।
- କେତେଜଣ ବ୍ୟକ୍ତି ଖାଇବା ମଧ୍ୟରେ ଆବଶ୍ୟକତା ଠାରୁ ଅଧିକ ପାଣି ପିଇଥାଆନ୍ତି। ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। କେବଳ ସେତିକି ନୁହେଁ, ଖାଇବା ଭିତରେ ସବୁବେଳେ ପାଣି ପିଇଲେ ତାହା ମେଦବହୁଳତା ସମସ୍ୟାର ଅନ୍ୟତମ କାରଣ ସାଜିଥାଏ।
- ଆପଣ ଯଦି ଦୀର୍ଘକାଳୀନ ରୋଗରେ ପୀଡ଼ିତ ଏବଂ ଚିକିତ୍ସା ହେବା ସମୟରେ କିଛି ପ୍ରଶ୍ନ ମନରେ ଆସୁଛି ତେବେ ଯେଉଁ ଡାକ୍ତରଙ୍କ ଅଧୀନରେ ଚିକିତ୍ସିତ ହେଉଛନ୍ତି ତାଙ୍କ ସହ ଏ ନେଇ ବିଶଦ ଭାବରେ ଆଲୋଚନା କରନ୍ତୁ।
- ସକାଳୁ ବିଛଣା ଛାଡ଼ିବା ପୂର୍ବରୁ ବିଛଣା ଉପରେ କିଛି ସମୟ ଷ୍ଟ୍ରେଚିଂ ଏକ୍ସରସାଇଜ କରନ୍ତୁ। ଏହାଦ୍ୱାରା ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ।
- ସବୁବେଳେ ଫ୍ଲୋରାଇଡ୍‌ଯୁକ୍ତ ଟୁଥପେଷ୍ଟରେ ଦାନ୍ତ ଘଷନ୍ତୁ।
- ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ।
- ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁରୂପେ ହେବା ଆବଶ୍ୟକ।



# ନିଦ୍ରାହୀନତା ଆଶଙ୍କା ଦୂରକରେ ଯୋଗ

ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ଯୋଗର ମଧ ଆବଶ୍ୟକତା ରହିଛି। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ଶୋଇ ପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ଏସବୁ ଠାରୁ ନିଜକୁ ଦୂରେଇ ରଖିବା ପାଇଁ ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ ଶକ୍ତ ହୋଇଥାଏ। ରକ୍ତଚାପକୁ ମଧ ଏହା ସନ୍ତୁଳିତ ଅବସ୍ଥାରେ ରଖେ। ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।






# ଜାତୀୟ ରେକର୍ଡ ଭାଙ୍ଗିଲେ ବାରାନିକା




ଜାତୀୟ ରେକର୍ଡ ଭାଙ୍ଗିବାପରେ ବାରାନିକା ଏଲାନଗୋଭାନ।

**ଭୁବନେଶ୍ୱର, ୩।୫ (ବିଜୟ ରଣା)**

## ଓଡ଼ିଶାର ପୂର୍ଣ୍ଣିମାଙ୍କୁ ସ୍ୱର୍ଣ୍ଣ, ଯଶବୀରଙ୍କୁ ବ୍ରୋଞ୍ଜ

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବପ୍ରଥମ ଇଣ୍ଡିଆନ ଇନ୍‌ଡୋର ଓପନ କମ୍ବାଇନ୍ଡ ଇଭେଣ୍ଟ୍ସ ଆଣ୍ଡ ପୋଲଭଲ୍ଟ ପ୍ରତିଯୋଗିତାର ରବିବାର ଦ୍ୱିତୀୟ ଦିବସରେ ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ମହିଳା ପେଣ୍ଟାଥଲନରେ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ପୁରୁଷ ବିଭାଗ ହେପ୍ଟାଥଲନରେ ଓଡ଼ିଶାର ଯଶବୀର ନାୟକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ତାମିଲନାଡୁର ପୋଲ୍‌ଭଲ୍ଟର ବାରାନିକା ଏଲାନଗୋଭାନଙ୍କ ଲାଗି ଭୁବନେଶ୍ୱର ଇନ୍‌ଡୋର ଷ୍ଟାଡିୟମ ଏକ ଭାଗ୍ୟଶାଳୀ ଗ୍ରାଉଣ୍ଡ ସାବ୍ୟସ୍ତ ହୋଇଛି। ୫ ସପ୍ତାହ ମଧ୍ୟରେ ଏହି ୨୯ ବର୍ଷୀୟା ମହିଳା ଆଥ୍‌ଲେଟ ଦୁଇଥର ତାଙ୍କ ଜାତୀୟ ରେକର୍ଡରେ ଉନ୍ନତି ଆଣିପାରିଛନ୍ତି। ଉଭୟ ଥର ସେ ଭୁବନେଶ୍ୱର ଇନ୍‌ଡୋର ଗ୍ରାଉଣ୍ଡରେ ହିଁ ଏହି ସଫଳତା ପାଇଛନ୍ତି। ରବିବାର ବାରାନିକା ୪.୨୩ ମିଟର କ୍ଲିଅର କରିଛନ୍ତି। ଏହାଦ୍ୱାରା ମାର୍ଚ୍ଚ ଶେଷ ସପ୍ତାହରେ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ୪.୨୨ମିଟର ଯେଉଁ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ ସେଥିରେ ଉନ୍ନତି ଆଣିପାରିଛନ୍ତି। ବାରାନିକା ତାମିଲନାଡୁରୁ ଓଡ଼ିଶା ଆସି ବର୍ତ୍ତମାନ ଭୁବନେଶ୍ୱରରେ ଅଭ୍ୟାସ କରୁଛନ୍ତି। ପୁରୁଷ ହେପ୍ଟାଥଲନରେ ଏନ୍‌ସିଓଇ ତ୍ରିଭେନ୍ଦ୍ରମର ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପୁଣି ପଛରେ ପକାଇ ଦେଇଛନ୍ତି। ସେ ୫୩୫୦ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରଥମ ଦିବସରେ ସେ ୨୯୪୩ ପଏଣ୍ଟ ଅର୍ଜନ କରିଥିଲେ। ଏହି ପ୍ରତିଯୋଗିତାରେ ଆର୍ମିର ଉସାଇଦ୍ ଖାନ୍ (୫୨୮୮) ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶାର ଯଶବୀର ନାୟକ (୫୨୫୦) ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟପକ୍ଷରେ ତାମିଲନାଡୁର ଏସ୍. କାର୍ତ୍ତିକ ଭାସନ ୪୬୦୯ ପଏଣ୍ଟ ସହ ୨୦ ବର୍ଷରୁ କମ୍ ପୁରୁଷ ହେପ୍ଟାଥଲନ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ମହିଳା ପେଣ୍ଟାଥଲନ ଜିତିଛନ୍ତି। ସେ ୩୮୩୫ ପଏଣ୍ଟ ସ୍କୋର କରିଛନ୍ତି। ଉତ୍ତରାଖଣ୍ଡର ଇଶା ଚନ୍ଦ୍ରା ପ୍ରକାଶ (୩୬୭୧) ରୌପ୍ୟ ଏବଂ ପଶ୍ଚିମବଙ୍ଗର ବିଦିଶା କୁଣ୍ଡୁ (୩୬୦୦) ବ୍ରୋଞ୍ଜ ପଦକ ପାଇଛନ୍ତି। ୨୦ବର୍ଷରୁ କମ୍ ମହିଳା ପେଣ୍ଟାଥଲନ ଟାଇଟଲ ଉତ୍ତରାଖଣ୍ଡର ଯଶକିରନ କୌର ହାସଲ କରିଛନ୍ତି। ସେ ୩୨୭୨ ପଏଣ୍ଟ ସ୍କୋର କରିଥିଲେ।







ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ (ବାମରୁ ଦ୍ୱିତୀୟ) ଓ ଯଶବୀର ନାୟକ (ଡାହାଣ)।




କଳିଙ୍ଗ ଷ୍ଟାଡିୟମରେ ରବିବାର ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କ୍ରୀଡ଼ାବିତ୍‌ଙ୍କ ସହ ଏମ୍‌ପି ସସ୍ମିତ ପାତ୍ର, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ, ଅଲିମ୍ପିଆନ ଦୀପା କର୍ମକାର ଓ ଅନ୍ୟ ଅତିଥିବୃନ୍ଦ।

# ସାଂଘାତିକ ଅଭିଯୋଗ ଆଣିଲେ ଭିନେଶ

**ନୂଆଦିଲ୍ଲୀ,୩।୫**

ଦେଶର ଅଗ୍ରଣୀ ମହିଳା ରେସଲର ଭିନେଶ ଫୋଗତ ରବିବାର ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ)ର ପୂର୍ବତନ ମୁଖ୍ୟ ବ୍ରିଜ ଭୂଷଣ ଶରନ ସିଂଙ୍କ ବିରୋଧରେ ଏକ ସାଂଘାତିକ ଅଭିଯୋଗ ଆଣିଛନ୍ତି। ବ୍ରିଜ ଭୂଷଣଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିବା ୬ ପୀଡ଼ିତାଙ୍କ ମଧ୍ୟରୁ ସେ ନିଜେ ଜଣେ ବୋଲି ଦାବି କରିଛନ୍ତି। ଏହି ମାମଲା ଏବେ ବି କୋର୍ଟରେ ବିଚାରାଧୀନ ରହିଥିବା ବେଳେ ସାକ୍ଷ୍ୟ ନିଆଯାଉଛି।

‘‘ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଅନୁଯାୟୀ, ପୀଡ଼ିତାଙ୍କ ପରିଚୟ ପ୍ରଘଟ କରାଯିବା ଉଚିତ ନୁହେଁ। କାରଣ ଏହା ସେମାନଙ୍କ ସମ୍ମାନ ଓ ମର୍ଯ୍ୟାଦାର ବିଷୟ। କିନ୍ତୁ ଆଜି କିଛି ନିର୍ଦ୍ଦିଷ୍ଟ ପରିସ୍ଥିତି ଯୋଗୁ ମୁଁ ଆପଣ ସଭିଙ୍କୁ କିଛି କହିବାକୁ ଚାହୁଁଛି। ଏହି ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ମୁଁ ଏ ସମ୍ପର୍କରେ କଥା ହେବାକୁ ଚାହୁଁ ନ ଥିଲି। କିନ୍ତୁ ମୁଁ କହିବାକୁ ଚାହେଁ ଯେ, ଅଭିଯୋଗ କରିଥିବା ୬ ପୀଡ଼ିତାଙ୍କ ମଧ୍ୟରୁ ମୁଁ ନିଜେ ଜଣେ ଏବଂ ଆମର ସାକ୍ଷ୍ୟ ଏବେ ବି ନିଆଯାଉଛି’’ ବୋଲି ଭିନେଶ ସୋସିଆଲ ମିଡିଆରେ ଶେୟାର କରିଥିବା ଭିଡିଓରେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୩ରେ ବ୍ରିଜ ଭୂଷଣଙ୍କ ବିରୋଧରେ ଭିନେଶଙ୍କ ନେତୃତ୍ୱରେ ରେସଲରମାନେ ଜନ୍ତର ମନ୍ତରଠାରେ ଆନ୍ଦୋଳନକୁ ଓହ୍ଲାଇଥିଲେ।

ଡବ୍ଲ୍ୟୁଏଫ୍ଆଇ ଉତ୍ତରପ୍ରଦେଶର ଗୋଣ୍ଡାଠାରେ ର୍‌ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟ ଓ ଟ୍ରାଏଲ୍ସ ଆୟୋଜନ କରୁଥିବାରୁ ବର୍ତ୍ତମାନ ଏ ସମ୍ପର୍କରେ ଭିନେଶ ମୁହଁ ଖୋଲିଥିବା କହିଛନ୍ତି। ଏ ସମ୍ପର୍କରେ ଭିନେଶ ପ୍ରକାଶ କରିଛନ୍ତି, ମୋ ସହିତ କିମ୍ବା ମୋ ଦଳ କିମ୍ବା ସମର୍ଥକଙ୍କ ସହ ଯଦି କୌଣସି ଅପ୍ରୀତିକର ଘଟଣା ଘଟେ, ତେବେ ସେଥିଲାଗି ଭାରତ ସରକାର ଦାୟୀ ରହିବେ। ଟୁର୍ନାମେଣ୍ଟ ଏଭଳି ସ୍ଥାନରେ ଆୟୋଜନ କରାଯାଉଛି, ଯେଉଁଠାରେ ବ୍ରିଜ ଭୂଷଣଙ୍କ ଖୁବ୍ ପ୍ରଭାବ ରହିଛି। କେଉଁ ବାଉଟ୍‌କୁ କିଏ ପରିଚାଳନା କରିବ, କେତେ ପଏଣ୍ଟ ଦିଆଯିବ, ମ୍ୟାଚ୍‌ରେ ଚେୟାରମାନ ଭାବେ କିଏ ବସିବ, ସବୁ କିଛି ତାଙ୍କଦ୍ୱାରା ନିୟନ୍ତ୍ରିତ ହୁଏ। ମୁଁ କୌଣସି ସୁବିଧା କିମ୍ବା ସ୍ୱତନ୍ତ୍ର ବ୍ୟବହାର ଚାହୁଁ ନାହିଁ। ମୁଁ ଚାହେଁ ଫଳାଫଳରେ ଆଥଲେଟ୍‌ଙ୍କ କଠିନ ପରିଶ୍ରମ ନଜର ଆସୁ। ଅଭିଯୋଗ କରିଥିବା ୬ ମହିଳା ରେସଲରଙ୍କ ମଧ୍ୟରୁ ମୁଁ ଜଣେ। ଏହି ମାମଲା ଏବେ କୋର୍ଟରେ ଅଛି ଓ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯାଇଛି। ତାଙ୍କ ସହ ଜଡ଼ିତ ଥିବା ସ୍ଥାନରେ ପ୍ରତିଦ୍ୱନ୍ଦ୍ୱିତା କରିବା ମୋ ପାଇଁ କଷ୍ଟକର ହେବ। କାରଣ ସେଠାରେ ତାଙ୍କ ସହ ଜଡ଼ିତ ଥିବା ଲୋକେ ହିଁ ଥିବେ। ମୁଁ ସେଭଳି ପରିବେଶରେ ମୋର ଶତ ପ୍ରତିଶତ ଦେଇପାରିବି ନାହିଁ, ସେ ନେଇ ଦ୍ୱନ୍ଦ୍ୱରେ ଅଛି।

# ଓଡ଼ିଶାର ତନୁଙ୍କୁ ସ୍ୱର୍ଣ୍ଣ, ପ୍ରିୟାଂଶିଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୩।୫ (ତପନ ସ୍ୱାଇଁ)**

## କଳିଙ୍ଗରେ ମହିଳା ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ଉଦ୍‌ଯାପିତ

କଳିଙ୍ଗ ଷ୍ଟାଡିୟମରେ ଜାତୀୟ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାର ଅନ୍‌ଇଭେନ ବାର୍ସରେ ଓଡ଼ିଶାର ତନୁ ସ୍ୱର୍ଣ୍ଣ ଏବଂ ବାଂଲାନ୍ସିଂ ବିମ୍‌ରେ ପ୍ରିୟାଂଶି ବନସଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସିନିୟର ବର୍ଗର ବାଲାନ୍ସିଂ ବିମ୍‌ରେ ହରିୟାଣାର ନିରଞ୍ଜନା ପୁନିଆ ସ୍ୱର୍ଣ୍ଣ ଓ ମହାରାଷ୍ଟ୍ରର ଅନୁସ୍କା ପାଟିଲ ରୌପ୍ୟ ଜିତିଛନ୍ତି। ଫ୍ଲୋର ଏକ୍ସରସାଇଜ୍‌ରେ ଆରଏସପିବିର କରିସ୍ମା, ପଶ୍ଚିମବଙ୍ଗର ଅଶ୍ମି ଦେବନାଥ ଓ ମହାରାଷ୍ଟ୍ରର ଇସିତା ରାୱାଲେ ଏବଂ ଭଲ୍ଟରେ ଇସିତା, ଆରଏସପିବିର ପିୟାସା କୁଣ୍ଡୁ ଓ ପଶ୍ଚିମବଙ୍ଗର ସୌମିଲି କରାର ପ୍ରଥମ ତିନିସ୍ଥାନ ଅଧିକାର କରିଛନ୍ତି। ସେହିପରି ଅନ୍‌ଇଭେନ ବାର୍ସରେ ଓଡ଼ିଶାର ତନୁଙ୍କ ପଛରେ ରହି ଗୁଜରାଟର ଦିୟା ଠାକୁର ରୌପ୍ୟ ଓ କେରଳର ଅନାନି ଦିଲସଦ ବ୍ରୋଞ୍ଜ ପଦକ ପାଇଛନ୍ତି। ଜୁନିୟର ବର୍ଗର ବାଲାନ୍ସିଂ ବିମ୍‌ରେ ପଶ୍ଚିମବଙ୍ଗର ଅଂଶୁଆ ହାୱଲଦର, ତ୍ରିପୁରାର ଶ୍ରେୟାଂଶି ରୟ ଓ ପଶ୍ଚିମବଙ୍ଗର ଶ୍ରେୟା ଘୋଷ ପ୍ରଥମ ତିନିସ୍ଥାନ ଅଧିକାର କରିଛନ୍ତି। ଫ୍ଲୋର ଏକ୍ସରସାଇଜ୍‌ରେ ତ୍ରିପୁରାର ଦୁଇ ଜିମ୍ନାଷ୍ଟ ଶ୍ରୀପନ୍ନା ଦେବନାଥ ଓ ଶ୍ରେୟାଂଶି ଏବଂ ମହାରାଷ୍ଟ୍ରର ଧନିଷ୍ଠା ଉଗଲମୁଗ୍‌ଲେ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ଭଲ୍ଟରେ ତେଲେଙ୍ଗାନାର ବୈଷ୍ଣବୀ ଭ୍ୟାସ, ତ୍ରିପୁରାର ଶ୍ରେୟାଂଶି ଓ ପଶ୍ଚିମବଙ୍ଗର ତୋରା ସାନି ଏବଂ ଅନ୍‌ଇଭେନ ବାର୍ସରେ ପଶ୍ଚିମବଙ୍ଗର ପାରୋମିତା ବେରା, ଉତ୍ତର ପ୍ରଦେଶର ଅଭିଧା ସିଂ ଦେବ ଓ ମହାରାଷ୍ଟ୍ରର ସାକ୍ଷୀ ଦଲଭି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ସସ୍ମିତ ପାତ୍ର, ଅଲିମ୍ପିଆନ ଦୀପା କର୍ମକାର, ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରାପ୍ତ କୋଚ୍ ବିଶ୍ୱେଶ୍ୱର ନନ୍ଦି, ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ, ଓଏସ୍‌ଡି ସୋନାଲି ଶୁଭଦର୍ଶିନୀ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍ଆର ମୁଖ୍ୟ ବିକାଶ ୟାଦଭେନ୍ଦୁ, ଅଶୋକ ସାହୁ, ଧିରେନ କୁମାର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ।

# ଗୁଜରାଟର ରୋମାଞ୍ଚକ ବିଜୟ

**ଅହମଦାବାଦ,୩।୫**

ଜାସନ ହୋଲ୍ଡରଙ୍କ ଘାତକ ବୋଲିଂ ଓ ୱାଶିଂଟନ ସୁନ୍ଦରଙ୍କ ଅପରାଜିତ ୪୦ ରନର ଇନିଂସ ବଳରେ ରବିବାର ରାତିରେ ଅନୁଷ୍ଠିତ ଏକ ରୋମାଞ୍ଚକ ଆଇପିଏଲ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୪ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି। ଏହା ପଞ୍ଜାବର ଦ୍ୱିତୀୟ ପରାଜୟ ହୋଇଥିବା ବେଳେ ଗୁଜରାଟ ଷଷ୍ଠ ବିଜୟ ଓ ୧୨ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛି।

ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଆରମ୍ଭରୁ ଜାସନ ହୋଲ୍ଡର, ମହମ୍ମଦ ସିରାଜ ଓ କାଗିସୋ ରାବାଡାଙ୍କୁ ନେଇ ଗଠିତ ଗୁଜରାଟର ପେସ ୟୁନିଟର ସମ୍ମୁଖୀନ ହୋଇପାରି ନ ଥିଲା। ଏକଦା ପଞ୍ଜାବ ୮.୪ ଓଭର ସୁଦ୍ଧା ୪୭ ରନରେ ୫ ଉଇକେଟ ହରାଇ ସଙ୍କଟରେ ଥିଲା। ଏଭଳି ପରିସ୍ଥିତିରେ ସୂର୍ଯ୍ୟାଂଶ ଶେଡଗେ ଓ ମାର୍କସ ଷ୍ଟୋଇନିସ ଷଷ୍ଠ ଉକେଟରେ ୪୪ ବଲରେ ୭୯ ରନ ଯୋଡ଼ିଥିଲେ। ଶେଡ୍‌ଗେ (୨୯ ବଲ, ୫୭ ରନ, ୩ ଚୌକା ଓ ୫ ଛକା) ଅର୍ଦ୍ଧଶତକ ପୂରଣ କରି ଆଉଟ୍ ହୋଇଥିବା ବେଳେ ଷ୍ଟୋଇନିସ ୩୧ ବଲରେ ୪୦ (୫ ଚୌକା ଓ ୧ ଛକା) ରନ କରିଥିଲେ। ଫଳରେ ପଞ୍ଜାବ ୨୦ ଓଭରରେ ୯ ଉଇକେଟ ହରାଇ ୧୬୩ ରନ କରିଥିଲା। ଗୁଜରାଟ ପାଇଁ ହୋଲ୍ଡର ୪ ଉଇକେଟ ହାତେଇଥିବା ବେଳେ ସିରାଜ ଓ ରାବାଡା ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଧିନାୟକ ଶୁବମନ ଗିଲ (୫)ଙ୍କୁ ଆରମ୍ଭରୁ ହରାଇଥିବା ଗୁଜରାଟକୁ ସାଇ ସୁଦର୍ଶନ ଓ ଜୋସ ବଟଲର ଅର୍ଦ୍ଧଶତକୀୟ ଆରମ୍ଭ ପ୍ରଦାନ କରିଥିଲେ। ନବମ ଓଭରରେ ବଟଲର(୨୬ ରନ, ୧ ଚୌକା ଓ ୨ ଛକା) ବଡ଼ ଶଟ୍ ଖେଳିବାକୁ ଯାଇ ଆଉଟ୍ ହୋଇଥିବା ବେଳେ ସୁଦର୍ଶନ (୪୧ ରନ, ୫୭ ରନ, ୫ ଚୌକା ଓ ୧ ଛକା) ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ୱାଶିଂଟନ ସୁନ୍ଦର ୨୩ ବଲରେ ଅପରାଜିତ ୪୦ (୫ ଚୌକା ଓ ୧ ଛକା) ରନ କରି ଦଳକୁ ଜିତାଇଥିଲେ। ଗୁଜରାଟ ୧୯.୫ ଓଭରରେ ୬ ଉଇକେଟ ହରାଇ ୧୬୭ ରନ କରିଥିଲା। ପଞ୍ଜାବ ପାଇଁ ଅର୍ଶଦୀପ ସିଂ ଓ ବିଜୟକୁମାର ବୈଶାକ ୨ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୧୬୩/୯ (ସୂର୍ଯ୍ୟାଂଶ ଶେଡ୍‌ଗେ-୫୭, ମାର୍କସ ଷ୍ଟୋଇନିସ-୪୦, ମହମ୍ମଦ ସିରାଜ-୨/୨୮, ଜାସନ ହୋଲ୍ଡର-୪/୨୪, କାଗିସୋ ରାବାଡା-୨/୨୨)। ଗୁଜରାଟ ଟାଇଟନ୍ସ: ୧୯.୫ ଓଭରରେ ୧୬୭/୬ (ସାଇ ସୁଦର୍ଶନ-୫୭, ୱାଶିଂଟନ ସୁନ୍ଦର-୪୦*, ବିଜୟକୁମାର ବୈଶାକ-୨/୩୧, ଅର୍ଶଦୀପ ସିଂ-୨/୨୪)।




ଜାସନ ହୋଲ୍ଡର

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୯ | ୬ | ୨ | ୧ | ୧୩ | +୦.୮୫୫ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୬ | ୩ | ୦ | ୧୨ | +୧.୪୨୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୬ | ୪ | ୦ | ୧୨ | +୦.୬୪୪ |
| ରାଜସ୍ଥାନ ରୟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ ଟାଇଟନ୍ସ | ୧୦ | ୬ | ୪ | ୦ | ୧୨ | -୦.୧୪୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୪ | ୫ | ୦ | ୮ | +୦.୦୦୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୪ | ୫ | ୦ | ୮ | -୦.୮୯୫ |
| ନାଇଟ ରାଇଡର୍ସ | ୯ | ୩ | ୫ | ୧ | ୭ | -୦.୫୩୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୨ | ୭ | ୦ | ୪ | -୦.୮୦୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୨ | ୬ | ୦ | ୪ | -୧.୧୦୬ |

# ହାଇଦ୍ରାବାଦକୁ ହରାଇଲା କୋଲ୍‌କାତା

**ନୂଆଦିଲ୍ଲୀ,୩।୫**

ସ୍ପିନରଙ୍କ ଯାଦୁଗରି ବୋଲିଂ ପରେ ଅଙ୍ଗକ୍ରିଶ ରଘୁବଂଶୀଙ୍କ ଅର୍ଦ୍ଧଶତକ ବଳରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ରବିବାର ଅନୁଷ୍ଠିତ ଆଇପିଏଲ ମ୍ୟାଚ୍‌ରେ ୭ ଉଇକେଟରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ (ଏସ୍ଆର୍ଏଚ୍)କୁ ପରାସ୍ତ କରିଛି। ଏହା କୋଲକାତାର ହ୍ୟାଟ୍ରିକ ବିଜୟ ହୋଇଥିବା ବେଳେ ଏହି ପରାଜୟ ସହ ହାଇଦ୍ରାବାଦ୍‌ର ୫ ମ୍ୟାଚ୍‌ର ବିଜୟ ଧାରାରେ ବ୍ରେକ ଲାଗିଛି। ଏହି ମ୍ୟାଚ୍ ଜରିଆରେ ସୁନୀଲ ନାରିନ ଆଇପିଏଲ୍‌ରେ ୨୦୦ ଉଇକେଟ ପୂରଣ କରିଛନ୍ତି।

ଆରମ୍ଭରୁ ଅଭିଷେକ ଶର୍ମା (୧୫)ଙ୍କୁ ହରାଇ ଥିବା ହାଇଦ୍ରାବାଦ୍‌ର ସ୍କୋରକୁ ଟ୍ରାଭିସ ହେଡ୍ ଓ ଇଶାନ କିଶନ ୮.୫ ଓଭର ସୁଦ୍ଧା ହାଇଦ୍ରାବାଦ୍ ୧୦୫ ରନରେ ପହଞ୍ଚାଇଥିଲେ। ହେଡ୍ ୨୮ ବଲରେ ବିସ୍ଫୋରକ ୬୧ (୯ ଚୌକା ଓ ୩ ଛକା) ରନ କରି ଦ୍ୱିତୀୟ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଏହିଠାରୁ କେକେଆର ସ୍ପିନରମାନେ କ୍ରମାଗତ ବ୍ୟବଧାନରେ ଉଇକେଟ ହାଇଦ୍ରାବାଦ୍‌କୁ ବ୍ୟାକ ଫୁଟ୍‌କୁ ଠେଲି ଦେଇଥିଲା। ଏପରିକି ଏକଦା ୧୦୫/୧ ସ୍କୋର କରିଥିବା ହାଇଦ୍ରାବାଦ୍ ୧୯ ଓଭରରେ ୧୬୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଇଶାନ ୨୯ ବଲରେ ୪୨ (୪ ଚୌକା ଓ ୨ ଛକା) ରନ କରିଥିଲେ। କୋଲକାତା ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୩ ଉଇକେଟ ନେଇଥିବା ବେଳେ ସୁନୀଲ ନାରିନ ଓ କାର୍ତ୍ତିକ ତ୍ୟାଗୀ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ କେକେଆରକୁ ଅଧିନାୟକ ଆଜିଙ୍କ୍ୟ ରାହାନେ ଓ ଫିନ ଆଲେନ(୧୩ ବଲ, ୨୯ ରନ, ୩ ଚୌକା ଓ ୨ ଛକା) ୪ ଓଭରରେ ବିସ୍ଫୋରକ ୪୯ ରନର ଆରମ୍ଭ ପ୍ରଦାନ କରିଥିଲେ। ଏହାପରେ ରାହାନେ (୩୬ ବଲ, ୪୩ ରନ, ୪ ଚୌକା ଓ ୧ ଛକା) ଓ ଅଙ୍ଗକ୍ରିଶ ରଘୁବଂଶୀ (୪୭ ବଲ, ୫୯ ରନ, ୫ ଚୌକା ଓ ୨ ଛକା) ଦ୍ୱିତୀୟ ଉଇକେଟରେ ୬୬ ବଲରେ ୮୪ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ଦୁଇ ବ୍ୟାଟର ଆଉଟ୍ ହେବା ପରେ କାମେରନ ଗ୍ରୀନ(୩)ଙ୍କ ସହ ମିଶି ରିଙ୍କୁ ସିଂ (୧୧ ବଲ, ୨୨ ରନ, ୨ ଚୌକା ଓ ୧ ଛକା) ଦଳକୁ ଜିତାଇଥିଲେ। ଫଳରେ କେକେଆର ୧୮.୨ ଓଭରରେ ୩ ଉଇକେଟ ହରାଇ ୧୬୯ ରନ କରିଥିଲା।







ଉଇକେଟ ହାସଲ ପରେ ସୁନୀଲ ନାରିନ ଓ ବରୁଣ ଚକ୍ରବର୍ତ୍ତୀ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ମୁମ୍ବାଇ
ବନାମ ଲକ୍ଷ୍ନୌ
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ୍: ୧୯ ଓଭରରେ ୧୬୫/ଅଲଆଉଟ୍ (ଟ୍ରାଭିସ ହେଡ୍-୬୧, ଇଶାନ କିଶନ-୪୨, ବରୁଣ ଚକ୍ରବର୍ତ୍ତୀ-୩/୩୬, କାର୍ତ୍ତିକ ତ୍ୟାଗୀ-୨/୩୦, ସୁନୀଲ ନାରିନ-୨/୩୧)। କୋଲକାତା ନାଇଟ୍ ରାଇଡର୍ସ: ୧୮.୨ ଓଭରରେ ୧୬୯/୩ (ଅଙ୍ଗକ୍ରିଶ ରଘୁବଂଶୀ-୫୯, ଆଜିଙ୍କ୍ୟ ରାହାନେ-୪୩, ଫିନ ଆଲେନ-୨୯, ସାକିବ ହୁସେନ-୧/୧୭)।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ Business queries: <advt@dharitri.com>